# ନିତିଦିନ
NITIDIN

RNI REG. NO. ODIODI/2015/62237 ● POSTAL REGD. NO.BN/258/18-20 | 8 PAGES ● | ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

FRIDAY
24 APRIL 2026
ଶୁକ୍ରବାର
୨୪ ଏପ୍ରିଲ୍ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 ● ISSUE 336 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୧ ● ସଂଖ୍ୟା ୩୩୬ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର


● ପଶ୍ଚିମବଙ୍ଗ ନିର୍ବାଚନ ଇତିହାସରେ ନୂଆ ରେକର୍ଡ

## ପ୍ରଥମ ପର୍ଯ୍ୟାୟରେ ୯୨.୧୪% ଭୋଟିଂ

**କୋଲକାତା, ଚେନ୍ନାଇ, ୨୩।୪/ଏଜେନ୍ସି:**

ଗୁରୁବାର ପଶ୍ଚିମବଙ୍ଗର ୨୯୪ଟି ଆସନ ମଧ୍ୟରୁ ୧୬ ଜିଲ୍ଲାର ୧୫୨ଟି ବିଧାନସଭା ଆସନରେ ପ୍ରଥମ ପର୍ଯ୍ୟାୟ ମତଦାନ ଶେଷ ହୋଇଛି । କିଛି ସ୍ଥାନରେ ହିଂସାକାଣ୍ଡ ଓ ଉତ୍ତେଜନା ଦେଖାଯାଇଥିଲେ ସୁଦ୍ଧା ଭୋଟ୍ ଦେବାପାଇଁ ଭୋଟରଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି । ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ସୂଚନାନୁସାରେ ସନ୍ଧ୍ୟା ୭ଟା



**ବିଭିନ୍ନ ସ୍ଥାନରେ ଟିଏମ୍‌ସି କର୍ମୀଙ୍କ ହିଂସାକାଣ୍ଡ, ଭଙ୍ଗାରୁଜା**

**ତାମିଲନାଡୁରେ ଶାନ୍ତିଶୃଙ୍ଖଳା ସହ ୮୪.୪୧% ମତଦାନ**

ସୁଦ୍ଧା ପଶ୍ଚିମବଙ୍ଗରେ ୯୨.୧୪% ମତଦାନ ରେକର୍ଡ କରାଯାଇଛି, ଯାହାକି ପଶ୍ଚିମବଙ୍ଗ ନିର୍ବାଚନ ଇତିହାସରେ ଏକ ନୂଆ ରେକର୍ଡ । ପୂର୍ବରୁ ୨୦୧୧ ମସିହାରେ ସର୍ବାଧିକ ୮୪.୭% ମତଦାନ ହୋଇଥିଲା । ମୁଖ୍ୟ ନିର୍ବାଚନ କମିଶନର ▶▶ ୬

---

**୧୫୦ତମ ନିଯୁକ୍ତି ମେଳା : ୭ ବିଭାଗରେ ନିଯୁକ୍ତି ପାଇଲେ ୪୬୨୩**

# ସରକାରଙ୍କ ଆଭିମୁଖ୍ୟ ହିସାବରେ କାମ କର: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୩।୪/ଏନ୍‌ଏନ୍‌ଏସ୍:**

'କାର୍ଯ୍ୟ ସମ୍ପାଦନ କରିବା ସମୟରେ ନିଜର ବୈଚାରିକ ମତ ପ୍ରତିବନ୍ଧକ ହେବା ଉଚିତ ନୁହେଁ । ସରକାରଙ୍କ ଆଭିମୁଖ୍ୟ ହିସାବରେ ନିଜ ନିଜର କର୍ତ୍ତବ୍ୟ ସମ୍ପାଦନ କରିବା ଉଚିତ । ଦୁର୍ନୀତିରୁ ସବୁବେଳେ ଦୂରେଇ ରୁହନ୍ତୁ । କାରଣ ଦୁର୍ନୀତି ବିରୁଦ୍ଧରେ ସରକାର ଶୂନ୍ୟସହନଶୀଳତା ଅବଲମ୍ବନ କରୁଛନ୍ତି । ଗଣତନ୍ତ୍ରରେ ଜନତା ହେଉଛନ୍ତି ଭଗବାନ ଓ ଜନତାଙ୍କ ସ୍ୱର ହିଁ ଭଗବାନଙ୍କ ସ୍ୱର । ତେଣୁ ସହୃଦୟତାର ସହିତ ନିଜ ନିଜ ସ୍ତରରେ ଜନତାଙ୍କ କଥା ଶୁଣିବେ ଓ ତା'ର ସମାଧାନ କରିବାକୁ ଚେଷ୍ଟା କରିବେ । ନିର୍ଦ୍ଦିଷ୍ଟ ସମୟ



**୨୨ ମାସରେ ୪୪,୦୮୨ ସରକାରୀ, ୯୨ ହଜାର ବେସରକାରୀ ନିଯୁକ୍ତି**

**ସରକାରୀ ଚାକିରି ଜୀବିକା ନୁହେଁ, ଜନସେବା: ମୁଖ୍ୟମନ୍ତ୍ରୀ**

ଭିତରେ କାର୍ଯ୍ୟ ସମ୍ପାଦନ କରିବେ । କାର୍ଯ୍ୟକ୍ଷେତ୍ରରେ ଭଦ୍ର ଓ ଶାଳୀନତା ସହିତ ବାର୍ତ୍ତାଳାପ ଓ ବ୍ୟବହାର ପ୍ରଦର୍ଶନ କରିବେ । ନଚେତ୍ ନିଜେ ବଦନାମ୍ ହେବା ସହିତ ସରକାର ବଦନାମ୍ ହେବାର ଆଶଙ୍କା ରହିଛି ।'

ଗୁରୁବାର ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ଠାରେ ଆୟୋଜିତ ୧୫୦ତମ ନିଯୁକ୍ତିମେଳା ଅବସରରେ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଭଳି ପରାମର୍ଶ ଦେଇଛନ୍ତି । ନବନିଯୁକ୍ତମାନେ ରାଜ୍ୟର ବୃହତ୍ତର ସ୍ୱାର୍ଥରକ୍ଷା ପାଇଁ ପୂର୍ଣ୍ଣ ଦକ୍ଷତା ଓ କର୍ତ୍ତବ୍ୟବୋଧ, ସମର୍ପଣ ଓ ସ୍ୱଚ୍ଛତାର ସହିତ ଦାୟିତ୍ୱ ନିର୍ବାହ କରିବେ ବୋଲି ଆଶାବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ କର୍ମକ୍ଷେତ୍ରରେ ପାଳନ କରିବା ପାଇଁ ଏହି ପରାମର୍ଶ ଦେଇଥିଲେ । ଏହାଛଡ଼ା ସରକାରୀ ଚାକିରି କେବଳ ଏକ ଜୀବିକା ▶▶ ୬

---

**ଜମି ବ୍ୟବସାୟୀଙ୍କୁ ଅପହରଣ ପରେ ହତ୍ୟା ଘଟଣା**

**ସମ୍ପତ୍ତି ସଜାଇଦେଲା ସୈତାନ**

## ଝିଆରୀ ରଚିଥିଲା ମର୍ଡର ପ୍ଲଟ୍

**ବ୍ରହ୍ମପୁର,୨୩।୪/ଏନ୍‌ଏନ୍‌ଏସ୍:**

ଭୟଙ୍କର...ବୀଭତ୍ସ...ଲୋମଟାଙ୍କୁରା । ଟଙ୍କା ପାଇଁ ଅପହରଣ । ଆଉ ପରେ ଗୁଳି କରି ହତ୍ୟା ଭଳି ଜଘନ୍ୟ ଅପରାଧ । ଚାଞ୍ଚଲ୍ୟ ସୃଷ୍ଟି କରିଛି ଗଞ୍ଜାମରୁ ରାଜ୍ୟବ୍ୟାପୀ । ବ୍ରହ୍ମପୁର କରାପଲ୍ଲୀର ଜମି ବ୍ୟବସାୟୀ ସୁଧୀର ପାତ୍ରଙ୍କୁ ଯେଭଳିଭାବେ ବିହାରୀ ଗ୍ୟାଙ୍ଗ ଲଗାଇ କିଡନ୍ୟାପ୍ କରି ମାରିଦିଆଯାଇଛି ତାହାକୁ ନେଇ ସବୁଠି ଖେଳିଯାଇଛି ଆତଙ୍କ । ଯାହାର ଆଜି ଖୁଲାସା କରିଛି ଗଞ୍ଜାମ ପୁଲିସ । ଏହି ଘଟଣାରେ ସମ୍ପୃକ୍ତ କୁଖ୍ୟାତ ଅପରାଧୀ ଧରାପଡ଼ିଛନ୍ତି । ଝିଆରୀ ନିବେଦିତା ପାତ୍ରଙ୍କ ଇସାରାରେ ଜମି ବିକା ଟଙ୍କା

**୯ ଗିରଫ, ମାଉଜର ସହ ୧୫ ମୋବାଇଲ୍ ଜବତ**



ହାତେଇବା ପାଇଁ ଦାଦା ସୁଧୀର ପାତ୍ରଙ୍କୁ ଅପହରଣ କରିଥିଲେ ଏମାନେ । ଶେଷରେ ପ୍ରାୟ ସପ୍ତାହକର ଲୁଚକାଳି ଭିତରେ ଆଜି ବନ୍ଧା ହୋଇ ୯ ଅଭିଯୁକ୍ତ ଜେଲ୍ ଯାଇଛନ୍ତି ।

ଗୋପାଳପୁର ଥାନା ଅନ୍ତର୍ଗତ କରାପଲ୍ଲୀ ଅଞ୍ଚଳର ଜମି ବ୍ୟବସାୟୀ ସୁଧୀର ପାତ୍ରଙ୍କୁ ଅପହରଣ ପରେ ହତ୍ୟା ଘଟଣାର ପର୍ଦ୍ଦାଫାସ କରିଛି ପୁଲିସ୍ । ଗତକାଲି ପୁଲିସ ଜମି ବ୍ୟବସାୟୀ ସୁଧୀର ପାତ୍ରଙ୍କ ମୃତଦେହ ସୋରଡ଼ା ଜଙ୍ଗଲରୁ ଉଦ୍ଧାର କରିଥିଲା । ଆଜି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ମୃତ ବ୍ୟବସାୟୀଙ୍କ ପୁତୁରା, ଝିଆରୀ, ତାଙ୍କ ପୁରୁଷ ବନ୍ଧୁ ସମେତ ମୋଟ୍ ୯ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି । ଏହି ▶▶ ୬

---

## ସିରିଜ୍ ଦୁର୍ଘଟଣାରେ ୧୧ ମୃତ

**ମୀର୍ଜାପୁର,୨୩।୪/ଏଜେନ୍ସି:**

ଟ୍ରକ୍ ବ୍ରେକ୍ ଫେଲ୍ ଆଉ ତାପରେ ସିରିଜ୍ ଦୁର୍ଘଟଣା । ଏହି ଭୟଙ୍କର ଦୁର୍ଘଟଣା ୧୧ ଜଣଙ୍କ ମୁଣ୍ଡ ନେଇଛି । ଉତ୍ତରପ୍ରଦେଶର ମିର୍ଜାପୁର-ରେୱା ଜାତୀୟ ରାଜପଥରେ ତଥା ଡ୍ରମଣ୍ଡଗଞ୍ଜ ଥାନା ଅଞ୍ଚଳର ବଡକା ମୋଡ ଘୁମାନ ନିକଟରେ ଘଟିଥିବା ଏହି ଦୁର୍ଘଟଣାରେ ୪ ଶିଶୁଙ୍କ ସମେତ ୧୧ ଜଣଙ୍କ ଜୀବନ ଚାଲିଯାଇଛି । ବ୍ରେକ୍ ଫେଲ୍ ହେବାରୁ ଏକାଧିକ ଗାଡ଼ି ଉପରେ ଟ୍ରକ୍ ମାଡ଼ିଯାଇଛି । ଘାଟି ରାସ୍ତାରେ ବ୍ରେକ୍ ▶▶ ୬

---

**ତାତିର ତାଉ**

## ଅସମ୍ଭାଳ..ଅସହ୍ୟ

**ଭୁବନେଶ୍ୱର,୨୩।୪/ଏନ୍‌ଏନ୍‌ଏସ୍:**

ସାରା ରାଜ୍ୟରେ ଡହଡହ ଖରା । ପଦାକୁ ବାହାରିବା କଥା ଛାଡ଼ନ୍ତୁ, ଚାହିଁଲେ ଡର ଲାଗୁଛି । ସୂର୍ଯ୍ୟ ଉଦୟ ହେବାର ଅଳ୍ପ ସମୟ ମଧ୍ୟରେ ପ୍ରବଳ ଖରା ଆରମ୍ଭ ହୋଇଯାଉଛି । ପୂର୍ବାହ୍ଣ ୮ଟା ପରଠାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ମୁଣ୍ଡଫଟା ଖରା ଅନୁଭୂତ ହେଉଛି । ପ୍ରବଳ ଖରାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି । ରାଜଧାନୀ ଭୁବନେଶ୍ୱରରେ ଗତ ୨୦ ତାରିଖରେ ୩୫.୭, ୨୧ରେ ୩୭.୯ ଓ ୨୨ରେ ୪୧.୨ ଡିଗ୍ରୀ ତାପମାତ୍ରା ରହିଥିଲା । ଆଉ ଗୁରୁବାର ସିଧା ବଢ଼ିଗଲା ୪୨.୧ ଡିଗ୍ରୀକୁ । ୪ ଦିନ ଭିତରେ ପାଖାପାଖି ୭ ଡିଗ୍ରୀ ବଢିଯାଇଛି ଦିନ ତାପମାତ୍ରା । ଆଜି ସକାଳୁ ସକାଳୁ ହିଁ ଅନୁଭୂତ ହୋଇଥିଲା ଅସମ୍ଭାଳ



ତାତି । ପଦାକୁ ବାହାରିଲେ ମୁହଁ ପୋଡ଼ିଯାଉଥିଲା । ଦିନ ବଢ଼ିବା ସହ ଗରମରେ ଆଉଟୁ ପାଉଟୁ ହେଉଥିଲେ ଭୁବନେଶ୍ୱର ବାସିନ୍ଦା । କେବଳ ରାଜଧାନୀ ନୁହେଁ ପଶ୍ଚିମ ଓଡ଼ିଶାର ଶିଳ୍ପ ସହର ଝାରସୁଗୁଡ଼ାରେ ମଧ ତାତିର ତାଉ କାହିଁରେ କ'ଣ । ଗତ କିଛି ଦିନ ହେଲା ତାତିରେ ରେକର୍ଡ ଭାଙ୍ଗି ଚାଲିଛି ▶▶ ୬

---


19001/30/2627



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଜାତୀୟ ପଞ୍ଚାୟତିରାଜ ଦିବସ- ୨୦୨୬
ରାଜ୍ୟସ୍ତରୀୟ ସମାରୋହ

ମୁଖ୍ୟ ଅତିଥି
ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

ଗରିମାମୟ ଉପସ୍ଥିତି
ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀ ରବି ନାରାୟଣ ନାଏକ
ମନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ

ଡ. ମୁକେଶ ମହାଲିଙ୍ଗ
ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା

ଶ୍ରୀମତୀ ସଙ୍ଗୀତା କୁମାରୀ ସିଂହ ଦେଓ
ସାଂସଦ, ବଲାଙ୍ଗିର

ଏବଂ ବିଧାୟକ ବୃନ୍ଦ, ବଲାଙ୍ଗିର



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ

- ଅନ୍ତ୍ୟୋଦୟ ଗୃହ ଯୋଜନାରେ ୫୦,୦୦୦ରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ କରକମଳରେ କାର୍ଯ୍ୟାଦେଶ ବଣ୍ଟନ ଓ ୨୦୦ କୋଟି ଟଙ୍କାର ପ୍ରଥମ କିସ୍ତି ରାଶି ପ୍ରଦାନ।
- ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଆଭ୍ୟନ୍ତରୀଣ ଅଡ଼ିଟ୍ ପ୍ରକ୍ରିୟାକୁ ଅନଲାଇନ୍ ମାଧ୍ୟମରେ ପରିଚାଳନା ନିମନ୍ତେ "ପଞ୍ଚାୟତିରାଜ ସମୀକ୍ଷା" ପୋର୍ଟାଲର ଉନ୍ମୋଚନ।
- "ବିକଶିତ ଗାଁ, ବିକଶିତ ଓଡ଼ିଶା" ଅଭିଯାନରେ ଗ୍ରାମୀଣ ବିକାଶ କ୍ଷେତ୍ରରେ ମୋଟ ୨୧,୮୦୫ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି।
- ସର୍ବ ଭାରତୀୟ ସ୍ତରରେ ଚଳିତ ବର୍ଷ ଓଡ଼ିଶାର ୫ଟି ପଞ୍ଚାୟତିରାଜ ଅନୁଷ୍ଠାନ ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠ ସେବା ପାଇଁ ପୁରସ୍କୃତ ହୋଇଛନ୍ତି।
- ଜିଲ୍ଲା ପରିଷଦ ବୈଠକକୁ ପାରଦର୍ଶିତାର ସହିତ ପରିଚାଳନା କରିବା ନିମନ୍ତେ "ଇ-ପଞ୍ଚାୟତ ସଭା" ( ଜିଲ୍ଲା ପରିଷଦ) ପୋର୍ଟାଲର ଉନ୍ମୋଚନ।
- ବିଗତ ୨ ବର୍ଷରେ ଗ୍ରାମୀଣ ଆବାସ ଯୋଜନାରେ ୪.୬୭ ଲକ୍ଷ ଗୃହ ନିର୍ମାଣ ହୋଇଅଛି ସେଥିମଧ୍ୟରୁ ୨୦୨୫-୨୬ ଆର୍ଥିକ ବର୍ଷରେ ୨.୫୮ ଲକ୍ଷ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି।
- ଓଡ଼ିଶାର ୨୧,୦୩୩ଟି ଗ୍ରାମକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଉଛି । ସେହିପରି ୭,୦୯୯ଟି ଗ୍ରାମକୁ ସର୍ବସାଧାରଣ ପାଇପ୍ ଟ୍ୟାପ୍ (Stand Post) ଯୋଗେ ଜଳ ଯୋଗାଣ କରାଯାଉଛି । ଆଗାମୀ ୨୦୨୭ ସୁଦ୍ଧା ସମସ୍ତ ଗ୍ରାମକୁ ପାଇପ୍ ଯୋଗେ ଜଳ ଯୋଗାଇ ଦିଆଯିବ।
- ୨୦୨୫-୨୬ ବର୍ଷରେ ୨୦୦ ଗ୍ରାମ ପଞ୍ଚାୟତ ISO ପ୍ରମାଣପତ୍ର ହାସଲ କରିଛନ୍ତି।

OIPR-19001/19001/2/26-27/0002

୨୪ ଅପ୍ରେଲ ୨୦୨୬ | ସନ୍ଧ୍ୟା ୫ ଘଟିକା | ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗିର

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର

# ଆଜିଠାରୁ ମଙ୍ଗଳା ମହୋତ୍ସବ

**ଅସ୍ତରଙ୍ଗ,୨୩।୪/ଏନ୍‌ଏନ୍‌ଏସ୍:** କଳା, ସଂସ୍କୃତି, ପରମ୍ପରା ଓ ଐତିହ୍ୟର ମହାର୍ଘ୍ୟ ସମ୍ମେଳନ ମଙ୍ଗଳା ମହୋତ୍ସବ ଶୁକ୍ରବାରଠାରୁ ୩ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଏହି ୧୫ତମ ମହୋତ୍ସବକୁ ଜଗତସିଂହପୁର ଲୋକସଭା କ୍ଷେତ୍ରର ସାଂସଦ ଡଃ ବିଭୁପ୍ରସାଦ ତରାଇ ଏବଂ ବିଶିଷ୍ଟ ସମାଜସେବୀ ତଥା ବରିଷ୍ଠ କଂଗ୍ରେସ ନେତା ସତ୍ୟବ୍ରତ ପାତ୍ର ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଶକ୍ତି ମିଶ୍ର, ଜେସିକା ଆଜମେରୀ ଏବଂ ସାଥିମାନଙ୍କ ଦ୍ୱାରା ସଂଗୀତ ପରିବେଷଣ ସହିତ ଓଡିଶୀ ଏବଂ ସମ୍ବଲପୁରୀ ନୃତ୍ୟର କାର୍ଯ୍ୟକ୍ରମ ରହିଛି। ସେହିପରି ୨୫ ତାରିଖ ଶନିବାର ଅତିଥି ଭାବେ ରାଜ୍ୟସଭା ସାଂସଦ ଡଃ ସଂତୃପ୍ତ ମିଶ୍ର ଏବଂ ଶିକ୍ଷାବିତ ଡଃ ଲେଖାଶ୍ରୀ ସାମନ୍ତସିଂହାର ଯୋଗ ଦେଉଥିବାବେଳେ କଣ୍ଠଶିଳ୍ପୀ ସତ୍ୟଜିତ ଜେନା ଏବଂ ଶୁଭଶ୍ରୀ ଜେନା ଯୋଗଦେଉଛନ୍ତି। ୨୬ ତାରିଖ ରବିବାର ଉଦ୍‌ଯାପନୀ ସନ୍ଧ୍ୟାରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗଦେଉଥିବାବେଳ କଣ୍ଠଶିଳ୍ପୀ ଭାବେ ସତ୍ୟଜିତ ପ୍ରଧାନ ଏବଂ ସାଥି ସଂଗୀତ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି। ଦର୍ଶକମାନଙ୍କ ଭିଡ଼କୁ ଦୃଷ୍ଟିରେ ରଖି ବ୍ୟାପକ ବନ୍ଦୋବସ୍ତ ସହିତ ଓରମାସ ପକ୍ଷରୁ ମିଶନ ଶକ୍ତି ମାନଙ୍କ ଦ୍ୱାରା ହାତ ତିଆରି ବିଭିନ୍ନ ସାମଗ୍ରୀ ଷ୍ଟଲ୍‌ରେ ସ୍ଥାନ ପାଇବ ବୋଲି ଆୟୋଜକ କମିଟିର ସଭାପତି ତଥା ବିଧାୟକ ଇଂ ତୁଷାରକାନ୍ତି ବେହେରା ଓ ସମ୍ପାଦକ ସ୍ୱାଧୀନ କୁମାର ନାୟକ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ପାଇଁ ୮ଗୋଟି କମିଟି ଗଠନ କରାଯାଇଛି। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେଇ ଭରପୁର ମନୋରଞ୍ଜନ କରିବା ପାଇଁ କମିଟିର ଯୁଗ୍ମସମ୍ପାଦକ ତଥା କାକଟପୁର ବ୍ଲକ ଅଧକ୍ଷ ଶ୍ରୀଧର ନାୟକ ନିବେଦନ କରିଛନ୍ତି।

# ମନଇଚ୍ଛା କାଜୁ ବଗିଚା ନିଲାମକୁ ବିରୋଧ, ତଦନ୍ତ ଦାବି

**କଣ୍ଟିଲୋ,୨୩।୪/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାରଙ୍କ ବିଭିନ୍ନ ରାଜସ୍ୱ ସଂଗ୍ରହ ସଂସ୍ଥାମାନଙ୍କ ମଧ୍ୟରୁ କାଜୁବଗିଚା ନିଲାମ ରାଜସ୍ୱ ଅନ୍ୟତମ।କିନ୍ତୁ ଚଳିତ ବର୍ଷ ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଥିବା କାଜୁ ବଗିଚା ଗୁଡ଼ିକୁ ସାର୍ବଜନୀନ କରିବା ପାଇଁ ବିଧିବଦ୍ଧ ନୀତି ନିୟମ ଅନୁସାରେ ଓପନ୍ ନିଲାମ ନକରି ଭିଭିରିଆ ଓ ଅନିୟମିତତା ଭାବେ ଖୋର୍ଦ୍ଧା ଡିଭିଜନର ସଂପୃକ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ନିଜସ୍ୱ ସ୍ୱାର୍ଥ ପାଇଁ ଖୁବ୍ କମ୍ ଟଙ୍କାରେ କିଛି ବ୍ୟକ୍ତି ବିଶେଷଙ୍କୁ ହସ୍ତାନ୍ତର କରିଥିବା ଅଭିଯୋଗ ହେଉଛି। ଯାହାଫଳରେ ରାଜ୍ୟ ରାଜକୋଷ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବା ଜଣାଯାଇଛି। ସୂଚନାରୁ ଜଣାପଡ଼ିଛି ଯେ, ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ବେଣାଗାଡିଆ ପଞ୍ଚାୟତର ପଥରଦ୍ୱାର କାଜୁ ବଗିଚା, ବଡ଼ବାଣପୁର ପଞ୍ଚାୟତ ଅନ୍ତର୍ଗତ ହଟିଆପଲି, ବରଗୁଡ଼ି ମୁଣ୍ଡିଆ, କୁମୁଣ୍ଡି, ଭ୍ରମରବର ପ୍ରସାଦ, ଘଣାଶଳିଆ ଓ ଆଖପାଖ ଅଞ୍ଚଳରେ ଥିବା କାଜୁ ବଗିଚାଗୁଡ଼ିକୁ ଖୋଲା ଭାବେ ନିଲାମ କରି ରାଜ୍ୟର ରାଜସ୍ୱ ସଂଗ୍ରହ ହେଉଥିବା ନଜିର ଅଛି। କିନ୍ତୁ କାଜୁ ନିଗମର ବ୍ଲକ, ଜିଲ୍ଲା, ଡିଭିଜନ ଓ ରାଜ୍ୟ ସ୍ତରରେ ଚାକିରି କରିଥିବା ଅଧିକାରୀ ଓ କର୍ମଚାରୀ ସରକାରୀ ନୀତି ନିୟମକୁ ବେଖାତିର୍ କରି ଆଇନ ଉଲ୍ଲଂଘନ କରିବା ସହ ରାଜ୍ୟର ସମୂହିକ ସ୍ୱାର୍ଥକୁ ଜଳାଞ୍ଜଳି ଦେଇଥିବା ଜଣାପଡ଼ିଛି। ନିଜ ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ଶାଗମାଛ ଦରରେ ନିଜ ସମ୍ପର୍କୀୟ ବ୍ୟକ୍ତି ମାନଙ୍କୁ ନିଲାମ ହସ୍ତାନ୍ତର କରିବା ଏବଂ ନିଜେ ନିଜେ ଏଥିରେ ଅଂଶୀଦାର ଥିବାର ଅଭିଯୋଗ ହେଉଛି। ଏହା ଫଳରେ ନିଲାମ ନେବା ପାଇଁ ବର୍ଷ ବର୍ଷ ଧରି ଅପେକ୍ଷା କରିଥିବା ଆଶାୟୀ ବ୍ୟକ୍ତିମାନେ ନିରାଶ ହୋଇ ଘୋର ଅସନ୍ତୋଷ ପ୍ରକାଶ କରିବା ସହିତ ସରକାରଙ୍କ ସ୍ୱଚ୍ଛତା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ରାଜ୍ୟର ରାଜସ୍ୱ ସଂଗ୍ରହ ଉପରେ ହାନି ଘଟାଇଥିବା ଅଧିକାରୀ ଓ କର୍ମଚାରୀମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଖଣ୍ଡପଡ଼ା ତହସିଲଦାର, ବିଡ଼ିଓ, ନୟାଗଡ଼ ଜିଲ୍ଲାପାଳ, ଖୋର୍ଦ୍ଧା ଡିଭିଜନର ଅଧିକାରୀ, ରାଜ୍ୟ କାଜୁ ନିଗମ ଅଧିକାରୀ ତଥା ସରକାରଙ୍କ ନିକଟରେ ଅଞ୍ଚଳବାସୀ ଦାବି କରିଛନ୍ତି।

# ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିଲା ବରିଷ୍ଠ ନାଗରିକ ମହାସଂଘ



**ଖୋର୍ଦ୍ଧା,୨୩।୪/ଏନ୍‌ଏନ୍‌ଏସ୍:** ଆଇନ୍‌କୁ କାର୍ଯ୍ୟକାରୀ କରିବା ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ବାରମ୍ବାର ଜଣାଇବା ପରେ ଆଇନ୍ ଭଙ୍ଗକାରୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଯିବାରୁ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ଉପଦେଷ୍ଟା ଡ଼. ଯୁଗଳ କିଶୋର ସାହୁ, ସଭାପତି ଡ଼. ଚିନ୍ତାମଣି ମିଶ୍ର ଓ ସମ୍ପାଦକ ରାମଶଙ୍କର ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ସାକ୍ଷାତ କରି ତାଙ୍କର ହସ୍ତକ୍ଷେପ ଲୋଡ଼ିଛନ୍ତି। ପରିବେଶ ସୁରକ୍ଷା ଆଇନ୍. ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ନିୟମ, ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳ ଆଦେଶ ଇତ୍ୟାଦି ପ୍ରାଣଘାତୀ ଶବ୍ଦ ସୃଷ୍ଟି ଡ଼ିଜେ ବିରୁଦ୍ଧରେ କାର୍ଯ୍ୟକାରୀ କରାଯାଉନାହିଁ। ବୟସ୍କ ବ୍ୟକ୍ତି, ଗର୍ଭବତୀ ମହିଳା, ଶିଶୁ ଓ ରୋଗୀ ଡ଼ିଜେର ହୃଦୟ ଥରା ଶବ୍ଦରେ ଯନ୍ତ୍ରଣା ଭୋଗୁଥିବା କୁ ସମସ୍ତେ ଉପଲବ୍ଧ କରୁଥିଲେ ମଧ ପୋଲିସ୍ ଏବଂ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ନିଷ୍କ୍ରିୟତା, ଉଦାସୀନତା, ଅଧିକ ଯନ୍ତ୍ରଣା ଦାୟକ ହୋଇଛି। ଉପଜିଲ୍ଲାପାଳ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଓ ଥାନାର ଭାରପ୍ରାପ୍ତ ଅଧିକାରୀଙ୍କୁ ନେଇ ବରିଷ୍ଠ ନାଗରିକ ସଂଘଗୁଡ଼ିକର କର୍ମକର୍ତ୍ତାମାନଙ୍କ ସହିତ ତ୍ରୈମାସିକ ବୈଠକ ଆୟୋଜନ କରିବାକୁ ମହାସଂଘ ପ୍ରତିନିଧି ବୃନ୍ଦ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି। ବରିଷ୍ଠ ନାଗରିକ ସଂଘର ପଞ୍ଜିକରଣ ପାଇଁ ଦାଖଲ ହେଉଥିବା ଦରଖାସ୍ତଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସ୍ୱୀକୃତି ପ୍ରଦାନ କରିବା, ବରିଷ୍ଠ ନାଗରିକଙ୍କୁ ସମ୍ପୃକ୍ତ ଥାନା ଦ୍ୱାରା ପରିଚୟପତ୍ର ପ୍ରଦାନ କରିବା, ହସ୍ପିଟାଲରେ ସ୍ୱତନ୍ତ୍ର ଧାଡ଼ି କରିବା, ଭୁବନେଶ୍ୱରରୁ ଦକ୍ଷିଣ ଓଡ଼ିଶାକୁ ଯାଉଥିବା ବସ୍‌ଗୁଡ଼ିକ ଖୋର୍ଦ୍ଧା ସହରର ନୂଆ ବସ୍‌ଷ୍ଟାଣ୍ଡ ଯାଏଁ ଆସିବା, ବ୍ଲକ୍‌ସ୍ତରୀୟ ଅଧିକାରୀଙ୍କ ଦ୍ୱାରା ପଞ୍ଚାୟତ ସ୍ତରୀୟ ବରିଷ୍ଠ ନାଗରିକ ଅନୁଷ୍ଠାନ ସହିତ ଯୋଗଯୋଗ କରିବା ଦିଗରେ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଛି। ଏହି ପରିପ୍ରେକ୍ଷୀରେ ମହାସଂଘର ପ୍ରତିନିଧି ବୃନ୍ଦ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ।

# ଚଳଚଞ୍ଚଳ ଶ୍ରୀକ୍ଷେତ୍ର ରଥଖଳା

**ପୁରୀ,୨୩।୪/ଏନ୍‌ଏନ୍‌ଏସ୍:** ଆଜି ରଥ ନିର୍ମାଣର ତୃତୀୟ ଦିନରେ ରଥ ନିର୍ମାଣକାରୀ ସେବକମାନେ ରଥ ଖଳାଠାରେ ସକାଳ ୮ଘଟିକା ପୂର୍ବରୁ ଉପସ୍ଥିତ ହୋଇ ରଥ ନିର୍ମାଣ କର୍ଯ୍ୟ ଆରମ୍ଭ କରିଥିଲେ। ଆଜି ରଥ ନିର୍ମାଣର ପ୍ରଥମ ଦିନରେ ତିନିରଥ ମହାରଣା ସେବକ ୨୫ଜଣ, ଭୋଇ ସେବକ ୧୪ଜଣ, କରତୀ ସେବକ ୪ଜଣ, କମାର ସେବକ ୬ଜଣ, ରଥ ଖଳା ସହାୟକ(ପାଣି ବାଲା) ଜଣେ ରଥଖଳା ରଥ ନିର୍ମାଣ କାର୍ଯ୍ୟରେ ମୋଟ ୫୦ଜଣ ଯୋଗ ଦେଇଥିଲେ। ଆଜିସୁଦ୍ଧା ତିନରଥ ପାଇଁ ଆବଶ୍ୟକ ୪୨ ଗୋଟି ତୁମ୍ବ ମଧ୍ୟରୁ ୨୧ ଗୋଟି ତୁମ୍ବ ମାପ ପ୍ରକାରେ ଗଡ କରି କରତୀ ସେବକ ମାନେ ତିନି ରଥ ଚାଳିକୁ ୭ଟି ଲେଖାଏଁ ଯୋଗାଇ ଦେଇଛନ୍ତି। ଉକ୍ତ ତୁମ୍ବ ଗଡ ଗୁଡିକରୁ ତିନି ରଥ ମହାରଣା ସେବକମାନେ ଆଜିସୁଦ୍ଧା ୧୦ଗୋଟି ତୁମ୍ବ ଗଡକୁ ବାରିଶୀ ରେ ହାଣି ଗୋଲେଇ କାର୍ଯ୍ୟ ଶେଷ କରିଛନ୍ତି।

ଆଜିସୁଦ୍ଧା ତାଳଧ୍ୱଜ ରଥଚାଳିକୁ ଯୋଗାଇ ଦିଆଯାଇଥିବା ମୋଟ ୭ଗୋଟି ତୁମ୍ବ ଗଡରୁ ନିର୍ମାଣକାରୀ ସେବକ ମାନେ ୪ଗୋଟି ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ କରି ଆଉ ୩ଗୋଟି ତୁମ୍ବର ଗୋଲେଇ କାର୍ଯ୍ୟ ଜାରୀ ରଖିଛନ୍ତି। ସେହିପରି ଆଜିସୁଦ୍ଧା ଦେବୀ ରଥର ଚାଳିକୁ ଯୋଗାଇ ଦିଆଯାଇଥିବା ୭ଗୋଟି ଗଡ ତୁମ୍ବ ମଧ୍ୟରୁ ୩ଗୋଟି ତୁମ୍ବର ଗୋଲେଇ କାର୍ଯ୍ୟ ଦେବୀ ରଥ ମହାରଣା ସେବକ ମାନେ ଶେଷ କରି ଅନ୍ୟ ୪ଗୋଟି ତୁମ୍ବର ଗୋଲେଇ କାର୍ଯ୍ୟ ଜାରି ରଖିଛନ୍ତି। ଆଜି ସୁଦ୍ଧା ନନ୍ଦିଘୋଷ ରଥ ଚାଳିକୁ ଯୋଗାଇ ଦିଆଯାଇଥିବା ୭ଗୋଟି ତୁମ୍ବ ଗଡ ମଧ୍ୟରୁ ୩ ଗୋଟି ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ ହେବାସହ ଆଉ ୪ ଗୋଟି ତୁମ୍ବର ଗୋଲେଇ କାର୍ଯ୍ୟ ଜାରି ରଖିଛନ୍ତି। ଅନ୍ୟପଟେ ଦୋଳବେଦୀ ପରିସରରେ ରଥ ନିର୍ମାଣ ପାଇଁ ଆବଶ୍ୟକ କଣ୍ଟା ପ୍ରସ୍ତୁତ ନିମନ୍ତେ ଅସ୍ଥାୟୀ କମାର ଶାଳ ପ୍ରସ୍ତୁତି ସହ ଶାଳ ପୂଜା ଗତକାଲି ଶେଷ ହେବାପରେ ଶୁଭ ଦେଇ ଅନୁକୂଳ ଅରକଣ୍ଟା ନିର୍ମାଣ ଆରମ୍ଭ କରିଥିଲେ। ଆଜି ତିନିରଥର ଅରକଣ୍ଟା ନିର୍ମାଣ ପାଇଁ ୧୦ ଏମ୍.ଏମ୍ ସାଇଜର ଲୁହାରଡ କଟିଙ୍ଗ କାର୍ଯ୍ୟ ତିନି ରଥର ଓଝା ସେବକ ମାନେ ଜାରି ରଖିବା ସହ ଅରକଣ୍ଟା ନିର୍ମାଣ ଆରମ୍ଭ କରିଛନ୍ତି।



# ଜିଲ୍ଲାସ୍ତରୀୟ କବି ଜୟଦେବ ଜୟନ୍ତୀ ସମାରୋହ

**ପୁରୀ,୨୩।୪/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲା ସ୍ତରୀୟ କବି ଜୟଦେବ ଜୟନ୍ତୀ ସମାରୋହ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡିଆ ବିଶ୍ୱ ବିଦ୍ୟାଳୟ ର କୁଳପତି ପ୍ରଫେସର ଡ. ସତ୍ୟ ନାରାୟଣ ଆଚାର୍ଯ୍ୟ ଭକ୍ତକବି ଜୟଦେବ ଆମ ଜାତିର ଚିର ନମସ୍ୟ ବୋଲି କହିଥିଲେ। ତାଙ୍କ ରଚିତ ମଧୁର କୋମଳ କାନ୍ତ ପଦାବଳୀ ଗୀତଗୋବିନ୍ଦର ପଟାନ୍ତର ନାହିଁ। ଯେଉଁ ଗୀତ ମହାପ୍ରଭୁଙ୍କ ର ପ୍ରିୟ ଓ ଯାହାକୁ ଶୁଣିଲେ ମହାପ୍ରଭୁ ନିଦ୍ରା ଯାଆନ୍ତି ତା ସମ ଆଉ ସୃଷ୍ଟି ନାହିଁ ବୋଲି କହିବା ସହ ଜୟଦେବ ଙ୍କ ପାଇଁ ଆମେ ସବୁ ଧନ୍ୟ ବୋଲି କହିଥିଲେ। ଶ୍ରୀଜୟଦେବ ଫାଉଣ୍ଡେସନ, ଓଡ଼ିଶାର ସମ୍ପାଦକ ପ୍ରଫୁଲ୍ଲ ତ୍ରିପାଠୀ ସରକାର ୧୯୯୧ ମସିହା ଠାରୁ ଜୟଦେବ ଜୟନ୍ତୀ ପାଳନ କରିବା ସହ ଜୟଦେବ ଙ୍କ ନାମରେ ଏକ ନିର୍ବାଚନ ମଣ୍ଡଳୀ ମଧ କରାଯାଇଛି। ଅନେକ ପୁସ୍ତକ ପ୍ରକାଶନ ମାଧମରେ ଜୟଦେବ ଓଡ଼ିଶାର ବୋଲି ପ୍ରମାଣିତ କରାଯାଇ ପାରିଛି ବୋଲି କହିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଏଥିରେ ଅଧକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଅନ୍ୟ ମାନଙ୍କ ମଧରେ ଓଡିଆ ଭାଷା ପ୍ରତିଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର କୈଳାସ ଚନ୍ଦ୍ର ଟିକାୟତରାୟ, ପ୍ରାକ୍ତନ ସଂସ୍କୃତି ସହ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ସାମନ୍ତରାୟ,ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ବଦ୍ରି ମିଶ୍ର, ଶ୍ରୀ ଜୟଦେବ ଫାଉଣ୍ଡେସନ ପୁରୀ ବ୍ରାଞ୍ଚ୍ ର ସଦସ୍ୟ ଅନାମ ଚନ୍ଦ୍ର ସାହୁ, ଚକ୍ରଧର ମହାପାତ୍ର ପ୍ରମୁଖ ଯୋଗଦେଇ କବି ଜୟଦେବଙ୍କ ଜୀବନୀ, ମହାପ୍ରଭୁଙ୍କ ପ୍ରତି ତାଙ୍କର ଭକ୍ତି, ସମର୍ପଣ ଓ ଗୀତଗୋବିନ୍ଦ ରଚନା ସମ୍ପର୍କରେ ଆଲୋକପାତ କରିଥିଲେ। ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ବସନ୍ତ କୁମାର ପ୍ରଧାନ ସଞ୍ଚାଳନ କରିଥିଲେ। ଏହି ଅବସରରେ ଜୟଦେବଙ୍କ ଜନ୍ମପୀଠରୁ ଜୟଦେବ ପୀଠରୁ ଆରମ୍ଭ ହୋଇଥିବା ସଂକୀର୍ତ୍ତନ ମଣ୍ଡଳୀ ସଂସ୍କୃତି ଭବନରେ ପହଞ୍ଚି କଳା ପରିବେଷଣ କରିଥିଲେ।

# ଅଲାଣ୍ଡୋ ପଞ୍ଚାୟତରେ କଂଗ୍ରେସ କର୍ମୀ ସମ୍ମିଳନୀ



**କିଶୋରନଗର,୨୩।୪/ଏନ୍‌ଏନ୍‌ଏସ୍:** ବିରିଡି ବ୍ଲକ ଅଲାଣ୍ଡୋ ପଞ୍ଚାୟତର ଯୁବସଂଗଠକ ତାପସ ବୋଷଙ୍କ ଆହ୍ୱାନରେ ଏବଂ ବରିଷ୍ଠ କର୍ମୀ କୃଷ୍ଣଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତର ଶତାଧିକ କଂଗ୍ରେସ କର୍ମୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ କିଛିଦିନ ତଳେ ବିରିଡି ବ୍ଲକ୍‌ର ୩ଜଣ କଂଗ୍ରେସ କର୍ମୀଙ୍କୁ ଦଳରୁ ନିଲମ୍ବନ କରାଯାଇଥିବା ବ୍ଲକ ସଭାପତିଙ୍କ ଚିଠିକୁ ନେଇ ଘୋର ଅସନ୍ତୋଷ ପ୍ରକାଶ ପାଇବା ସହ ଏହାକୁ ସମସ୍ତେ ଏକସ୍ୱରରେ ପ୍ରତ୍ୟାଖ୍ୟାନ କରିବାସହ ନିନ୍ଦା କରିଥିଲେ। ଦୀର୍ଘବର୍ଷ ହେବ କଂଗ୍ରେସ ଦଳକୁ ବିରିଡି ବ୍ଲକରେ ସୁଦୃଢ଼ କରିବାକୁ ଉଦ୍ୟମ ଜାରିରଖିଥିବା ଭାଗ୍ୟଧର ଜେନା, ସମୀର ଖୁଣ୍ଟିଆ, ଶ୍ରୀକାନ୍ତ ପଣ୍ଡାଙ୍କୁ ଦଳରୁ ନିଲମ୍ବନ ଆଗକୁ ଦଳ ପାଇଁ ମାହାଙ୍ଗା ପଡିବ ଏବଂ ଯେଉଁମାନେ ଏଥିରେ ସମ୍ପୃକ୍ତ ଅଗାମୀ ଦିନରେ ତାଙ୍କୁ ଘୋର ବିରୋଧ କରାଯିବ ବୋଲି ମଧ କର୍ମୀମାନେ ଚେତାବନୀ ଶୁଣାଇଥିଲେ। ବୈଠକରୁ ବିରିଡି ବ୍ଲକ କଂଗ୍ରେସ ଏକପ୍ରକାର ଦୁଇଫାଳ ହେବା ଅନୁଭବ ହୋଇଛି। ପରେ ବରିଷ୍ଠ କର୍ମୀ ରଜନୀ ବେହେରା ପଞ୍ଚାୟତର ସାଙ୍ଗଠନିକ ବୃଦ୍ଧି ଉପରେ ମାର୍ଗଦର୍ଶନ ଦେଇଥିଲେ। କାର୍ଯ୍ୟକ୍ରମରେ ଅଲାଣ୍ଡୋ ପଞ୍ଚାୟତରୁ କାଳନ୍ଦୀ ଜେନା, ପ୍ରଭାତ ରାଉତ, ସମ୍ପଦ ଜେନା, ବଟକୃଷ୍ଣ ଜେନା, କାଳନ୍ଦୀ ପ୍ରଧାନ, ମନୋରଞ୍ଜନ ରାଉତ, ରମେଶ ଜେନା, ଶିବ ମଲ୍ଲିକ, ସଞ୍ଜୟ ଜେନା, ସନାତନ ମଲ୍ଲିକ, କାଳନ୍ଦୀ ମଲ୍ଲିକ, ଶଙ୍କର ମଲ୍ଲିକ, ମିଥୁନ ଭୋଇ, ଦିବାକର ଭୋଇଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିବାବେଳେ ପୂର୍ବତନ ସରପଞ୍ଚ ବଳରାମ ମଲ୍ଲିକ, ପ୍ରଣାକୃଷ୍ଣ ପଶାୟତ, ପ୍ରତାପ ଦାସ, ଭାଗ୍ୟଧର ଜେନା, ପବିତ୍ର ଦାସ, ସମୀର ଖୁଣ୍ଟିଆ, ପବିତ୍ର ପ୍ରଧାନ, କିଶୋର ବେହେରା, ସୁରେଶ ନାୟକ, କମଳାକାନ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

# ବ୍ୟାଙ୍କରେ ଲାଗିନି ଏସି, ଫ୍ୟାନ୍: ଗ୍ରାହକ ଛଟପଟ

**ବୟାଳିଶମୌଜା,୨୩।୪/ଏନ୍‌ଏନ୍‌ଏସ୍:** କଟକ ସଦର ୪୨ ମୌଜା ଅନ୍ତର୍ଗତ ବେଣ୍ଟକାର ସ୍ଥିତ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କରେ ଏସି ଓ ଫ୍ୟାନ ବହୁ ଦିନ ଧରି ଲାଗି ନାହିଁ ବୋଲି ଅଭିଯୋଗ ହୋଇଛି। ଯାହା ଦ୍ୱାରା ଗ୍ରୀଷ୍ମ ପ୍ରବାହରେ ବ୍ୟାଙ୍କକୁ ଆସୁଥିବା ଗ୍ରାହକ ମାନେ ଟଙ୍କା ଉଠାଣ, ଡିପୋଜିଟ, ବହି ଅପଡେଟ ଆଦି ବିଭିନ୍ନ କାର୍ଯ୍ୟରେ ବ୍ୟାଙ୍କ୍ ଆସୁଥିବା ବେଳେ ଭିଡ ଭିତରେ ରହି ଅସହ୍ୟ ଗରମରେ ଛଟପଟ ଓ ହନ୍ତସନ୍ତ ହେଉଛନ୍ତି। ଭିଡ଼ ଭିତରେ ଘଣ୍ଟା ଘଣ୍ଟା ଧରି ଠିଆ ହୋଇ ରହିଥିବା ଗ୍ରାହକ ମାନେ ଏ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ କେତେ ବେଳେ କାହାର ବ୍ୟାଙ୍କ୍ ଭିତରେ କ'ଣ ଅଘଟଣ ଘଟିବ ତାହା କହି ହେବ ନାହିଁ। ଏ ଘଟଣା ସମ୍ପର୍କରେ ବେଣ୍ଟକାର ସ୍ଥିତ ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଫୋନ ମାଧମରେ ଯୋଗାଯୋଗ କରିଥିଲେ ମଧ ସେ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ଓ ଏବେ ଛୁଟିରେ ଅଛନ୍ତି ବୋଲି କହିଥିଲେ। ତେଣୁ ଉଚ୍ଚ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ସମସ୍ୟା ପ୍ରତି ଦୃଷ୍ଟିଦେଇ ବ୍ୟାଙ୍କରେ ଗ୍ରାହକଙ୍କ ପାଇଁ ଫ୍ୟାନ୍ ବ୍ୟବସ୍ଥା କରିବା ପାଇଁ ସମାଜସେବୀ ଶିଶିର କୁମାର ରାଉତ, ସୁବ୍ରତ ବାରିକ, ରାଜକିଶୋର ନାୟକ, ଭାଗ୍ୟଧର ମହାନ୍ତି, ପ୍ରଶାନ୍ତ ରାଉତ ପ୍ରମୁଖ ଦୃଷ୍ଟି ଆକର୍ଷଣ କରିଛନ୍ତି।

# କଲେଜରୁ ଜବରଦଖଲ ଉଚ୍ଛେଦ



**ଓଡ଼ଗାଁ,୨୩।୪/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ କୋମଣ୍ଡ ପଞ୍ଚାୟତ ମକରପଦା ଠାରେ ଗଢିଉଠିଥିବା ଶ୍ରୀପଲ୍ଲିଟେକନିକ କଲେଜ ଜବରଦଖଲ କରି ଏକର ଏକର ଜମି ମାଡ଼ିବସିଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଗତ ଡିସେମ୍ବର ମାସରେ ରାଜସ୍ୱ ବିଭାଗ ମାପଚୁପ କରିବା ପରେ ୧୭ ଏକର ଜମି କଲେଜ ଅଧୀନରେ ରହିଥିବା ଜଣାପଡ଼ିଥିଲା। ଆଜି ରାଜସ୍ୱ ବିଭାଗ ଓ ପୁଲିସ ଫୋର୍ସ କଲେଜରେ ପହଞ୍ଚି ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଆରମ୍ଭ କରିଛନ୍ତି। ସୂଚନା ଅନୁଯାୟୀ ଶ୍ରୀପଲ୍ଲିଟେକନିକ କଲେଜ ନାମରେ ଜମି ହଡ଼ପ ଅଭିଯୋଗ ହୋଇଥିଲା। କୋମଣ୍ଡ ମକରପଦା ଗ୍ରାମବାସୀ ସରକାରୀ ଜମି କଲେଜ ମାଲିକ ମାଡ଼ିବସି ସେଥିରେ ବିଶାଳ କୋଠା, ଖେଳପଡ଼ିଆ ଆଦି ନିର୍ମାଣ କରିଥିବା ଅଭିଯୋଗ କରିଥିଲେ।ସେତିକି ନୁହଁ ଏକ ଆମ୍ବତୋଟା ଓ କେନାଲକୁ ନିଜ କବଜାକୁ ନେଇଯାଇଥିଲେ। ଗ୍ରାମବାସୀ ସରକାରୀ ଜମି ଛାଡ଼ିବାକୁ କଲେଜ ମାଲିକ ଶ୍ରୀନିବାସ ସୁବୁଦ୍ଧିଙ୍କୁ କହିଥିଲେ ମଧ ଏଥିପ୍ରତି ସେ କର୍ଣ୍ଣପାତ କରିନଥିଲେ। ଗ୍ରାମରେ ଏକ ବୈଠକ ବସି ସରକାରୀ ଜମି ଜବରଦଖଲ ଉଚ୍ଛେଦକରିବାକୁ ନିଷ୍ପତି ନିଆଯାଇଥିଲା। ଓଡ଼ଗାଁ ତହସିଲଦାରଙ୍କ ନିକଟରେ ଆବେଦନ କରିବାପରେ ଜମି ମାପଚୁପ ହୋଇ ଚିହ୍ନଟ ଆରମ୍ଭ ହୋଇଥିଲା। କିଛିଦିନ ଧରି ରାଜସ୍ୱ ବିଭାଗ ଚୁପରହିବା ପରେ ଆଜି ତହସିଲଦାର ଡ଼. ମାନସ ରଞ୍ଜନ ଭୋଇ, ଦୁଇଜଣ ଅତିରିକ୍ତ ତହସିଲଦାର,ଓଡ଼ଗାଁ ଥାନା ସବଇନ୍ସପେକ୍ଟର ଚକ୍ରଧର ସିଂ ଓ ଫୋର୍ସ ମୁତୟନ ହୋଇ ଶ୍ରୀପଲ୍ଲିଟେକନିକ କଲେ ପାଚେରୀକୁ ଜେସିବି ଲଗାଇ ଭାଙ୍ଗି ଦେଇଥିଲେ। ନୟାଗଡ-ଭଞ୍ଜନଗର ୨୧ନଂ ରଜ୍ୟ ରାଜପଥକୁ ଲାଗିଥିବା ପାଚେରୀକୁ ଭଙ୍ଗାଯାଇଛି। ଆସନ୍ତା ୪ ତାରିଖ ଦିନ ପୁଣି ଉଚ୍ଛେଦ କାର୍ଯ୍ୟ ଜାରି ରହିବବୋଲି ଜଣାପଡିଛି।

# ଶ୍ରୀଜଗନ୍ନାଥଙ୍କ ସେବକଙ୍କୁ ଶ୍ରୀମନ୍ଦିର ପ୍ରବେଶ ଉପରେ କଟକଣା ଓ ସେବାରୁ ନିଲମ୍ବନ

**ପୁରୀ,୨୩।୪/ଏନ୍‌ଏନ୍‌ଏସ୍:** ଶ୍ରୀମନ୍ଦିରର ଶୁଦ୍ଧ ସୁଆର ଓ ଦଇତାପତି ସେବକ, ଶ୍ରଦ୍ଧାନନ୍ଦ ଦାସ ମହାପାତ୍ରଙ୍କୁ ଅନୈତିକ କାର୍ଯ୍ୟରେ ଲିପ୍ତ ଥିବା ଅଭିଯୋଗରେ ତାଙ୍କ ବିରୁଦ୍ଧରେ ପୋଲିସ୍ ମୋକଦ୍ଦମା ରୁଜୁ କରାଯାଇଥିବା ଶ୍ରୀମନ୍ଦିର ପ୍ରଶାସନଙ୍କ ଦୃଷ୍ଟିକୁ ଆସିବା ପରିପ୍ରେକ୍ଷୀରେ ଆଜି ଶ୍ରୀମନ୍ଦିର ଆଇନ ଅନୁଯାୟୀ ତାଙ୍କୁ ଅନ୍ୟାଦେଶ ପାଇଁ ନିଲମ୍ବନ କରିଛନ୍ତି ମୁଖ୍ୟ ପ୍ରଶାସକ। ଉକ୍ତ ସେବକଙ୍କ ଅନୈତିକ କାର୍ଯ୍ୟ ସମଗ୍ର ସେବକ ସମାଜ ଏବଂ ଶ୍ରୀମନ୍ଦିରର ସମ୍ମାନ ଓ ମର୍ଯ୍ୟାଦା କ୍ଷୁର୍ଣ୍ଣ କରିଥିବା ପରିପ୍ରେକ୍ଷୀରେ ଉକ୍ତ ସେବକଙ୍କ ବିରୁଦ୍ଧରେ ନିଲମ୍ବନ ଆଦେଶ ଜାରି କରାଯାଇଛି। ଏହା ଅନ୍ୟାଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବା ସହିତ ନିଲମ୍ବନ ଅବଧିରେ ଉକ୍ତ ସେବକ ସେବାରୁ ବଞ୍ଚିତ ହେବା ସହିତ ଶ୍ରୀମନ୍ଦିରରେ ପ୍ରବେଶ କରିବା ପାଇଁ ନିଷେଧାଜ୍ଞା ଜାରି କରିଛନ୍ତି ମୁଖ୍ୟ ପ୍ରଶାସକ। ଶ୍ରୀମନ୍ଦିରର ପ୍ରାୟତଃ ସେବକଙ୍କ ଆଚାର ବ୍ୟବହାର ସଠିକ ରହି ନୀତିକାନ୍ତି ସମ୍ପାଦନ ଶୃଂଖଳିତ ରହୁଥିବା ବେଳେ କିଛି ସେବକଙ୍କ ଅବାଂଛିତ କାର୍ଯ୍ୟକଳାପ ସମଗ୍ର ସେବକ ସମାଜକୁ ବଦନାମ୍ କରୁଥିବା ଦର୍ଶାଇ କୌଣସିବି ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ।

# ଅସହାୟ ମହିଳାଙ୍କୁ ଉଦ୍ଧାରକଲା ସ୍ୱାଭିମାନ ସେବା ସଂଘ



**ଟାଙ୍ଗୀ,୨୩।୪/ଏନ୍‌ଏନ୍‌ଏସ୍:** ସକାଳ ୧୦ଟା ହେଲେ ଯୋଉଠି ଘରୁ ବାହାରିବା ଅସମ୍ଭବ ହୋଇପଡୁଛି, ଡହ ଡହ ଖରାରେ ତତଲା ପିଚୁରେ ଜଣେ ଅସହାୟା ମହିଳା ଚାଲି ଚାଲି ଯିବା ପଥଚାରୀମାନଙ୍କୁ ଚକିତ କରିଥିଲା। ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା ଟାଙ୍ଗୀ ଥାନା ୧୬ନଂ ଜାତୀୟ ରାଜପଥରେ। ପ୍ରବଳ ଖରାରେ ଚାଲି ଚାଲି ଯାଉଥିବା ମହିଳାଙ୍କ ସମ୍ପର୍କରେ ଖବର ପାଇ ଅଞ୍ଚଳର ସ୍ୱାଭିମାନ ସେବା ସଂଘ ନାମକ ସ୍ୱେଚ୍ଛାସେବୀ ସଙ୍ଗଠନର ସଭାନେତ୍ରୀ ଅନୁରୋଧ ନାୟକ, ଦୁଷ୍ମନ୍ତ ସାହୁ, ସଙ୍ଗୀତା ବେହେରା, ସନ୍ଧ୍ୟା ବେହେରା ପ୍ରମୁଖ କର୍ମକର୍ତ୍ତା ସଂପୃକ୍ତ ମହିଳାଙ୍କ ନିକଟରେ ପହଞ୍ଚି ତୁରନ୍ତ ଏକ ଚପଲ ପିନ୍ଧିବାକୁ ଦେଇଥିଲେ। ପରେ ଉଦ୍ଧାର କରି ଟାଙ୍ଗୀ ଥାନାକୁ ଆଣିଥିଲେ। ସେଠାରେ ମହିଳା ଜଣଙ୍କୁ କିଛି ପଚରାଉଚରା କରିଥିଲେ ମଧ ସେ କିଛି ଉତ୍ତର ଦେଇ ନଥିଲେ।

ପୁଲିସ ଓ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତାମାନେ ମହିଳାଙ୍କ ନାମ କରିସ୍ମା ମଲ୍ଲିକ(୨୦), ତାଙ୍କ ସ୍ୱାମୀଙ୍କ ନାମ ପବିତ୍ର ମଲିକ ଏବଂ ଘର ଯାଜପୁର ଜିଲ୍ଲା ଧର୍ମଶାଳା ଥାନା କାଏମା ଗ୍ରାମର ବୋଲି ପୁଲିସ ଜାଣିବାକୁ ପାଇଥିଲେ। ପରେ ପୁଲିସ କରିସ୍ମା ଙ୍କ ସ୍ୱାମୀକୁ ଖବର ଦେଲା ପରେ ପବିତ୍ର ଥାନାରେ ପହଞ୍ଚି ତାଙ୍କ ପତ୍ନୀଙ୍କ ମୁଣ୍ଡ ଦୋଷ ଥିବା କହିବା ସହ ୨୦ତାରିଖ ରାତିରୁ ଘରୁ ବାହାରି କେଉଁଆଡ଼େ ଚାଲିଯାଇଥିବା ନେଇ ସେ ୨୧ ତାରିଖରେ ଧର୍ମଶାଳା ଥାନାରେ ଅଭିଯୋଗ କରିଥିବା ସମ୍ପର୍କରେ ପୁଲିସକୁ କହିଥିଲେ। ପୁଲିସ ଘଟଣାର ତଦନ୍ତକରି ସତ୍ୟାସତ୍ୟ ଜାଣିବା ପରେ ତାଙ୍କ ସ୍ୱାମୀ ତାଙ୍କ ପତ୍ନୀ କରିସ୍ମାକୁ ନେଇ ଘରକୁ ଫେରିବା ସହ ଟାଙ୍ଗୀ ଥାନା ଓ ସ୍ୱାଭିମାନ ସେବା ସଂଘର କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

# ବାଇକ୍‌କୁ ପିଟିଲା କାର୍, ଯୁବକ ଗୁରୁତର

**ବଳଙ୍ଗା,୨୩।୪/ଏନ୍‌ଏନ୍‌ଏସ୍:** ବଳଙ୍ଗା ଥାନା ଅନ୍ତର୍ଗତ ବଳଙ୍ଗା-ଖେଲାର ମୁଖ୍ୟରାସ୍ତାର ବାୟାବରଠାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ବାଇକ୍‌କୁ ଅନ୍ୟ ଏକ କାର୍ ଧକ୍କାଦେବାରୁ ଘଟଣାସ୍ଥଳରେ ଯୁବକ ଗୁରୁତର ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ଚଅଁରପଦା ରାଉତସାଇ ଗ୍ରାମର ବିଜୟ ରାଉତଙ୍କ ପୁଅ ଚିନ୍ମୟ ରାଉତ ନିମାପଡ଼ାରେ ଏକ ବ୍ୟବସାୟିକ ବିତର୍କ ସଂସ୍ଥାରେ କାର୍ଯ୍ୟରତ କର୍ମଚାରୀ ରୁପେ କାମ୍ କରନ୍ତି। ଆଜି ଅପରାହ୍ନରେ ବଳଙ୍ଗାରୁ ବେପାର ସାରି ନିମାପଡ଼ା ଫେରୁଥିବା ବେଳେ ବାୟାବର ଠାରେ ଏକ କାର ମୁହାଁମୁହିଁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଚିନ୍ମୟ ରାଉତ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ି ଚିତ୍କାର କରିବାରେ ସ୍ଥାନୀୟ ଲୋକ ପହଞ୍ଚି ଥାନାକୁ ଜଣାଇଥିଲେ। ବଳଙ୍ଗା ପୁଲିସ ପହଞ୍ଚି ଯୁବକକୁ ଉଦ୍ଧାରକରି ପୁଲିସ ଗାଡିରେ ପିପିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ୍ ସ୍ଥାନାନ୍ତର କରାଯାଇଥିଲା। କାରଟି ଦ୍ରୁତଗତିରେ ବଳଙ୍ଗା ଅଭିମୁଖେ ପଳାଇଥିଲା ବେଳେ ପୁଲିସ ବିଭିନ୍ନ ଛକରେ ସିସିଟିଭି ଯାଞ୍ଚ କରିବା ସହ ତଦନ୍ତ ଜାରି ରଖିଛି।

# ତବ୍‌ଲା, ସୀତାର୍‌ର ଯୁଗଳବନ୍ଦୀ ସଙ୍ଗୀତରେ ଜାପାନୀ ପର୍ଯ୍ୟଟକ ବିଭୋର୍



**ପୁରୀ,୨୩।୪/ଏନ୍‌ଏନ୍‌ଏସ୍:** ଜାପାନର ତୋତରିରେ ଓଡ଼ିଶାର ନିପୁଣ କଳାକୁ ତବ୍‌ଲା ଓ ସୀତାର୍ ଜରିଆରେ ପରିବେଷଣ କରିଛନ୍ତି ତବ୍‌ଲା ବାଦକ ଗୁରୁ ଲିଙ୍ଗରାଜ ଦାସ ଓ ସୀତାର ବାଦକ ଗୁରୁ ସତ୍ୟବାନ ସେଠୀ। ତବଲା-ସୀତାର ଯୁଗଳବନ୍ଦୀ ସଙ୍ଗୀତରେ ବିଭୋର ହୋଇପଡ଼ିଥିଲେ ଜାପାନୀ। ଇଣ୍ଡିଆ-ଜାପାନ ଫ୍ରେଣ୍ଡ୍‌ଶିପ୍ ସେଣ୍ଟର୍ ଓ ତୋତରୀ ସରାକାରଙ୍କ ବାଣିଜ୍ୟ ପରାମର୍ଶଦାତା କୁନା ଦାଶଙ୍କ ତତ୍ତ୍ୱାବଧାନରେ ତୋତରୀରେ ୨ ଦିନିଆ ଆୟୋଜିତ ଜାପାନ ଫେଷ୍ଟିଭାଲରେ ଓଡ଼ିଶାର ଦୁଇ କଳାକାରଙ୍କ ତବଲା ଓ ସୀତାରର ସ୍ୱର ଜାପାନବାସୀ ଭାବବିହ୍ୱଳ ହୋଇପଡ଼ିଥିଲେ। ଏହି ଅବସରରେ ଇଣ୍ଡିଆ ଜାପାନ ଫ୍ରେଣ୍ଡ୍‌ଶିପ୍ ସେଣ୍ଟର୍ ଭାରତର ସଭାପତି ଶ୍ରୀମନ୍ତ କୁମାର ଦାଶ କୁହନ୍ତି ଯେ ଗତ ଫେବ୍ରୁଆରୀ ୭ ଓ ୮ରେ ତାଳବଣିଆଠାରେ ଓଡ଼ିଶା-ଜାପାନ ଫେଷ୍ଟିଭାଲ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଜପାନର କଳାକାରମାନେ ସାମିଲ ହୋଇ ସେମାନଙ୍କ କଳା ପ୍ରଦର୍ଶନ କରିଥିଲେ। ଏବେ ଜାପାନର ତୋତରୀ ଜାପାନ ଫେଷ୍ଟିଭାଲ୍‌ରେ ଓଡ଼ିଶାର କଳାକାରମାନଙ୍କୁ ସାମିଲ ଲାଗି ନିମନ୍ତ୍ରଣ କରିଥିଲେ। ଆଗାମୀ ଦିନରେ ଉଭୟ ଦେଶର କଳାକାରମାନଙ୍କୁ ଓଡ଼ିଶା ଓ ଜାପାନର କଳା ଓ ସଂସ୍କୃତି ପ୍ରଚାର ପ୍ରସାର ହେବା ସହିତ ପର୍ଯ୍ୟଟନର ବିକାଶ ଲାଗି ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶ୍ରୀ ଦାଶ ମତବ୍ୟକ୍ତ କରିଛନ୍ତି।

ନିତିଦିନ NITIDIN



ଡିସ୍‌କମ୍‌ମାନଙ୍କ ୨୯ତମ ବୋର୍ଡ ବୈଠକ

# ବିଦ୍ୟୁତ୍ ଯୋଗାଣ ସମ୍ବନ୍ଧୀୟ ଅଭିଯୋଗର ତ୍ୱରିତ ସମାଧାନକୁ ଗୁରୁତ୍ୱ




**ଭୁବନେଶ୍ୱର,୨୩।୪ /ଏନ୍‌ଏନ୍‌ଏସ୍:** ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣ କରୁଥିବା ବିଦ୍ୟୁତ ଶକ୍ତି ବିତରଣ କମ୍ପାନୀ (ଡିସ୍‌କମ୍)ମାନଙ୍କର ୨୯ ତମ ବୋର୍ଡ ବୈଠକ ଓଡ଼ିଶା ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ପୃଥକ୍ ପୃଥକ୍ ଭାବେ ଅନୁଷ୍ଠିତ ହୋଇଯାଇଛି। ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକଗୁଡ଼ିକରେ ବିଭିନ୍ନ ଡିସ୍କମ୍‌ମାନଙ୍କ କାର୍ଯ୍ୟଦକ୍ଷତା, ପରିଚାଳନା ଏବଂ ଆଗାମୀ ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଟିପିଏନ୍‌ଓଡିଏଲ୍, ଟିପିଏସ୍‌ଓଡିଏଲ, ଟିପିସିଓଡିଏଲ୍ ଏବଂ ଟିପିଡବ୍ଲ୍ୟୁଓଡିଏଲମାନଙ୍କର ସ୍ୱତନ୍ତ୍ର ଭାବେ ଅନୁଷ୍ଠିତ ବୈଠକରେ ବୋର୍ଡର ସଦସ୍ୟ ସଦସ୍ୟାମାନେ ଯୋଗଦେଇଥିଲେ। ସାରା ରାଜ୍ୟରେ ଦକ୍ଷ ଏବଂ ଅବିରତ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ପାଇଁ ବିଦ୍ୟୁତ୍ ଯୋଗାଣର ନିର୍ଭରଯୋଗ୍ୟତା, ବିଦ୍ୟୁତ୍ ସଂଚରଣରେ କ୍ଷୟକ୍ଷତି କମାଇବା, ଗ୍ରାହକମାନଙ୍କୁ ସେବା ପ୍ରଦାନ ଏବଂ ଭିତ୍ତିଭୂମି ଉନ୍ନୟନ ପରି ପ୍ରମୁଖ ବିଷୟଗୁଡିକ ଉପରେ ବୈଠକରେ ଆଲୋଚନା କରାଯାଇଥିଲା।ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ସମସ୍ତ ଡିସକମ୍‌ମାନଙ୍କର କାର୍ଯ୍ୟଦକ୍ଷତା ସମୀକ୍ଷା କରି ବିଦ୍ୟୁତ୍ ଯୋଗାଣ ସମ୍ବନ୍ଧୀୟ ସାଧାରଣ ଲୋକଙ୍କ ଅଭିଯୋଗର ତ୍ୱରିତ ଏବଂ ପ୍ରଭାବୀ ସମାଧାନ ପାଇଁ ଗୁରୁତ୍ୱାରୋପ କରିଥିଲେ। ସେ ବିଦ୍ୟୁତ୍ ବିତରଣ ସେବାରେ ଗୁଣାତ୍ମକ ଏବଂ ସୁରକ୍ଷା ସୁନିଶ୍ଚିତ କରିବା ଉପରେ ମଧ ଗୁରୁତ୍ୱ ଦେଇଥିଲେ। ସେ ଆହୁରି ମଧ ପିଏମ୍ ସୂର୍ଯ୍ୟ ଘର ଯୋଜନା ପରି ପଦକ୍ଷେପମାନଙ୍କ ମାଧ୍ୟମରେ ରାଜ୍ୟରେ ସ୍ୱଚ୍ଛ ଶକ୍ତି ଉପଲବ୍ଧତାକୁ ପ୍ରୋତ୍ସାହନ ଦେବା ଉପରେ ଆଲୋକପାତ କରିଥିେ। ତତ୍ ସହିତ ସିଏସ୍‌ଆର କାର୍ଯ୍ୟକଳାପକୁ ବୃଦ୍ଧି କରିବା ନେଇ ଡିସ୍‌କମ୍‌ମାନଙ୍କୁ ଆବଶ୍ୟକ ପରାମର୍ଶ ଦେଇଥିଲେ।

ବୈଠକରେ ରାଜ୍ୟରେ ପିଏମ୍ ସୂର୍ଯ୍ୟ ଘର : ମୁଫ୍‌ତ ବିଜୁଳି ଯୋଜନା (ପିଏମ୍-ଏସଜି-ଏମବିୱାଇ) କାର୍ଯ୍ୟକାରିତା ନେଇ ଆଲୋଚନା ହୋଇଥିଲା। ଦେଶରେ ୧୩ ଫେବୃଆରୀ ୨୦୨୪ ରେ ୭୫,୦୨୧ କୋଟି ମୋଟ ଅଟକଳରେ ଆରମ୍ଭ ହୋଇଥିବା ଏହି ଯୋଜନା ଆର୍ଥିକ ବର୍ଷ ୨୦୨୭ ପର୍ଯ୍ୟନ୍ତ କାର୍ଯ୍ୟାନ୍ୱୟନ ଲକ୍ଷ୍ୟରହିଛି। ଓଡିଶାରେ ଏହାର କାର୍ଯ୍ୟାନ୍ୱୟନ ନେଇ ଦ୍ରୁତ ପ୍ରୟାସ ଜାରି ରହିଥିବା ବିଦ୍ୟୁତ୍ ବିତରଣ କମ୍ପାନୀମାନଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଛାତ ଉପରେ ସୌର ଶକ୍ତି ଉତ୍ସରୁ ବିଦ୍ୟୁତ୍ ଶକ୍ତି ଉତ୍ପାଦନ( ରୁଫଟପ୍ ସୋଲାର)କୁ ତ୍ୱରାନ୍ୱିତ କରିବା ପାଇଁ ଭାରତ ସରକାରଙ୍କ ନୂତନ ଏବଂ ନବୀକରଣୀୟ ଶକ୍ତି ମନ୍ତ୍ରଣାଳୟ ୟୁଟିଲିଟି-ଲେଡ୍-ଏଗ୍ରିଗେସନ (ୟୁଏଲଏ) ଯୋଜନା ପ୍ରଣୟନ କରିଛନ୍ତି। ଉଭୟ ଯୋଜନା ଅଧୀନରେ ଓଡ଼ିଶାର ଉତ୍ସାହଜନକ ପ୍ରଗତି ପରିଲକ୍ଷିତ ହେଉଛି। ପ୍ରାପ୍ତ ସୂଚନା ଅନୁଯାୟୀ, ପିଏମ୍-ଏସଜି-ଏମବିୱାଇ ଅଧୀନରେ ଅଦ୍ୟାବଧି ରାଜ୍ୟରେ ୫୫,୮୮୮, ୟୁଏଲଏ ଯୋଜନା ଅଧୀନରେ ଅତିରିକ୍ତ ୨୯,୦୦୦ ଏହିପରି ସମୁଦାୟ ୮୪,୮୮୮ ରୁଫଟପ୍ ସୋଲାର ସିଷ୍ଟମ ସ୍ଥାପିତ ହୋଇସାରିଛି। ଗୁରୁତ୍ୱପୂର୍ଣ୍ଣଭାବେ, ୟୁଏଲଏ ଯୋଜନା କାର୍ଯ୍ୟକାରିତାରେ ଓଡିଶାର ସଫଳତା ଦେଶରେ ସର୍ବାଧିକ, ଯାହା ରାଜ୍ୟର କାର୍ଯ୍ୟାନ୍ୱୟନ କୌଶଳ ଏବଂ ନବୀକରଣଯୋଗ୍ୟ ଶକ୍ତି ଉତ୍ସ କୁ ଆପଣାଇବାରେ ଉପଭୋକ୍ତାମାନଙ୍କର ଅଂଶଗ୍ରହଣ ବଢୁଥିବା ପ୍ରତିଫଳିତ କରୁଛି।

ବିଦ୍ୟୁତ୍ ବିତରଣ କମ୍ପାନୀମାନଙ୍କର ଦୃଢ ପରିଚାଳନାତ୍ମକ କାର୍ଯ୍ୟଦକ୍ଷତାର ଫଳସ୍ୱରୂପ ସାମଗ୍ରିକ ବୈଷୟିକ ଏବଂ ବ୍ୟବସାୟିକ କ୍ଷୟକ୍ଷତି ୨୦୧୯-୨୦ ଆର୍ଥିକ ବର୍ଷର ୨୯.୫% ରୁ ୨୦୨୫-୨୬ ଆର୍ଥିକ ବର୍ଷରେ ୧୪.୬% କୁ ଗୁରୁତ୍ୱପୂର୍ଣ୍ଣଭାବେ ହ୍ରାସ ପାଇଛି। ଟିପିଏନ୍‌ଓଡିଏଲ୍ ଅଣ-ସହରାଞ୍ଚଳ ବିତରଣ ୟୁଟିଲିଟି ରାଙ୍କିଂରେ ୨ୟ ସ୍ଥାନ ଓ ଟିପିସିଓଡିଏଲ ୪ର୍ଥ ସ୍ଥାନ ଅଧିକାର କରିଛନ୍ତି। ଗତ ପାଞ୍ଚ ବର୍ଷ ଧରି ସାଧାରଣ ଲୋକମାନଙ୍କ ବିଦ୍ୟୁତ୍ ସେବା ଶୁଳ୍କରେ କୌଣସି ବୃଦ୍ଧି ହୋଇନାହିଁ। ୨୦୨୫-୨୬ ଆର୍ଥିକ ବର୍ଷରେ ଓଡ଼ିଶା ଡିସକମମାନେ ସାମାଜିକ ଦାୟିତ୍ୱବୋଧତା(ସିଏସଆର) ଅଧୀନରେ ୧୭ କୋଟି ବ୍ୟୟ କରିଥିବାବେଳେ, ୨୦୨୬-୨୭ ଆର୍ଥିକ ବର୍ଷରେ ୨୦ କୋଟି ବ୍ୟୟ କରିବାର ଯୋଜନା ରହିଛି। ଏହି ପ୍ରୟାସ ଦୁର୍ଗମ ଅଞ୍ଚଳରେ ପ୍ରାଥମିକ ସ୍ୱାସ୍ଥ୍ୟ ଏବଂ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଜୀବିକା ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟ ରଖି କରାଯାଉଛି। ଓଡ଼ିଶାର ଦୂରସ୍ଥ ଗ୍ରାମଗୁଡିକରେ ସ୍ୱାସ୍ଥ୍ୟ ସେବା ପାଇଁ ୨୦୨୫-୨୬ ଆର୍ଥିକ ବର୍ଷରେ ୧୬ଟି ମୋବାଇଲ୍ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ( ଡିସ୍ପେନସାରି) ଚାଲୁ କରାଯାଇଛି ଏବଂ ୨୦୨୬-୨୭ ଆର୍ଥିକ ବର୍ଷରେ ଅତିରିକ୍ତ ୪ଟି ମୋବାଇଲ୍ ହେଲଥ ଡିସ୍ପେନସାରି ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ନିଯୁକ୍ତି ସମ୍ଭାବନା ଓ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ୨୦୨୫-୨୬ ଆର୍ଥିକ ବର୍ଷରେ ଓଡିଶାରେ ୨୦ଟି ଧନ୍ଦାମୂଳକ ତାଲିମ କେନ୍ଦ୍ର ଚାଲୁଛି, ଯାହାକୁ ୨୦୨୬-୨୭ ଆର୍ଥିକ ବର୍ଷରେ ୨୪କୁ ବୃଦ୍ଧି କରାଯିବାର ଲକ୍ଷ୍ୟ ରହିଛି।

# ୨୭ରୁ ହୋଇପାରେ ଖରାଛୁଟି

**ଭୁବନେଶ୍ୱର,୨୩।୪/ଏନ୍‌ଏନ୍‌ଏସ୍:** ରାଜ୍ୟରେ ବଢ଼ିବାରେ ଲାଗିଛି ଗ୍ରୀଷ୍ମ ପ୍ରବାହ। ଏହାକୁ ଦୃଷ୍ଟିରେ ରଖି ଏପ୍ରିଲ୍ ୨୭ରୁ ହୋଇପାରେ ଖରାଛୁଟି। ଏନେଇ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି। ପାଣିପାଗର ସ୍ଥିତିକୁ ବିଚାର କରି ଆସନ୍ତା ଏପ୍ରିଲ୍ ୨୭ ତାରିଖରୁ ରାଜ୍ୟରେ ଖରାଛୁଟି ଆରମ୍ଭ ହୋଇପାରେ ବୋଲି ମନ୍ତ୍ରୀ କହିଛନ୍ତି। ଏ ସମ୍ପର୍କରେ ମନ୍ତ୍ରୀ ଶ୍ରୀ ଗଣ୍ଡ ସୂଚନା ଦେଇ କହିଛନ୍ତି ଯେ, ଛୁଟିକୁ ନେଇ ଆଜି ଏସ୍‌ଆର୍‌ସିଙ୍କ ସହ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜସ୍ୱ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ବିସ୍ତୃତ ଆଲୋଚନା କରାଯାଇ ପାଣିପାଗ ସ୍ଥିତି ଓ ତାପମାତ୍ରା ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଖରାଛୁଟି ନେଇ ସମ୍ପୂର୍ଣ୍ଣ ପ୍ରସ୍ତାବ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଛି । ମୁଖ୍ୟମନ୍ତ୍ରୀ ଏହି ବିଷୟରେ ଚୂଡ଼ାନ୍ତ ବିଚାର କରିବେ ଏବଂ ଖୁବଶୀଘ୍ର ସରକାରଙ୍କ ପକ୍ଷରୁ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ସୂଚନା ଦେଇଛନ୍ତି।




■ କଳିଙ୍ଗ ଷ୍ଟାଡିୟମ୍‌ଠାରେ ଆୟୋଜିତ ୧୫ତମ ନିଯୁକ୍ତିମେଳାରେ ମୁଖ୍ୟମନ୍ତ୍ରୀ ଓ ଅନ୍ୟମାନେ

ଚିଟ୍‌ଫଣ୍ଡ ମାମଲା

# ଖାରଜ ପାଇଁ ହାଇକୋର୍ଟରେ ପ୍ରଭାତ ବିଶ୍ୱାଳ

**କଟକ,୨୩।୪/ଏନ୍‌ଏନ୍‌ଏସ୍:** ସିସୋର୍ ଚିଟ୍‌ଫଣ୍ଡ ମାମଲାରେ ତାଙ୍କ ବିରୋଧରେ ରୁଜୁ ମୋକଦ୍ଦମାକୁ ଖାରଜ ପାଇଁ ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ହାଇକୋର୍ଟରେ ଆବେଦନ କରିଛନ୍ତି। ତେବେ ପ୍ରଭାତଙ୍କ ଆବେଦନର ଶୁଣାଣି କରି ହାଇକୋର୍ଟ ସିବିଆଇକୁ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଭାତ ତାଙ୍କ ଆବେଦନରେ ଦର୍ଶାଇଛନ୍ତି ଯେ ହାଇକୋର୍ଟ ସିସୋର୍ ଚିଟ୍‌ଫଣ୍ଡ ଘଟଣାରେ ତାଙ୍କ ବିରୋଧରେ ନିମ୍ନ ଅଦାଲତରେ ରୁଜୁ ମାମଲାର ଶୁଣାଣି ୧ ବର୍ଷ ମଧ୍ୟରେ ଶେଷ କରିବାକୁ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ହାଇକୋର୍ଟଙ୍କ ନିର୍ଦ୍ଦେଶର ଦୀର୍ଘ ଦୁଇବର୍ଷରୁ ଅଧିକ ଦିନ ବିତି ଯାଇଥିଲେ ମଧ ନିମ୍ନ ଅଦାଲତରେ ଏହାର ଶୁଣାଣି ଶେଷ ହୋଇନଥିବାରୁ ଶ୍ରୀ ବିଶ୍ୱାଳ ଉକ୍ତ ମାମଲାକୁ ଖାରଜ କରିବାକୁ ଆବେଦନ କରିଛନ୍ତି। ସେ ଯୁକ୍ତିରେ ଦର୍ଶାଇଛନ୍ତିଯେ,ତାଙ୍କ ବିରୁଦ୍ଧରେ ସେଭଳି ଠୋସ ପ୍ରମାଣ ନାହିଁ ବା ତଦନ୍ତକାରୀ ସଂସ୍ଥା ଅଭିଯୋଗକୁ ପ୍ରମାଣିତ କରିବାରେ ଅସମର୍ଥ। ତେଣୁ ମାମଲାକୁ ରଦ୍ଦ କରିବା ଲାଗି ହାଇକୋର୍ଟରେ ପ୍ରଭାତ ବିଶ୍ୱାଳ ସାନି



**ସିବିଆଇକୁ ଜବାବ ଦାଖଲ ନିର୍ଦ୍ଦେଶ**

ଆବେଦନ କରିଛନ୍ତି । ହାଇକୋର୍ଟ ଏହାର ଶୁଣାଣି କରି ସିବିଆଇକୁ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଭାତଙ୍କ ଆବେଦନ ପ୍ରସଙ୍ଗରେ ସିବିଆଇର ଜବାବ ଦାଖଲ ପରେ ହାଇକୋର୍ଟରେ ଏହାର ଶୁଣାଣି ହେବ। ଶ୍ରୀ ବିଶ୍ୱାଳ ସିସୋର୍ ଚିଟ୍‌ଫଣ୍ଡ ମାମଲାରେ ଅର୍ଥ ଆତ୍ମସାତ୍ ଅଭିଯୋଗ ଘଟଣାରେ ସିବିଆଇ ଦ୍ୱାରା ଗିରଫ ହୋଇଥିଲେ। ସିସୋର୍ ମୁଖ୍ୟ ପ୍ରଶାନ୍ତ ଦାସଙ୍କ ସହ ମିଶି ଅର୍ଥ ଆତ୍ମସାତ୍ କରିଥିବା ନେଇ ଅଭିଯୋଗ ହୋଇଥିଲା। ଯାଜପୁରର ବେଣାପୁର ମୌଜାରେ ହୋଇଥିବା ଜମି ଦୁର୍ନୀତି ମାମଲାରେ ଶ୍ରୀ ବିଶ୍ୱାଳଙ୍କ ପତ୍ନୀ ଲକ୍ଷ୍ମୀ ବିଳାଶିନୀ ବିଶ୍ୱାଳଙ୍କୁ ମଧ ସିବିଆଇ ଜେରା କରିଥିଲା। ଉକ୍ତ ଜମି ପାଇଁ ସିସୋର୍ ତାଙ୍କୁ ୨୦୧୧ ମସିହା ଏପ୍ରିଲ୍ ମାସରେ ୨୫ ଲକ୍ଷ ଟଙ୍କା ପ୍ରଦାନ କରିଥିବା ନେଇ ଅଭିଯୋଗ ହୋଇଥିଲା। ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରଶାନ୍ତ ଉକ୍ତ ଡିଲ୍‌କୁ ଖାରଜ କରିଥିଲେ। ଅପରପକ୍ଷେ କୋଟି କୋଟି ଟଙ୍କାର ଦୁର୍ନୀତି ମାମଲାରେ ସୁପ୍ରିମ୍‌କୋର୍ଟଙ୍କ ଆଦେଶ ଅନୁସାରେ ସିବିଆଇ ସିସୋର୍ ସମେତ ୪୪ ଟି ଆର୍ଥିକ ସଂସ୍ଥା ବିରୋଧରେ ତଦନ୍ତ ଆରମ୍ଭ କରିଥିଲା । ସୂଚନାଥାଉକି ନିକଟରେ ରାଜ୍ୟସଭା ନିର୍ବାଚନ ପ୍ରସଙ୍ଗରେ ନବୀବ ନିବାସରେ ସଂତୃପ୍ତ ମିଶ୍ରଙ୍କ ପ୍ରାର୍ଥୀତ୍ୱକୁ ବିରୋଧ କରିବା ଯୋଗୁ ପ୍ରଭାତ ବିଜୁ ଜନତା ଦଳରୁ ବହିଷ୍କୃତ ହୋଇଛନ୍ତି। ସେ ତାଙ୍କର ପରବର୍ତ୍ତୀ ରାଜନୀତିକୁ ନିଷ୍କଣ୍ଟକ କରିବା ଲାଗି ଅଦାଲତି ଝିନ୍‌ଝଟ୍‌ରୁ ମୁକୁଳିବା ଲାଗି ଏବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ବୋଲି କୁହାଯାଉଛି।

ମହିଳା ସଂରକ୍ଷଣ ବିଲ୍ କାଟ୍ ଖାଇବା ପ୍ରସଙ୍ଗ

# ଆଜିଠୁ ସବୁ ଜିଲ୍ଲାରେ ମହିଳା ଆକ୍ରୋଶ ସମ୍ମିଳନୀ: ବିଜେପି

**ଭୁବନେଶ୍ୱର,୨୩।୪/ଏନ୍‌ଏନ୍‌ଏସ୍:** ନାରୀଶକ୍ତି ବନ୍ଦନ ଅଧିନିୟମକୁ ସଂସଦରେ ପାରିତ କରିବାରେ କଂଗ୍ରେସ ନେତୃତ୍ୱାଧୀନ ବିରୋଧୀମାନେ ପ୍ରତିବନ୍ଧକ ସାଜିଥିଲେ। ସେମାନେ ଏହି ବିଲ୍ ବିରୋଧରେ ଭୋଟିଂଦେଇ ରାଜନୀତି କ୍ଷେତ୍ରରେ ମହିଳାମାନଙ୍କ ଭାଗିଦାରୀ ଚାହୁଁ ନଥିବା ସ୍ପଷ୍ଟ କରିଛନ୍ତି। ମହିଳାମାନଙ୍କ ଆକ୍ରୋଶକୁ ସମ୍ମାନ ଓ ସମର୍ଥନ ଜଣାଇ ଭାରତୀୟ ଜନତା ପାର୍ଟି ତରଫରୁ ଗତକାଲି ରାଜଧାନୀ ଭୁବନେଶ୍ୱରରେ ଗତକାଲି ବିଶାଳ "ଜନ ଆକ୍ରୋଶ ମହିଳା ପଦ ଯାତ୍ରା" ଆୟୋଜନ କରାଯାଇଥିଲାବେଳେ ଏପ୍ରିଲ ୨୪ ଓ ୨୫ ତାରିଖ ଦିନ ରାଜ୍ୟର ସମସ୍ତ ସାଂଗଠନିକ ଜିଲ୍ଲାରେ ମହିଳା ଆକ୍ରୋଶ ସମ୍ମିଳନୀ ଅନୁଷ୍ଠିତ ହେବ ବୋଲି ମହିଳାମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଡା. ଐଶ୍ୱର୍ଯ୍ୟା ବିଶ୍ୱାଳ କହିଛନ୍ତି।

ଡା. ବିଶ୍ୱାଳ କହିଛନ୍ତି ଯେ, ନାରୀଶକ୍ତି ବନ୍ଦନ ଅଧିନିମୟ ଲୋକସଭା ଓ ରାଜ୍ୟ ବିଧାନସଭା ଗୁଡ଼ିକରେ ୩୩ ପ୍ରତିଶତ ଆସନ ସଂରକ୍ଷଣକୁ ସୁନିଶ୍ଚିତ କରୁଥିଲା । ରାଜନୀତି କ୍ଷେତ୍ରରେ ମହିଳାମାନଙ୍କ ଭାଗିଦାରିତାକୁ ଦୃଢ଼ୀଭୁତ କରୁଥିଲା। ମାତ୍ର ବିରୋଧୀ କଂଗ୍ରେସ ଏବଂ ଏହାର ସହଯୋଗୀ ଦଳଗୁଡ଼ିକର ମହିଳା ବିରୋଧୀ ଆଭିମୁଖ୍ୟ ଯୋଗୁ ଏହି ବିଲ୍ ଆଗତ ହୋଇପାରି ନ ଥିଲା। ତଥ୍ୟ ଅନୁସାରେ ଲୋକସଭାରେ ଏବେ ମାତ୍ର ୧୪% ମହିଳା ଥିଲାବେଳେ ଦେଶର ୧୮ଟି ରାଜ୍ୟରେ ମହିଳା ବିଧାୟକଙ୍କ ସଂଖ୍ୟା ମାତ୍ର ୧୦ ପ୍ରତିଶତରୁ କମ୍ ରହିଛି। କେତୋଟି




**ଦୁଇ ଦିନ ଧରି ପ୍ରତିବାଦ କରିବେ ମହିଳା**

**ପ୍ରତ୍ୟେକ ସାଙ୍ଗଠନିକ ଜିଲ୍ଲାରେ ସାମିଲ ହେବେ ୫ ହଜାର ମହିଳା**

ରାଜ୍ୟରେ ଏହି ସଂଖ୍ୟା ଶୂନ ମଧ ରହିଛି। କଂଗ୍ରେସ ସରକାର ଅମଳରେ ଇଚ୍ଛାଶକ୍ତିର ଅଭାବ ଯୋଗୁ ଅନେକ କ୍ଷେତ୍ରରେ ମହିଳାମାନଙ୍କ ଭାଗିଦାରିତା ନ ଥିଲା। ମାତ୍ର ମୋଦିଜୀଙ୍କ ନେତୃତ୍ୱରେ ଆଜି ସବୁ କ୍ଷେତ୍ରରେ ମହିଳାମାନେ ନିଜର ଶ୍ରେଷ୍ଠତା ପ୍ରତିପାଦନ କରିଛନ୍ତି। ଉଡାଜାହାଜରୁ ସେନାବାହିନୀ ପର୍ଯ୍ୟନ୍ତ ସବୁକ୍ଷେତ୍ରରେ ସେମାନେ ନିଜର ଦକ୍ଷତା ପ୍ରଦର୍ଶନ କରିଛନ୍ତି। ରାଜନୀତି କ୍ଷେତ୍ରରେ ମଧ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀ ଏହି ଅଧିନିୟମ ଆଣିଥିଲେ। ମାତ୍ର ମହିଳାମାନଙ୍କୁ ଅଧିକାରରୁ ବଂଚିତ କରିବା ପାଇଁ ସଂସଦରେ ଏହି ଅଧିନିୟମ ବିରୋଧରେ କଂଗ୍ରେସ ସମେତ ଡିଏମ୍‌କେ, ଟିଏମ୍‌ସି, ସମାଜବାଦୀ ପାର୍ଟି ଓ ଆମ ଆଦମୀ ପାର୍ଟି ପ୍ରମୁଖ ଭୋଟ ଦେଇଥିବାବେଳେ ବିଜେଡି ସେମାନଙ୍କୁ ସମର୍ଥନ ଜଣାଇଥିଲା। ଏହି ବିରୋଧୀମାନେ ମହିଳାମାନଙ୍କ ଉନ୍ନତି ଓ ପ୍ରଗତି ଚାହୁଁ ନ ଥିବା ଦେଶବାସୀ ଜାଣିସାରିଲେଣି। ଓଡ଼ିଶାର ମହିଳାମାନେ ଏହାକୁ କେବେବି କ୍ଷମା ଦେବେ ନାହିଁ। ଏନେଇ ପାର୍ଲିଆମେଣ୍ଟରୁ ପଞ୍ଚାୟତ ପର୍ଯ୍ୟନ୍ତ ଚାଲିଥିବା ଆନ୍ଦୋଳନ ଆଗକୁ ମଧ ଜାରି ରହିବ। ରାଜ୍ୟର ପ୍ରତ୍ୟେକ ସାଙ୍ଗଠନିକ ଜିଲ୍ଲାରେ ମହିଳା ଆକ୍ରୋଶ ସମ୍ମିଳନୀ ଆୟୋଜନ କରାଯାଇ କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ଦଳଗୁଡିକର ମହିଳା ବିରୋଧୀ ଚେହେରାକୁ ଲୋକଲୋଚନକୁ ଅଣାଯିବ। ଏଥିରେ ପ୍ରତ୍ୟେକ ସାଂଗଠନିକ ଜିଲ୍ଲାରେ ୫ ହଜାରରୁ ଊର୍ଦ୍ଧ୍ୱ ମହିଳା ଯୋଗଦେଇ କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ଦଳଗୁଡିକ ଦ୍ୱାରା ମହିଳାମାନଙ୍କ ପ୍ରତି କରାଯାଇଥିବା ଅନ୍ୟାୟର ପ୍ରତିବାଦ କରିବେ। ମହିଳାମାନଙ୍କୁ ସେମାନଙ୍କ ସାମ୍ବିଧାନିକ ଅଧିକାର ଦେବା ପାଇଁ ଜିଲ୍ଲାରୁ ମଣ୍ଡଳ ଓ ବୁଥସ୍ତର ପର୍ଯ୍ୟନ୍ତ ବିଜେପି ଲଢ଼େଇ ଜାରି ରଖିବ ବୋଲି ଡା. ବିଶ୍ୱାଳ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ରାଜ୍ୟ ସମ୍ପାଦିକା ନିୟତି ଗିରି, ପୂର୍ବତନ ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଜୟନ୍ତୀ ପଡ଼ିଆରୀ ପ୍ରମୁଖ ଉପସ୍ଥିତ ଥିଲେ।

ରତ୍ନଭଣ୍ଡାର ଚାବି ପ୍ରସଙ୍ଗରେ ବିଜେଡିକୁ ଆଇନମନ୍ତ୍ରୀଙ୍କ ଜବାବ

# 'ଗୋଟିଏ ଦିନରେ ଦୁଃସାହସ ଛଡ଼େଇ ଦେବୁ'

**ଭୁବନେଶ୍ୱର,୨୩।୪/ଏନ୍‌ଏନ୍‌ଏସ୍:** ବିଜୁ ଜନତା ଦଳ ରତ୍ନଭଣ୍ଡାର ଚାବି ପ୍ରସଙ୍ଗ ନଉଠେଇବା ଭଲ। ସୋସିଆଲ୍ ମିଡିଆରେ ସେମାନେ ଯେଉଁ ଦୁଃସାହସ କରୁଛନ୍ତି ତାଙ୍କ ଦୁଃସାହସ ଗୋଟିଏ ଦିନରେ ଛଡ଼େଇ ଦେବୁ। ରତ୍ନଭଣ୍ଡାର ଚାବି କୁଆଡ଼େ ଗଲା ପ୍ରଶ୍ନ ଯଦି ପଚାରିବୁ କେବଳ ନେତା ନୁହେଁ ସମ୍ପୂର୍ଣ୍ଣ ବିଜେଡି ପାରାଲିସିସରେ ପଳେଇବ। ବୁଧବାର ବିଜେଡି ନେତା ପ୍ରଣବ ପ୍ରକାଶ ଦାସ ରତ୍ନଭଣ୍ଡାର ଚାବିକୁ ନେଇ ସୋସିଆଲ୍ ମିଡିଆରେ ଯେଉଁ ପୋଷ୍ଟ କରିଥିଲେ, ତା'ର ଏଭଳି ଜବାବ ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।

ପ୍ରଣବ ପ୍ରକାଶ ଦାଶ ବୁଧବାର ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗକୁ ନେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଥିଲେ। ସେ ସୋସିଆଲ୍ ମିଡିଆରେ ପୋଷ୍ଟ କରି ଲେଖିଥିଲେ, "ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାରକୁ ନେଇ ଯେଉଁ ସ୍ତରର ଅପପ୍ରଚାର କରାଗଲା, ତାହା କେବଳ ଦୁର୍ଭାଗ୍ୟଜନକ ନୁହେଁ ବରଂ ଓଡ଼ିଶାବାସୀଙ୍କ ଭାବନା ସହ ଏକ କ୍ରୁର ପରିହାସ। ରାଜନୈତିକ ଫାଇଦା ପାଇଁ କିଭଳି ଗୁଜବକୁ ଅସ୍ତ୍ର କରି ଜନମାନସରେ ଭୟ ଓ ସନ୍ଦେହ ସୃଷ୍ଟି କରାଯାଇ ପାରେ ତାହା ଓଡ଼ିଶା ଦେଖିଲା। ଓଡ଼ିଶାର ଆଧ୍ୟାତ୍ମିକ ଓ ସାଂସ୍କୃତିକ ପ୍ରାଣକେନ୍ଦ୍ର ହେଉଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର। ଏହା କେବଳ ଏକ ସମ୍ପତ୍ତି ନୁହେଁ, ବରଂ କୋଟି କୋଟି ଓଡ଼ିଆଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ। ମହାପ୍ରଭୁଙ୍କ ମାଟିରେ ଛିଡ଼ା ହୋଇ ଯେଉଁମାନେ ମିଥ୍ୟା ପ୍ରଚାର କରିଥିଲେ, ସେମାନଙ୍କର ନୈତିକତାର ସହ ଭୁଲ୍ ସ୍ୱୀକାର କରି କ୍ଷମା ମାଗନ୍ତୁ। ଧର୍ମ ଏବଂ ଭକ୍ତିକୁ ନେଇ ରାଜନୀତି କରୁଥିବା ବ୍ୟକ୍ତିମାନେ ମନେ ରଖିବା ଉଚିତ୍ ଯେ ସତ୍ୟକୁ କିଛି ସମୟ ପାଇଁ ଲୁଚାଇ ରଖାଯାଇପାରେ, କିନ୍ତୁ ସବୁଦିନ ପାଇଁ ନୁହେଁ" ବୋଲି ପ୍ରଣବ ପ୍ରକାଶ ଦାଶ ସୋସିଆଲ୍ ମିଡିଆରେ ପୋଷ୍ଟ କରିଥିଲେ।

ତେବେ ଏହାର ଜବାବ ଦେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ବିଜେଡି ଭଳି ବିଜେପି ମିଥ୍ୟାଚାର କରେ ନାହିଁ। ଯେହେତୁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କଥା ଆସୁଛି, ସେକଥାକୁ ନେଇ ଆମେ ରାଜନୀତି କରିବାକୁ



**ଚାବି ହଜିବା କଥା ସମ୍ପୂର୍ଣ୍ଣ ସତ୍ୟ**

**ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ କଟାଯାଇଥିଲା ତାଲା**

ଚାହିଁନଥିଲୁ । ରତ୍ନଭଣ୍ଡାର ଚାବି କେଉଁଠି ଅଛି ପ୍ରଶ୍ନର ଉତ୍ତର ଚାହିଁ ଥିଲେ ଆଜି ବିଜୁ ଜନତା ଦଳ ଏବଂ ବିରୋଧୀ ଦଳ ନେତାଙ୍କୁ ପଚାରିଥାନ୍ତୁ। ସେ ବାବଦରେ ବିଜେପି ମୁହଁ ଖୋଲିନି କାରଣ ମହାପ୍ରଭୁ ଜଗନ୍ନାଥଙ୍କ କଥା ଆସୁଛି। ବିଶେଷ କରି ଏହି ପ୍ରସଙ୍ଗକୁ ନେଇ ବାହାରେ କୌଣସି ଆଲୋଚନା ନହେଉ। କିନ୍ତୁ ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା କଥା ସମ୍ପୂର୍ଣ୍ଣ ସତ୍ୟ। ବିଜେଡି ସରକାର ସମୟରେ ଚାବି ଥିଲା ତ ସେମାନେ ଚେଷ୍ଟା କରି କାହିଁକି ରତ୍ନଭଣ୍ଡାର ଖୋଲି ପାରିଲେ ନାହିଁ। ଦ୍ୱିତୀୟତଃ ଡୁପ୍ଲିକେଟ୍ ଚାବି ଆଣି କି ଯେଉଁ ଭଳି ଭାବେ ପ୍ରଦର୍ଶନ କରିଥିଲେ, ସେ ଚାବି ସମ୍ପୂର୍ଣ୍ଣ ଏକ ମିଛ ଚାବି ଥିଲା। ରତ୍ନଭଣ୍ଡାର ତାଲା ସହିତ ସେ ଚାବିର କୌଣସି ସାମଞ୍ଜସ୍ୟ ନାହିଁ। ତୃତୀୟତଃ ଯେହେତୁ କୌଣସି ଚାବି ଟ୍ରେଜେରୀରେ ମିଳିଲା ନାହିଁ, ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ରାଜ୍ୟ ସରକାର ତାଲାକୁ କାଟିବାକୁ ବାଧ ହେଲେ ବୋଲି ଆଇନ ମନ୍ତ୍ରୀ କହିଛନ୍ତି।

ସେ ବିଜେଡିକୁ ଆହୁରି ଟାର୍ଗେଟ୍ କରିଛନ୍ତି , ଭିତର ରତ୍ନଭଣ୍ଡାରରେ ତାଲା ପଡ଼ିବା ପରେ ସେଥିରେ ଚଉମୁଦ ଦିଆଯାଏ ଏବଂ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜିଲ୍ଲା ଟ୍ରେଜେରୀରେ ଚାବି ରଖାଯାଏ। ମାତ୍ର ରତ୍ନଭଣ୍ଡାର ଖୋଲିବା ପାଇଁ ଯେତେବେଳେ ରାଜ୍ୟ ସରକାର ଅଣ୍ଟାଭିଡ଼ିଲେ ସେତେବେଳେ ଟ୍ରେଜେରୀରେ ଚାବି ମିଳିଲା ନାହିଁ। ସେ ଚାବି କିଏ ନେଇଥିଲା ବୋଲି ପ୍ରଶ୍ନ କରିଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଭାରତୀୟ ଜନତା ପାର୍ଟି ନେତାଙ୍କୁ ସୋସିଆଲ୍ ମିଡିଆରେ ଟାର୍ଗେଟ୍ କରିବାକୁ ବିଜୁ ଜନତା ଦଳ ଦୁଃସାହସ କରୁଛି, ତାଙ୍କ ସାହସ ଆମେ ଗୋଟିଏ ଦିନରେ ଛଡ଼େଇ ଦେବୁ। ଚାବି କୁଆଡ଼େ ଯାଇଥିଲା ? ତମ ସରକାର ସମୟରେ କାହିଁକି ରତ୍ନଭଣ୍ଡାର ଖୋଲିଲ ନାହିଁ ? ରତ୍ନଭଣ୍ଡାରର ସେ ମିଛ ଚାବି କେଉଁଠୁ ଆସିଲା ? ଏଭଳି ବହୁ ପ୍ରଶ୍ନର ଅସମାହିତ ଉତ୍ତର ଅଛି । ଯଦି ପ୍ରଶ୍ନ ପଚାରିବୁ ସମ୍ପୂର୍ଣ୍ଣ ବିଜୁ ଜନତା ଦଳ ପାରାଲିସିସ ହୋଇଯିବ। ତେଣୁ କରି ସେ ବ୍ୟବସ୍ଥା ଭିତରକୁ ନଯିବା ଭଲ। ମହାପ୍ରଭୁ ଜଗନ୍ନାଥଙ୍କ ପ୍ରସଂଗ, ତାଙ୍କ କରୁଣାରେ ରତ୍ନଭଣ୍ଡାରର ଗଣତିମଣତି ସୁରୁଖୁରୁରେ ଚାଲିଛି। ତେଣୁ ଏହାକୁ ରାଜନୀତିକରଣ ନକରିବା ଭଲ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

# ଟ୍ରକ୍ ଧକ୍କାରେ ୨ ବାଇକ୍ ଆରୋହୀ ମୃତ

**ସୋର,୨୩।୪/ଏନ୍‌ଏନ୍‌ଏସ୍:** ବାଲେଶ୍ୱର ଜିଲ୍ଲା ୧୬ ନମ୍ବର ଜାତୀୟ ରାଜପଥ ସିମୁଳିଆ ଥାନା ଜାମୁଝାଡି ଠାରେ ଦୁର୍ଘଟଣାରେ ଦୁଇ ଜଣ ମୃତ୍ୟୁ ବରଣ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଖନ୍ତାପଡ଼ା ଅଞ୍ଚଳର ଗୋପବନ୍ଧୁ ବେହେରା ଏବଂ ଅନ୍ୟ ଜଣେ ଯୁବକ ଏକ ବାଇକ ସାହାଯ୍ୟରେ ବାଲେଶ୍ୱରରୁ ଭଦ୍ରକ ଯିବା ବେଳେ ସମ୍ମୁଖରେ ଯାଉଥିବା ଏକ ଦ୍ରୁତଗାମୀ ଟ୍ରକ ପଛ ପାର୍ଶ୍ୱକୁ ବାଇକଟି ପିଟିଥିଲା। ଯାହା ଫଳରେ ଘଟଣାସ୍ଥଳରେ ଦୁଇ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ଘଟଣା ସ୍ଥଳରେ ସିମୁଳିଆ ପୁଲିସ ପହଞ୍ଚି ମୃତ ଦେହ ଉଦ୍ଧାର କରି ସିମୁଳିଆ ସରକାରୀ ମେଡ଼ିକାଲକୁ ଆଣିଥିଲେ। ଅନ୍ୟପକ୍ଷରେ ଦୁର୍ଘଟଣା ସମ୍ପର୍କରେ ଖବର ପାଇ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ସିମୁଳିଆ ମେଡ଼ିକାଲରେ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କୁ ସାନ୍ତ୍ୱନା ଦେଇଥିଲେ।

# କେନାଲ୍‌ରେ ବୁଡ଼ିଗଲେ ଛାତ୍ର

**ବାରଙ୍ଗ,୨୩।୪/ଏନ୍‌ଏନ୍‌ଏସ୍:** କେନାଲରେ ଗାଧୋଇବା ହେଲା କାଳ। ବାରଙ୍ଗ ଥାନା ଅନ୍ତର୍ଗତ ରତାଗଡ ନିକଟ ପୁରୀ ମୁଖ୍ୟ କେନାଲରେ ବୁଡ଼ି ଜଣେ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଶ୍ରୀ ଶ୍ରୀ ବିଶ୍ୱିଦ୍ୟାଳୟର କୃଷି ବିଭାଗର ଶେଷ ବର୍ଷ ଛାତ୍ର କୁମାରେଶ୍ୱର ବେହେରା (୨୩)। ତାଙ୍କ ଘର ବ୍ରହ୍ମପୁର ବୋଲି ଜଣାଯାଇଛି। ପ୍ରକାଶ ଯେ, ଗୁରୁବାର ଅପରାହ୍ଣ ସାଢ଼େ ୩ଟା ସମୟରେ କୁମାରେଶ୍ୱର ଓ ତାଙ୍କ ୩ସାଥୀ ମିଶି ପୁରୀ ମୁଖ୍ୟ କେନାଲକୁ ଗାଧୋଇବାକୁ ଯାଇଥିଲେ। ତେବେ ଅସାବଧାନତାବଶତଃ କୁମାରେଶ୍ୱର ଗଭୀର ଜଳରାଶିକୁ ଚାଲି ଯାଇଥିଲେ। ସାଥୀମାନେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହେବା ପରେ ୧୧୨ ନଂରେ ଯୋଗାଯୋଗ କରିଥିଲେ। ଘଟଣା ସ୍ଥଳରେ ବାରଙ୍ଗ ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ଥିଲେ। ବାରଙ୍ଗ ଅଗ୍ନିଶମ ବାହିନୀ ଛାତ୍ର ଜଣଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରି କଟକ ବଡ଼ ଡାକ୍ତର ଖାନା ପଠାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।

## ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ଦ୍ୱାରା ଅଗ୍ନି ନିରାପତ୍ତା ମକ୍ ଡ୍ରିଲ୍

**ବଡ଼ବିଲ,୨୩।୪/ଏନ୍ଏନ୍ଏସ୍:** ଜେଏସଡବ୍ଲ୍ୟୁ ଷ୍ଟିଲ୍, ଓଡ଼ିଶା ଖଣି ବିଭାଗ ଏହାର ଖଣି କାର୍ଯ୍ୟକ୍ଷମ ସ୍ଥାନରେ କାର୍ଯ୍ୟକ୍ଷେତ୍ର ସୁରକ୍ଷା ଏବଂ ଜରୁରୀକାଳୀନ ପ୍ରସ୍ତୁତି ପାଇଁ ଏକ ବ୍ୟାପକ ଅଗ୍ନି-ନିରପତ୍ତା ମକ୍ ଡ୍ରିଲ୍ ଆୟୋଜନ କରିଥିଲା। ଜାତୀୟ ଅଗ୍ନି ସେବା ସପ୍ତାହ ପାଳନ ପାଇଁ ଆୟୋଜିତ ଅନ୍ୟାନ୍ୟ କାର୍ଯ୍ୟକଳାପର ଏକ ଅଂଶ ଥିଲା ଏହି ମକ୍ ଡ୍ରିଲ୍। ଏହି ଅଭ୍ୟାସଗୁଡ଼ିକର ଲକ୍ଷ୍ୟ ଥିଲା ଯେ ପ୍ରତ୍ୟେକ କର୍ମଚାରୀ ଯେକୌଣସି ଜରୁରୀକାଳୀନ ପରିସ୍ଥିତିରେ ଶୀଘ୍ର ଏବଂ ପ୍ରଭାବଶାଳୀ ଭାବରେ ପ୍ରତିକ୍ରିୟା ଦେବାକୁ ପ୍ରସ୍ତୁତ ରହିପାରିବେ। ଏହି ଅଭ୍ୟାସଟି ନିର୍ବାପନ ପ୍ରକ୍ରିୟାର ଦକ୍ଷତା, ଅଗ୍ନି ନିର୍ବାପନ ଉପକରଣର ପ୍ରସ୍ତୁତି ଏବଂ ଏକ ସିମୁଲେଟେଡ୍ ଅଗ୍ନି ଜରୁରୀକାଳୀନ ସମୟରେ କର୍ମଚାରୀମାନଙ୍କ ମଧ୍ୟରେ ସମନ୍ୱୟ ମୂଲ୍ୟାଙ୍କନ କରିବା ପାଇଁ ଡିଜାଇନ୍ କରାଯାଇଥିଲା। ଡ୍ରିଲ୍ ଅଗ୍ନି ଆଲାର୍ମ ସକ୍ରିୟ କରିବା ସହିତ ଆରମ୍ଭ ହୋଇଥିଲା, ତା'ପରେ କର୍ମଚାରୀମାନଙ୍କୁ ନିର୍ଦ୍ଧାରିତ ସ୍ଥାନରୁ ତୁରନ୍ତ ସ୍ଥାନାନ୍ତର କରାଯାଇଥିଲା। ଅଗ୍ନି ନିର୍ବାପନ ଦଳ ହାଇଡ୍ରାଣ୍ଟ ଏବଂ ନିର୍ବାପନ ଯନ୍ତ୍ରର ବ୍ୟବହାର ପ୍ରଦର୍ଶନ କରିଥିଲେ ଏବଂ ସୁରକ୍ଷା ଅଧିକାରୀମାନେ ପ୍ରତିକ୍ରିୟା ସମୟ ଏବଂ ପ୍ରତିଷ୍ଠିତ ପ୍ରୋଟୋକଲ୍ ପାଳନକୁ କଡ଼ାକଡ଼ି ଭାବରେ ନିରୀକ୍ଷଣ କରିଥିଲେ। ପର୍ଯ୍ୟବେକ୍ଷକମାନେ କର୍ମଚାରୀମାନଙ୍କ ମଧ୍ୟରେ ପ୍ରଶଂସନୀୟ ଅଂଶଗ୍ରହଣ ଏବଂ ଶୃଙ୍ଖଳା ଉଲ୍ଲେଖ କରିଥିଲେ। କମ୍ପାନୀର ସୁରକ୍ଷା ବିଭାଗ ଗୁରୁତ୍ୱାରୋପ କରିଥିଲା ଯେ ସଚେତନତା ଏବଂ ପ୍ରସ୍ତୁତି ବୃଦ୍ଧି କରିବା ପାଇଁ ନିୟମିତ ଅଗ୍ନି ନିରାପତ୍ତା ତାଲିମ ଅଧିବେଶନ କରାଯାଉଛି। ଏପର୍ଯ୍ୟନ୍ତ, ଜେଏସଡବ୍ଲ୍ୟୁ ଷ୍ଟିଲର ଅଧିକାରୀ, ଆଇଟିଏମ୍ଏସ୍ କର୍ମଚାରୀ ଏବଂ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ସମେତ ୨,୧୩୧ କର୍ମଚାରୀଙ୍କ ଅଂଶଗ୍ରହଣରେ ୫୪ଟି ତାଲିମ ଅଧିବେଶନ ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମ ସୁରକ୍ଷା ଦଳ ଦ୍ୱାରା ସଫଳତାର ସହିତ ସମ୍ପାଦିତ ହୋଇଥିଲା।

### ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ରାଜସ୍ୱ ମନ୍ତ୍ରୀ

# ଲୋକଙ୍କ ପାଇଁ ଭଲ କାମ କରିବା ଆମର ନୈତିକ ଦାୟିତ୍ୱ

**ଭୁବନେଶ୍ୱର,୨୩।୪/ଏନ୍ଏନ୍ଏସ୍:** ଲଖନପୁର ବ୍ଲକର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ସମ୍ପର୍କରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି। ବିଭିନ୍ନ କାରଣରୁ ଅବହେଳା କରି କାମ ସାରି ନଥିବା ସଂସ୍ଥା ଅଥବା ଠିକାଦାରମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିବା ସହ ଆବଶ୍ୟକସ୍ଥଳେ ସେମାନଙ୍କ କାର୍ଯ୍ୟାଦେଶ ରଦ୍ଦ କରିବାକୁ ମନ୍ତ୍ରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସାଧାରଣ ଲୋକଙ୍କ ପାଇଁ ଭଲ କାମ କରିବା ନିମନ୍ତେ ଠିକାଦାରମାନଙ୍କୁ ତାଗିଦ୍ କରିବା ସହ ଧାର୍ଯ୍ୟ ସମୟ ମଧ୍ୟରେ କାମ ସାରିବା ଆମର ନୈତିକ ଦାୟିତ୍ୱ ବୋଲି ମନ୍ତ୍ରୀ କହିଛନ୍ତି। ବିଗତ ଦୁଇ ବର୍ଷ ମଧ୍ୟରେ ଲଖନପୁର ବ୍ଲକରେ ୪୫ କୋଟି ୨ ଲକ୍ଷ ୯୭ ହଜାର ୩୪୩ ଟଙ୍କା ଖର୍ଚ୍ଚ ହୋଇ ୮୩୧ଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଥିବା ବେଳେ, ୭୩କୋଟି ୧୪ ଲକ୍ଷ ୩୪ ହଜାର ୭୭୬ଟଙ୍କା ଅଟକଳରେ ବର୍ତ୍ତମାନ ୮୦୩ଟି ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଥିବା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରକାଶ କରିଥିଲେ।

ଏହି ପରିପ୍ରେକ୍ଷୀରେ ସିଏସଆର୍ ପ୍ରକଳ୍ପ ଅଧୀନରେ ଚାଲୁଥିବା କାର୍ଯ୍ୟଗୁଡ଼ିକ ଶୀଘ୍ର ସମାପ୍ତ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ୨୧୭ଟି ରାସ୍ତା ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ଆସନ୍ତା ମେ' ୧୫ ତାରିଖ ସୁଦ୍ଧା ସମସ୍ତ ପ୍ରକଳ୍ପ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ ପକ୍ଷରୁ ଯଥାଶୀଘ୍ର ପାଣି ସଂଗ୍ରହ ହୋଇ ଜୁନ୍ ୧୫ ତାରିଖ ପୂର୍ବରୁ ୮୪ଟି ଜଳାଶୟ ପ୍ରକଳ୍ପ ସାରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଅନ୍ୟାନ୍ୟ ପ୍ରକଳ୍ପମାନଙ୍କ ମଧ୍ୟରେ ୧୧୮ଟି ଗାଧୁଆ ଘାଟ ଜୁନ୍ ୧୫ ସୁଦ୍ଧା ସମାପ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି କୁତ୍ରାପଲି ଏବଂ ଭିକମପଲିର କଲ୍ୟାଣ ମଣ୍ଡପ ଆଦି କାର୍ଯ୍ୟ ଚାଲୁ ରହିଥିବା ବେଳେ ଶୀଘ୍ର ସାରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ୩୩ଟି ସର୍ବସାଧାରଣ



ସୁବିଧା କେନ୍ଦ୍ର (ପିୟୁସି) ମଧ୍ୟରୁ ୧୭ଟି ସମାପ୍ତ ହୋଇଥିବା ବେଳେ, ୧୪ଟିର କାର୍ଯ୍ୟ ଚାଲୁ ରହିଛି ଏବଂ ବଳକା ଆରମ୍ଭ ହୋଇନଥିବା ଦୁଇଟି ସର୍ବସାଧାରଣ ସୁବିଧା କେନ୍ଦ୍ର କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଛି। ଭିକମପଲିର କୃଷି ଗବେଷଣା କେନ୍ଦ୍ର (ଏଆରସି), ବିଭିନ୍ନ ସ୍ଥାନର ଷ୍ଟ୍ରିଟ ଲାଇଟ୍ ଆଦି ଶୀଘ୍ର ସାରିବା ସହ ଜିଲ୍ଲା ପ୍ରଶାସନର ପାଣ୍ଠିରେ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ନିମନ୍ତେ ଏସ୍ଏଚଜି ୱାର୍କ ସପ୍ ସେଣ୍ଟର୍ ସ୍ଥାପନ ତ୍ୱରାନ୍ୱିତ କରି ଶୀଘ୍ର ସମାପ୍ତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ୬୨ଟି ସ୍କୁଲର ଗୃହ ନିର୍ମାଣ ପାଇଁ ଏମସିଏଲ୍ ଠାରୁ ପାଣି ସଂଗ୍ରହ କରିବାକୁ ଥିବା ବେଳେ ସେଥିନିମନ୍ତେ ଭିତ୍ତିଭୂମି ସର୍ଭେ କାର୍ଯ୍ୟ ସମ୍ପାଦନ ନିମନ୍ତେ ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ) ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟରେ ଜାରି ରହିଥିବା ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପାନୀୟ ଜଳ ପ୍ରକଳ୍ପଗୁଡ଼ିକର ଗୁଣବତ୍ତା ଯାଞ୍ଚ କରିବା ସହ ଲଖନପୁର ବ୍ଲକ ଅନ୍ତର୍ଗତ ସମସ୍ତ ଗ୍ରାମରେ ଯେପରି ପାନୀୟ ଜଳ ସୁବିଧା ପହଞ୍ଚିପାରିବ, ତାହାକୁ ସୁନିଶ୍ଚିତ କରିବା ପାଇଁ ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପ୍ରଦୀପ କୁମାର ସାହୁ, ଲଖନପୁରର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଓ ଆଭାସୀ ମାଧ୍ୟମରେ ଝାରସୁଗୁଡ଼ାର ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ,ଏମସିଏଲ, ବୁର୍ଲାର ନିର୍ଦ୍ଦେଶକ ତଥା ଅନ୍ୟାନ୍ୟ ଅଧିକାରୀବୃନ୍ଦ ଓ ପାଞ୍ଚାୟତ ସମିତି ଅଧକ୍ଷା ଏବଂ ଜନପ୍ରତିନିଧିଗଣ ଯୋଗ ଦେଇଥିଲେ।

### ଓଡ଼ିଶୀ ନୃତ୍ୟରେ ଜାତୀୟସ୍ତରର ଶୀର୍ଷ ସଫଳତା

## ଅଦ୍ୱୈତା ପଣ୍ଡାଙ୍କୁ ସିସିଆର୍‌ଟି ବୃତ୍ତି

**ଭୁବନେଶ୍ୱର,୨୩।୪/ଏନ୍ଏନ୍ଏସ୍:** ଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟ ଜଗତରେ ନିଜର ପ୍ରତିଭା ପ୍ରତିପାଦିତ କରିଛନ୍ତି ପ୍ରତିଭାବାନ ନୃତ୍ୟାଙ୍ଗନା ଅଦ୍ୱୈତା ପଣ୍ଡା। ଗୁରୁ ଜ୍ୟୋତିର୍ମୟୀ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ଅଗ୍ରଣୀ ଅନୁଷ୍ଠାନ 'ସୂର୍ଯ୍ୟଜ୍ୟୋତି କଳାକେନ୍ଦ୍ର'ର ଏହି କୃତୀ ଛାତ୍ରୀଙ୍କୁ କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ ଥିବା ସିସିଆରଟି ପକ୍ଷରୁ ମର୍ଯ୍ୟାଦାଜନକ କନିଷ୍ଠ ଜାତୀୟ ପ୍ରତିଭା ୨୦୨୫-୨୬ ବୃତ୍ତି ପ୍ରଦାନ କରାଯାଇଛି।

ଶିଳ୍ପୀକା,'ସୂର୍ଯ୍ୟଜ୍ୟୋତି କଳାକେନ୍ଦ୍ରର' ଓଡ଼ିଶୀ ନୃତ୍ୟ ଗୁରୁ ଜ୍ୟୋତିର୍ମୟୀ ଦାସଙ୍କ ଠାରୁ ଉଚ୍ଚକୋଟୀର ଶିକ୍ଷା ଗ୍ରହଣ କରୁଥିବା ବେଳେ ପ୍ରତ୍ୟକ୍ଷ ମାର୍ଗଦର୍ଶନ ଓ ଆଶୀର୍ବାଦରେ ଏହି ମହାନ ସଫଳତା ହାସଲ କରିଛନ୍ତି। ପିତା



ଅପରାଜୟ ପଣ୍ଡା ଓ ମାତା ସୌମ୍ୟା ନନ୍ଦଙ୍କ ଏକ ମାତ୍ର କନ୍ୟା ଅଦ୍ୱୈତା ଶୈଶବରୁ କଠିନ ପରିଶ୍ରମ ଓ ସାଧନାକୁ ପାଥେୟ କରି ନିଜର ଏହି କଳାତ୍ମକ ଯାତ୍ରାକୁ ଜାରି ରଖିଛନ୍ତି। ଏହି ସମ୍ମାନଜନକ ରାଷ୍ଟ୍ରୀୟ ବୃତ୍ତି ମିଳିବା ପରେ ନିଜର ପ୍ରତିକ୍ରିୟା ରଖି ସେ କହିଛନ୍ତି ଯେ, ଏହି ସଫଳତା ତାଙ୍କୁ ଆଗାମୀ ଦିନରେ ଓଡ଼ିଶୀ ନୃତ୍ୟର ଶୁଦ୍ଧତା ଓ ମୌଳିକତାକୁ ବଜାୟ ରଖିବା ସହ ବିଶ୍ୱ ଦରବାରରେ ଓଡ଼ିଶାର କଳାକୁ ପ୍ରତିଷ୍ଠିତ କରିବା ପାଇଁ ଅଧିକ ଉତ୍ସାହିତ କରିବ। ଗୁରୁଙ୍କ ସୁନାମ ରକ୍ଷା କରିବା ସହ ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିବା ତାଙ୍କର ମୁଖ୍ୟ ଲକ୍ଷ୍ୟ। ଅଦ୍ୱୈତା ପଣ୍ଡାଙ୍କୁ ଏହି ଗୌରବମୟ ଉପଲବ୍ଧି ପାଇଁ 'ସୂର୍ଯ୍ୟଜ୍ୟୋତି କଳାକେନ୍ଦ୍ର' ପରିବାର ମହଲରେ ଉତ୍ସାହର ପରିବେଶ ଦେଖିବାକୁ ମିଳିଛି।

## ଅଚ୍ୟୁତ ସାମନ୍ତଙ୍କୁ କର୍ଣ୍ଣାଟକ ୟୁନିଭର୍ସିଟି ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍

**ଭୁବନେଶ୍ୱର,୨୩।୪/ଏନ୍ଏନ୍ଏସ୍:** ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ କର୍ଣ୍ଣାଟକ ୟୁନିଭର୍ସିଟି, ଧରୱାର୍ଡ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି। କର୍ଣ୍ଣାଟକ ୟୁନିଭର୍ସିଟିର ୭୫ତମ ସମାବର୍ତ୍ତନ ଉତ୍ସବ ଅବସରରେ ଆଜି ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହା ହେଉଛି ଶ୍ରୀ ସାମନ୍ତଙ୍କ ୭୧ ତମ ସମ୍ମାନସୂଚକ ଡକ୍ଟରେଟ୍। ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। କର୍ଣ୍ଣାଟକ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଏମ୍ ସି ସୁଧାକର, ଇସ୍ରୋର ପୂର୍ବତନ ଅଧକ୍ଷ ପଦ୍ମଶ୍ରୀ ଏସ୍ ଏସ୍ କିରଣ କୁମାର, ବିଶ୍ୱବିଦ୍ୟାଳୟର କୁଳପତି



ପ୍ରଫେସର ଏନ୍ ଖାନ୍, ଭିର୍ମସି ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ କର୍ଣ୍ଣାଟକ ରାଜ୍ୟପାଳ ଥାୱାର ଚାନ୍ଦ ଗେହଲୋଟ୍ ଶ୍ରୀ ସାମନ୍ତଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରିଥିଲେ। ଶ୍ରୀ ସାମନ୍ତ ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ବିମାନବନ୍ଦରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଉଚ୍ଛ୍ୱସିତ ସ୍ୱାଗତ କରାଯାଇଥିଲା। ଏହି ସମ୍ମାନ ପାଇଁ ଶ୍ରୀ ସାମନ୍ତ କର୍ଣ୍ଣାଟକ ୟୁନିଭର୍ସିଟି କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇବା ସହ କହିଛନ୍ତି ଯେ ବିଗତ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ସେ ନିରନ୍ତର କାମ କରିଆସୁଛନ୍ତି।

ଏହି ସମ୍ମାନ ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କାମ କରିବାକୁ ଆହୁରି ପ୍ରେରଣା ଯୋଗାଇବ।

ଏହି ସମ୍ମାନ କିଟ୍ ଓ କିସ୍ କର୍ମଚାରୀଙ୍କ ପରିଶ୍ରମର ଫଳ ହୋଇଥିବାରୁ ଶ୍ରୀ ସାମନ୍ତ କିଟ୍ ଓ କିସ୍‌ର ସମସ୍ତ କର୍ମଚାରୀଙ୍କୁ ଏହି ସମ୍ମାନ ଉତ୍ସର୍ଗ କରିଛନ୍ତି।

## ୨୭ରେ ଶ୍ରେଷ୍ଠ ଓଡ଼ିଆଣୀ ସମ୍ବର୍ଦ୍ଧନା ଉତ୍ସବ

**ଭୁବନେଶ୍ୱର,୨୩।୪ /ଏନ୍ଏନ୍ଏସ୍:** ଓଡ଼ିଆ ଜାତିର ଅସ୍ମିତାର ପ୍ରତୀକ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସ୍ମରଣୀୟ ଜୟନ୍ତୀ, ଓଡ଼ିଆ ସ୍ୱାଭିମାନ ଦିବସ ପୂର୍ବସଂଧ୍ୟା ଅପ୍ରେଲ ୨୭ରେ ଭୁବନେଶ୍ୱରର ଜୟଦେବ ଭବନଠାରେ ଏକବିଂଶ ବର୍ଷ ପାଇଁ "ସଂଭାବନା" ଆୟୋଜନ କରୁଛି "ଓଡ଼ିଆ ସ୍ୱାଭିମାନ ସମାରୋହ" ଓ "ଶ୍ରେଷ୍ଠ ଓଡ଼ିଆଣୀ ସମ୍ବର୍ଦ୍ଧନା ଉତ୍ସବ"। ହଜିଯାଉଥିବା ଭାଷା, ସଂସ୍କୃତି, ଐତିହ୍ୟ ପରମ୍ପରା, ,ଚଳଣୀ ଓ ପରିପାଟୀର ପ୍ରଦର୍ଶନ ଓ ସୁରକ୍ଷା ପାଇଁ ସଂଭାବନା ଆୟୋଜିତ ଏହି ମହା ଆନ୍ଦୋଳନର ଶେଷ ଓ ସର୍ବ ଶ୍ରେଷ୍ଠ ଆକର୍ଷଣୀୟ କାର୍ଯ୍ୟକ୍ରମ ଶ୍ରେଷ୍ଠ ଓଡ଼ିଆଣୀ ସମ୍ବର୍ଦ୍ଧନା ଉତ୍ସବ। କିମ୍ବଦନ୍ତୀ ଚଳଚ୍ଚିତ୍ର ବ୍ୟକ୍ତିତ୍ୱ ପ୍ରଶାନ୍ତ ନନ୍ଦ, ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ,ସାହିତ୍ୟିକ ଦାଶ ବେନ୍ହୁର୍ ଆଦିଙ୍କ ଉପସ୍ଥିତିରେ ୨୦୨୬ର ଶ୍ରେଷ୍ଠ ଓଡ଼ିଆଣୀଙ୍କ ନାମ ଘୋଷଣା ସହ ସମ୍ବର୍ଦ୍ଧନାର କାର୍ଯ୍ୟକ୍ରମ ରହିଛି। ଏହା ସହିତ ସହ ଶ୍ରେଷ୍ଠ ଓଡ଼ିଆଣୀ ଓ କୃତୀ ଓଡ଼ିଆଣୀଙ୍କୁ ସମ୍ମାନ ପ୍ରଦାନ କରାଯିବ। ଏହି ଅବସରକୁ ଅଧିକ ମନଲୋଭା କରିବା ପାଇଁ ଓଡ଼ିଶୀରେ ପଦଚାଳନା କରିବେ ଗୁରୁ ଗଜେନ୍ଦ୍ର ପଣ୍ଡା। ସେହିଭଳି ମନଛୁଆଁ ଓଡ଼ିଆ ସଂଗୀତକୁ ନିଜ ସ୍ୱରରେ ସଜାଇ ସମ୍ମୋହିତ କରିବେ ଛନ୍ଦା ମିଶ୍ର ଓ ସିଦ୍ଧାନ୍ତ ଶତପଥୀ। ଉତ୍ସବର ଦ୍ୱିତୀୟ ସଂଧ୍ୟାରେ ଭାରତୀୟ ବିଦ୍ୟା ଭବନ ପ୍ରେକ୍ଷାଳୟରେ ୬ ଘଟିକା ସମୟରେ ଓଡ଼ିଆ ସ୍ୱାଭିମାନ ଦିବସର ସଂଜକୁ ମଧୁ ମହିମାରେ ମହକାଇବେ ବିଶିଷ୍ଟ ମଧୁ ବିଶାରଦ ଦାଶ ବେନ୍ହୁର। ଏହା ସହ ଶିଳ୍ପୀଙ୍କ ସ୍ୱରରେ ମଧୁ ସଂଗୀତ ମଧ ପରିବେଷିତ ହେବ। ଏନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଂଭାବନାର ସଂପାଦକ ଦେବ ପ୍ରସାଦ ପରିଡା, ଟ୍ରଷ୍ଟି ସ୍ମୃତି ମହାନ୍ତି, ଚିତ୍ରଶିଳ୍ପୀ ଗଜେନ୍ଦ୍ର ପାଢ଼ୀ, ୨୦୨୫ର ଶ୍ରେଷ୍ଠ ଓଡ଼ିଆଣୀ ରୀତା ଶଙ୍ଖୁଆ, ୨୦୨୪ର ଶ୍ରେଷ୍ଠ ଓଡ଼ିଆଣୀ ଜ୍ୟୋସ୍ନାମୟୀ ସେନାପତି, ଓଡ଼ିଆଣୀ ସମିତିର ସଭାନେତ୍ରୀ ସୌଦାମିନୀ ସାମଲ, ୨୦୧୯ର ଶ୍ରେଷ୍ଠ ଓଡ଼ିଆଣୀ ମୀନା ପାଣିଗ୍ରାହୀ,ରାଜଶ୍ରୀ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷାନୁଷ୍ଠାନରେ ସୁରକ୍ଷାକୁ ପ୍ରାଥମିକତା, ବଢ଼ିବ ସୁରକ୍ଷା ବ୍ୟବସ୍ଥା

**ଭୁବନେଶ୍ୱର,୨୩।୪ /ଏନ୍ଏନ୍ଏସ୍:** ରାଜ୍ୟର ସମସ୍ତ ମହାବିଦ୍ୟାଳୟ ଏବଂ ବିଶ୍ୱ ବିଦ୍ୟାଳୟରେ କଡ଼ାକଡ଼ି ପାଳନ ହେବ ସୁରକ୍ଷା ବ୍ୟବସ୍ଥା ନିୟମ। ଶିକ୍ଷାନୁଷ୍ଠାନରେ ସୁରକ୍ଷା ବ୍ୟବସ୍ଥାକୁ ପ୍ରାଥମିକତା ଦେଇଛି ଉଚ୍ଚ ଶିକ୍ଷା ବିଭାଗ। କ୍ୟାମ୍ପସରେ ଛାତ୍ରୀଙ୍କ ପାଇଁ ଉଚ୍ଚଶିକ୍ଷା ବିଭାଗ ଜାରି କରିଛି ମାର୍ଗଦର୍ଶିକା। ଶ୍ରେଣୀ ଗୃହରେ ଲାଗିବ କାଚ କବାଟ, ଝରକା। କ୍ୟାମ୍ପସ୍‌ରେ ରହିବନି ଆଉ ଅନ୍ଧାରୁଆ ସ୍ଥାନ, ବଢ଼ିବ ସୁରକ୍ଷା। ଫାଟକରୁ ପାର୍କିଂ ଯାଏଁ ସବୁ ସ୍ଥାନ ହେବ ଆଲୋକୀକରଣ। ସିସିଟିଭି ବାଧ୍ୟତାମୂଳକ, ମହିଳାଙ୍କ ପାଇଁ ସୁରକ୍ଷିତ, ସ୍ୱଚ୍ଛ ଶୌଚାଳୟ ରହିବ। ସିକ୍ୟୁରିଟିମାନେ କ୍ୟାମ୍ପସରେ ପେଟ୍ରୋଲିଂ କରିବେ। କରିଡର, ସିଡି, ଗଳି ଆଦି ସ୍ଥାନରେ ସିସିଟିଭି ଲାଗିବ। ସୁରକ୍ଷା ନିୟମକୁ ମାନି ସିସିଟିଭି ସ୍ଥାପନ ମଧ୍ୟ ହେବ। ସାଇନ୍ ବୋର୍ଡ, ଆଇସିସି କମିଟିକୁ ନେଇ ତଥ୍ୟକୁ ସବୁ ସ୍ଥାନରେ ପ୍ରଦର୍ଶିତ କରାଯିବ। ନିୟମିତ ବ୍ୟବଧାନରେ କ୍ୟାମ୍ପସ ସୁରକ୍ଷାର ଅଡିଟ୍ ହେବ। ଲିଙ୍ଗଗତ ସମାନତା, ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ। କାରଣ ଭାଷା, ରଙ୍ଗ, ବର୍ଣ୍ଣ ଏବଂ ଧର୍ମକୁ ନେଇ ବି ଛାତ୍ରୀମାନଙ୍କ ମନମାଳିନ୍ୟ ହୋଇଥାଏ। ଏନେଇ ସମସ୍ତ ବିଶ୍ୱବିଦ୍ୟାଳୟ, ଡିଗ୍ରୀ କଲେଜ ଏବଂ ଶିକ୍ଷାନୁଷ୍ଠାନ ଗୁଡିକୁ ଚିଠି ଜାରି କରିଛି ଉଚ୍ଚ ଶିକ୍ଷା ବିଭାଗ।

ନିୟମ ଅନୁଯାୟୀ, ବିଶ୍ୱବିଦ୍ୟାଳୟ ଏବଂ କଲେଜ ସମେତ ସମସ୍ତ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ପୋଷ ଆଇନ, ୨୦୧୩ ର ବ୍ୟବସ୍ଥା ଅନୁଯାୟୀ କଠୋର ଭାବରେ ଏକ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ କରାଯିବା ଆବଶ୍ୟକ। ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ସେମାନଙ୍କ ଅଧିକାର କ୍ଷେତ୍ର ଅଧୀନରେ ଥିବା ସମସ୍ତ ପ୍ରତିଷ୍ଠାନରେ ୧୦୦% ଅନୁପାଳନ କରିବା ନେଇ ଯାଞ୍ଚ କରିବେ। ଛାତ୍ରଛାତ୍ରୀ ଏକାଡେମିକ୍ ପରିଚାଳନା ପ୍ରଣାଳୀ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ପ୍ରବେଶ କରୁଥିବା ଅନୁଷ୍ଠାନଗୁଡ଼ିକର ଏକ କାର୍ଯ୍ୟକ୍ଷମ ଆଇସି ରହିବା ଆବଶ୍ୟକ। ଯେଉଁ କଲେଜଗୁଡ଼ିକ ଆଇସି ଗଠନ କରିନାହାଁନ୍ତି ସେମାନଙ୍କୁ ସାମ୍ସ ମାଧ୍ୟମରେ ପ୍ରବେଶ ପାଇଁ ଅନୁମତି ଦିଆଯିବ ନାହିଁ। ସାମ୍ସ ବାହାରେ କାର୍ଯ୍ୟ କରୁଥିବା ଅନୁଷ୍ଠାନଗୁଡ଼ିକ ପାଇଁ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକ ଏକ ବୈଧ ଆଇସି ସ୍ଥାପନ ନହେବା ପର୍ଯ୍ୟନ୍ତ ଛାତ୍ର ଛାତ୍ରୀ ପରୀକ୍ଷା ପାଇଁ ଅନୁମତିକୁ ସ୍ଥଗିତ ରଖାଯିବ। ଏହି ଆବଶ୍ୟକତା ସମସ୍ତ ଏଚ୍ଇଆଇ ପାଇଁ ବାଧ୍ୟତାମୂଳକ। ସମସ୍ତ ଆଇସିମାନଙ୍କୁ ପିଓଏସ୍ଏଚ ଆଇନ, ୨୦୧୩ ଅନୁଯାୟୀ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସେମାନଙ୍କର ବାର୍ଷିକ ରିପୋର୍ଟ ପ୍ରସ୍ତୁତ କରି ସମ୍ପୃକ୍ତ ସ୍ଥାନୀୟ ଅଭିଯୋଗ କମିଟି ନିକଟରେ ଦାଖଲ କରାଯିବ। ମହିଳା କର୍ମଚାରୀ ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ଏକ ନିରାପଦ ଏବଂ ନିରାପଦ ପରିବେଶ ସୁନିଶ୍ଚିତ କରିବା ପାଇଁ, କଲେଜର ପ୍ରବେଶ/ ପ୍ରସ୍ଥାନ ଫାଟକ, ପାର୍କିଂ ଅଞ୍ଚଳ, ହଷ୍ଟେଲ ଏବଂ ପୃଥକ ଅଞ୍ଚଳ ସମେତ ସମସ୍ତ କ୍ଷେତ୍ରରେ ପର୍ଯ୍ୟାପ୍ତ ଆଲୋକୀକରଣ କରାଯିବା ଆବଶ୍ୟକ। ଏହାଛଡ଼ା ଅନ୍ଧାର ସ୍ଥାନ, ଅନ୍ଧାର କୋଣ, ସଂକୀର୍ଣ୍ଣ ରାସ୍ତା ଏବଂ କ୍ୟାମ୍ପସ ମଧ୍ୟରେ ଅବ୍ୟବହୃତ /ପରିତ୍ୟକ୍ତ ସ୍ଥାନ ଗୁଡ଼ିକର ଚିହ୍ନଟ ସହିତ ସୁରକ୍ଷିତ କାନ୍ଥ ଏବଂ ଉପଯୁକ୍ତ ସୁରକ୍ଷା ସହିତ ନିୟନ୍ତ୍ରିତ ପ୍ରବେଶ ସ୍ଥାନର ବ୍ୟବସ୍ଥା କରିବା ଆବଶ୍ୟକ। ଶ୍ରେଣୀଗୃହ ଗୁଡ଼ିକ ଭଲ ଭାବରେ ଆଲୋକିତ ଏବଂ ସ୍ୱଷ୍ଟ ଦୃଶ୍ୟମାନତା ସହିତ ବାୟୁଚଳିତ ହେବା ଉଚିତ। ଯେଉଁଠାରେ ସମ୍ଭବ ହୁଏ ସେଠାରେ ସ୍ୱଚ୍ଛ ଦ୍ୱାର/ ଝରକା କିମ୍ବା ଦୃଶ୍ୟମାନତା ପ୍ୟାନେଲ ଲଗାଇବା ଆବଶ୍ୟକ। ସୁରକ୍ଷିତ ଓ ପରିଷ୍କାରକ ଶୌଚାଳୟ, ବିଶେଷକରି ମହିଳାମାନଙ୍କ ପାଇଁ ଆବଶ୍ୟକ। ଏପରିକି କି ମହିଳା ହଷ୍ଟେଲ, ସାଧାରଣ କୋଠରୀ ଏବଂ ବିଶ୍ରାମସ୍ଥଳରେ ମହିଳାମାନଙ୍କ ପାଇଁ ପୃଥକ ଏବଂ ସୁରକ୍ଷିତ ସୁବିଧା ଯୋଗାଇବା ଆବଶ୍ୟକ।ଏପରିକି କି କଲେଜର ଏକ ନିରାପଦ ସ୍ଥାନରେ ଅଭିଯୋଗ/ ପରାମର୍ଶ ବାକ୍ସ ରଖାଯିବା ଆବଶ୍ୟକ।

### ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଆଲୋଚନାପର୍ବ

# ଓଡ଼ିଶା ମାଟିରେ ବିପର୍ଯ୍ୟୟକୁ ପ୍ରତିଥର ପ୍ରତିହତ କରିବା: ମନ୍ତ୍ରୀ

**ଭୁବନେଶ୍ୱର,୨୩।୪ /ଏନ୍ଏନ୍ଏସ୍:** ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଏସିଆନ୍ ଡିଜାଷ୍ଟର ପ୍ରିପେୟାର୍ଡନେସ୍ ସେଣ୍ଟର ସହଯୋଗରେ, 'ଓଡ଼ିଶାରେ ଭବିଷ୍ୟତ ବିପତ୍ତି, ପ୍ରସ୍ତୁତି ଓ ସହନଶୀଳତା-ଭିଜନ ୨୦୩୬ ଓ୨୦୪୭ ଅଧୀନରେ ୧୦ ବର୍ଷୀୟ କୌଶଳଗତ ଦୃଷ୍ଟିକୋଣ ପାଇଁ ଚିନ୍ତନ ନେତୃତ୍ୱକୁ ସୁଦୃଢ଼ କରିବା' ସମ୍ପର୍କିତ ଦୁଇଦିନିଆ ଆଲୋଚନା କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ଯେ, ଆମ ରାଜ୍ୟର ବିପର୍ଯ୍ୟୟ ପରିଚାଳନା ମଡେଲ୍ ସମଗ୍ର ବିଶ୍ୱରେ ପ୍ରଶଂସିତ ହୋଇଛି। ଆମ ସଭିଙ୍କର ସାମୂହିକ ପରିଚାଳନା ଦ୍ୱାରା ପ୍ରତିଥର ଆମେ ବିପର୍ଯ୍ୟୟକୁ ପ୍ରତିହତ କରିବାରେ ସକ୍ଷମ ହେବା। ଏହି ଅବସରରେ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ସଦସ୍ୟ ରୀତା ମିଶାଲ୍, ଓସ୍‌ଡମା ପରିଚାଳନା ନିର୍ଦ୍ଦେଶକ ରାଜେଶ ପ୍ରଭାକର ପାଟିଲ୍, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. କମଳ ଲୋଚନ ମିଶ୍ର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ସୁସ୍ମିତା ବେହେରା ଏବଂ ଡ. ମୋନା ଛାବ୍ରା ଆନନ୍ଦଙ୍କ ସହ ଉଚ୍ଚପଦସ୍ଥ ସରକାରୀ କର୍ମକର୍ତ୍ତା ଏବଂ ଜାତୀୟ ତଥା ଅନ୍ତର୍ଜାତୀୟ ସଂଗଠନର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହି ଆଲୋଚନା ରାଜ୍ୟର ବିପର୍ଯ୍ୟୟ ପରିଚାଳନା ଦକ୍ଷତା ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାକୁ ପ୍ରକାଶ କରିଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସରକାରୀ ଅଧିକାରୀ, ବିଶେଷଜ୍ଞମାନେ ଓ ଜାତୀୟ-ଅନ୍ତର୍ଜାତୀୟ ସଂଗଠନର ପ୍ରତିନିଧିମାନେ ଯୋଗଦେଇ ଭବିଷ୍ୟତ ବିପଦ ଓ ଜଳବାୟୁ ସମ୍ବନ୍ଧୀୟ ସମସ୍ୟା ଏବଂ ଆଗାମୀ ଦଶକରେ ଓଡ଼ିଶାର ପ୍ରତିରୋଧ ଦକ୍ଷତା ବୃଦ୍ଧି ପାଇଁ ଏକ ସୁସଂଗଠିତ ରୋଡମ୍ୟାପ୍ ଉପରେ ଗଭୀର ଆଲୋଚନା କରିଥିଲେ। ଏହି ଦିଗରେ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରତିଷ୍ଠାନ ଆଗାମୀ ଦିନରେ କାର୍ଯ୍ୟକରିବ। ନିଜର ବକ୍ତବ୍ୟରେ ଅତିଥିମାନେ ବିପର୍ଯ୍ୟୟ ପୂର୍ବ ପ୍ରସ୍ତୁତି, ପୂର୍ବ ସଚେତନତା ସମ୍ବନ୍ଧୀୟ ସୂଚନା ପ୍ରସାରଣ ଏବଂ ଗୋଷ୍ଠୀ ପରିଚାଳନା ବ୍ୟବସ୍ଥାରେ ଓଡ଼ିଶାର ଉଲ୍ଲେଖନୀୟ ସଫଳତାକୁ ଉଦ୍ଧୃତ କରିଥିଲେ। ଜଳବାୟୁ ପରିବର୍ତ୍ତନ, ଦ୍ରୁତ ସହରୀକରଣ ଓ ପରିବର୍ତ୍ତନଶୀଳ ସାମାଜିକ ଚଳଣି ଦ୍ୱାରା ଉତ୍ପନ୍ନ ହେଉଥିବା ନୂତନ ସମସ୍ୟାକୁ ଦୃଷ୍ଟିରେ ରଖି ଏହି ବ୍ୟବସ୍ଥାଗୁଡ଼ିକୁ ଆହୁରି ସୁଦୃଢ଼ କରିବାର ଆବଶ୍ୟକତା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଭବିଷ୍ୟତରେ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରତିଷ୍ଠାନର ଏହି ସବୁ ବିଷୟରେ ତାଲିମ ଦେଇ ଜନସାଧାରଣଙ୍କ ଦକ୍ଷତା ବୃଦ୍ଧିରେ ସହାୟକ ହେବ। ଏହି ନୀତି ଆଲୋଚନା ସଭାରେ ଭବିଷ୍ୟତ ବିପର୍ଯ୍ୟୟ ମୂଲ୍ୟାଙ୍କନ, ପ୍ରଯୁକ୍ତିର ବ୍ୟବହାର, ପ୍ରତିଷ୍ଠାନମାନଙ୍କର ସୁଦୃଢ଼ୀକରଣ, ଆର୍ଥିକ ସାମର୍ଥ୍ୟ ଓ ସମୁଦାୟ ଅଂଶଗ୍ରହଣ ଇତ୍ୟାଦି ବିଷୟରେ ବିଶେଷଜ୍ଞମାନଙ୍କ ଦ୍ୱାରା ଉପସ୍ଥାପନା, ଆଲୋଚନା ଅଧିବେଶନ ଏବଂ ବିଭିନ୍ନ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅଂଶଗ୍ରହଣକାରୀମାନେ ସେମାନଙ୍କର ଅନୁଭବ ଓ ସର୍ବୋତ୍ତମ ପ୍ରୟୋଗଗୁଡ଼ିକ ସମ୍ପର୍କରେ ଆଲୋଚନା କରିବା ସହ ରାଜ୍ୟର ବିପର୍ଯ୍ୟୟ ପରିଚାଳନାକୁ ସର୍ବୋତ୍ତମ କରିବା ଦିଗରେ ଏକ ସକରାତ୍ମକ ଉତ୍ସାହ ନିମନ୍ତେ ମତବ୍ୟକ୍ତ କରିଥିଲେ। ଆଲୋଚନାସବୁ ଓଡ଼ିଶାର ସାମଗ୍ରିକ ବିକାଶର ଦୃଷ୍ଟିକୋଣ "ଭିଜନ ୨୦୩୬" ଓ "ଭିଜନ ୨୦୪୭" ସହ ସମନ୍ୱିତ ଥିଲା। ଏହି କାର୍ଯ୍ୟକ୍ରମର ଏକ ମୁଖ୍ୟ ଉଦ୍ଦେଶ୍ୟ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରତିଷ୍ଠାନକୁ ପ୍ରଶିକ୍ଷଣ, ଗବେଷଣା ଓ ଜ୍ଞାନ ସୃଷ୍ଟି ପାଇଁ ଏକ କେନ୍ଦ୍ରୀୟ ଉତ୍କର୍ଷ କେନ୍ଦ୍ର ଭାବେ ଗଢ଼ି ତୋଳିବା।

## ଆଜିଠୁ ଖୋର୍ଦ୍ଧା ଜିଲ୍ଲାରେ ସକାଳ ୬.୩୦ରୁ ୯.୩୦ ପର୍ଯ୍ୟନ୍ତ ସ୍କୁଲ୍

**ଭୁବନେଶ୍ୱର,୨୩।୪ /ଏନ୍ଏନ୍ଏସ୍:** ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଏହାକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଜିଲ୍ଲାରେ ଶୁକ୍ରବାରଠାରୁ ସାଢ଼େ ୬ରୁ ସାଢ଼େ ୯ଟା ପର୍ଯ୍ୟନ୍ତ ସ୍କୁଲ୍ ଚାଲିବା ନେଇ ଘୋଷଣା କରାଯାଇଛି। ସମସ୍ତ ସରକାରୀ,ବେସରକାରୀ ସ୍କୁଲ, ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ନିର୍ଦ୍ଦେଶ ରହିଛି। ହିଟ୍ ୱେଭ୍‌କୁ ଦେଖି ଜିଲ୍ଲାପାଳ ସ୍କୁଲ୍ ସମୟ ବଦଳାଇଛନ୍ତି। ଅସହ୍ୟ ଖରାକୁ ଦେଖି ୨୦ରୁ ୨୩ ପର୍ଯ୍ୟନ୍ତ ଛୁଟି ପାଇଁ ନିର୍ଦ୍ଦେଶ ଦେଇଥିଲେ ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜ। ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ଏବଂ ନିରାପତ୍ତା ଆମ ପାଇଁ ପ୍ରାଥମିକତା। ପରବର୍ତ୍ତୀ ସମୟରେ ପାଣିପାଗ ସ୍ଥିତିକୁ ସମୀକ୍ଷା କରାଯାଇ ଆଗାମୀ ନିଷ୍ପତ୍ତି ନିଆଯିବ ବୋଲି ସେ କହିଥିଲେ। ଆଜି ଛୁଟି ଶେଷ ହେଉଥିବା ବେଳେ ସକାଳୁଆ ସ୍କୁଲ ଘୋଷଣା କରିଛନ୍ତି ଜିଲ୍ଲାପାଳ। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସ୍କୁଲଗୁଡ଼ିକ ଚାଲିବ ବୋଲି ଜିଲ୍ଲାପାଳଙ୍କ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶରେ କୁହାଯାଇଛି।

## ଯୁବା ଆପଦ ମିତ୍ର ତାଲିମ ପ୍ରଦାନ

**ଭୁବନେଶ୍ୱର,୨୩।୪ /ଏନ୍ଏନ୍ଏସ୍:** ଓଡିଶା ରାଜ୍ୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ରାଜ୍ୟ ମୁଖ୍ୟ କମିଶନର ଡଃ. କାଳିପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଖୋର୍ଦ୍ଧା ଜିଲ୍ଲାର ରୋଭର ଓ ରେଞ୍ଜରମାନଙ୍କୁ ନେଇ ଏକ ଯୁବା ଆପଦ ମିତ୍ର ତାଲିମ ଶିବିର ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ରାଜ୍ୟ ମୁଖ୍ୟାଳୟ ପରିସରରେ ଅନୁଷ୍ଠିତ ହେଉଛି। ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ୫୦ ଜଣ ରୋଭର ଓ ରେଞ୍ଜର ଏହି ତାଲିମ ଶିବିରରେ ଯୋଗଦେଇଛନ୍ତି। ଏହି ଶିବିରକୁ ଓସଡମାର ଜେନେରାଲ ମ୍ୟାନେଜର ସୁନିଲ୍ କୁମାର ସାହୁ ଉଦ୍‌ଘାଟନ କରିଥିବା ବେଳେ ବାଇଧର ପ୍ରଧାନ ଓ ଗଣେଶ ବାରିକଙ୍କ ନେତୃତ୍ୱରେ ତାଲିମ ପ୍ରାପ୍ତ ଉପଦେଷ୍ଟା ମାନେ ଆସି ଶିକ୍ଷାଦାନ କରୁଛନ୍ତି।

ନିତିଦିନ NITIDIN



## ନାଟ୍ୟକାର ସଂଘର ବନ୍ଧୁ ମିଳନ

**ଫୁଲନଖରା,୨୩।୪/ଏନ୍ଏନ୍ଏସ୍:** ଉତ୍କଳ ସଂଗୀତ ମହାବିଦ୍ୟାଳୟ ୧୯୮୩ମସିହା ବ୍ୟାଚ ବନ୍ଧୁମାନଙ୍କ ଏକ ବନ୍ଧୁ ମିଳନ ସଦର ଥାନା ଅନ୍ତର୍ଗତ କୁରାଙ୍ଗଶାସନଠାରେ ଥିବା ହୋଟେଲ ଆମ୍ରପଲ୍ଲୀ ରିସର୍ଟ୍ସ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାକ୍ତନ ଛାତ୍ର ସୁକେଶ ପଣ୍ଡା, ରଘୁ ଆଚାର୍ଯ୍ୟ, ଲିଟିଲ ମାଷ୍ଟର ବିନୋଦ ରାଉତ, ଉପେନ୍ଦ୍ର ଦାସ, ଅଶୋକ ମହାନ୍ତି, ନଳିନୀକାନ୍ତ ନାଥ ଶର୍ମା, କାଶୀନାଥ ନାୟକ, ଆଦିତ୍ୟ ମହାନ୍ତି ଓ ସାତ୍ତ୍ୱିକ ପହି ପ୍ରମୁଖ ଯୋଗଦେଇ ପରସ୍ପର ଭାବର ଆଦାନ ପ୍ରଦାନ କରିବା ସହିତ ମହାବିଦ୍ୟାଳୟ ସମୟର ସ୍ମୃତି ରୋମନ୍ଥନ କରିଥିଲେ। ଏହି ଅବସରରେ ଦିବଙ୍ଗତ ଅଭିନେତା ବିଜୟ ମହାନ୍ତି, ଅଜିତ ଦାସ, ଲକ୍ଷ୍ମୀଧର ମହାରଣା ଓ ସୁମନ୍ତ ଦେଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଜଙ୍ଗଲ ଜମିରେ ନିର୍ମାଣ ଚାଲିଛି ସୌର ପ୍ରକଳ୍ପ, ବଳିପଡୁଛି ଶାଳଗଛ

**ଖଣ୍ଡପଡ଼ା,୨୩।୪/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ବ୍ଲକ ଅଧୀନ ସିଂଘାପଡା ପଞ୍ଚାୟତର ନୂଆଗାଁ ଓ ହରିହର ପ୍ରସାଦ ମୌଜା ନିକଟସ୍ଥ ସଂରକ୍ଷିତ ଜଙ୍ଗଲ ଜମିରେ ନିର୍ମାଣ ଚାଲିଛି ସୌର ଶକ୍ତି ପ୍ରକଳ୍ପ। ଭୁବନେଶ୍ୱର ଅଞ୍ଚଳର ଜନୈକ ବ୍ୟକ୍ତି ପ୍ରଶାସନକୁ କରାୟତ କରି ଏହି ସୌର ଶକ୍ତି ପ୍ରକଳ୍ପ ସ୍ଥାପନ କରୁଥିବା ସିଙ୍ଘାପଡ଼ା ପଞ୍ଚାୟତବାସୀଙ୍କ ସୂତ୍ରରୁ ଜଣାପଡିଛି। ଉକ୍ତ ସୌର ଶକ୍ତି ପ୍ରକଳ୍ପ ସ୍ଥାପନ ଯୋଗୁଁ ୩୦ ଏକରରୁ ଉର୍ଦ୍ଧ୍ୱ ଜଙ୍ଗଲ କିସମ ଜମି ନଷ୍ଟ ହୋଇଥିବା ବେଳେ ଏବେ ଉକ୍ତ ସୌର ଶକ୍ତି ପ୍ରକଳ୍ପରୁ ଖଳିସାହି ପଞ୍ଚାୟତ ଅଧୀନ କୋଟପୋଖରୀ ଗ୍ରାମସ୍ଥିତ ବିଦ୍ୟୁତ ଗ୍ରୀଡକୁ ତାର ସଂଯୋଗୀକରଣ କାର୍ଯ୍ୟ ଆରମ୍ଭ ହୋଇଥିବା ଜଣାପଡିଛି। ଫଳରେ ଦଉପୋଖରୀ ମୌଜା ଦେଇ ବିଦ୍ୟୁତ ଗ୍ରୀଡକୁ ତାର ସଂଯୋଗ ନିମନ୍ତେ ଏକାଧିକ ଗଜା ଶାଳଗଛ ଗୁଡିକୁ ସୌର ଶକ୍ତି ପ୍ରକଳ୍ପ ସ୍ଥାପନ କରୁଥିବା ବ୍ୟକ୍ତିଙ୍କ ପ୍ରରୋଚନାରେ କାଟି ଦିଆଯାଇଥିବା ନଜରକୁ ଆସୁଛି। ଏକର ଏକର ଜଙ୍ଗଲ ଜମି ଓ ଗଜା ଶାଳଗଛ କାଟି ନଷ୍ଟ କରି କାହା ସ୍ୱାର୍ଥରେ ଓ କାହା ନିର୍ଦ୍ଦେଶରେ ସୌର ଶକ୍ତି ପ୍ରକଳ୍ପ ସ୍ଥାପନ କରାଯାଉଛି ବୋଲି ଅଞ୍ଚଳବାସୀ ପ୍ରଶ୍ନ ଉଠାଇବା ସହ ଏ ସଂପର୍କରେ ନୟାଗଡ ଜିଲ୍ଲାପାଳ, ବନଖଣ୍ଡ ଅଧିକାରୀଙ୍କ ସମେତ ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ସେଭଳି କୌଣସି ସୁଫଳ ମିଳିନଥିବା ଜଣାପଡିଛି। ଅପରପକ୍ଷେ ସୌର ଶକ୍ତି ପ୍ରକଳ୍ପ ନିର୍ମାଣ କରୁଥିବା ବ୍ୟକ୍ତି ବିଦ୍ୟୁତ ବିତରଣ କମ୍ପାନୀ (ଟିପିସିଓଡିଏଲ) କର୍ତ୍ତୃପକ୍ଷଙ୍କୁ ବିଦ୍ୟୁତ ବିକ୍ରିକରି ପ୍ରତି ମାସରେ ମୋଟା ଅଙ୍କର ଅର୍ଥ ଆୟ



କରିବାକୁ ମସୁଧା ଚଳାଇଥିବା ବେଳେ ସଂରକ୍ଷିତ ଜଙ୍ଗଲ ଜମି ଓ ମୂଲ୍ୟବାନ ଶାଳଗଛ ଗଛ ଗୁଡିକ ନଷ୍ଟ ଯୋଗୁଁ ସାଧାରଣଲୋକଙ୍କ ସ୍ୱାର୍ଥ ବଳି ପଡିବା ସାର ହୋଇଛି। ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ଖଣ୍ଡପଡ଼ା ଅଞ୍ଚଳର ପରିବେଶବିତ ଓ ବୁଦ୍ଧିଜୀବୀମାନେ ଉଦ୍‌ବେଗ ପ୍ରକାଶ କରିଥିବା ବେଳେ ଜିଲ୍ଲା ପ୍ରଶାସନର ନିରବତାକୁ ନେଇ ଅଞ୍ଚଳବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୌରଶକ୍ତି ପ୍ରକଳ୍ପ ସ୍ଥାପନ କରୁଥିବା ସଂପୃକ୍ତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ପ୍ରତି ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଦୃଷ୍ଟିଦେବାକୁ ଖଣ୍ଡପଡ଼ା ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି।

## ପାଇକସାହି ରାମଲୀଳା ଉଦ୍‌ଘାଟିତ

**ଫୁଲନଖରା,୨୩।୪/ଏନ୍ଏନ୍ଏସ୍:** ସିଏମସି ୫୭ନମ୍ବର ୱାର୍ଡ଼ ଅନ୍ତର୍ଗତ ପାଇକସାହିରେ ୫୯ତମ ବାର୍ଷିକ ରାମଲୀଳା ମହୋତ୍ସବ ଆରମ୍ଭ ହୋଇଛି। ଜୟ ମଙ୍ଗଳା ରାମଲୀଳା ପ୍ରଚାର ସମିତି ଓ ଜୟ ମହାବୀର ଗ୍ରାମ୍ୟ ଉନ୍ନୟନ କମିଟି ମିଳିତ ସହଯୋଗରେ ଆୟୋଜିତ ଏହି ମହୋତ୍ସବର ଉଦଘାଟନ ଉତ୍ସବରେ ସମ୍ପାଦକ ନଳୀନ ସେନାପତି ଅଧ୍ୟକ୍ଷତା କରିଥିଲେ। ଏଥିରେ କେନ୍ଦ୍ରୀୟ ରାମଲୀଳା ପ୍ରଚାର ସମିତି ଅଧ୍ୟକ୍ଷ କାଶୀନାଥ ମଲିକ, ଆଞ୍ଚଳିକ ଶାନ୍ତି କମିଟି କାର୍ଯ୍ୟକାରୀ ସଭାପତି ସ୍ୱାଧିନଚେତା ମହାନ୍ତି, ଗ୍ରାମ୍ୟ କମିଟି ସଭାପତି ଦିଲୀପକୁମାର ସ୍ୱାଇଁ, ରାମଲୀଳା ସମିତି ସଭାପତି ବାଉରୀବନ୍ଧୁ ସାହୁ, ପ୍ୟାରୀମାହେନ ରାଉତରାୟ, କର୍ପୋରେଟର ଲିପ୍ସା ନାୟକ, କର୍ପୋରେଟର ମମତା ମହାନ୍ତି, ସନ୍ତୋଷ ମଲିକ ଓ ବଂଶୀଧର ସେନାପତି ଅତିଥିଭାବେ ଯୋଗଦେଇଥିଲେ। ଉଦଘାଟନୀ ରାତିରେ ଚକ୍ରଧର ମହାରଣା ଓ ନିରଂଜନ ମହାରଣାଙ୍କ ନିର୍ଦ୍ଦେଶିତ ମର୍ଯ୍ୟାଦା ରଖିଲେ ପୁରୁଷୋତ୍ତମ ନାଟକ ପରିବେଷଣ ହୋଇଥିଲା। ସୁବାଷ ମୁଖି, ପ୍ରଦୀପ ସେନାପତି, ସୁଶାନ୍ତ ଦାସ ଓ ଜିତେନ୍ଦ୍ର ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦଶପଲ୍ଲାରେ ଜନଜୀବନ ଅସ୍ତବ୍ୟସ୍ତ

**ଦଶପଲ୍ଲା,୨୩।୪/ଏନ୍ଏନ୍ଏସ୍:** ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବଢ଼ିବାରେ ଲାଗିଥିବା ବେଳେ ଗୁରୁବାର ଦିନ ଉତ୍ତାପ ୪୦ଡିଗ୍ରୀ ପାର୍ ହୋଇ ୪୧ଡିଗ୍ରୀରେ ପହଞ୍ଚିଛି। ଗ୍ରୀଷ୍ମ ପ୍ରବାହ ଯୋଗୁଁ ମଧ୍ୟାହ୍ନ ସମୟରେ ରାସ୍ତାଘାଟ ଖାଁ ଖାଁ ହୋଇପଡିଛି। ଚାରିଆଡ଼େ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛନ୍ତି। ଏପଟେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ନୟାଗଡ଼ ଜିଲ୍ଲାପାଳ ଗତ ୨୧ରୁ ୨୩ ତାରିଖ ବିଦ୍ୟାଳୟ ବନ୍ଦ ଘୋଷଣା କରିଥିବା ବେଳେ ଖବର ଲେଖାଯିବା ସୁଦ୍ଧା ଏହାର ନୂତନ ନୋଟିସ ପ୍ରକାଶ ପାଇନାହିଁ। ତେବେ ଏହି ଅସହ୍ୟ ତାତି ଲୋକଙ୍କୁ କଲବଲ କରୁଥିବା ବେଳେ ଆଗକୁ ଏହି ତାତି ବଢ଼ିବା ସମ୍ଭାବନା ରହିଛି।

## ହିନ୍ଦୀଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା




**ଅସ୍ତରଙ୍ଗ,୨୩।୪/ଏନ୍ଏନ୍ଏସ୍:** ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ପାଟଳଦା ଗ୍ରାମପଞ୍ଚାୟତ ର ସୁନ୍ଦର ସ୍ଥିତ, ସୁରେନ୍ଦ୍ର ନାଥ ବିଦ୍ୟାପୀଠର ହିନ୍ଦୀ ଶିକ୍ଷକ ବିଚିତ୍ରାନନ୍ଦ ବିଶ୍ୱାଳଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାପୀଠର ପ୍ରଧାନଶିକ୍ଷକ ଶୁଭେନ୍ଦୁ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ତଥା ବିଦ୍ୟାପୀଠର ପ୍ରାଣ ପ୍ରତିଷ୍ଠାତା ସ୍ୱର୍ଗତ ସୁରେନ୍ଦ୍ର ନାଥ ନାୟକଙ୍କ ସୁପୁତ୍ର ତଥା ପୁରୀ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ଯୋଗଦେଇ ଉତ୍ସବକୁ ଉଦଘାଟନ୍ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ, ପ୍ରମୋଦ କୁମାର ନାୟକ, ଅଶୋକ ମହାରଣା, ରାମଚନ୍ଦ୍ର ସ୍ୱାଇଁ, ସମାଜସେବୀ ଦୁଷ୍ମନ୍ତ କୁମାର ବେହେରା, ପୂର୍ବତନ ସମ୍ପାଦକ ପ୍ରଫୁଲ୍ଲ କୁମାର ନାୟକ, ସରପଞ୍ଚ ଯଶୋବନ୍ତ ନାୟକ, ଶିକ୍ଷକନେତା ବିପିନ ମହାନ୍ତି, ଅତିରିକ୍ତ ଶିକ୍ଷାଧିକାରୀ, ପ୍ରିୟଦର୍ଶୀ ବିଶ୍ୱାଳ ପ୍ରମୁଖ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଧୀରେନ୍ଦ୍ର ପ୍ରଧାନ ଓ ପ୍ରିୟଦର୍ଶିନୀ ସେନାପତି ପରିଚାଳନା କରିଥିବା ବେଳେ ପ୍ରକାଶ ଭୋଳ, ରବୀନ୍ଦ୍ର ସ୍ୱାଇଁଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଦେସ୍ଥଳୀରେ ୧୫୦ତମ ମେଳଣ

**ନୟାହାଟ,୨୩।୪/ଏନ୍ଏନ୍ଏସ୍:** ନୟାହାଟ ଫାଣ୍ଡି ଅନ୍ତର୍ଗତ ଦେସ୍ଥଳି ଠାରେ ବାରଗାଦି ମେଳଣ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି। ୧୫୦ ତମ ମେଳଣ ପୂର୍ତ୍ତି ଅବସରରେ ଦିର୍ଘ ପାଞ୍ଚଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସମାଜସେବୀ ମକରଧ୍ୱଜ ସ୍ୱାଇଁ ଜଣାଇଛନ୍ତି । ଉକ୍ତ ମେଳଣରେ ଆଖପାଖ ଗ୍ରାମର ଲୋକମାନଙ୍କ ସହଯୋଗରେ ମେଳଣ ଅନୁଷ୍ଠିତ ହେଉଥିବାରୁ ଗୁରୁବାର ହଜାର ହଜାର ଭକ୍ତ ଠାକୁରଙ୍କ ପ୍ରସାଦ ସେବନ କରିଥିଲେ।

## ଅଷ୍ଟପ୍ରହରୀ ଓ ନାମ ସଙ୍କୀର୍ତ୍ତନ

**କଣ୍ଟିଲୋ,୨୩।୪/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ବଡବାଣପୁର ଗ୍ରାମ ପଞ୍ଚାୟତ ରାମଚଣ୍ଡୀ ସାହିସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣ ରେ ଅଷ୍ଟପ୍ରହରୀ ଓ ନାମ ସଙ୍କୀର୍ତ୍ତନ ଅନୁଷ୍ଠିତ ହୋଇ ଯାଇଛି। ଖୋଳ ତାଳ ନଦୀଆ କୀର୍ତ୍ତନ, ଘଣ୍ଟ ଘଣ୍ଟା, ଶଙ୍ଖ, ମାଇକ୍ ବାଦ୍ୟଯନ୍ତ୍ର ମାଧ୍ୟମରେ ସ୍ଥାନୀୟ ମହାନଦୀ ଘାଟରୁ ଶତାଧିକ ପୁରୁଷ, ମହିଳା ପୂଜାର୍ଚ୍ଚନା ଶେଷ ହେବା ପରେ ଜଳ କଳସ ମୁଣ୍ଡରେ ଧରି ଗ୍ରାମ ପରିକ୍ରମା କରି ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିବା ପରେ ଘଟ ସ୍ଥାପନା ହୋଇଥିଲା। ସାହି ସଭାପତି ସତ୍ୟବାଦୀ ପ୍ରଧାନ, ସତ୍ୟବାଦୀ ବେହୁରୁକ, ଦୁର୍ଯ୍ୟୋଧନ ରାଉତ, ବିନୋଦ ସେନାପତି, ପୂର୍ଣ୍ଣଚନ୍ଦ୍ର ବେହୁରୁଙ୍କ ସମେତ ଗ୍ରାମବାସୀଙ୍କ ସହଯୋଗରେ ଏହା ଅନୁଷ୍ଠିତ ହେଉଥିବା ବେଳେ ପୁରୋହିତ ଭାବେ ଯୋଗିନଥ ମିଶ୍ର ପ୍ରତ୍ୟେକ ପୂଜା ବିଧି ସମ୍ପନ୍ନ କରିଥିବା ସୂଚନା ମିଳିଛି।

## ବିଦ୍ୟାଳୟରେ ଶିକ୍ଷା ସଚେତନତା ସପ୍ତାହ

**ବୟାଳିଶମୌଜା,୨୩।୪/ଏନ୍ଏନ୍ଏସ୍:** କଟକ ସଦର ବ୍ଲକ୍ ଅନ୍ତର୍ଗତ ବୟାଳିଶମୌଜା ସ୍ଥାନୀୟ ଝାରକଟା ଉପ୍ରା ବିଦ୍ୟାଳୟରେ ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଶିକ୍ଷା ସଚେତନତା ସପ୍ତାହ ପ୍ରଧାନ ଶିକ୍ଷକ ଜିତେନ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଗତ ଗୁରୁବାର ଦିନ ପାଳିତ ହୋଇଯାଇଛି। ଏହି ଅବସରରେ ସିଆରସିସି ଆରତ ଭଞ୍ଜନ ସାହୁଙ୍କ ମାର୍ଗଦର୍ଶନରେ ଶିକ୍ଷା ସଚେତନତା ରଥ ବିଦ୍ୟାଳୟ ପରିକ୍ରମା କରିଥିଲା। ପ୍ରଧାନ ଶିକ୍ଷକ ଜିତେନ ଦାଶ ସଚେତନତା ରଥକୁ ସ୍ୱାଗତ କରିବା ସହ ଶିକ୍ଷୟିତ୍ରୀ ଅଳକା ନାୟକ ଓ ଗୌରୀ ଦେଇ ବନ୍ଦାପନା କରିଥିଲା ବେଳେ ଛାତ୍ର ଛାତ୍ରୀମାନେ ବିଭିନ୍ନ ସ୍ଲୋଗାନ ଦେବା ସହ ସଂଗୀତ ଓ ନୃତ୍ୟ ମାଧ୍ୟମରେ ଶିକ୍ଷାର ଆବଶ୍ୟକତା ସୂଚାଇ ଥିଲେ। ସପ୍ତାହବ୍ୟାପୀ କାର୍ଯ୍ୟକ୍ରମରେ ପଠନ ଲିଖନ ଗଳ୍ପ କଥନ କବିତା ଆବୃତ୍ତି ଚିତ୍ରାଙ୍କନ ଓ ଗଣିତ ସମ୍ବନ୍ଧୀୟ ବିଭିନ୍ନଆନନ୍ଦ ଦାୟକ କ୍ରିୟାକଳାପ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମକୁ ସର୍ବସାଧାରଣରେ ବେଶ ପ୍ରଶଂସା କରାଯାଇଥିଲା।

## ନିର୍ମାଣାଧୀନ ଓଭରବ୍ରିଜ୍ ତଳେ ଆବର୍ଜନା ପାଣି, ଲୋକେ ହନ୍ତସନ୍ତ

**ଖୋର୍ଦ୍ଧା,୨୩।୪/ଏନ୍ଏନ୍ଏସ୍:** ଖୋର୍ଦ୍ଧା ପିତାପଲ୍ଲୀ ବାଇପାସରୁ ତରତୁଆ ପର୍ଯ୍ୟନ୍ତ ୫୭ ନମ୍ବର ଜାତୀୟ ରାଜପଥ ନିର୍ମାଣ ଚାଲିଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷ ଗୁରୁଜଙ୍ଗ ଓ ଉଇଲ କିଶନ ନଗର ମଝିରେ ଏକ ଓଭର ବ୍ରିଜ ନିର୍ମାଣ କରିଛନ୍ତି। ଖୋର୍ଦ୍ଧା ପୌର ପରିଷଦକୁ ଲାଗି ରହିଥିବା ଗୁରୁଜଙ୍ଗ ଓ ଉଇଲକିଶନ ନଗର ନୂତନ ନିର୍ମାଣାଧୀନ ଓଭରବ୍ରିଜ ତଳେ ଗୁରୁଜଙ୍ଗ ୧୮ନଂ ଓ ୧୭ନଂ ୱାର୍ଡ ର ଆବର୍ଜନା ଜଳ ଆଣ୍ଠୁଏ ଉଚ୍ଚରେ ଜମା ହୋଇ ରହିବା ଫଳରେ ଉକ୍ତ ବ୍ରିଜ ତଳେ ଦେଇ ଯାଉଥିବା ୨୦ଖଣ୍ଡ ଗ୍ରାମର ସାଧାରଣ ଜନତା ଏବଂ ସ୍କୁଲ କଲେଜ ଯାଉଥିବା ଛାତ୍ରଛାତ୍ରୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ବ୍ରିଜ ତଳଦେଇ ସାଧାରଣ ଲୋକ ଚାଲିକି ଯିବା ସମ୍ଭବ ହେଉନି। ସେଠାରେ ଏକ ପ୍ରକାର ପୋଖରୀର ଭ୍ରମ ସୃଷ୍ଟି ହେବା ସହିତ ଆବର୍ଜନା ଜଳ ଜମି ରହିଥିବାରୁ ଦୁର୍ଗନ୍ଧ ମୟ ପରିବେଶ ସୃଷ୍ଟି ହୋଇଛି। ଏପରିକି ଆମ୍ବୁଲାନ୍ସ ଗାଡି ଆସିଲେ କିଛି ସମୟ ଅପେକ୍ଷା କରିବାକୁ ପଡୁଛି। ଫଳରେ ଏହି ବ୍ରିଜ ତଳ ପାଣିରେ ପ୍ରତିଦିନ



ଅନେକ ସ୍କୁଲ ଓ କଲେଜ ଛାତ୍ର ଛାତ୍ରୀ ପଡି ଦୁର୍ଘଟଣାର ଶିକାର ହେଉଛନ୍ତି। ଏହି ନର୍ଦ୍ଦମା ପାଣି କିଭଳି ନିଷ୍କାସନ କରାଯିବ ଏବଂ ଏହାର ସ୍ଥାୟୀ ଡ୍ରେନେଜ୍ କିପରି ହେବ ଏନେଇ ପୌର କର୍ତ୍ତୃପକ୍ଷ, ପୂର୍ତ୍ତ ବିଭାଗ ଓ ଜାତୀୟ ରାଜପଥ ବିଭାଗୀୟ ଅଧିକାରୀ ନିଦା ବିଷ୍ଣୁ ପାଳଟିଛନ୍ତି। ଯାହାକୁ ନେଇ ସ୍ଥାନୀୟ ଲୋକମାନେ ଦୀର୍ଘ ମାସେ ହେବ ଅଭିଯୋଗ କରୁଥିଲେ ମଧ କେହି କର୍ଣ୍ଣପାତ କରୁନାହାନ୍ତି। ଏ ସମ୍ପର୍କରେ ସ୍ଥାନୀୟ ବାସିନ୍ଦା ପୁର୍ନବାର ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ଦେଇ ଏହାର ସ୍ଥାୟୀ ସମାଧାନ ଲାଗି ଯୁବ ସମାଜସେବୀ ଗୋପାଳକୃଷ୍ଣ ପ୍ରଧାନଙ୍କ ନେତୃତ୍ୱରେ ଆକାଶ କୁମାର ବିଶ୍ୱାଳ, ପ୍ରକାଶ କୁମାର ହାତୀ, ଅକ୍ଷୟ କୁମାର ସାହୁ, ଦୀପକ ସୁନ୍ଦରାୟ, ମନୁଆ ପ୍ରଧାନ, ଧଡୁ ବଳିୟାରସିଂହ, ବିଭୁତିଭୁଷଣ ଦାସ ପ୍ରମୁଖ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ବେଉରାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରି ସମସ୍ୟାର ତୁରନ୍ତ ସମାଧାନ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

## ଶ୍ମଶାନ ସୁରକ୍ଷା ନେଇ ତହସିଲ୍‌ଦାରଙ୍କୁ ଦାବିପତ୍ର

**ଡେଲାଙ୍ଗ,୨୩।୪/ଏନ୍ଏନ୍ଏସ୍:** ଡେଲାଙ୍ଗ ତହସିଲ ଅଞ୍ଚଳରେ ମାଙ୍କଡା ପଥର ମାଫିଆଙ୍କ ଦ୍ୱରାମ୍ ଦିନକୁ ଦିନ ବୃଦ୍ଧିପାଇବାରେ ଲାଗିଛି। ଜଙ୍ଗଲଜମି, ସରକାରୀ ଜମି ସହିତ ଶ୍ମଶାନକୁ ମଧ ଖୋଳି ବେଆଇନ୍ ମାଙ୍କଡା ପଥର ଖନନ କରିବା ଓ ଚୋରାଚାଲଣ କରୁଥିବା ଅଭିଯୋଗ ହୋଇଛି। ବରପଦା ଗ୍ରାମର ଚଣ୍ଡିସାହିରେ ଥିବା ଶ୍ମଶାନ ଜମି ପଡିଆକୁ କେତେକ ବ୍ୟକ୍ତି ବେଆଇନ୍ ଭାବେ ୪୦ରୁ ୩୦ ଫୁଟ ଗଭୀରରେ ଖୋଳି ମାଙ୍କଡାପଥର ଚୋରା ଚାଲାଣ କରୁଛନ୍ତି। ଯାହାଫଳରେ ଚଣ୍ଡିସାହି ବାସିନ୍ଦାଙ୍କ ଶବସତ୍କାର କରିବାରେ ସମସ୍ୟା ଉପୁଜୁଛି। ଗ୍ରାମ୍ୟ ଶ୍ମଶାନ ସୁରକ୍ଷା ନେଇ ଆମ୍ବେଦକର ଲୋହିଆ ବିଚାର ମଞ୍ଚର ଜିଲ୍ଲା ସମ୍ପାଦକ ଅକ୍ଷୟ ବେହେରା, ରାଜ୍ୟ ସମ୍ପାଦକ କିଷାନ ପଟ୍ଟନାୟକଙ୍କ ନେତୃତ୍ୱରେ ଚଣ୍ଡିସାହି ବାସିନ୍ଦା ବୁଲା ରାଉତ, ଦୟାନିଧି ବେହେରା, ଶରତ କୁମାର ବେହେରା, ଭଗବାନ ବେହେରା, ମନୁ ନାୟକ ପ୍ରମୁଖ ଶ୍ମଶାନ ସୁରକ୍ଷା ନେଇ ଡେଲାଙ୍ଗ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ଦକ୍ଷିଣେଶ୍ୱର ମହାଦେବଙ୍କ ବାର୍ଷିକ ଉତ୍ସବ

**କଣ୍ଟାପଡ଼ା,୨୩।୪/ଏନ୍ଏନ୍ଏସ୍:** କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ବାଗଲପୁରଠାରେ ଥିବା ପ୍ରସିଦ୍ଧ ଦକ୍ଷିଣେଶ୍ୱର ମହାଦେବ ମନ୍ଦିରର ବାର୍ଷିକ ଉତ୍ସବ ଆରମ୍ଭ ହୋଇଛି। ଏହା ୭ଦିନ ଧରି ଚାଲିବ। ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ପ୍ରତ୍ୟେହ ଭଜନ, କୀର୍ତ୍ତନ, ପ୍ରବଚନ ଆଦି ପରିବେଷଣ ହେଉଛି। ଏତଦ ସହିତ ନୂତନ ଯଜ୍ଞ ମଣ୍ଡପ ଉଦଘାଟିତ ହୋଇଯାଇଛି। ଆସନ୍ତା ରବିବାର ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହେବ ଓ ଏଥିରେ ସ୍ଥାନୀୟ ଅଞ୍ଚଳର ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହେବାର ଆଶା କରାଯାଉଛି। ଅପରପକ୍ଷରେ ନିକଟବର୍ତ୍ତୀ ଯାତ୍ରା ପଡ଼ିଆରେ ଅପେରା ପାର୍ଟି ପକ୍ଷରୁ ନାଟକ ପରିବେଷଣ ସହିତ ମୀନାବଜାରରେ ବିଶେଷ ଭିଡ଼ ପରିଲକ୍ଷିତ ହେଉଛି। ଓଲଟପୁର ଥାନା ପୁଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲାବେଳେ ଦକ୍ଷିଣେଶ୍ୱର ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତା ସହଯୋଗ କରିଛନ୍ତି।

## ସ୍ୱାମୀଙ୍କ ଦେହାନ୍ତର ୩ ଦିନ ପରେ ପତ୍ନୀଙ୍କ ମୃତ୍ୟୁ

**ବୋଲଗଡ଼,୨୩।୪/ଏନ୍ଏନ୍ଏସ୍:** ବୋଲଗଡ଼ ଶିକ୍ଷା ମଣ୍ଡଳ ଅନ୍ତର୍ଗତ ସାଗରଗୁଆଁସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଗୀତାଞ୍ଜଳୀ ପଟ୍ଟନାୟକଙ୍କ ଉଚ୍ଚ ରକ୍ତଚାପ ଜନିତରେ ମୃତ୍ୟୁ ଘଟିଛି। ସୂଚନାରୁ ଜଣାପଡ଼ିଛି ଯେ ଶିକ୍ଷୟିତ୍ରୀ ପଟ୍ଟନାୟକ ସମ୍ପୃକ୍ତ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ। ସ୍ୱର୍ଗତା ଶିକ୍ଷୟିତ୍ରୀଙ୍କ ମୃତ୍ୟୁର ୩ଦିନ ପୂର୍ବରୁ ସ୍ୱାମୀ ସୁଶାନ୍ତ କୁମାର ଅଟ୍ଟଙ୍କ ଦେହାନ୍ତ ଘଟିଥିଲା। ତେବେ ଧର୍ମପତି ସ୍ୱର୍ଗତ ଅଟ୍ଟ ରଣପୁର ବ୍ଲକରେ ଶିକ୍ଷକତା କରୁଥିଲେ ଓ ହୃଦ୍‌ଘାତ ଜନିତ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ୱର୍ଗତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଦମ୍ପତିଙ୍କର ଏକମାତ୍ର ପୁତ୍ର ଦେବାଶିଷ ବିଜ୍ଞାନ ସ୍ନାତକ ଡିଗ୍ରୀ ପରେ ବିଇଡି ତାଲିମପ୍ରାପ୍ତ ହୋଇ ଓଏସ୍ ଟିଇଟି ଏବଂ ଓଟିଇଟି ଉତ୍ତୀର୍ଣ୍ଣ ହୋଇ କର୍ମ ସଂସ୍ଥାନ ନ ପାଇ ଘରେ ବସି ରହିଛନ୍ତି। ତେବେ କୌଣସି କର୍ମ ସଂସ୍ଥାନ ନପାଇ ଓ ଶିକ୍ଷକ ଶିକ୍ଷୟିତ୍ରୀ ପିତାମାତାଙ୍କୁ ହରାଇ ସେ ଏକ ପ୍ରକାର ଭାଙ୍ଗି ପଡିଛନ୍ତି। ଏହି ଦୁଃଖଦ ଖବର ପାଇ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରମୋଦ କୁମାର ସ୍ୱାଇଁ ମୃତକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଠପାଟଣାସ୍ଥିତ ବାସଭବନକୁ ଯାଇ ସମବେଦନା ଜଣାଇଛନ୍ତି। ରିହାବିଲିଟେସନ ସ୍କିମରେ କର୍ମ ନିଯୁକ୍ତି ନିମନ୍ତେ ଆବେଦନ କରିବାକୁ ପରାମର୍ଶ ଦେଇଛନ୍ତି। ସେହିପରି ସାଗରଗୁଆଁ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ବେହେରା ଏବଂ ତାଙ୍କର ସମସ୍ତ ସହକର୍ମୀ, ଶିକ୍ଷକନେତା ଶୈଳେନ ପଟ୍ଟନାୟକ, ପ୍ରଫୁଲ୍ଲ ସିଂହ, ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁଙ୍କ ସମେତ ଗ୍ରାମବାସୀ ମିଳିତ ଭାବେ ଉପସ୍ଥିତ ରହି ଅବିଳମ୍ବେ ସମସ୍ତ ସରକାରୀ ପ୍ରଦତ୍ତ ପ୍ରାପ୍ୟ ଅର୍ଥରାଶି ପ୍ରାପ୍ତି ନିମିତ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଶିକ୍ଷା ଗୋଷ୍ଠୀ ଅଧିକାରୀଙ୍କୁ ଭେଟି ଅନୁରୋଧ କରିଥିଲେ।

## ମା’ ବୁଢ଼ୀ ଜାଗୁଲାଇଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ମାହାଙ୍ଗା,୨୩।୪/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତ ମିର୍ଜାପୁର ସ୍ଥିତ ମା’ବୁଢ଼ୀ ଜାଗୁଲାଇଙ୍କ ନୂତନ ମନ୍ଦିର ଓ ମା’ଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଚାରିଦିନ ବ୍ୟାପୀ ଅନୁଷ୍ଠିତ ହେଉଛି। ଏହି ଅବସରରେ ଅଙ୍କୁରାରୋପଣ, ସୂର୍ଯ୍ୟପୂଜା, କଳସଯାତ୍ରା,ଅଗ୍ନି ସ୍ଥାପନ, ମଣ୍ଡଳ



ପୂଜନ, ଦେବତା ସ୍ନାନ, ବିଗ୍ରହ ପ୍ରତିଷ୍ଠା, ହୋମଯଜ୍ଞ ଓ ପୂର୍ଣ୍ଣାହୁତି ଆଦି କାର୍ଯ୍ୟକ୍ରମ ଯଥାରୀତି ଅନୁଯାୟୀ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଥିବା କମିଟି ପକ୍ଷରୁ ସୂଚନା ମିଳିଛି। ଏହି ଅବସରରେ ଆଜି ଗ୍ରାମର ବହୁ ମହିଳା ଓ ପୁରୁଷ କଳସଯାତ୍ରାରେ ସାମିଲ ହୋଇ ବିରୂପା ନଦୀରୁ ଜଳବରଣ କରି ମା’ଙ୍କ ମନ୍ଦିର ପରିସରରେ ପହଞ୍ଚିବା ପରେ ଘଟ ସ୍ଥାପନ କରାଯାଇଛି। କର୍ତ୍ତା ଭାବେ ଦେବୀପ୍ରସାଦ ଷଡଙ୍ଗୀ, କର୍ତ୍ତ୍ରୀ ଭାବେ କମଳା ଷଡଙ୍ଗୀ ପୂଜା କାର୍ଯ୍ୟରେ ବସିଥିବାବେଳେ ପୂଜକ ଭାବେ ପ୍ରକାଶ ଚନ୍ଦ୍ର କର, ସଚ୍ଚିନ୍ଦ୍ର ପାଣି, କମଳାକାନ୍ତ କର, ବ୍ରଜରାଜ କର, ଆଶିଷ କୁମାର ମିଶ୍ର, ଅବିନାଶ ମିଶ୍ର ପ୍ରମୁଖ ପୂଜା କାର୍ଯ୍ୟ ସଂପାଦନ କରୁଛନ୍ତି। କାର୍ଯ୍ୟକ୍ରମରେ ମା’ଙ୍କ ଶରଣାଶ୍ରିତ ଭକ୍ତ ବୃନ୍ଦ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହଯୋଗରେ ହରିହାଟର ବ୍ୟବସ୍ଥା କରାଯାଇଥିବା ଦେଖିବାକୁ ମିଳିଥିଲା।

## ବିଦ୍ୟୁତ୍ କଟିଗଲେ ଚନ୍ଦନଯାତ୍ରାରେ ଅନ୍ଧକାର

**କଣ୍ଟିଲୋ,୨୩।୪/ଏନ୍ଏନ୍ଏସ୍:** ଚଳିତ ବର୍ଷ ପ୍ରଭୁ ଶ୍ରୀ ନୀଳମାଧବଙ୍କ ଚନ୍ଦନ ଯାତ୍ରା ଆରମ୍ଭ ହୋଇଛି। ହେଲେ ବହୁ ଆଡ଼ମ୍ବରେ ଲଘୁ କ୍ରିୟା ସଦୃଶ୍ୟ ପ୍ରତ୍ୟେକ କାର୍ଯ୍ୟ ଚାଲୁଥିବା ଅଭିଯୋଗ ହେଉଛି। ବୁଧବାର ସନ୍ଧ୍ୟା ସମୟେ ବିଦ୍ୟୁତ୍ ନଥିବା ସମୟେ ଦେବୋତ୍ତର ବିଭାଗ କିମ୍ବା ଦାୟିତ୍ୱ ନେଇଥିବା ଚନ୍ଦନ ଯାତ୍ରା କମିଟି ସଦସ୍ୟଙ୍କ ତରଫରୁ କୌଣସି ବିକଳ୍ପ ବ୍ୟବସ୍ଥା ହୋଇ ନଥିବାରୁ ଭକ୍ତମାନେ ଚନ୍ଦନ ମଣ୍ଡପ ମନ୍ଦିର ଭିତରେ ଥିବା ଶ୍ରୀ ଜିଉମାନଙ୍କୁ ଦର୍ଶନ କରି ନପାରି ବହୁ ଅସନ୍ତୋଷ ପ୍ରକାଶ କରିଥିଲେ। ଏଥିସହିତ ଶ୍ରୀ ଜିଉମାନଙ୍କୁ ସମ୍ପୂର୍ଣ୍ଣ ଅନ୍ଧକାର କୋଠରୀ ମଧ୍ୟରେ ବନ୍ଦୀ କରି ରଖିଥିବା ଅଭିଯୋଗ ହୋଇଛି। ଭକ୍ତ, ଶ୍ରଦ୍ଧାଳୁ ଓ ସାଧାରଣ ଜନତାଙ୍କ ମନରେ ଗୋଟିଏ ପ୍ରଶ୍ନ ଉଠୁଛି ଯେ, ଚଳିତ ବର୍ଷ ଏହି ଯାତ୍ରା ପାଇଁ ତିନି ତିନି ଥର ପ୍ରସ୍ତୁତି ବୈଠକ ବସିଥିବା ଏବଂ ଏଥି ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଥିଲେ ହେଁ, ଶ୍ରୀଜିଉମାନଙ୍କୁ ବିଦ୍ୟୁତ୍ ନଥିବା ସମୟେ ବିକଳ୍ପ ବ୍ୟବସ୍ଥା ନକରି ଅନ୍ଧକାର କୋଠରୀରେ ରଖାଯାଉଛି କାହିଁକି ? ଦ୍ୱିତୀୟତଃ ଏହି ଚନ୍ଦନ ଯାତ୍ରା ଶ୍ରୀଜିଉମାନଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଯାତ୍ରା ହୋଇଥିବା ଏବଂ ଏଥିପାଇଁ ଲକ୍ଷାଧିକ ଟଙ୍କା ବ୍ୟୟବରାଦ ବଜେଟ ପ୍ରସ୍ତୁତ ହୋଇଥିଲା ବେଳେ ସାର୍ବଜନୀନ ପାଇଁ ଦେବୋତ୍ତର ବିଭାଗ ସମସ୍ତ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଅବଗତ ନକରିବା ଉଦ୍ଦେଶ୍ୟ କ’ଣ ହୋଇପାରେ ବୋଲି ପ୍ରଶ୍ନ ଉଠିଛି। ଏ ସମ୍ପର୍କେ ଖଣ୍ଡପଡ଼ା ତହସିଲଦାରଙ୍କ ମତାମତ ଜାଣିବା ପାଇଁ ବାରମ୍ବାର ଫୋନ୍ କରିଥିଲେ ହେଁ ସେ ଫୋନ୍ ଉଠାଇ ନଥିଲେ। ଯେହେତୁ ବର୍ତ୍ତମାନ ଗ୍ରୀଷ୍ମଋତୁ, ପ୍ରତିଦିନ ପ୍ରାୟ ଅଧିକାଂଶ ସମୟ ବିଦ୍ୟୁତ୍ କାଟ ଚାଲିବ। ତେଣୁ ଯଥାଶୀଘ୍ର ବ୍ୟୟ ବରାଦ ବଜେଟ୍‌ର ଅର୍ଥରାଶିକୁ ଉତ୍ତମ ଭାବେ ବିନିଯୋଗ କରିବା ଏବଂ ଶ୍ରୀଜିଉମାନଙ୍କ ମନ୍ଦିରଗୁଡ଼ିକ ଅନ୍ଧାର ନରଖି ବିକଳ୍ପ ସ୍ୱରୂପ ଜେନେରେଟର୍ ବ୍ୟବସ୍ଥା କରିବା ପାଇଁ ଦାବି ହେଉଛି।

## ‘ଓଡ଼ିଆ ଜନଜୀବନର ଉଜ୍ଜ୍ୱଳ ଆଲୋକବର୍ତ୍ତିକା ଥିଲେ ଜାନକୀବଲ୍ଲଭ’

**ଚୌଦ୍ୱାର,୨୩।୪/ଏନ୍ଏନ୍ଏସ୍:** ଓଡ଼ିଶାର ଜନଜୀବନ ଉପରେ ଥିଲା ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଅସାଧାରଣ ଓ ଅପ୍ରତିହତ ପ୍ରଭାବ। ରାଜ୍ୟର ରାଜନୀତି, ସାହିତ୍ୟ, ସଂସ୍କୃତି, ସାମ୍ବାଦିକତାକୁ ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ପ୍ରଭାବିତ କରିବାରେ ସେ ଥିଲେ କୁଶଳୀ ବ୍ୟକ୍ତିତ୍ୱ। ଓଡ଼ିଶାର ସର୍ବାଙ୍ଗୀନ ବିକାଶ, ଓଡ଼ିଆ ଅସ୍ମିତାର ପ୍ରତିଷ୍ଠା, ଓଡ଼ିଆ ଭାଷା ସାହିତ୍ୟର ବିକାଶ ଓ ପ୍ରଚାର ଦିଗରେ ତାଙ୍କର ନିରବଚ୍ଛିନ୍ନ ପ୍ରୟାସ ପ୍ରଶଂସନୀୟ। ଓଡ଼ିଆଙ୍କୁ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ଦେଇ ସ୍ୱାବଲମ୍ବନଶୀଳ କରାଇବାରେ ଜାନକୀବାବୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ ବୋଲି ଚୌଦ୍ୱାର ଠାରେ ଆୟୋଜିତ ସ୍ମୃତିସଭାରେ ମତପ୍ରକାଶ ପାଇଛି। ଜାନକୀ ବଲ୍ଲଭ ପଟ୍ଟନାୟକ ସ୍ମୃତି ସଂସଦ, ଚୌଦ୍ୱାର ଆନୁକୂଲ୍ୟରେ ହିନ୍ଦ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ସଂସଦର ସଭାପତି ଦାମୋଦର ସାହୁଙ୍କ ପୌରୋହିତ୍ୟରେ ଓ.ଟି.ଏମ୍ କଲୋନୀସ୍ଥିତ ଶ୍ରମିକ ପରିବାର ଯୁବକ ସଂଘ କାର୍ଯ୍ୟାଳୟ ପରିସରରେ ୧୧ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଏକ ସାର୍ବଜନୀନ ସ୍ମୃତିସଭା ଆୟୋଜିତ ହୋଇଥିଲା। ଏଥିରେ ଇଷ୍ଟର୍ଣ୍ଣ ମିଡ଼ିଆ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ତଥା ପ୍ରାକ୍ତନ ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥି, ବିଶିଷ୍ଟ ସାରସ୍ୱତ ସାଧକ ଡ.ଉଦ୍ଧବ ଚରଣ ନାୟକ ମୁଖ୍ୟବକ୍ତା ଓ ସ୍ୱନାମଧନ୍ୟ ସ୍ତମ୍ଭକାର ପ୍ରଫେସର ଅଭିରାମ ବିଶ୍ୱାଳ ବରେଣ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେ। ସଂସଦର ସଂପାଦକ ଦିବ୍ୟଜ୍ୟୋତି ପାଣି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାଧାରଣ ସଂପାଦକ ଆଇନଜୀବୀ କୈଳାସ ଚନ୍ଦ୍ର ସାହାଣୀ ବିବରଣୀ ପାଠ କରିଥିଲେ। ଏହି ଅବସରରେ ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀଙ୍କୁ ‘ଜାନକୀବଲ୍ଲଭ ସାରସ୍ୱତ ସମ୍ମାନ’, ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ରଥଙ୍କୁ ‘ଜାନକୀବଲ୍ଲଭ ଶିକ୍ଷା ସମ୍ମାନ’, ବରିଷ୍ଠ ସାମ୍ବାଦିକ ଡ. ରାଜାରାମ ଶତପଥୀଙ୍କୁ ‘ଜାନକୀବଲ୍ଲଭ ସାମ୍ବାଦିକତା ସମ୍ମାନ’ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡ୍ରିମସ ବିଶ୍ୱିଦ୍ୟାଳୟର ଭାଇସ୍ ଚେୟାରମ୍ୟାନ୍ ଇଂ. ଦୁର୍ଗାପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଉସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ଉପ ସଭାପତି ଶରତ କୁମାର ଖୁଣ୍ଟିଆ, ବିଜେପି ନେତା ବୈରାଗୀ ଚରଣ ପ୍ରଧାନ, ରେଭେନ୍ସା ମହାବିଦ୍ୟାଳୟର ପ୍ରାକ୍ତନ ସଭାପତି ଅଜୟ ମିଶ୍ର, ଯୁବନେତା ହରିଶଙ୍କର ରାଉତ, ବିଜେପି ଓବିସି ମୋର୍ଚ୍ଚାର ରାଜ୍ୟ ସଂପାଦକ ଜ୍ଞାନେନ୍ଦ୍ର କୁମାର ସ୍ୱାଇଁ, ଜିଲ୍ଲା କଂଗ୍ରେସର ଉପସଭାପତି, ଚୌଦ୍ୱାର ନଗର କଂଗ୍ରେସର ସଭାପତି ହରିହର ପରିଡ଼ା, ଡ୍ରିମ୍‌ସ୍‌ର ଲୋକସଂପର୍କ ଅଧିକାରୀ ନିରାକାର ସାହୁ, ଝୁମୁକା ସଂପାଦକ ମାନସ ରଂଜନ ସାମଲ, କାଉନସିଲର ଦିଲ୍ଲୀପ କୁମାର ଭୂୟାଁ, ଜଗତପୁର କଂଗ୍ରେସ ନେତା ଅଲେଖ ଚନ୍ଦ୍ର ବେହେରା, ଜିଲ୍ଲା କଂଗ୍ରେସ ମୁଖପାତ୍ର ମାନସ ପରିଡ଼ା, ବିଜେପି ନେତା ବିଷ୍ଣୁଚରଣ ପରିଡ଼ା, ପ୍ରଶାନ୍ତ କୁମାର ହେତା, ବିଜେଡ଼ି ନେତା ତୀର୍ଥାନନ୍ଦ ସୁବୁଦ୍ଧିରାୟ, ଲକ୍ଷ୍ମଣ ରାଉତ, ପୂର୍ବତନ କାଉନସିଲର ମନୋଜ କୁମାର ମହାନ୍ତି, କଂଗ୍ରେସ ନେତା ରାଜୀବ ମହାନ୍ତି, ସୁବାସ ଚନ୍ଦ୍ର ଦଳେଇ, ଶିକ୍ଷାବିତ୍ ପ୍ରମୋଦ କୁମାର ନାୟକ ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଡ. ମମତା ସାହୁ, ଶିକ୍ଷୟିତ୍ରୀ ଗୀତିକା ସ୍ୱାଇଁ, ଆଡ଼ଭୋକେଟ୍ ରୀନା ମାନସିଂହ ମାନପତ୍ର ପାଠ କରିଥିଲେ। ଶେଷରେ ଉପ ସଭାପତି ବିଶ୍ୱକଲ୍ୟାଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଶିଶୁ ନୃତ୍ୟଶିଳ୍ପୀ ଶର୍ମିଷ୍ଠା କର, ତନୁଶ୍ରୀ କର ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ।

## କଂଗ୍ରେସ ତରଫରୁ ଜାନକୀବଲ୍ଲଭଙ୍କ ଶ୍ରାଦ୍ଧୋତ୍ସବ

**ଆଠଗଡ଼,୨୩।୪/ଏନ୍ଏନ୍ଏସ୍:** ଆଠଗଡ଼ ତିଗିରିଆ ନିର୍ବାଚନ ମଣ୍ଡଳୀ କଂଗ୍ରେସ କମିଟି ଆୟୋଜନରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ଆସାମର ପୂର୍ବତନ ରାଜ୍ୟପାଳ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୧୧ତମ ଶ୍ରାଦ୍ଧ ଦିବସ ଆଠଗଡ଼ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ କଂଗ୍ରେସ ପକ୍ଷରୁ ସହର ସ୍ଥିତ ଗଦାସାହି ଭାଗିରଥି ସାଗରରେ ସ୍ୱର୍ଗତ ଜାନକୀ ବଲ୍ଲଭଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ କରାଯିବା ସହିତ ଶ୍ରଦ୍ଧା ସୁମନ ପ୍ରଦାନ କରିଥିଲେ। ଏହାସହିତ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ପରେ ପରେ ବ୍ଲକ କଂଗ୍ରେସ ସଭାପତି କିରଣ ବିହାରୀ ଖଟୁଆଙ୍କ ସଂଯୋଜନାରେ ଅନୁଷ୍ଠିତ ସ୍ମୃତି ଚାରଣ ସଭାରେ ଆଠଗଡ଼ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ କଟକ ଜିଲ୍ଲା କଂଗ୍ରେସ ସଭାପତି ପ୍ରଦୀପ୍ତ କୁମାର ଦାସ, ମୁଖ୍ୟ ବକ୍ତା ଭାବେ ପୂର୍ବତନ ସାଂସଦ ସୁବାସ ମହାନ୍ତି, ସମ୍ମାନିତ ଅତିଥି ଭାବେ ପ୍ରଦେଶ କଂଗ୍ରେସ ସେବାଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ବରିଷ୍ଠ କଂଗ୍ରେସ ନେତା ବିଭୂତି ଭୂଷଣ ମିଶ୍ର, ଆଠଗଡ଼ ବିଧାୟକ ପ୍ରାର୍ଥୀ ସୁଦର୍ଶନ ସାହୁ, ଜିଲ୍ଲା ହରିଜନ ସେଲ୍ ର ଅଧ୍ୟକ୍ଷ ପ୍ରତାପ ମଲ୍ଲିକ, ପାରାଦୀପ ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ନିରଞ୍ଜନ ନାୟକ, ରାଜ୍ୟ ସେବାଦଳ ସଦସ୍ୟ ବିଜୟ ଲକ୍ଷ୍ମୀ ମହାପାତ୍ର ଆଦି ଯୋଗ ଦେଇଥିଲେ। ତିଗିରିଆ ବ୍ଲକ ସଭାପତି ସୋମନାଥ ଦାସ, ଟାଙ୍ଗୀ ବ୍ଲକ ସଭାପତି ଆଶୁତୋଷ ବରାଳ, ଆଠଗଡ଼ ନଗର କଂଗ୍ରେସ ସଭାପତି ଅଶୋକ କୁମାର ଦାଶ, ବରିଷ୍ଠ କଂଗ୍ରେସ ନେତା ତଥା ଜିଲ୍ଲା ଉପ ସଭାପତି ଗିରିଜା ଶଙ୍କର ପଟ୍ଟନାୟକ, ହୃଦାନନ୍ଦ ତ୍ରିପାଠୀ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରିୟବ୍ରତ ଦାସ, ମନୋରଞ୍ଜନ ଦାଶ, ଜିଲ୍ଲା ସମ୍ପାଦକ ହିମାଂଶୁ ମହାନ୍ତି, ରାଜ୍ୟ ଛାତ୍ର କଂଗ୍ରେସ ସମ୍ପାଦକ ପ୍ରଶାନ୍ତ ବେହେରା, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ଅଭିଷେକ ପଟ୍ଟନାୟକ, ଆଠଗଡ଼ ପୂର୍ବତନ ନଗର ସଭାପତି ସୋମନାଥ ଭକ୍ତା, ମାନସ ପଟ୍ଟନାୟକ, ପୂର୍ବତନ ବ୍ଲକ ସଭାପତି କିଶୋର ସାମନ୍ତରାୟ, ସଦାନନ୍ଦ ପଟ୍ଟନାୟକ, କଂଗ୍ରେସ ନେତା ସୁରେଶ ପରିଡ଼ା, ଗଦାଧର ରାଉତ, ସୁରେଶ ବିଶ୍ୱାଳ, ଉଦୟନାଥ ନାୟକ, ଗୁରୁଚରଣ ପ୍ରଧାନ, ମେହେବୁବ ଅହମଦ ଖାନ, ସୁର ଜେନା, ମିନିଷ୍ଟର ପ୍ରଧାନ, ଶିବାଶିଷ ମିଶ୍ର, ତ୍ରିଲୋଚନ ବେହେରା, ଧୀରେନ୍ଦ୍ର ବେହେରା, ବ୍ରହ୍ମାନନ୍ଦ ନାଏକ, ରାକେଶ ରାଉତ ଆଦି ଉପସ୍ଥିତ ଥିଲେ।

**ନିତି ଭାରତୀ**

ପଞ୍ଚାୟତିରାଜ ଯେତେବେଳେ ପ୍ରତିଷ୍ଠିତ ହୋଇଯିବ, ଜନମତ ତାହା କରି ପାରିବ, ଯାହା ହିଂସା କେବେହେଲେ କରି ପାରିବ ନାହିଁ।
- ମହାତ୍ମା ଗାନ୍ଧୀ



ନିତିଦିନ NITIDIN
ଶୁକ୍ରବାର, ୨୪ ଏପ୍ରିଲ ୨୦୨୬

# ପଞ୍ଚାୟତିରାଜ ଭିତ୍ତିଭୂମିରୁ ଅନ୍ତ୍ୟୋଦୟ



ରବି ନାରାୟଣ ନାଏକ

ଇଂରେଜମାନଙ୍କ ବିରୋଧରେ ଚାଲିଥିବା ସ୍ୱାଧୀନତା ଆନ୍ଦୋଳନ ପଛରେ ଆମ ନେତୃମଣ୍ଡଳୀଙ୍କ ସ୍ୱପ୍ନ ଥିଲା, ଆମ ଦେଶର ଶାସନ ଆମେ କରିବା ଏବଂ ଗଣତନ୍ତ୍ର ବ୍ୟବସ୍ଥା ସ୍ଥାପନ କରିବା। ଗଣତନ୍ତ୍ର ଶାସନ ଆସିଲେ ସମାଜର ସବୁଠାରୁ ତଳ ସ୍ତରରେ ଥିବା ଲୋକଟିର କଥା ଶୁଣିବାକୁ ଅଗ୍ରାଧିକାର ଦିଆଯିବ। ସ୍ୱାଧୀନ ଭାରତରେ ଗଣତାନ୍ତ୍ରିକ ପ୍ରକ୍ରିୟା ସହିତ ଜଡ଼ିତ ହୋଇ ଆରମ୍ଭ ହେଲା ପଞ୍ଚାୟତିରାଜ ବ୍ୟବସ୍ଥା। ସମ୍ବିଧାନର ୭୩ତମ ସଂଶୋଧନ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଏକ ସାମ୍ବିଧାନିକ ମର୍ଯ୍ୟାଦା ପ୍ରଦାନ କଲା, ଯାହା ଫଳରେ ସ୍ଥାନୀୟ ଅଧିବାସୀଙ୍କ ସକ୍ରିୟ ସହଯୋଗରେ ତୃଣମୂଳ ଗଣତନ୍ତ୍ର ପ୍ରତିଷ୍ଠା ସହିତ ରାଷ୍ଟ୍ର ନିର୍ମାଣରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କଲା।

ରାଜ୍ୟରେ ୨୦୨୪ ମସିହାରେ ଲୋକଙ୍କ ସରକାର ଗଠନ ହେଲା ପରେ ବିକାଶ ମଡେଲ ୬ଟି ନୀତି ଉପରେ ଆଧାରିତ ହେଲା। ସେଗୁଡ଼ିକ ହେଲା- 'ଲୋକ ପ୍ରଥମେ ଆଧାରିତ ବିକାଶ', 'ଗ୍ରାମ ସଶକ୍ତିକରଣ', 'ଅନ୍ତର୍ଭୁକ୍ତି ଅଭିବୃଦ୍ଧି', 'ପ୍ରଯୁକ୍ତି ବିଦ୍ୟାର ଉନ୍ନତି', 'ସାଂସ୍କୃତିକ ଅସ୍ମିତା' ଏବଂ 'ଦାୟିତ୍ୱପୂର୍ଣ୍ଣ ଶାସନ'। ଏହାକୁ ପାଥେୟ କରି ପଞ୍ଚାୟତିରାଜ ବିଭାଗ ଆଗକୁ ବଢ଼ି ଚାଲିଛି। ପଞ୍ଚାୟତିରାଜ ପ୍ରତିଷ୍ଠାନଗୁଡ଼ିକ ଶାସନ ବିକେନ୍ଦ୍ରୀକରଣର ପ୍ରଥମ ସୋପାନ। ଭିତ୍ତିଭୂମିର ବିକାଶ, ମୌଳିକ ସେବା ଯୋଗାଣ, ଦାରିଦ୍ର୍ୟ ଦୂରୀକରଣ, କର୍ମନିଯୁକ୍ତି ଓ ଦକ୍ଷତା ବୃଦ୍ଧି ଇତ୍ୟାଦି କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମାଞ୍ଚଳର ବିକାଶ ଆମ ଲକ୍ଷ୍ୟ। କେନ୍ଦ୍ର ଓ ରାଜ୍ୟ ଅର୍ଥ କମିଶନ ସୁପାରିସଗୁଡ଼ିକୁ କାର୍ଯ୍ୟକାରୀ କରି ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼, ସଶକ୍ତ ଓ କ୍ରିୟାଶୀଳ କରିବା ପଥରେ ଆମେ ଅଗ୍ରସର। ସହରୀକରଣର ଆଁ ଭିତରେ ଗାଁଗୁଡ଼ିକୁ ହଜି ଯିବାକୁ ଦିଆଯିବ ନାହିଁ। ଏହା କେବଳ ଆମ ପ୍ରଚେଷ୍ଟା ନୁହେଁ, ଏହା ଆମ ପ୍ରତିବଦ୍ଧତା।

ଗ୍ରାମାଞ୍ଚଳ ଅଧିବାସୀଙ୍କୁ ସର୍ବନିମ୍ନ ସୁବିଧା, ଯଥା ଘର, ରାସ୍ତା ଓ ପାନୀୟ ଜଳ ଯୋଗାଇ ଦେବା ପଞ୍ଚାୟତିରାଜ ବିଭାଗର ପ୍ରମୁଖ କାର୍ଯ୍ୟ। ପୂର୍ବରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ହିତାଧିକାରୀମାନଙ୍କୁ ଘର ଯୋଗାଇ ଦିଆ ଯାଉଥିଲା, ତେବେ ଅନେକ ସ୍ଥଳରେ ସରକାରୀ ଦିଶା ନିର୍ଦ୍ଦେଶର ପ୍ରତିବନ୍ଧକକୁ ଅତିକ୍ରମ କରି ଗରିବ, ଅସହାୟ ଓ ଯୋଗ୍ୟ ହିତାଧିକାରୀଙ୍କୁ ଘରଟିଏ ଦେବା ସମ୍ଭବ ହୋଇପାରୁ ନଥିଲା। ଏଭଳି କ୍ଷେତ୍ରରେ ସମସ୍ତେ କିଂକର୍ତ୍ତବ୍ୟବିମୂଢ଼ ହୋଇ ରହିବାକୁ ବାଧ୍ୟ ହେଉଥିଲେ। ଏହି ସମସ୍ୟାକୁ ଅନୁଭବ କରି ଆମ ସରକାର ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କଲେ। ଏହି ଯୋଜନା ମାଧ୍ୟମରେ ଦଳିତ, ନିଷ୍ପେଷିତ, ଅସହାୟ, ଭିନ୍ନକ୍ଷମ, ବିଧବା, ସ୍ୱାମୀ ପରିତ୍ୟକ୍ତା, ପ୍ରାକୃତିକ ଦୁର୍ବିପାକ ପୀଡ଼ିତ ଓ ସମାଜର ଅବହେଳିତ ବର୍ଗକୁ ବାସଗୃହ ଯୋଗାଇ ଦିଆଯାଇ ପାରୁଛି। ଗ୍ରାମାଞ୍ଚଳବାସୀଙ୍କ ପାଇଁ ଏହା ବରଦାନ ସଦୃଶ ହୋଇଛି।

ରାଜ୍ୟରେ ଅନୁନ୍ନତ ଜିଲ୍ଲା ଓ ପଛୁଆ ଅଞ୍ଚଳରେ ବାସ କରୁଥିବା ଜନଜାତି ସମ୍ପ୍ରଦାୟର ଭାଇ ଭଉଣୀମାନଙ୍କ ସାମଗ୍ରିକ ବିକାଶ ସହିତ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଭିଯାନ (PM JANMAN) ଯୋଜନା ମାଧ୍ୟମରେ ଜନଜାତି ଗୋଷ୍ଠୀଗୁଡ଼ିକର ବିକାଶ କ୍ଷେତ୍ରରେ ଥିବା ପ୍ରତିବନ୍ଧକସବୁକୁ ଅଗ୍ରାଧିକାର ଭିତ୍ତିରେ ଦୂର କରିବାର ପ୍ରୟାସ ଆରମ୍ଭ ହୋଇଛି। ଏହି ଯୋଜନା ମାଧ୍ୟମରେ ଅନୁସୂଚିତ ଜନଜାତି ବର୍ଗର ୪୨୦୦୦ରୁ ଅଧିକ ଅନୁନ୍ନତ ପରିବାରକୁ ବାସଗୃହ ଯୋଗାଇ ଦିଆଯାଇଛି। କେବଳ ଭିତ୍ତିଭୂମିର ବିକାଶ ନୁହେଁ, ଅନୁସୂଚିତ ଜନଜାତି ଅଞ୍ଚଳରେ ପେସା ଆଇନକୁ ଅଧିକ ପ୍ରଭାବଶାଳୀ ଓ ସଶକ୍ତ କରିବା କାର୍ଯ୍ୟ ଜାରି ରହିଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜନଜାତି ସଶକ୍ତିକରଣ, ଗ୍ରାମସଭା ସଶକ୍ତିକରଣ ଓ ପାରମ୍ପାରିକ ଶାସନ ପ୍ରଣାଳୀ ମାଧ୍ୟମରେ ବିବାଦର ସମାଧାନ ଉପରେ ଗୁରୁତ୍ୱ ଦିଆଯାଉଛି। ବର୍ତ୍ତମାନ ଆମ ରାଜ୍ୟରେ ୧୫ଟି ଆଦିବାସୀ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଏହି ଯୋଜନା ସାମାଜିକ ସମରସତା କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ।

ବହୁ ଦିନ ବ୍ୟବଧାନରେ ଗାଁକୁ ଫେରୁଥିବା ଜଣେ ବ୍ୟକ୍ତି ତାଙ୍କ ଗାଁକୁ ଲମ୍ବିଥିବା ସୁନ୍ଦର ସଡ଼କକୁ ଦେଖି ବହୁତ ଖୁସି ହେଲେ, ତେବେ ଗାଁରେ ପହଞ୍ଚି ସାରିଲା ପରେ ଦୀର୍ଘଶ୍ୱାସଟିଏ ମାରି କହିଲେ, 'ସଡ଼କ ତମେ ଏବେ ଆମ ଗାଁକୁ ଆସିଲ ଯେତେବେଳେ ଆମ ଗାଁର ଅଧିକାଂଶ ଲୋକ ଗାଁ ଛାଡ଼ି ସହରକୁ ଚାଲି ଗଲେଣି।' ଏହାର ଅର୍ଥ କେବଳ ସଡ଼କ, ପୋଲ, କୋଠାବାଡ଼ି ଭଳି ଭୌତିକ ବିକାଶ ହେଲେ ଲୋକେ ଗାଁରେ ରହିବେ ନାହିଁ କିମ୍ବା ପଳାୟନ ବନ୍ଦ କରାଯାଇ ପାରିବ ନାହିଁ। ସେଥିପାଇଁ ଆବଶ୍ୟକ ଗାଁର ସର୍ବାଙ୍ଗୀନ ବିକାଶ। ଏଥିପାଇଁ ଆମ ସରକାରଙ୍କ ନିଜସ୍ୱ ଯୋଜନା 'ବିକଶିତ ଗାଁ ବିକଶିତ ଓଡ଼ିଶା' କାର୍ଯ୍ୟକାରୀ ହେଉଛି। ଏହି ଯୋଜନା ମାଧ୍ୟମରେ ଗ୍ରାମୀଣ ସଡ଼କ, ସେତୁ ସହିତ ଗ୍ରାମବାସୀଙ୍କ ଆବଶ୍ୟକ ମୁତାବକ କଲ୍ୟାଣ ମଣ୍ଡପ, କମ୍ୟୁନିଟି ସେଣ୍ଟର, ପାଠାଗାର, ଡ୍ରେନ୍, ପୋଖରୀ, ଗାଧୁଆ ତୁଠ, ପୋଷାକ ପରିବର୍ତ୍ତନ ଗୃହ, ବଜାର, ହାଟ, ଜଳ ଅମଳ ପ୍ରକଳ୍ପ, କ୍ରୀଡ଼ା ଭିତ୍ତିଭୂମି, ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ, ଭାଗବତ ଟୁଙ୍ଗି ନିର୍ମାଣ ଏବଂ ଅନ୍ୟାନ୍ୟ ଅଭିନବ ପ୍ରକଳ୍ପ ନିର୍ମାଣ କରାଯାଇ ପାରିବ। ୨୦୩୬ ମସିହାରେ ଆମ ରାଜ୍ୟ ଗଠନର ୧୦୦ ବର୍ଷ ପୂର୍ତ୍ତି ହେବ। ଏହାକୁ ଆଖି ଆଗରେ ରଖି ଏହି ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳକୁ ବିକଶିତ, ସ୍ୱଚ୍ଛ, ସୁନ୍ଦର ଓ ଆତ୍ମନିର୍ଭରଶୀଳ କରିବାର ଏକ ଦୀର୍ଘମିଆଦୀ ଖସଡ଼ା ପ୍ରସ୍ତୁତ କରାଯାଇଛି। ବିକାଶ କହିଲେ କେବଳ ଅନ୍ୟ ଉପରେ ନିର୍ଭର କରିବା ଓ ସବୁକିଛି କିଣି ଖାଇବାକୁ ଯଦି ବୁଝାଏ, ତେବେ ଆମ ପାଇଁ ବିକାଶର ଏହି ଛବିଳ ବର୍ଣ୍ଣବୋଧ ଲୋଡ଼ା ନାହିଁ। ଆମ ପାଇଁ ବିକାଶ ମାନେ ସରଳ, ପରିପୂର୍ଣ୍ଣ ଏବଂ ଆତ୍ମନିର୍ଭର ଜୀବନ ଜିଇଁବାର ସ୍ୱାଧୀନତା। ସେଥିପାଇଁ ଆମର ଏହି ପୂର୍ବ ପ୍ରସ୍ତୁତି।

ଆମ ପାଇଁ ସବୁଠାରୁ ବଡ଼ ଆହ୍ୱାନ ହେଉଛି ଦାଦନ ସମସ୍ୟାର ସ୍ଥାୟୀ ସମାଧାନ ଓ ପଳାୟନ ରୋକିବା। ଗ୍ରାମାଞ୍ଚଳରେ ନିଶ୍ଚିତ କର୍ମ ନିଯୁକ୍ତି ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମ ମନରେଗା (MGNREGS) ପରିବର୍ତ୍ତେ ଅନ୍ୟ ଏକ




ମହତ୍ତ୍ୱାକାଂକ୍ଷୀ ଯୋଜନା 'ଭିବି ଜି ରାମ ଜି' (VB G RAM G)ଆରମ୍ଭ ହୋଇଛି। ଏହି ଯୋଜନାରେ ପୂର୍ବରୁ ଥିବା ୧୦୦ ଦିନର ନିଶ୍ଚିତ କର୍ମନିଯୁକ୍ତିକୁ ୧୨୫ ଦିନକୁ ବୃଦ୍ଧି କରାଯାଇଛି ଏବଂ ଦିନକୁ ଦିନ ଆମ କୃଷିକ୍ଷେତ୍ର ସାମ୍ନା କରୁଥିବା ସମସ୍ୟାକୁ ଅନୁଭବ କରି ଚାଷ ଦୁଇ ମାସ, ଅର୍ଥାତ୍ ୬୦ ଦିନକୁ ଏଥିରୁ ବାଦ୍ ଦିଆଯାଇଛି। ଫଳରେ କୃଷକ ଭାଇମାନେ ନିଜ ଚାଷକାମ ସମ୍ପୂର୍ଣ୍ଣ କରି ବଳକା ସମୟରେ ୧୨୫ ଦିନର ନିଶ୍ଚିତ କର୍ମନିଯୁକ୍ତି ସୁଯୋଗ ପାଇ ପାରିବେ। ବିଶେଷ କ୍ଷେତ୍ରରେ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଅବଗତ କରି ଏହାକୁ ବୃଦ୍ଧି ମଧ୍ୟ କରି ପାରିବେ। କେବଳ ଭିବି ଜି ରାମ ଜି ନୁହେଁ, ଶିକ୍ଷା ଓ ପ୍ରଶିକ୍ଷଣ ମାଧ୍ୟମରେ ଅନ୍ୟାନ୍ୟ ଅନେକ କ୍ଷେତ୍ରରେ ନିଯୁକ୍ତି ପାଇଁ ଗ୍ରାମାଞ୍ଚଳ ଅଧିବାସୀଙ୍କୁ ଯୋଗ୍ୟ କରିବାକୁ ଆମ ସରକାର ଉଦ୍ୟମ କରୁଛନ୍ତି। ଏଥିପାଇଁ ଏକ ମନ୍ତ୍ରୀସ୍ତରୀୟ କମିଟି ଓ ସଚିବସ୍ତରୀୟ ଟାସ୍କଫୋର୍ସ ଗଠନ କରି ଯୋଜନା ପ୍ରସ୍ତୁତ କରାଯାଉଛି।

ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି ମାଧ୍ୟମରେ ଗ୍ରାମୀଣ ଉତ୍ପାଦର ବଜାର ସୃଷ୍ଟି କରାଯାଇଛି। ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ବିକାଶ ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳରେ କର୍ମନିଯୁକ୍ତି ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ନୂତନ ଯୁଗର ଦକ୍ଷତା ତାଲିମ ମାଧ୍ୟମରେ ଶ୍ରମ ବଜାର ଅବଶ୍ୟକତାକୁ ଆଖି ଆଗରେ ରଖି ଶିଳ୍ପ ନେତୃତ୍ୱାଧୀନ ପଦ୍ଧତି ମାଧ୍ୟମରେ ଗ୍ରାମାଞ୍ଚଳର ଯୁବକ ଯୁବତୀମାନଙ୍କୁ ପ୍ରଶିକ୍ଷଣ ଯୋଗାଇ ଦିଆଯାଉଛି। ଜୀବିକା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମାଞ୍ଚଳର ଉତ୍ପାଦକୁ ନେଇ ଉଦ୍ୟୋଗ ପ୍ରତିଷ୍ଠା କରିବା କ୍ଷେତ୍ରରେ ପଞ୍ଚାୟତିରାଜ ବିଭାଗ କାର୍ଯ୍ୟ କରି ଆସୁଛି। ଏହିସବୁ ଯୋଜନା ଓ କାର୍ଯ୍ୟକ୍ରମ ଦାଦନ ସମସ୍ୟା ଓ ପଳାୟନ ରୋକିବାରେ ସହାୟକ ହେବ।

ବିକଶିତ ଓଡ଼ିଶା ଗଠନର ଦୀର୍ଘମିଆଦି ଖସଡ଼ା ସାମାନ୍ୟ ବିଳମ୍ବିତ, କିନ୍ତୁ ବିଡ଼ମ୍ବିତ ନୁହେଁ। ଏହି ରୂପାନ୍ତରଣ ପ୍ରକ୍ରିୟାର ଅନେକ ଗୌରବମୟ ଉଦାହରଣସବୁ ଉପଲବ୍ଧ ହେଲାଣି। ଆମେ କିଛି ବାଟ ଅତିକ୍ରମ କରି ସାରିଲୁଣି ଏବଂ ଆମ ଚାରି ପାଖରେ ଅପାର ସମ୍ଭାବନା ଭରି ରହିଛି। ସମାଜର ଅନ୍ତିମ ସୋପାନରେ ଥିବା ଲୋକଟିକୁ ସମ୍ମାନ ଓ ସୁଯୋଗ ପ୍ରଦାନ କରିବା ପାଇଁ ଆମର ଅନ୍ତ୍ୟୋଦୟ ସ୍ୱପ୍ନ କ୍ରମାଗତ ଭାବେ ଆମକୁ ମାର୍ଗଦର୍ଶନ କରି ଚାଲିଛି।

**ମାନ୍ୟବର ମନ୍ତ୍ରୀ**
**ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ**
**ଓଡ଼ିଶା ସରକାର**

# ମହିଳା ସଶକ୍ତିକରଣ ପଥେ ଓଡ଼ିଶା



ବିଦ୍ୟାଧର ମହାରଣା

ଆଜିକାଲି ମହିଳା ସଶକ୍ତିକରଣ ଉପରେ ସର୍ବତ୍ର ଆଲୋଚନା କରାଯାଉଛି। କାରଣ, ମହିଳାମାନେ କେବଳ ଗୃହ କାର୍ଯ୍ୟରେ ସୀମିତ ନରହି ଦେଶ ଗଠନରେ ଅଂଶଗ୍ରହଣ ପାଇଁ ଆଗଭର ହେଲେଣି। ମହିଳା ସଶକ୍ତିକରଣ ହେଉଛି ଏକ ପ୍ରକ୍ରିୟା, ଯାହା ମହିଳାମାନଙ୍କୁ ସେମାନଙ୍କ ଜୀବନ ଉପରେ ନିୟନ୍ତ୍ରଣ ହାସଲ କରିବା, ଆତ୍ମସମ୍ମାନ ବୃଦ୍ଧି କରିବା ସହିତ ପ୍ରତ୍ୟେକ କ୍ଷେତ୍ରରେ ନିଷ୍ପତ୍ତି ନେବାର ଅଧିକାର ପ୍ରଦାନ କରିବା ପାଇଁ ଅଭିପ୍ରେତ। ଲିଙ୍ଗଭିତ୍ତିକ ଅସମାନତାକୁ ଚ୍ୟାଲେଞ୍ଜ କରିବା ଏବଂ ସମାଜର ସମସ୍ତ କ୍ଷେତ୍ରରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବା ପାଇଁ ମହିଳାମାନଙ୍କୁ ଶିକ୍ଷା, ଆର୍ଥିକ ସମ୍ବଳ ଏବଂ ରାଜନୈତିକ ପ୍ରଭାବ ସହିତ ଜଡ଼ିତ କରିବାର ଆବଶ୍ୟକତା ଅନୁଭୂତ ହେଲାଣି। ଫଳ ସ୍ୱରୂପ, ଅର୍ଥନୈତିକ, ରାଜନୈତିକ, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏଥିପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଓଡ଼ିଶା ମହିଳା ସଶକ୍ତିକରଣ କ୍ଷେତ୍ରରେ ବହୁତ କିଛି ଅଗ୍ରଗତି କରିଛି ବୋଲି ଚର୍ଚ୍ଚା ହେଲାବେଳେ କେତେକ ଆହ୍ୱାନର ସମ୍ମୁଖୀନ ହେବାର ସମ୍ବାଦ ପ୍ରକାଶ ପାଏ। ଗତ କିଛି ଦଶନ୍ଧି ଧରି ଓଡ଼ିଶା ମହିଳାମାନଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ଜୀବିକାର୍ଜନ କ୍ଷେତ୍ରରେ ବହୁ ସଫଳତା ହାସଲ କରିଛି- ଏହାକୁ ସ୍ୱୀକାର କରିବାକୁ ହେବ। ଏହା ସତ୍ତ୍ୱେ ସାମାଜିକ ମୂଲ୍ୟବୋଧ, ଅର୍ଥନୈତିକ ନିର୍ଭରଶୀଳତା ଓ ଢାଞ୍ଚାଗତ ଅସମତା ମହିଳା ସଶକ୍ତିକରଣକୁ ବାସ୍ତବରେ ସୀମିତ କରି ରଖିଛି। ପ୍ରଶ୍ନ ହେଉଛି- ସତରେ କ'ଣ ଓଡ଼ିଶା ଏ କ୍ଷେତ୍ରରେ ଯଥେଷ୍ଟ ଅଗ୍ରଗତି କରିଛି ଓ ଏପରି ସଫଳତା ମହିଳାମାନଙ୍କ ଜୀବନରେ ଦୀର୍ଘସ୍ଥାୟୀ ଭାବରେ ଏକ ରୂପାନ୍ତରଣ ସୃଷ୍ଟି କରି ପାରିଛି ?

ବର୍ତ୍ତମାନ ଆଲୋଚନା କରିବା କେଉଁ କ୍ଷେତ୍ରରେ ଓଡ଼ିଶା ବିଶେଷ ଅଗ୍ରଗତି କରିଛି। ସବୁଠାରୁ ଆଖିଦୃଶିଆ ପ୍ରଗତି ହୋଇଛି ମହିଳାମାନଙ୍କ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନରେ। ବହୁ ବେସରକାରୀ ସଂଗଠନ ଏ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି କରିଥିଲେ ମଧ୍ୟ ମିଶନ ଶକ୍ତି ରାଜ୍ୟରେ ପ୍ରାୟ ଛଅ ଲକ୍ଷ ଏସ୍ଏଚ୍‌ଜିରେ ୭୦ ଲକ୍ଷ ମହିଳାଙ୍କୁ ଅନ୍ତର୍ଭୁକ୍ତ କରି ପାରିଛି। ପ୍ରତି ଗୋଷ୍ଠୀକୁ ଅର୍ଥନୈତିକ କାର୍ଯ୍ୟକ୍ରମ ପାଇଁ ବିନା ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦିଆଯାଉଛି। ମାର୍ଚ୍ଚ ୨୦୨୬ ସୁଦ୍ଧା ୨୦୮ କୋଟି ଟଙ୍କା ଋଣ ଆକାରରେ ପ୍ରାୟ ୨.୬୭ ଲକ୍ଷ ମହିଳା ଗୋଷ୍ଠୀଙ୍କୁ ଯୋଗାଇ ଦିଆ ଯାଇଛି। ଏହି ଯୋଜନା ଲକ୍ଷ ଲକ୍ଷ ମହିଳାଙ୍କୁ, ବିଶେଷକରି ଗ୍ରାମାଞ୍ଚଳରେ ଋଣ ପାଇବା, କ୍ଷୁଦ୍ର ଉଦ୍ୟୋଗ ଆରମ୍ଭ କରିବା ଏବଂ ଆର୍ଥିକ ସ୍ୱାଧୀନତା ହାସଲ କରିବା ପାଇଁ ସକ୍ଷମ କରିଛି। ଆର୍ଥିକ ପ୍ରଗତି ବ୍ୟତୀତ ଏସ୍ଏଚ୍‌ଜିଗୁଡ଼ିକ ସଂହତି ଏବଂ ଆତ୍ମବିଶ୍ୱାସ ନିର୍ମାଣ ପାଇଁ ଏକ ମଞ୍ଚ ଗଠନ କରିଛନ୍ତି। ଯେଉଁ ମହିଳାମାନେ ପୂର୍ବରୁ ପରିବାର ଭୂମିକାରେ ସୀମିତ ଥିଲେ, ସେମାନେ ଏବେ ପରିବାର ଏବଂ ସ୍ଥାନୀୟ ଶାସନରେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଅଂଶଗ୍ରହଣ କରୁଛନ୍ତି। ଏହି ତୃଣମୂଳ ସ୍ତରରେ ଏକତ୍ରିତ ହେବା ଓଡ଼ିଶାର ସବୁଠାରୁ ପ୍ରଭାବଶାଳୀ ସଶକ୍ତିକରଣ ରଣନୀତି ମଧ୍ୟରୁ ଗୋଟିଏ ବୋଲି କୁହାଯାଇପାରେ। ମହିଳା ଗୋଷ୍ଠୀ ମଧ୍ୟରେ କେତେକ ଛତୁ ଚାଷ, ମହୁ ଚାଷ ଓ ଅନ୍ୟାନ୍ୟ ଉଦ୍ୟୋଗ ଦ୍ୱାରା ବର୍ଷକୁ ଏକ ଲକ୍ଷ ଟଙ୍କା ରୋଜଗାର କରି ଲକ୍ଷପତି ଦିଦି ହେବା ପାଇଁ ଆବର୍ତ୍ତି ପାଣ୍ଠି ଯୋଗାଇ ଦିଆ ଯାଇଛି। ଅର୍ଥନୈତିକ କାର୍ଯ୍ୟକ୍ରମଗୁଡ଼ିକ ଦ୍ୱାରା ମହିଳାମାନେ ଆତ୍ମନିର୍ଭରଶୀଳ ହେବା ସହିତ ସେମାନଙ୍କ ମୂଲଚାଲ କ୍ଷମତା ବା ବାର୍ଗେନିଂ ପାୱାର ବୃଦ୍ଧି କରି ପାରୁଛନ୍ତି। ଅନ୍ୟ



ଏକ ଯୋଜନା ସୁଭଦ୍ରା ଯୋଜନା, ଯାହାକି ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଅଭିପ୍ରେତ। ପାଞ୍ଚ ବର୍ଷରେ ଜଣେ ମହିଳା ୫୦୦୦୦ ଟଙ୍କା ପାଇ ଅର୍ଥନୈତିକ କାର୍ଯ୍ୟକ୍ରମ କରି ଆତ୍ମନିର୍ଭରଶୀଳ ହୋଇ ପାରିବେ। ଏହି ଯୋଜନାରେ ପ୍ରାୟ ଏକ କୋଟି ମହିଳା ଉପକୃତ ହେବେ।

ମହିଳା ଶିକ୍ଷା କ୍ଷେତ୍ରରେ ମଧ୍ୟ ଉତ୍ସାହଜନକ ପ୍ରଗତି ଦେଖିବାକୁ ମିଳେ। ଓଡ଼ିଶାରେ ମହିଳା ସାକ୍ଷରତା ହାର ସ୍ଥିର ଭାବରେ ବୃଦ୍ଧି ପାଉଛି ଏବଂ ପୂର୍ବ ଅପେକ୍ଷା ଅଧିକ ଝିଅ ସ୍କୁଲରେ ନାମ ଲେଖାଉଛନ୍ତି। ସାଇକେଲ, ଛାତ୍ରବୃତ୍ତି ଏବଂ ମାଗଣା ଶିକ୍ଷା ପ୍ରଦାନ କରୁଥିବା ସରକାରୀ ଯୋଜନାଗୁଡ଼ିକ ଅଧାରୁ ପାଠ ଛାଡୁଥିବା ହାର ହ୍ରାସ କରିବାରେ ସାହାଯ୍ୟ କରିଛି। ତଥାପି ନିଯୁକ୍ତି କ୍ଷେତ୍ରରେ କେତେକ ବୈଷମ୍ୟ ପରିଲକ୍ଷିତ ହେଉଛି। ସାମାଜିକ ଆଶା, ସୁରକ୍ଷା ଚିନ୍ତା ଏବଂ ସୀମିତ ଚାକିରି ସୁଯୋଗ ଥିବାରୁ ଗ୍ରାମାଞ୍ଚଳରେ ଅନେକ ଶିକ୍ଷିତ ମହିଳା ଏବେ ବି କର୍ମକ୍ଷେତ୍ରରେ ପ୍ରବେଶ କରିବାରେ ପ୍ରତିବନ୍ଧକର ସମ୍ମୁଖୀନ ହେଉଛନ୍ତି। ଶିକ୍ଷାଗତ ଯୋଗ୍ୟତା କେବଳ କର୍ମନିଯୁକ୍ତି ପାଇଁ ଯଥେଷ୍ଟ ହେଉନାହିଁ।

ମାତୃସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଏବଂ ଆନୁଷ୍ଠାନିକ ପ୍ରସବ ପ୍ରୋତ୍ସାହନ ମାଧ୍ୟମରେ ମହିଳାମାନଙ୍କ ପାଇଁ ସ୍ୱାସ୍ଥ୍ୟସେବା ଉପଲବ୍ଧତାରେ ଉନ୍ନତି ଘଟିଛି। ମାତୃ ମୃତ୍ୟୁହାର ହ୍ରାସ କରିବାରେ ଓଡ଼ିଶା ଉଲ୍ଲେଖନୀୟ ଅଗ୍ରଗତି କରିଛି। ତଥାପି କୁପୋଷଣ, ରକ୍ତହୀନତା ଏବଂ ପ୍ରଜନନ ସ୍ୱାସ୍ଥ୍ୟ ସଚେତନତାର ଅଭାବ ଭଳି ସମସ୍ୟାଗୁଡ଼ିକ ଏବେ ବି ଦୁର୍ବଳ ଗୋଷ୍ଠୀ ମଧ୍ୟରେ ଜଳଜଳ ହୋଇ ଦେଖାଯାଉଛି।

ଏହି ମୌଳିକ ସ୍ୱାସ୍ଥ୍ୟ ସମସ୍ୟା ସମାଧାନ ନ କରି ସଶକ୍ତିକରଣ ହାସଲ କରାଯାଇ ପାରିବ ନାହିଁ। ଓଡ଼ିଶାରେ ଏବେ ବି ବାଲ୍ୟ ବିବାହ, ଘରୋଇ ହିଂସା ଏବଂ ଲିଙ୍ଗଭିତ୍ତିକ ବୈଷମ୍ୟ ଗୁରୁତ୍ୱପୂର୍ଣ୍ଣ ଚିନ୍ତାର ବିଷୟ ହୋଇ ରହିଛି। ମହିଳାମାନଙ୍କୁ ସୁରକ୍ଷା ଦେବା ପାଇଁ ଆଇନ ଥିଲେ ମଧ୍ୟ ଏଗୁଡ଼ିକର ପ୍ରବର୍ତ୍ତନ ପ୍ରାୟତଃ ବିଫଳ ହୁଏ ଏବଂ ସାମାଜିକ କଳଙ୍କ ଅନେକଙ୍କୁ ନ୍ୟାୟ ପାଇବାରୁ ନିରୁତ୍ସାହିତ କରେ। ସଶକ୍ତିକରଣ କେବଳ ନୀତି ଏବଂ କାର୍ଯ୍ୟକ୍ରମ ବିଷୟରେ ସୀମିତ ନରହି ମାନସିକତା ପରିବର୍ତ୍ତନ ଉପରେ ଚେଷ୍ଟିତ ହେବା ଆବଶ୍ୟକ। ସମାଜ ମହିଳାଙ୍କ ଭୂମିକା ଏବଂ ଅଧିକାରକୁ କିପରି ଦେଖୁଛି, ସେଥିରେ ପରିବର୍ତ୍ତନ ଆସିବା ଜରୁରୀ।

ସହରାଞ୍ଚଳରେ ଅଧିକାଂଶ ମହିଳା ବୃତ୍ତିଗତ କର୍ମ ନିଯୁକ୍ତି, ଉଦ୍ୟୋଗ ଓ ସାଧାରଣ ଜୀବନରେ ଅଂଶଗ୍ରହଣ କରୁଛନ୍ତି। ଭଲ କଥା। ତଥାପି ସେମାନେ ମଧ୍ୟ କର୍ମକ୍ଷେତ୍ରରେ ବୈଷମ୍ୟ, ମଜୁରୀ ବ୍ୟବଧାନ ଏବଂ ସୁରକ୍ଷା ଚିନ୍ତା ଭଳି ଆହ୍ୱାନଗୁଡ଼ିକର ସମ୍ମୁଖୀନ ହୁଅନ୍ତି। ଡିଜିଟାଲ ବିଭାଜନ ବିଷୟଗୁଡ଼ିକୁ ଆହୁରି ଜଟିଳ କରିଥାଏ, କାରଣ ଆଧୁନିକ ବିଶ୍ୱରେ ଆର୍ଥିକ ଏବଂ ସାମାଜିକ ଅଂଶଗ୍ରହଣ ପାଇଁ ପ୍ରଯୁକ୍ତିବିଦ୍ୟା ଏବଂ ଡିଜିଟାଲ୍ ସାକ୍ଷରତା ଅତ୍ୟାବଶ୍ୟକ ହୋଇଯାଏ। ରାଜନୈତିକ ପ୍ରତିନିଧିତ୍ୱ ସଶକ୍ତିକରଣକୁ ପରୀକ୍ଷା କରିବା ପାଇଁ ସୁଯୋଗ ସୃଷ୍ଟି କରେ।

ରାଜ୍ୟରେ ପଞ୍ଚାୟତିରାଜ ପ୍ରତିଷ୍ଠାନ ଓ ନଗରପାଳିକାଗୁଡ଼ିକରେ ସଂରକ୍ଷଣ ମାଧ୍ୟମରେ ଓଡ଼ିଶା ସ୍ଥାନୀୟ ଶାସନରେ ୩୩% ମହିଳାଙ୍କୁ ଅନ୍ତର୍ଭୁକ୍ତ କରି ପାରିଛି। ଏହାଦ୍ୱାରା ତୃଣମୂଳ ସ୍ତରରେ ମହିଳାମାନଙ୍କୁ ନେତୃତ୍ୱ ଦେବାର ପ୍ରୟାସ କରାଯାଇଛି। ତଥାପି 'ପ୍ରକ୍ସି ନେତୃତ୍ୱ' ହିସାବରେ ପରିବାରର ପୁରୁଷ ସଦସ୍ୟମାନେ ପ୍ରକୃତ କ୍ଷମତା ବ୍ୟବହାର କରିବାର ଅଭିଯୋଗ ବାରମ୍ବାର ମିଳୁଛି। ବାସ୍ତବ ସଶକ୍ତିକରଣ କେବଳ କାଗଜ କଲମ କିମ୍ବା ଟେବୁଲ ଉପରେ ସୀମିତ ନରଖି ଏହାକୁ ଦୃଶ୍ୟମାନ କରିବାକୁ ହେବ।

ମହିଳା ସଶକ୍ତିକରଣ କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ଏକ ବହୁମୁଖୀ ଆଭିମୁଖ୍ୟ ଆବଶ୍ୟକ। ଆର୍ଥିକ ସଶକ୍ତିକରଣ ସାମାଜିକ ପରିବର୍ତ୍ତନ ସହିତ ହାତ ମିଳାଇ ଚାଲିବାର ଆବଶ୍ୟକତା ଅଛି। ଦକ୍ଷତା ବିକାଶ କାର୍ଯ୍ୟକ୍ରମଗୁଡ଼ିକ ବଜାର ସୁଯୋଗ ସହିତ ସମନ୍ୱିତ ହେବା ଆବଶ୍ୟକ, ଯେପରିକି ମହିଳାମାନେ ଏକ ସ୍ଥାୟୀ ଜୀବିକାର୍ଜନ ଲାଭ କରି ପାରିବେ। ଶିକ୍ଷା ବ୍ୟବସ୍ଥାରେ କେବଳ ସାକ୍ଷରତା ନୁହେଁ, ବରଂ ସମାଲୋଚନାମୂଳକ ଚିନ୍ତାଧାରା ଏବଂ ଜୀବନ କୌଶଳକୁ ମଧ୍ୟ ଗୁରୁତ୍ୱ ଦେବା ଉଚିତ। ସ୍ୱାସ୍ଥ୍ୟସେବା ହସ୍ତକ୍ଷେପଗୁଡ଼ିକ ମାତୃଯତ୍ନ ସହିତ ପୁଷ୍ଟିସାର ଏବଂ ମାନସିକ ସୁସ୍ଥତାକୁ ପ୍ରାଥମିକତା ଦେବା ଉଚିତ। ଏହି ଯାତ୍ରାରେ ପୁରୁଷ ଏବଂ ପୁଅମାନଙ୍କର ଭୂମିକା ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ। ଲିଙ୍ଗ ସମାନତା ଏକାକୀ ହାସଲ କରାଯାଇ ପାରିବ ନାହିଁ; ଏଥିପାଇଁ ସାମୂହିକ ପ୍ରୟାସ ଆବଶ୍ୟକ। ପୁରୁଣାକାଳିଆ ଚିନ୍ତାଧାରାକୁ ଚ୍ୟାଲେଞ୍ଜ କରିବା ଏବଂ ସହଭାଗୀ ଦାୟିତ୍ୱକୁ ପ୍ରୋତ୍ସାହିତ କରିବା ପାଇଁ ସଚେତନତା ଅଭିଯାନ, ସମ୍ପ୍ରଦାୟ ସମ୍ପୃକ୍ତି ଏବଂ ସମାବେଶୀ ନୀତିଗୁଡ଼ିକୁ ଏକାଠି କାମ କରିବାକୁ ପଡ଼ିବ।

ପରିଶେଷରେ ଏତିକି କୁହାଯାଇ ପାରେ ଯେ ମହିଳା ସଶକ୍ତିକରଣ କ୍ଷେତ୍ରରେ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ଠିଆ ହୋଇଛି। ମହିଳା ସଶକ୍ତିକରଣର ମୂଳଦୁଆ ସ୍ଥାପନ କରାଯାଇଛି ସତ ହେଲେ ଏହାର ଗଠନ ସମ୍ପୂର୍ଣ୍ଣ ହୋଇନାହିଁ। ଏହାର ସଫଳତା ଶେଷରେ ନୀତି ଏବଂ ଅଭ୍ୟାସ ମଧ୍ୟରେ, ସୁଯୋଗ ଏବଂ ପ୍ରବେଶ ମଧ୍ୟରେ, ଏବଂ ତତ୍ତ୍ୱରେ ସଶକ୍ତିକରଣ ଏବଂ ବାସ୍ତବରେ ସଶକ୍ତିକରଣ ମଧ୍ୟରେ ପାର୍ଥକ୍ୟକୁ ଦୂରୀକରଣ କରିବାର କ୍ଷମତା ଉପରେ ନିର୍ଭର କରେ। କେବଳ ସେତିକି ବେଳେ ହିଁ ଓଡ଼ିଶା ପ୍ରକୃତରେ ଏକ ସଫଳତମ ରାଜ୍ୟ ଭାବରେ ଦାବି କରି ପାରିବ, ଯେତେବେଳେ ମହିଳାମାନେ କେବଳ ପ୍ରଗତିରେ ଅଂଶଗ୍ରହଣକାରୀ ଭାବରେ ନୁହନ୍ତି, ବରଂ ପ୍ରତ୍ୟେକ କ୍ଷେତ୍ରରେ ପୁରୁଷଙ୍କ ସହିତ ସମାନ ହୋଇ ପାରିବେ।

**କଳିଙ୍ଗନଗର ୭/୪୫୨**
**ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦**
bidyadhar.m@gmail.com

# ଷ୍ଟାଲିନ୍ ଓ ମମତାଙ୍କ ପାଇଁ ପରୀକ୍ଷା

ବିଧାନସଭା ନିର୍ବାଚନର ସାମ୍ପ୍ରତିକ ଋତୁ ଗୁରୁବାର ଦିନ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ପ୍ରବେଶ କରି ସାରିଛି, ଯେତେବେଳେ ଭୋଟରମାନେ ତାମିଲନାଡୁର ସମସ୍ତ ୨୩୪ଟି ଯାକ ନିର୍ବାଚନ ମଣ୍ଡଳୀରେ ଏବଂ ପଶ୍ଚିମବଙ୍ଗର ୨୯୪ଟି ନିର୍ବାଚନ ମଣ୍ଡଳୀରୁ ୧୫୨ଟିରେ ଆସନ୍ତା ପାଞ୍ଚ ବର୍ଷ ପାଇଁ ସେମାନଙ୍କର ଶାସକମାନଙ୍କୁ ନିର୍ବାଚିତ କରିବାକୁ ବୁଥମାନଙ୍କରେ ମତଦାନ କରି ସାରିଛନ୍ତି। ଗତ ୬୦ ବର୍ଷ ବା ସେହିଭଳି କିଛି ସମୟ ମଧ୍ୟରେ ତାମିଲନାଡୁ ଏକ କଠୋର ଦ୍ୱିପକ୍ଷୀୟ ରାଜନୀତିକୁ ପରିଲକ୍ଷିତ କରି ଆସିଛି, ଯାହା ଦୁଇ ଗୋଟି ପ୍ରମୁଖ ଦ୍ରାବିଡୀୟ ଦଳ- ଡିଏମ୍‌କେ ଏବଂ ଏଆଇଏଡିଏମ୍‌କେ ଭିତରେ ସୀମିତ ରହିଛି। କଂଗ୍ରେସ, ଯାହାକି ଏକଦା ଏହି ରାଜ୍ୟରେ ଶାସନ କରୁଥିଲା, ସେହି ଦଳ ସମେତ ବିଭିନ୍ନ ପ୍ରକାରର ରାଜନୀତିକ ଶକ୍ତି ଉପରୋକ୍ତ ଦୁଇ ଦଳ ମଧ୍ୟରୁ କାହା ସାଙ୍ଗରେ ନା କାହା ସାଙ୍ଗରେ ମିଶି ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ତେବେ ଲୋକପ୍ରିୟ ସିନେ ଅଭିନେତା ବିଜୟଙ୍କ ଦ୍ୱାରା ପ୍ରତିଷ୍ଠିତ ତାମିଲ ଭେଟ୍ରି କାଡାଗାମ୍ ଦଳର ରାଜନୀତି କ୍ଷେତ୍ରରେ ପ୍ରବେଶ ଏହି ରାଜ୍ୟରେ ନିର୍ବାଚନୀ ଅଙ୍କକୁ ସାମାନ୍ୟ ପରିମାଣରେ ବଦଳାଇବା ଭଳି ମନେ ହେଉଛି। ଡିଏମ୍‌କେ ନେତା ତଥା ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ ଏହି ନିର୍ବାଚନକୁ ତାମିଲନାଡୁ ବନାମ ନୂଆଦିଲ୍ଲୀ ଲଢ଼େଇରେ ପରିଣତ କରିବା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ହାସଲ କରିଛନ୍ତି, ଯେଉଁଥିରେ ସେ ଦ୍ରାବିଡୀୟ ହୃତ୍‌ପିଣ୍ଡରେ ଏଆଇଏଡିଏମ୍‌କେକୁ ବିଜେପି ହାତର ଏକ ସଖୀ କଣ୍ଢେଇ ଭାବରେ ଉପସ୍ଥାପନ କରିବାର ଉଦ୍ୟମ କରିଛନ୍ତି। ଏହି କ୍ରମରେ ତାଙ୍କ ହାତରେ ଯେତେ ପ୍ରକାରର ଛଳନାମୂଳକ କାର୍ଯ୍ୟକଳାପ- ଯଥା ସଂସଦ ଏବଂ ବିଧାନସଭାମାନଙ୍କରେ ମହିଳାମାନଙ୍କ ନିମନ୍ତେ ସ୍ଥାନ ସଂରକ୍ଷଣ ଆଳରେ ୨୦୧୧ ଜନଗଣନା ତଥ୍ୟ ଆଧାରରେ ସୀମା ନିର୍ଦ୍ଧାରଣକୁ ଲାଗୁ କରିବା ପାଇଁ କେନ୍ଦ୍ର ସରକାରଙ୍କ ପ୍ରଚେଷ୍ଟାଠାରୁ ଆରମ୍ଭ କରି ବିହାରରେ ଘଟିଥିବା ସଦ୍ୟତମ ଘଟଣା ପର୍ଯ୍ୟନ୍ତ- କାର୍ଯ୍ୟକ୍ରମସବୁ ଲାଗିଛି, ସେ ସବୁଯାକ ସାଧନକୁ ସେ ନିର୍ବାଚନୀ ବୈତରଣୀ ପାର ହେବା ପାଇଁ ବ୍ୟବହାର କରିଛନ୍ତି। ତାଙ୍କର ବିଶ୍ୱାସ, ତାଙ୍କ ସରକାର ରାଜ୍ୟରେ ଆରମ୍ଭ କରିଥିବା ବଡ଼ ବଡ଼ ବିକାଶମୂଳକ ପ୍ରକଳ୍ପଗୁଡ଼ିକୁ ଶେଷ କରିବା ପାଇଁ ଆଉ ଗୋଟିଏ ପାଳିର ଶାସନ ଦରକାର।

ଏଆଇଏଡିଏମ୍‌କେର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟରେ ଏନ୍‌ଡିଏର ନେତା ଏଡାପ୍ପାଡି କେ ପାଲାନିସ୍ୱାମୀ କିନ୍ତୁ ଦୃଢ଼ ସ୍ୱରରେ ଦାବି କରିଛନ୍ତି ଯେ ବିଜେପି ସହିତ ତାଙ୍କ ଦଳର ମେଣ୍ଟକୁ 'ଡିଏମ୍‌କେର ଶାସନ କାଳରେ ରାଜ୍ୟରେ ହୋଇଥିବା ଦୁର୍ନୀତି ଉପରେ ଘଣ୍ଟ ଘୋଡ଼ାଇବାକୁ' ଏକ ମୁଖା ଭାବରେ ବ୍ୟବହାର କରାଯାଇ ପାରିବ ନାହିଁ। ସେ ଆହୁରି ମଧ୍ୟ ଦାବି କରିଛନ୍ତି ଯେ ଲୋକମାନଙ୍କୁ ଦେଇଥିବା ପ୍ରତିଶ୍ରୁତିଗୁଡ଼ିକୁ ପୂରଣ କରିବାରେ ଶ୍ରୀଯୁକ୍ତ ଷ୍ଟାଲିନ୍ ସମର୍ଥ ହୋଇପାରି ନାହାନ୍ତି। ଯେତେଦୂର ଅଭିନେତା ବିଜୟଙ୍କ କଥା ଉଠେ, ଅଧିକାଂଶ ନିର୍ବାଚନ ପର୍ଯ୍ୟବେକ୍ଷକ ଅନୁମାନ କରିବା ସହିତ ଏକଥାରେ ସହମତ ଅଛନ୍ତି କି ସେ ନିଜ ଆସନରୁ ବିଜୟ ଲାଭ କରି ପାରନ୍ତି ଏବଂ ଅନେକଗୁଡ଼ିଏ ନିର୍ବାଚନ ମଣ୍ଡଳୀରେ ଭୋଟ୍ ଭାଙ୍ଗି ପାରନ୍ତି, କିନ୍ତୁ ସେସବୁ ନିର୍ବାଚନ ମଣ୍ଡଳୀରେ କେଉଁ ଦଳ ବିଜୟୀ ହେବ ଏବଂ କିଏ ପରାଜିତ ହେବ, ତାହା ଏବେଠାରୁ ନିଶ୍ଚିତ ଭାବରେ କହିହେବ ନାହିଁ। ଏହି ନିର୍ବାଚନ ପୂର୍ବରୁ ଅଭିନେତାରୁ ରାଜନେତା ପାଲଟି ଥିବା ଶ୍ରୀଯୁକ୍ତ ବିଜୟଙ୍କୁ ଢେର୍ ପରିଶ୍ରମ କରିବାକୁ ପଡ଼ିଥିଲା; ୨୦୩୧ ନିର୍ବାଚନରେ ଅବତୀର୍ଣ୍ଣ ହେବା ବେଳକୁ ସେ ହୁଏତ ଏହିସବୁ ଶିକ୍ଷାକୁ ଯଥେଷ୍ଟ ମୂଲ୍ୟବାନ୍ ବୋଲି ଅନୁଭବ କରି ପାରିବେ।

ପଶ୍ଚିମବଙ୍ଗରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏକ ସାଂଗଠନିକ ସୀମା ବହନ କରି ଚାଲିଛି, ଯଦ୍ୟପି ବିଜେପି ଟିଏମ୍‌ସି ସରକାର ବିରୁଦ୍ଧରେ ମୁଖ୍ୟତଃ ଜନ ଅସନ୍ତୋଷକୁ ଆୟୁଧ କରି ନିର୍ବାଚନୀ ରଣକ୍ଷେତ୍ରରେ ଅବତୀର୍ଣ୍ଣ ହୋଇଛି। ଟିଏମ୍‌ସି ମୁଖ୍ୟତଃ ଲକ୍ଷ୍ମୀର ଭଣ୍ଡାର, ସ୍ୱାସ୍ଥ୍ୟ ସାଥୀ ଏବଂ ଦୁଆରେ ସରକାର ଭଳି ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ସହିତ ସଂଖ୍ୟାଲଘୁମାନଙ୍କର ବିପୁଳ ସମର୍ଥନକୁ ଆଶ୍ରୟ କରି ନିର୍ବାଚନ ଲଢୁଛି। ଏମିତି ନୁହେଁ ଯେ ବିନା କୌଣସି କାରଣରେ ସୁଶ୍ରୀ ବାନାର୍ଜୀ ନିର୍ବାଚକ କମିଶନଙ୍କ ସହିତ ଲଢ଼େଇ ଆରମ୍ଭ କରିଛନ୍ତି, ଯାହାଙ୍କୁ ବିଜେପିର ସ୍ୱରରେ ତାଳ ମିଳେଇ କାମ କରିବା ଦୃଷ୍ଟିରେ ଦେଖା ଯାଉଛି। ଆଉ ଏହା ହିଁ ଏହି ରାଜ୍ୟରେ ପାଲଟିଛି ନିର୍ବାଚନୀ ପ୍ରଚାରର ଏକ ପ୍ରମୁଖ ବିଷୟବସ୍ତୁ। ରାଜ୍ୟରେ ସମ୍ପାଦିତ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ପରେ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ୫୯ ଲକ୍ଷରୁ ଅଧିକ ଲୋକଙ୍କ ନାମ ହୁଏତ ସାଧାରଣ ଭୋଟରମାନଙ୍କ ମଧ୍ୟରେ ଗୁଞ୍ଜରଣ ସୃଷ୍ଟି କରିପାରେ ଏବଂ ଏହା ଏକ ବଡ଼ ତଥ୍ୟ ଭାବରେ ନିର୍ବାଚନରେ କାମ କରିପାରେ। ବିଜେପି ବେଆଇନ୍ ଅଭିଯୋଗ ହେଉଥିବା ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସହିତ ତା'ର ମୂଳ ହିନ୍ଦୁତ୍ୱ କାର୍ଡକୁ ନିର୍ବାଚନ ମଇଦାନରେ ଆଧାର କରିଛି। ଏହା ମଧ୍ୟ କେତେକ ଦୁର୍ନୀତି ଅଭିଯୋଗରେ ଟିଏମ୍‌ସିକୁ ଛନ୍ଦି ତା' ଉପରେ ପ୍ରହାର କରିଛି। ଟିଏମ୍‌ସି ଭଳି ଏହି ଦଳ ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ମହିଳା ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଟିଏମ୍‌ସି ଦ୍ୱାରା ପ୍ରଦାନ କରାଯାଉଥିବା ୨ ହଜାର ଟଙ୍କା ତୁଳନାରେ ୩ ହଜାର ଟଙ୍କା ଦେବାର ପ୍ରତିଶ୍ରୁତି ପ୍ରଦାନ କରିଛି। ତେବେ ରାଜ୍ୟରେ ବାମପନ୍ଥୀମାନଙ୍କର ଅଭ୍ୟୁଦୟ ଉଦ୍ୟମକୁ ନେଇ ଉଭୟ ଟିଏମ୍‌ସି ଏବଂ ବିଜେପି ଚିନ୍ତିତ, ଯାହାକି ସେମାନଙ୍କ ପାଇଁ ହାନିକାରକ (ଭୋଟ୍ କାଟିବା) ସାବ୍ୟସ୍ତ ହୋଇପାରେ। ଏହି ଲାଲ୍‌ଝଣ୍ଡା ଦଳ ୨୫୨ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ଉତ୍ତର ବଙ୍ଗଳାରେ ପ୍ରାୟ ସମସ୍ତ ୫୪ଟିଯାକ ଆସନରେ ପ୍ରାର୍ଥୀ ଦେଇଛି, ଯେଉଁ ଅଞ୍ଚଳ କିଛି ବର୍ଷ ମଧ୍ୟରେ ବିଜେପିର ଗଡ଼ ଭାବରେ ଉଦୟ ଲାଭ କରିଛି। ତେବେ ବାମପନ୍ଥୀମାନେ ଏବଂ କଂଗ୍ରେସ ଯଦି ସଂଖ୍ୟାଲଘୁ ସମ୍ପ୍ରଦାୟ ଆସନଗୁଡ଼ିକରେ ପ୍ରଭାବ ପକାଇବାରେ ସମର୍ଥ ହୁଅନ୍ତି ଟିଏମ୍‌ସି ପାଇଁ ତାହା ଅସୁବିଧା ସୃଷ୍ଟି କରିପାରେ। ମୁସଲମାନ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକରେ ପର୍ଯ୍ୟାପ୍ତ ସମର୍ଥନ ଲାଭ କରିବା ନେଇ ଦାବି କରୁଥିବା ଏଆଇଏମ୍ଆଇଏମ୍ ମଧ୍ୟ ଟିଏମ୍‌ସି ପ୍ରତି ହାନି ପହଞ୍ଚାଇବାର ସମ୍ଭାବନା ରଖୁଛି। ଦେଖିବାକୁ ବାକି ରହିଲା, ପଶ୍ଚିମବଙ୍ଗ ନିର୍ବାଚନରେ ଛୋଟ ଛୋଟ ରାଜନୀତିକ ଦଳମାନେ ବଡ଼ ଦଳମାନଙ୍କ ଉପରେ କି ପ୍ରଭାବ ପକାଉଛନ୍ତି।

# ମମତାର ମଧୁ ବର୍ଷା

ମାଆ। ଅମୃତ ବୋଳା ଏ ନାମ। ଏ ଶବ୍ଦ। ସେଥିପାଇଁ ଆମ ସଂସ୍କୃତିରେ ନାରୀର ପ୍ରତିଟି ରୂପକୁ ମାଆ ବୋଲି ସମ୍ବୋଧନ କରା ଯାଇଥାଏ। କୁନି ଝିଅକୁ ବୟସ୍କମାନେ କହି ଥାଆନ୍ତି ମାଆ। ଜନ୍ମଦାତ୍ରୀକୁ କୁହନ୍ତି ମାଆ। ପୁଣି ଅଜଣା ଅପରିଚିତା ମହିଳାଙ୍କୁ ମଧ୍ୟ କହି ଥାଆନ୍ତି ମାଆ। ମାଆ ଶବ୍ଦ ସହିତ ଏ ମାଟିର ପାଣି, ପବନ ଭିଜି ଯାଇଛନ୍ତି। ଏହାର ଦୃଷ୍ଟାନ୍ତ ତ ଅନେକ ରହିଛି। ଯେମିତି ବସ୍‌ରେ ଗଲାବେଳେ କଣ୍ଡକ୍ଟର ମହିଳାମାନଙ୍କୁ ମାଆ ବୋଲି ସମ୍ବୋଧନ କରି ଥାଆନ୍ତି। ଦୋକାନ ବଜାରରେ ମଧ୍ୟ ଅନେକ ଭଦ୍ର, ଶିକ୍ଷିତମାନେ ନାରୀମାନଙ୍କୁ କହି ଥାଆନ୍ତି ମାଆ। ତେବେ ଏ ମାଆର ପରିବ୍ୟାପ୍ତି ରହିଛି ମୃଣ୍ମୟୀରୁ ଚିନ୍ମୟୀ ପର୍ଯ୍ୟନ୍ତ। ମାଟିରୁ ଆକାଶ ପର୍ଯ୍ୟନ୍ତ। ଆମକୁ ଜନ୍ମ ଦେଇଥିବା ମାଆର କୋଳରେ ବଢ଼ିଥାଉ ଆମେ। ସେ କରିଥାଏ ଲାଳନପାଳନ। କିଛି ଦିନ ପରେ ଆମେ ବଡ଼ ହେଉ। ନିଜର କର୍ମ ନିଜେ ସମ୍ପାଦନ କରିଥାଉ। ତା'ପରେ ଆରମ୍ଭ ହୁଏ ଭିନ୍ନ ଜୀବନ। ଏହାରି ଭିତରେ ଆମ ଜନ୍ମଦାତ୍ରୀ ଆମର ଦାୟିତ୍ୱ ନେଇପାରି ନଥାଏ। ଆମେ ଆଉ ନିର୍ଭରଶୀଳ ହୋଇ ନଥାଉ ମାଆ ଉପରେ। ଅନେକ ସୁବିଧା, ଅସୁବିଧା ଭିତରେ ଗତି କରିଥାଉ ଆଗକୁ। ପିଲାବେଳେ ଯେମିତି ଅସହାୟ ହେଲେ ମାଆ ଭରସା ହୋଇଥାଏ, ବଡ଼ ହେଲା ପରେ ବି ସେମିତି ଭରସା ମାଆ। ଜନ୍ମଦାତ୍ରୀ ତ ଆମ ପାଖରେ ସବୁ ଦିନ, ସବୁବେଳେ ନଥାଏ। ତା'ର ମାଟି ଘଟ ଦିନେ ମାଟିରେ ମିଶି ଯାଇଥାଏ। ମାଆକୁ ହରାଇଲା ପରେ ଅଭାବ ଅନୁଭବ କରିଥାଉ। ଠିକ୍ ଏତିକି ବେଳେ ଶରୀରଧାରୀ ନୁହେଁ, ବରଂ ଅଶରିରୀ ଆଉ ଜଣେ ମାଆ ପହଞ୍ଚି ଯାଏ ଆମ ଚେତନା ସ୍ତରରେ। ସହାୟତାର ହାତ ବଢ଼ାଇ ଥାଏ। କରୁଣାର ପଣତ ପ୍ରସାରି ଦିଏ। ଜନ୍ମଦାତ୍ରୀ ଭଳି ସୁଖଦୁଃଖ ବୁଝିଥାଏ।

ସେହି ଚିନ୍ମୟୀ ସତ୍ତାର ଆଶିଷ ପାଇବାକୁ ଆମକୁ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ହେବାକୁ ହୋଇଥାଏ। ଯେମିତି ମାଆ ପ୍ରତିଟି କ୍ଷେତ୍ରରେ ଚାହିଁଥାଏ, ସେମିତି ଏ ଚିନ୍ମୟୀ ମାଆ ମଧ୍ୟ ଚାହିଁଥାଏ। ଆମକୁ ଶିଶୁଟି ଭଳି ହେବାକୁ ହେବ। ସେହିଭଳି ସରଳ, ନିଷ୍କପଟ ହୋଇ ତା'ର କରୁଣା ଲାଭ କରିବାକୁ ହେବ। ସେ ମାଆକୁ ଉପଲବ୍ଧି କରିବା ପାଇଁ ପ୍ରାଥମିକ ସ୍ତରରେ ଲୋଡ଼ା ମାଆର ବିଗ୍ରହ। ସେହି ବିଗ୍ରହ କେବେ ସରସ୍ୱତୀ, ଲକ୍ଷ୍ମୀ, ଦୁର୍ଗା, ସାବିତ୍ରୀ ଆଦି ରୂପରେ ନିର୍ମିତ ହୋଇଥାଏ। ଏହା ଜଣେ କାରିଗର ଦ୍ୱାରା ନିର୍ମିତ ହୋଇଥିଲେ ମଧ୍ୟ ଏଥିରେ ଆମକୁ ଚେତନ ସତ୍ତାକୁ ଦେଖିବାକୁ ହେବ।

ସରଳତା ଓ ବିଶ୍ୱାସର ଦୃଷ୍ଟି ନେଇ ଏହି ମୃଣ୍ମୟୀ ପ୍ରତିମାରେ ଚିନ୍ମୟୀ ସତ୍ତାକୁ ଅନୁଭବ କରିହେବ।

### ଜନଗଣନା କର୍ମଚାରୀଙ୍କୁ ଆକ୍ରମଣ ଘଟଣା

## ଦୁଇପୁଅଙ୍କ ସମେତ ବାପା କୋର୍ଟଚାଲାଣ



**କାମାକ୍ଷାନଗର,୨୩।୪/ଏନ୍‌ଏନ୍‌ଏସ୍:** ରାଜ୍ୟରେ ଜନଗଣନା କାର୍ଯ୍ୟ ଚାଲୁରହିଥିବା ବେଳେ କାମାକ୍ଷାନଗରରେ ଜନଗଣନା କରିବାକୁ ଯାଇଥିବା ବେଳେ ମରଣାତ୍ମକଆକ୍ରମଣରେ ୪ଜଣ ଜନଗଣନା କର୍ମଚାରୀ ଆହତ ହୋଇଥିଲେ। ଏହି ଘଟଣା ପରେ ଆକ୍ରମଣକାରୀ ବାପା ଓ ଦୁଇ ପୁଅଙ୍କୁ ଆଜି କୋର୍ଟଚାଲାଣ କରାଯାଇଛି। କୋର୍ଟଚାଲାଣ ହୋଇଥିବା ବ୍ୟକ୍ତିମାନେ ହେଲେ କାମାକ୍ଷାନଗର ଏନ୍‌ଏସି ତିନିନମ୍ବର ୱାର୍ଡ ଅନନ୍ତପୁର ସାହିର ନିକୁଞ୍ଜ ରମଣ ଶତପଥୀ ଓ ତାଙ୍କ ଦୁଇପୁଅ ଉଦିତସ୍ୱପ୍ନ ଶତପଥୀ ଓ ଭାନୁପ୍ରକାଶ ଶତପଥୀ। ଗତକାଲି ଜନଗଣନା କର୍ମଚାରୀମାନେ ନିକୁଞ୍ଜଙ୍କ ଘରକୁ ଜନଗଣନା କରିବା ପାଇଁ ଯାଇଥିଲା ବେଳେ ନିକୁଞ୍ଜ ଓ ତାଙ୍କ ଦୁଇପୁଅ ଚାରିଜଣ କର୍ମଚାରୀଙ୍କୁ ଆକ୍ରମଣ କରିବା ସହ ଜଣେ ମହିଳା କର୍ମଚାରୀଙ୍କ ଗାଡିକୁ ଭାଙ୍ଗି ଦେଇଥିଲେ। ଘଟଣାର ଖବରପାଇ ଗତକାଲି ପୁଲିସ ଆକ୍ରମଣକାରୀମାନଙ୍କୁ ଜବରଦସ୍ତ ଉଠାଇ ନେଇଥିଲା ବେଳେ ଆଜି କୋର୍ଟଚାଲାଣ କରିଛି ପୁଲିସ।

### ବର୍ବରତାର ସୀମା ଟପିଲେ

## ମୋବାଇଲ୍ ଚୋର କହି ଯୁବକଙ୍କୁ ଖୁଣ୍ଟରେ ବାନ୍ଧି ନିସ୍ତୁକ ପିଟିଲେ



**ପାରାଦୀପ,୨୩।୪/ଏନ୍‌ଏନ୍‌ଏସ୍:** ବର୍ବରତାର ସୀମା ଟପିଗଲେ। ଭୁଲିଗଲେ ମଣିଷ ପଣିଆ। ମୋବାଇଲ୍ ଚୋରି ଅଭିଯୋଗରେ ଜଣେ ଯୁବକଙ୍କୁ ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ଼ ମାରିଲେ। ଏହି ମାଡ଼ ଓ ଖୁଣ୍ଟରେ ବାନ୍ଧିବା ସମୟର ଭିଡିଓ ଉତ୍ତୋଳନ କଲେ। ଏହିଭଳି ଦୁଃଖଦ ଓ ସ୍ପର୍ଶକାତର ଦୃଶ୍ୟ ଦେଖିବାକୁ ମିଳିଛି ପାରାଦୀପ ଇଫ୍‌କୋ ଛକ ନିକଟରେ। କିଛି ସମୟ ତଳେ ଇଫ୍‌କୋ ଛକ ନିକଟରେ ରହିଥିବା ଏସାର ବେଲ୍ଟଲାଇନ ଖୁଣ୍ଟରେ ଜଣେ ଯୁବକର ହାତ ବାନ୍ଧି ତାକୁ ଅଶ୍ଳୀଳ ଭାଷାରେ ଗାଳି କରିବା ସହିତ ମାଡ଼ ମାରିବାର ଖବର ସୋସିଆଲ ମିଡିଆରେ ଘୁରି ବୁଲିବା ଘଟଣାକୁ ନେଇ ଖବର ନେବାପରେ ଏକ ଟ୍ରକ୍‌ରୁ ମୋବାଇଲ ଚୋରି କରିବା କାରଣରୁ ଯୁବକର ହାତବାନ୍ଧି ମାରୁଥିବା ସୂଚନା ମିଳିଛି। ଏଠି ପ୍ରଶ୍ନ ଉଠୁଛି ଯଦି ଏହି ଯୁବକ ମୋବାଇଲ୍ ଚୋରି କରିଥିଲା ତେବେ ପୁଲିସକୁ ହସ୍ତାନ୍ତର ନ କରି ଆଇନ୍‌କୁ ହାତକୁ ନେବା କେତେଦୂର ଠିକ। ବାରମ୍ବାର ଏହିଭଳି ଘଟଣା ଘଟୁଥିବାରୁ ପୁଲିସ ପ୍ରଶାସନ ଏଥିପ୍ରତି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଲେ ଆଉ ଏହିଭଳି ସମସ୍ୟା ଘଟାଇବା ପୂର୍ବରୁ ଥରେ ଚିନ୍ତା କରିବାକୁ ବାଧ ହେବେ ବୋଲି କିଛି ସ୍ଥାନୀୟ ଲୋକ ପ୍ରକାଶ କରିଥିବା ବେଳେ ଖବର ପାଇବା ପରେ ପାରାଦୀପ ଆଦର୍ଶ ଥାନା ପୁଲିସ ଘଟଣାସ୍ଥଳରୁ ଯୁବକଙ୍କୁ ଉଦ୍ଧାର କରିଥିବା ସୂଚନା ମିଳିଛି। ତେବେ ଚୋରି ଅଭିଯୋଗରେ ଉକ୍ତ ଯୁବକଙ୍କୁ ଦିଆଯାଇଥିବା ନିର୍ଯାତନାରେ ସାମିଲ ଥିବା ଅଭିଯୁକ୍ତମାନଙ୍କୁ ଆଦର୍ଶ ଥାନା ପୁଲିସ କିଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହା ତଦନ୍ତ ପରେ ସ୍ପଷ୍ଟ ହେବ।

## ଟାଟା ଷ୍ଟିଲ୍ ପକ୍ଷରୁ ପୃଥିବୀ ଦିବସ



**ଯାଜପୁର,୨୩।୪/ଏନ୍‌ଏନ୍‌ଏସ୍:** ଯାଜପୁର ଜିଲ୍ଲା କଳିଙ୍ଗନଗରରେ ପରିବେଶ ସୁରକ୍ଷା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଟାଟା ଷ୍ଟିଲ କଳିଙ୍ଗନଗର ପକ୍ଷରୁ ବୁଧବାର ଦିନ କାରଖାନା ପରିସରରେ ଏକ ବୃହତ ଚାରାରୋପଣ କାର୍ଯ୍ୟକ୍ରମ ସହ ପୃଥିବୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମିୟାୱାକି ଜଙ୍ଗଲ ସୃଷ୍ଟି କରିବାର ଏକ ମହତ୍ତ୍ୱାକାଂକ୍ଷୀ ଯୋଜନାର ଅଂଶ ଭାବରେ ୧,୪୦୦ଟି ଚାରା ରୋପଣ କରାଯାଇଛି। ଏହି ଉତ୍ସବରେ ଟାଟା ଷ୍ଟିଲ କଳିଙ୍ଗନଗରର ମେକାନିକାଲ ମେଣ୍ଟେନାନ୍ସ ଚିଫ ଶଙ୍କର ବିଶ୍ୱାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଇଲେକ୍ଟ୍ରିକାଲ ମେଣ୍ଟେନାନ୍ସ ଚିଫ ପଙ୍କଜ ଭୁରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିଳ୍ପାୟନର ଅଭିବୃଦ୍ଧି ଏବଂ ପରିବେଶ ସୁରକ୍ଷା ମଧ୍ୟରେ ସନ୍ତୁଳନ ରକ୍ଷା କରିବା ଦିଗରେ ଏପରି ସବୁଜ ପଦକ୍ଷେପ କିଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ, ସେ ସମ୍ପର୍କରେ ଉପସ୍ଥିତ ଅତିଥିମାନେ ଆଲୋକପାତ କରିଥିଲେ। ପରିବେଶ ବିଭାଗ ଦ୍ୱାରା ଆୟୋଜିତ ଏହି ଚାରା ରୋପଣ କାର୍ଯ୍ୟକ୍ରମ, ଦୀର୍ଘସ୍ଥାୟୀ ଏବଂ ଏକ ସବୁଜ ଭବିଷ୍ୟତ ଗଠନ ଦିଗରେ ଟାଟା ଷ୍ଟିଲର ପ୍ରତିବଦ୍ଧତାକୁ ସୂଚାଉଛି ବୋଲି ଅତିଥି ମାନେ ମତ ବ୍ୟକ୍ତ କରିଥିଲେ।

## ପଣ୍ଡିତ ସଭା ପକ୍ଷରୁ ନିଶୁଳ୍କ ସାମୂହିକ ବ୍ରତୋପୟୋନ



**କେନ୍ଦ୍ରାପଡ଼ା,୨୩।୪/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ତୁଳସୀ କ୍ଷେତ୍ର ପଣ୍ଡିତ ସଭା ପକ୍ଷରୁ ପୌରାଞ୍ଚଳ ଅନ୍ତର୍ଗତ ତଳବାରଙ୍ଗ ଶ୍ରୀ ଗୋପୀନାଥ ମନ୍ଦିର ପ୍ରାଙ୍ଗଣରେ ନିଶୁଳ୍କ ସାମୂହିକ ବ୍ରତୋପୟନ ଅନୁଷ୍ଠିତ ହୋଇଯାଇଛି। ମାଣିତି ଗ୍ରାମର ସାଇଓମକାର ଦାସ, ମହିପାଳର ଜ୍ଞାନ ରଞ୍ଜନ ମିଶ୍ର, ରଣପଡାର ପ୍ରବିର ପଣ୍ଡା ଓ ବିଲବଳରାମପୁରର ନିଳାଦ୍ରୀ କର ବ୍ରହ୍ମଚାରୀ ଭାବେ ଉପନୀତ ଗ୍ରହଣ କରିଥିଲେ। ତୁଳସୀ କ୍ଷେତ୍ର ପଣ୍ଡିତ ସଭାର ଉପଦେଷ୍ଟା ପଣ୍ଡିତ କେଶବ ଚନ୍ଦ୍ର ପତି, ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ଉପ ସଭାପତି ସତ୍ୟ ନାରାୟଣ ପତି, ପଣ୍ଡିତ ହୃଷିକେଶ ରଥ, ସଂପାଦକ ମାଧବ ଚନ୍ଦ୍ର ପତି, କୋଷାଧ୍ୟକ୍ଷ କ୍ଷୀରୋଦ କୁମାର ପଣ୍ଡା, ସହ ସଂପାଦକ ନୃସିଂହ ପତି, ଯୁଗ୍ମ ସହ ସଂପାଦକ ସୁବାଷ ଚନ୍ଦ୍ର ପାଣି, ମହେଶ୍ୱର ପାଣି, କୁଳମଣି ପଣ୍ଡା, ନରେନ୍ଦ୍ର ତ୍ରିପାଠୀ, ଅକ୍ଷୟ ପତ୍ରୀ, ହରେକୃଷ୍ଣ ପତି, ତପନ କୁମାର ଦାସ, ଉପ ସଭାପତି ଭ୍ରମରବର ନନ୍ଦ, ତ୍ରିଲୋଚନ ମିଶ୍ର, କ୍ଷୀରୋଦ ଚନ୍ଦ୍ର ମିଶ୍ର ସମେତ ପଣ୍ଡିତ ସଭାର କର୍ମକର୍ତ୍ତା ଓ ସଭ୍ୟ,ସଭ୍ୟାମାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ହରିହର ଶତପଥୀ, ବିଶ୍ୱଜିତ ଶତପଥୀ, ସରୋଜକାନ୍ତ ପତି, ତୁଷାରକାନ୍ତ ଷଡଙ୍ଗୀ, ନିରଞ୍ଜନ କର, ଯାଜ୍ଞିକ ବ୍ରାହ୍ମଣ ଦେବତାମାନଙ୍କ ଦ୍ୱାରା ବ୍ରତୋପନୟୋନ ବୈଦିକ ମତେ ଅନୁଷ୍ଠିତ ହୋଇଥିଲା। ବ୍ରତୋପନୟୋନ ପରେ ବ୍ରହ୍ମଚାରୀମାନେ ଶ୍ରି ସିଦ୍ଧ ବଳଦେବଜୀଉଙ୍କୁ ଦର୍ଶନ ଲାଭ କରିଥିଲେ। ଏହି କାର୍ଯ୍ୟକ୍ରମକୁ ତଳବାରଙ୍ଗ ଗ୍ରାମର ଯୁବକ ସଂଘ ଗ୍ରାମବସୀମାନେ ସହଯୋଗ କରିଥିଲେ। ସଂଗଠନ ସଂପାଦକ ନୃସିଂହ ଚରଣ ତ୍ରିପାଠୀ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

### ଯୁବତୀଙ୍କୁ ହତ୍ୟାକରି ମୁଗ କିଆରିରେ ଫିଙ୍ଗି ଦେବା ଘଟଣା

# ପ୍ରେମିକ ଜାମସେଦପୁରରୁ ଗିରଫ







**ଜଗତ୍‌ସିଂହପୁର,୨୩।୪/ଏନ୍‌ଏନ୍‌ଏସ୍:** ଜଗତସିଂହପୁର ସଦର ଥାନା ଅନ୍ତର୍ଗତ କାଠିଆପଡା ଗ୍ରାମର ଡଲି ଓରଫ ସସ୍ମିତା ଦାସ(୨୪) ନାମକ ଯୁବତୀଙ୍କୁ ଗ୍ରାମ ନିକଟସ୍ଥ ମୁଗ କିଆରିରେ ହତ୍ୟା କରାଯିବା ଘଟଣାରେ ଗୁରୁବାର ଜଗତସିଂହପୁର ପୁଲିସ ମୁଖ୍ୟ ଅଭିଯୁକ୍ତ ତଥା ଯୁବତୀର ପ୍ରେମିକ ସ୍ଥାନୀୟ କୁଳ ମୁଣ୍ଡିଲୋ ଗ୍ରାମର ପପୁ ଓରଫ ସୂର୍ଯ୍ୟକାନ୍ତ ସ୍ୱାଇଁ(୩୦)ଙ୍କୁ ଟାଟା ଜାମସେଦପୁର ଅଞ୍ଚଳରୁ ଗିରଫ କରାଯାଇଛି। ଏଥିରେ ସମ୍ପୃକ୍ତ ସୁପାରିକିଲର ଫେରାର ରହିଥିବା ଅପରାହ୍ନରେ ଡିପିଓ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଅଙ୍କିତ କୁମାର ବର୍ମ ପ୍ରକାଶ କରିଛନ୍ତି। ଏଥି ସହିତ ଅଭିଯୁକ୍ତ ଠାରୁ ହତ୍ୟାକାଣ୍ଡ ଘଟଣାରେ ବ୍ୟବହୃତ ଏକ ଧାରୁଆ ଚାପଡ ଓ ତରା ମୋବାଇଲ ଫୋନ୍ ଜବତ କରିଛନ୍ତି। ତେବେ ଏହି ହତ୍ୟାକାଣ୍ଡରେ ମୁଖ୍ୟ ଅଭିଯୁକ୍ତ ପପୁ ପ୍ରମିକା ଡଲିକୁ ହତ୍ୟା କରିବା ନିମନ୍ତେ ଜାମସେଦପୁର ଅଞ୍ଚଳର ଜଣେ ସୁପାରୀ କିଲର ସହିତ ୨ଲକ୍ଷ ଟଙ୍କା ଡିଲ କରିଥିଲା। ଏ ବାବଦକୁ ସୁପାରି କିଲର ଅଗ୍ରୀମ ୨୦ହଜାର ଟଙ୍କା ନେଇଥିଲା। ସୁପାରି କିଲକୁ ଅଗ୍ରୀକ ଦେବା ପରେ ୨ଜଣ ମିଶି ଏକ ସ୍କୁଟିରେ ଜାମସେଦପୁର ଜଗତସିଂହପୁର ଆସିଥିଲେ। ସେଠାରେ ଏକ ଲଜରେ ଗୋଟିଏ ଦିନ ରହିବା ପରେ ପପୁ, ୨୦ତାରିଖ ଅପରାହ୍ନରେ ଡଲିକୁ ଯୋଜନାବଧ ଭାବେ ଫୋନ କରି ଡାକିଥିଲା। ଦ୍ୱୟ କାଥାବାର୍ତ୍ତା ହେବା ମଧ୍ୟରେ ପ୍ରଥମେ ସୁପାରି କିଲର ପଛ ପାର୍ଶ୍ୱରୁ ଡଲିର ବେକକୁ ଚାପଡରେ ଏକ ଚୋଟ ପକାଇ ଥିଲା। ଡଲି ରକ୍ତାକ୍ତ ହୋଇ ସେହି ଠାରେ ଟଳି ପଡିଥିଲେ। ପରେ ଦ୍ୱୟ ଫେରାର ହେବା ସମୟରେ କାଳେ ଡଲି ବଞ୍ଚିଥିବା ସନ୍ଦେହରେ ପୁନର୍ବାର ଘଟଣା ସ୍ଥଳକୁ ଫେରି ପପୁ ଚାପଡରେ ୨ରୁ ୩ ଚୋଟ ପକାଇ ଜାମସେଦପୁର ଫେରାର ହୋଇଯାଇ ଥିଲେ। ଅଧ ରାସ୍ତାରେ ରକ୍ତାକ୍ତ ଚାପଡ ପକାଇବା ସହିତ ଡଲିର ମୋବାଇଲ ଫୋନକୁ ଏକ ବ୍ରିଜ ଓପରୁ ତଳକୁ ଫୋପାଡି ଦେଇ ଫେରା ହୋଇ ଯାଇଥିବା ଆଜି ଗିରଫ ଅଭିଯୁକ୍ତ ହତ୍ୟାକାଣ୍ଡର ଡେମନ୍‌ଷ୍ଟ୍ରେସନ ଜରିଆରେ ପୁଲିସକୁ ଜଣାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜଗତସିଂହପୁର ଏସ୍‌ଡିପିଓ, ଡିଏସ୍‌ପି, ସଦର ଥାନା ଆଇଆଇସି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ, ୨୦୧୬ ମସିହାରୁ କାଠିଆପଡା ଗ୍ରାମର ପ୍ରମୋଦ କୁମାର ଦାସଙ୍କ ଝିଅ ଡଲି ଓରଫ୍ ସସ୍ମିତା ଦାସ(୨୪) ସହିତ ସଦର ଥାନା ଅନ୍ତର୍ଗତ କୁଳମୁଣ୍ଡିଲୋ ଗ୍ରାମର ସ୍ୱର୍ଗତ ସୋମନାଥ ସ୍ୱାଇଁଙ୍କ ପୁଅ ପପୁ ସହିତ ତାର ସାଙ୍ଗ ଜରିଆରେ ପ୍ରେମ ସମ୍ପର୍କ ଥିଲା। ଏହି ପ୍ରେମ ସମ୍ପର୍କ ସ୍ୱାମୀ ଓ ସ୍ତ୍ରୀ ସମ୍ପର୍କ ଭଳି ରହିଥିଲା। ପପୁ ଟାଟା ଜାମସେଦପୁର ଅଞ୍ଚଳରେ ଅଟୋ ପାର୍ଟସ ବ୍ୟବସାୟ କରିବା ସହିତ ପାରାଦୀପ ଓ ଅସ୍ତରଙ୍ଗରେ ମାଛଧରା ବୋଟ ବ୍ୟବସାୟ ମଧ୍ୟ ରହିଛି। ହେଲେ

> **ହତ୍ୟା ପାଇଁ ସୁପାରି କିଲର ସହିତ ୨ଲକ୍ଷ ଟଙ୍କା ଡିଲ୍ ହୋଇଥିଲା**

ଦ୍ୱୟଙ୍କ ମଧ୍ୟରେ ସମ୍ପର୍କ ଅତି ନିବିଡ ହେବା ପରେ ପପୁ ତାର ପ୍ରେମିକା ଡଲି ନାମରେ ୪ଡିସିମିଲି ଘରବାଡି ଜମି ୧୨ଲକ୍ଷ ଟଙ୍କା ଦେଇ କ୍ରୟ କରିବା ସହିତ ଡଲି ନାମରେ ୧୦ଲକ୍ଷ ଟଙ୍କାର ଏଲ୍‌ଆଇସି ମଧ୍ୟ କରିଥିଲା। ତେବେ ଏତେ ନିକଟତର ହେବା ମଧ୍ୟରେ ୨୦୧୪ ମସିହାରେ ଡଲି ତାର ଏକ ସାଙ୍ଗ ଜରିଆରେ ଜାଣିବାକୁ ପାଇଲା ଯେ, ୨୦୧୬ ମସିହାରେ ତାର ପ୍ରେମିକ ପପୁ ଅନ୍ୟ କାହାକୁ ବିବାହ କରିବା ଏବଂ ତାର ଏକ ପୁତ୍ର ସନ୍ତାନ ଥିବା ଜାଣିବାକୁ ପାଇଥିଲା। ଯାହାକୁ ନେଇ ଦ୍ୱୟଙ୍କ ମଧ୍ୟରେ ବିବାଦ ବୃଦ୍ଧି ପାଇଥିଲା। ଏପରିକି ୯।୧୨।୨୦୨୪ରେ ଡଲି, ତାର ପ୍ରେମିକ ପପୁ ନାମରେ ସଦର ଥାନାରେ ୧୨୪୩/୨୦୨୪ନଂ ରେପ୍ ମାମଲା ରୁଜୁ କରି ପପୁକୁ ଜେଲ ପଠାଇ ଥିଲା। ତେବେ ପପୁ ବେଲରେ ଆସିବା ପରେ ପପୁ ତାର ପ୍ରମିକା ସହିତ ମୋବାଇଲରେ ସମ୍ପର୍କ ରଖିଥିଲା। ମନେ ମନେ କୌଣସି ଉପାୟରେ ଡଲି ନାମରେ କ୍ରୟ କରି ଥିବା ଜମି ଓ ଏଲ୍‌ଆଇସିକୁ ନିଜ ନାମକୁ ଆଣିବା ପାଇଁ। ଏହି ଲକ୍ଷ ନେଇ ପପୁ, ଡଲି ମଧ୍ୟରେ ସମ୍ପର୍କକୁ ପୁନର୍ବାର ବଢାଇବା ପାଇଁ। ଅନ୍ୟପକ୍ଷରେ ଡଲିର ଫାସରେ ପଡିଥିବା ପପୁର ଆଉ ଏକ ସ୍ତ୍ରୀ ଓ ଛୁଆ ଥିବା ଡଲିର ପାରିବାର ଜାଣିବା ପରେ କିଛି ଦିନ ତଳେ ଡଲିର ଅନ୍ୟତ୍ର ବିବାହ ନିମନ୍ତେ ନିର୍ବନ୍ଧ ହୋଇଥିଲା। ଏହି ନିର୍ବନ୍ଧରେ ତାର ପ୍ରେମିକ ପପୁ ମଧ୍ୟ ଉପସ୍ଥିତ ଥିଲା। ନିର୍ବନ୍ଧର ୩ଦିନ ପରେ ପପୁ ଡଲିକି ଦେଇଥିବା ସମ୍ପତି ଫେରି ପାଇବା ସନ୍ଦେହରେ ହତ୍ୟା ନିମନ୍ତେ ୨୦ତାରିଖରେ ଯୋଜନା କରି ମୁଗ କିଆରିକି ଡାକିଥିଲା। ସେହି ଠାରେ ପପୁ ଓ ତାର ସୁପାରି କିଲର ହତ୍ୟା ପଡି ଫୋପାଡି ଚାଲି ଯାଇଥିଲା। ୨୦ ସନ୍ଧ୍ୟା ଠାରୁ ୨୧ତାରିଖ ଅପରାହ୍ନ ପର୍ଯ୍ୟନ୍ତ ଡଲିର ପରିବାର ଲୋକେ ବହୁ ଖୋଜାଖୋଜି କରି ନିରାସ ହୋଇଥିଲେ। ୨୧ତାରିଖ ସନ୍ଧ୍ୟାରେ ଡଲି ଘର ଠାରୁ ୨୦୦ରୁ ୩୦୦ ମିଟର ଦୂରରେ ଥିବା ଏକ ମୁଗ କିଆରିରେ ଡଲିକୁ ହତ୍ୟା କରାଯାଇଥିବା ପୁଲିସ ଜାଣିବାକୁ ପାଇଥିଲେ। ଏହି ଘଟଣାରେ ଡଲିର ପିତା ପ୍ରମୋଦ ଦାସ ସଦର ଥାନାରେ ପପୁ ସମେତ ୪ଜଣଙ୍କ ନାମରେ ହତ୍ୟା ଅଭିଯୋଗ କରିଥିଲେ। ସଦର ପୁଲିସ ଥାନାରେ ଦଫା ୧୦୩(୧)/୩(୫) ବିଏନ୍‌ଏସ୍ ଆକ୍ଟରେ ମାମଲା ନଂ ୩୩୯/୨୦୨୬ ରୁଜୁ କରିବାର ୨୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଚିହ୍ନଟ କରିପାରିଥିବା ପୁଲିସ ପକ୍ଷରୁ ସୁଚନା ମିଳିଛି।

## ଯାଜପୁର ଗସ୍ତରେ କେନ୍ଦ୍ର ଷ୍ଟିଲ୍ ମନ୍ତ୍ରାଳୟର ଯୁଗ୍ମ ସଚିବ



**ଯାଜପୁର,୨୩।୪/ଏନ୍‌ଏନ୍‌ଏସ୍:** ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରାଳୟର ଯୁଗ୍ମ ସଚିବ ତଥା ବିଜୁ ପଟ୍ଟନାୟକ ଜାତୀୟ ଷ୍ଟିଲ ପ୍ରତିଷ୍ଠାନର ଅଧ୍ୟକ୍ଷ ଦୟା ନିଧାନ ପାଣ୍ଡେ, ଆଇଏଏସ ଆଜି ଯାଜପୁର ଜିଲ୍ଲାର ସୁକିନ୍ଦା ଗସ୍ତରେ ଆସିଥିଲେ। ଯୁଗ୍ମସଚିବ ଶ୍ରୀ ପାଣ୍ଡେ ସୁକିନ୍ଦାରେ ବିଜୁ ପଟ୍ଟନାୟକ ଜାତୀୟ ଷ୍ଟିଲ ପ୍ରତିଷ୍ଠାନ ସ୍ଥାପନ ସହ ଶିଳ୍ପ ତାଲିମ ଅନୁଷ୍ଠାନରୁ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ସମ୍ବନ୍ଧରେ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ସହ ସବିଶେଷ ଆଲୋଚନା କରିଥିଲେ। ଏହି ଅନୁଷ୍ଠାନରେ ମୁଖ୍ୟତଃ ଆସିଷ୍ଟାଣ୍ଟ ଫିଟର, ରିଗର, ଇଲେକ୍ଟ୍ରିସିଆନ୍, ମେକାନିକ୍ ଭଳି ଚାରୋଟି ଶିଳ୍ପ ପାଠ୍ୟକ୍ରମର ଛାତ୍ରଛାତ୍ରୀ ଦକ୍ଷତା ବିକାଶ ତାଲିମ ନେବେ। ଇସ୍ପାତ ଉତ୍ପାଦନ କ୍ଷେତ୍ରରେ ଯାଜପୁର ସାରା ଦେଶରେ ଏକ ଅଗ୍ରଣୀ ଜିଲ୍ଲା। ବିଜୁ ପଟ୍ଟନାୟକ ଜାତୀୟ ଷ୍ଟିଲ ପ୍ରତିଷ୍ଠାନରୁ ପାସ୍ କରିଥିବା ଯୁବପିଢ଼ି ଯେଭଳି କେବଳ ଯାଜପୁର ନୁହେଁ ବରଂ ସାରା ଓଡ଼ିଶାରେ ବିଭିନ୍ନ ଶିଳ୍ପ ସଂସ୍ଥାଗୁଡିକରେ ନିଯୁକ୍ତି ସୁଯୋଗ ପାଇବେ, ସେ ଉପରେ ଯୁଗ୍ମସଚିବ ଗୁରୁତ୍ୱାରୋପ କରିଥିଲେ। ଆଇଟିଆଇ ପାସ୍ କରିଥିବା ଛାତ୍ରଛାତ୍ରୀ ଜଣେ ଦକ୍ଷ କୁଶଳୀ ଟେକ୍ନିସିଆନ ଭାବେ କ୍ୟାରିୟର ଗଢ଼ିବା ଦିଗରେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରୟାସ କରାଯିବ ବୋଲି ଜିଲ୍ଲାପାଳ କହିଥିଲେ। ଅଧିକ ଛାତ୍ରଛାତ୍ରୀଙ୍କୁ ଆଡମିଶନ୍ କରିବା ନିମନ୍ତେ ଉତ୍ସାହିତ କରିବା ପାଇଁ ସାଧାରଣ ବର୍ଗର ଛାତ୍ରଛାତ୍ରୀଙ୍କ ଶୁଳ୍କ ୨୦୦୦ ଟଙ୍କାକୁ ଏବଂ ଅନୁସୂଚିତ ଜାତି ଓ ଜନଜାତି ବର୍ଗ ପାଇଁ ୧୦୦୦ ଟଙ୍କାକୁ ହ୍ରାସ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବିଜୁ ପଟ୍ଟନାୟକ ଜାତୀୟ ଷ୍ଟିଲ ପ୍ରତିଷ୍ଠାନକୁ ଏକ ଜାତୀୟ ସ୍ତରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ଗଢ଼ି ତୋଳିବା ପାଇଁ ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ପକ୍ଷରୁ ସବୁ ପ୍ରକାର ସହଯୋଗ କରାଯିବ ବୋଲି ଯୁଗ୍ମସଚିବ ଦୟା ନିଧାନ ପାଣ୍ଡେ କହିଥିଲେ। ଏହି ଗସ୍ତ କାର୍ଯ୍ୟକ୍ରମରେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ ଏବଂ ପ୍ରଶାସନର ଅଧିକାରୀଗଣ ଉପସ୍ଥିତ ଥିଲେ।

## ଅସହାୟଙ୍କୁ 'ଛୋଟ ଏକ ପ୍ରୟାସ'ର ସହାୟତା



**ହିନ୍ଦୋଳ,୨୩।୪/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନମଣ୍ଡଳୀର ଅଗ୍ରଣୀ ସାମାଜିକ ଅନୁଷ୍ଠାନ 'ଛୋଟ ଏକ ପ୍ରୟାସ'ର ସଦାସର୍ବଦା ଅସହାୟ ଗରିବଙ୍କୁ ସହଯୋଗର ହାତ ବଢ଼ାଇ ଗରିବ କଲ୍ୟାଣ ପ୍ରୟାସ ଗରିବଙ୍କ ମୁହଁରେ ହସ ଫୁଟାଇପାରିଛି। ହିନ୍ଦୋଳ ଉପଖଣ୍ଡର ଏହି ଅନୁଷ୍ଠାନଟି ତାହାର ସାମାଜିକ କାର୍ଯ୍ୟକ୍ରମ ଜାରି ରଖିଥିବାବେଳେ ହିନ୍ଦୋଳ ବ୍ଲକ୍ ନବକିଶୋରପୁର ପଞ୍ଚାୟତ ଖଇରାବାହାଳୀ ଗ୍ରାମର ସ୍ୱର୍ଗତ ଖଇରା ନାଏକଙ୍କ ସ୍ତ୍ରୀ ଚନ୍ଦ୍ରି ନାଏକ ଯାହାଙ୍କ ପୁଅବୋହୂ ପରିତ୍ୟାଗ କରି ଦାୟିତ୍ୱରୁ ଓହୋରି ଯାଇଛନ୍ତି। ଅତ୍ୟନ୍ତ ଅସହାୟ ଅବସ୍ଥାରେ ଚଳୁଛନ୍ତି ତାଙ୍କ ଦୁଃଖଦ ପରିସ୍ଥିତି ଶୁଣି ସାମାଜିକ ଅନୁଷ୍ଠାନ ଆଗେଇଆସି ସହଯୋଗର ହାତ ବଢ଼ାଇବା ସହ ତାଙ୍କ ଦୁଃଖରେ ସାମିଲ ହୋଇ କିଛି ପିନ୍ଧିବା ପାଇଁ ବସ୍ତ୍ର ଓ ଶୁଖିଲା ଖାଦ୍ୟ ପ୍ରଦାନ କରିବାସହ ଘର ପାଇଁ ପାଲ ଏବଂ ଚଳିବା ପାଇଁ ରାସନ ସାମଗ୍ରୀ ଖୁବ୍‌ଶୀଘ୍ର ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଯାହାକି ଚନ୍ଦ୍ରି ନାଏକଙ୍କ ମୁହଁରେ ଖୁସି ଆଣିଦେଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ସଦସ୍ୟ ଯୋଗଦେଇଥିବା ବେଳେ ସ୍ଥାନୀୟ ପ୍ରଶାସନ ଅସହାୟ ଚନ୍ଦ୍ରି ନାଏକଙ୍କ ପାଇଁ ସହଯୋଗର ହାତ ବଢ଼ାଇବାକୁ ଅନୁରୋଧ କରିଛନ୍ତି। ଗରିବ ଦୁସ୍ଥ ଅସହାୟ ଓ ବିପଦରେ ପଡ଼ିଥିବା ସାଧାରଣ ଲୋକଙ୍କ ପାଇଁ ଆଗେଇଆସି ସହଯୋଗର ହାତ ବଢ଼ାଉଥିବା ଅନୁଷ୍ଠାନ 'ଛୋଟ ଏକ ପ୍ରୟାସ' ଏହି ମହତ କାର୍ଯ୍ୟପାଇଁ ଅଞ୍ଚଳବାସୀ ଉଚ୍ଚପ୍ରଶଂସା କରିଛନ୍ତି।

## ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

**କଣିହାଁ,୨୩।୪/ଏନ୍‌ଏନ୍‌ଏସ୍:** କଣିହାଁ ଥାନା ଅଞ୍ଚଳର ସାନ ଚାଘୁଡ଼ିଆ ଗ୍ରାମରେ ଏକ ସନ୍ଦେହଜନକ ମୃତ୍ୟୁ ଘଟଣା ଗୁରୁବାର ଜଣାପଡିଛି। ଗ୍ରାମ ଗୋଡି ପୋଖରୀରୁ ଜଣେ ଯୁବକଙ୍କ ମୃତଦେହ ଭାସୁଥିବା ଅବସ୍ଥାରେ ଛେଣ୍ଡିପଦା ଅଗ୍ନିଶମ ବାହିନୀ ଉଦ୍ଧାର କରିଥିଲେ। ମୃତକ ହେଲେ କଣିହାଁ ଥାନା ବଡ଼ଗୁଣ୍ଡୁରୀ ପଞ୍ଚାୟତ ବଡହୀରା ଗ୍ରାମର ପଙ୍କଜ ବେହେରା (୩୨)। ସେ ଗତକାଲି ପ୍ରାୟ ସକାଳ ୧୧ଟା ସମୟରେ ଘରୁ ବାହାରି ଯାଇଥିଲେ ଏବଂ ପୁନଃ ଫେରିନଥିଲେ। ଏନେଇ ତାଙ୍କ ସାନ ଭାଇ ପ୍ରକାଶ ବେହେରା (୨୮) କଣିହାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଆଜି ସକାଳେ କିଛି ସ୍ଥାନୀୟ ଲୋକ ପୋଖରୀରେ ମୃତଦେହ ଭାସୁଥିବା ଦେଖି ପୋଲିସକୁ ସୂଚନା ଦେଇଥିଲେ। ସୂଚନା ପାଇ କଣିହାଁ ପୁଲିସ ଘଟଣାସ୍ଥଳକୁ ପହଞ୍ଚି ମୃତଦେହକୁ ଜବତ କରିଥିଲେ। ଭାଇଙ୍କ ଅଭିଯୋଗ ଆଧାରରେ ପୁଲିସ ଅପମୃତ୍ୟୁ ମାମଲା ନଂ-୧୧୩/୨୬ ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ମୃତକଙ୍କ ବେକରେ ଗାମୁଛା ବନ୍ଧା ଥିବା ସହ ଏକ ପଥର ମଧ ବାନ୍ଧା ଯାଇଥିଲା। ଯାହା ଘଟଣାକୁ ସନ୍ଦେହଜନକ କରିଛି। କଣିହାଁ ଥାନା ଆଇଆଇସି ରମଣୀ ରଞ୍ଜନ ଦଳେଇଙ୍କ କହିବା ଅନୁସାରେ, ନିଖୋଜ ନେଇ ଅଭିଯୋଗ ହୋଇଥିଲା ଏବଂ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟାସତ୍ୟ ସ୍ପଷ୍ଟ ହେବ।

## ମାର୍କେଟରେ ବିକ୍ରି ହେଉଥିବା ଜଳର ଶୁଦ୍ଧତା ଉପରେ ପ୍ରଶ୍ନ ?

**ତାଳଚେର,୨୩।୪/ଏନ୍‌ଏନ୍‌ଏସ୍:** ଗ୍ରୀଷ୍ମଋତୁରେ ବଢ଼ି ଚାଲିଛି ପାଣି ଚାହିଦା। ଜନସଂଖ୍ୟା ସହିତ ଭୌଗଳିକ କଳବର ଅନୁଯାୟୀ ବ୍ୟବସାୟୀକ ପ୍ରତିଷ୍ଠାନ ସଂଖ୍ୟା ବି ଆଶାତୀତ ଭାବେ ବୃଦ୍ଧି ପାଇଛି। ସହର ସହ ବିଭିନ୍ନ ଗ୍ରାମାଞ୍ଚଳରୁ ଦୈନିକ ହଜାର ହଜାର ଲୋକଙ୍କ ସହରକୁ ଆତଯାତ ଲାଗି ରହିଛି। ପନିପରିବା ଠାରୁ ବିଭିନ୍ନ ଦ୍ରବ୍ୟ କ୍ରୟ ବିକ୍ରୟ ସକାଶେ ସକାଳୁ ରାତିଯାଏ ସହରରେ ଗହଳ ଚହଳ ଲାଗି ରହୁଛି। ଏସବୁ ସତ୍ୱେ ଔଷଧ, ଖାଦ୍ୟପଦାର୍ଥ ଓ ବିଶୁଦ୍ଧ ପାନୀୟଜଳ ଆଦି ଆବଶ୍ୟକ ସେବାରେ ଅନ୍ତର୍ଭୁକ୍ତ ଥିବା ବେଳେ ଏବେ ନକଲି ବ୍ରାଣ୍ଡର ପାଣି ବ୍ୟବସାୟୀଙ୍କ ଏବେ ପୁଷମାସ ପାଳଟିଛି। ବ୍ୟବସାୟ ବଢ଼ିବା ଯୋଗୁଁ ଦିନକୁ ଦିନ ନକଲି ବ୍ରାଣ୍ଡର ପାଣିବୋତଲ ବିକ୍ରି ମଧ ବୃଦ୍ଧି ପାଇଥିବା ବେଳେ ଏହି ଅବାଧ କାରବାର ସହରରେ ମୁଖ୍ୟ ରାସ୍ତାଗୁଡ଼ିକ ସମେତ ବିଭିନ୍ନ ଗଳିକନ୍ଦିରେ ଥିବା ଚା'ପାନ ଦୋକାନ, ଜଳଖିଆ ଦୋକାନ, ହୋଟେଲ, ରେଷ୍ଟୁରାଣ୍ଟ ଓ ଫାଷ୍ଟଫୁଡ୍ ଦୋକାନ ଗୁଡ଼ିକରେ ବହୁଳ ଭାବରେ ନକଲି ବ୍ରାଣ୍ଡର ପାଣିବୋତଲ ଏବଂ ପାଣିଜାରକିନ୍ ଖୁଲମଖୁଲା ଉପଲବ୍ଧ ହେଉଛି। ବିଭିନ୍ନ ଗାଁ ଦାଣ୍ଡରେ ମଧ ଏଭଳି ନକଲି ବ୍ରାଣ୍ଡର ପାଣି ବୋତାଲ ସହ ନିସିଦ୍ଧ ହୋଇଥିବା ପାଣିପାଉଚ ମଧ ସୁବିଧା ଓ ସହଜରେ ମିଳିପାରୁଛି। ବିବାହ, ବ୍ରତଘର, ସୁଦ୍ଧିକ୍ରିୟା, ଏକୋଶିଆ ଇତ୍ୟାଦି କାର୍ଯ୍ୟକ୍ରମ ଗୁଡିକରେ ମିଳୁଛି କୋଡ଼ିଏ ଲିଟରିଆ ପାଣି ଜାରକିନ୍। କିନ୍ତୁ ଏସବୁର ଗଣାତ୍ମକ ମାନ ଜାଣିବା ଦୂରେ ଥାଉ କିନ୍ତୁ ଦୋକାନୀକୁ ୫ଟଙ୍କା କିମ୍ବା ୧୦ଟଙ୍କା ଓ ୨୦ଟଙ୍କା ବଢ଼ାଇଲେ ମିଳି ଯାଉଛି ବିଭିନ୍ନ ପ୍ରକାରର ପାଣି ବୋତଲ। ସ୍ଥାନୀୟ ସହର ସମେତ ଆଖାପାଖ ଅଞ୍ଚଳରେ ଏଭଳି ଅସାଧୁ କାରବାରରେ ଚେର ଲମ୍ବିଥିବା ବେଳେ ସିଧାସଳଖ ଗ୍ରାହକ ଠକାମୀର ଶୀକାର ହେଉଥିବା ବେଳେ ପ୍ରଶାସନର ତଳିଆ କର୍ମଚାରୀ ଠାରୁ ଆରମ୍ଭକରି ଉପର ହାକିମ ଯାଏ ସବୁ ଜାଣି ନଜାଣିଲା ପରି ଅଭିନୟ କରୁଛନ୍ତି। ପ୍ରଶାସନ ନିଷ୍କ୍ରିୟତାର ଫାଇଦା ନେଇ ନକଲି ପାଣି ପ୍ରସ୍ତୁତକାରୀ ବ୍ୟବସାୟୀ ଆଇନକାନୁନ ଦଳିମକଚି ଏହାର ପ୍ରଭାବ ସିଧାସଳଖ ଗ୍ରାହକଙ୍କ ଉପର ପଡୁଛି।

## କ୍ୟାନ୍‌ଫେଷ୍ଟ୍‌ର ତୃତୀୟ ଦିନ ନାଟକ ଶେକ୍ସପିୟର ମଞ୍ଚସ୍ଥ

**ପାରାଦୀପ,୨୩।୪/ଏନ୍‌ଏନ୍‌ଏସ୍:** ପାରାଦୀପ ପୋର୍ଟର ଜୟଦେବ ସଦନରେ କ୍ୟାନମାସ୍ ଦ୍ୱାରା ଆୟୋଜିତ ୨୩ତମ ଜାତୀୟ ନାଟ୍ୟ ମହୋତ୍ସବ କ୍ୟାନଫେଷ୍ଟ-୨୦୨୬ର ତୃତୀୟ ଦିନ ପ୍ରଫେସର ରମାକାନ୍ତ ମିଶ୍ରଙ୍କ ନିର୍ଦ୍ଦେଶନାରେ ଭୁବନେଶ୍ୱରର ହୃଦୟର କଳାକାରମାନଙ୍କ ଦ୍ୱାରା ନାଟକ ଶେକ୍ସପିୟର ମଞ୍ଚସ୍ଥ ସହିତ ଶେଷ ହୋଇଛି। ଶେକ୍ସପିୟର ହେଉଛି ସର୍ବକାଳୀନ ମହାନ କବି ଏବଂ ନାଟ୍ୟକାର ୱିଲିୟମ୍ ଶେକ୍ସପିୟରଙ୍କ ଜୀବନ ଏବଂ କାର୍ଯ୍ୟ ଉପରେ ଏକ ଜୀବନୀ ନାଟକ। କବିଙ୍କ ଆତ୍ମା ତାଙ୍କ କବରରୁ ବାହାରକୁ ଆସି ତାଙ୍କ ବ୍ୟକ୍ତିଗତ ଜୀବନ ଏବଂ ନାଟ୍ୟକାର ଭାବରେ ତାଙ୍କ କ୍ୟାରିଅର ଏବଂ ସେ ଯେଉଁ ସମୟରେ ବାସ କରୁଥିଲେ ତାହା ବର୍ଣ୍ଣନା କରନ୍ତି। ନାଟକଟି ଆଜ୍ ୟୁ ଲାଇକ୍ ଇଟ୍‌ର ପ୍ରସିଦ୍ଧ ଏକକ ସଂଳାପ 'ଅଲ୍ ଦି ୱାର୍ଲ୍ଡସ୍ ଏ ଷ୍ଟେଜ୍' ସହିତ ଆରମ୍ଭ ହୁଏ ଏବଂ ରୋମିଓ ଆଣ୍ଡ ଜୁଲିଏଟ୍, ହାମଲେଟ୍, ଦି ମର୍ଚ୍ଚାଣ୍ଟ ଅଫ୍ ଭେନିସ୍, ମ୍ୟାକବେଥ୍, ଜୁଲିୟସ୍ ସିଜର, ଓଥେଲୋ, କାଇଣ୍ଡ ଲିଅର୍ ଏବଂ ଦି ଟେମ୍ପେଷ୍ଟ ଭଳି ତାଙ୍କର କାଳଜୟୀ କୃତିରୁ କିଛି ନାଟକୀୟ ଦୃଶ୍ୟ ପ୍ରଦର୍ଶିତ ହୁଏ। ନାଟକଟି ଶେକ୍ସପିୟରଙ୍କ ଆତ୍ମାର ବିଦାୟ



ଏବଂ କବରକୁ ଫେରିବା ସହିତ ଶେଷ ହୁଏ। ଏହି ନାଟକଟି ଶେକ୍ସପିୟରଙ୍କ ସୃଷ୍ଟିକୁ ମନେ ପକାଇ ଦେଇଥିଲା। ଚତୁର୍ଥ ସନ୍ଧ୍ୟାରେ ଦିଲ୍ଲୀର ଥିଏଟର ୱାଲା ହିନ୍ଦୀ ନାଟକ କୋଇ ବାତ ଚାଲେ ମଞ୍ଚସ୍ଥ କରିବ। କ୍ୟାନ୍‌ଫେଷ୍ଟ-୨୦୨୬ର ତୃତୀୟ ଦିନ ନାଟକ ଶେକ୍ସପିୟର ମଞ୍ଚସ୍ଥ ପାରାଦୀପ ପୋର୍ଟର ଜୟଦେବ ସଦନରେ କ୍ୟାନମାସ୍ ଦ୍ୱାରା ଆୟୋଜିତ ୨୩ତମ ଜାତୀୟ ନାଟ୍ୟ ମହୋତ୍ସବ କ୍ୟାନଫେଷ୍ଟ-୨୦୨୬ର ତୃତୀୟ ଦିନ ପ୍ରଫେସର ରମାକାନ୍ତ ମିଶ୍ରଙ୍କ ନିର୍ଦ୍ଦେଶନାରେ ଭୁବନେଶ୍ୱରର ହୃଦୟର କଳାକାରମାନଙ୍କ ଦ୍ୱାରା ନାଟକ ଶେକ୍ସପିୟର ମଞ୍ଚସ୍ଥ ସହିତ ଶେଷ ହୋଇଛି। ଶେକ୍ସପିୟର ହେଉଛି ସର୍ବକାଳୀନ ମହାନ କବି ଏବଂ ନାଟ୍ୟକାର ୱିଲିୟମ୍ ଶେକ୍ସପିୟରଙ୍କ ଜୀବନ ଏବଂ କାର୍ଯ୍ୟ ଉପରେ ଏକ ଜୀବନୀ ନାଟକ। କବିଙ୍କ ଆତ୍ମା ତାଙ୍କ କବରରୁ ବାହାରକୁ ଆସି ତାଙ୍କ ବ୍ୟକ୍ତିଗତ ଜୀବନ ଏବଂ ନାଟ୍ୟକାର ଭାବରେ ତାଙ୍କ କ୍ୟାରିଅର ଏବଂ ସେ ଯେଉଁ ସମୟରେ ବାସ କରୁଥିଲେ ତାହା ବର୍ଣ୍ଣନା କରନ୍ତି। ନାଟକଟି ଆଜ୍ ୟୁ ଲାଇକ୍ ଇଟ୍‌ର ପ୍ରସିଦ୍ଧ ଏକକ ସଂଳାପ 'ଅଲ୍ ଦି ୱାର୍ଲ୍ଡସ୍ ଏ ଷ୍ଟେଜ୍' ସହିତ ଆରମ୍ଭ ହୁଏ ଏବଂ ରୋମିଓ ଆଣ୍ଡ ଜୁଲିଏଟ୍, ହାମଲେଟ୍, ଦି ମର୍ଚ୍ଚାଣ୍ଟ ଅଫ୍ ଭେନିସ୍, ମ୍ୟାକବେଥ୍, ଜୁଲିୟସ୍ ସିଜର, ଓଥେଲୋ, କାଇଣ୍ଡ ଲିଅର୍ ଏବଂ ଦି ଟେମ୍ପେଷ୍ଟ ଭଳି ତାଙ୍କର କାଳଜୟୀ କୃତିରୁ କିଛି ନାଟକୀୟ ଦୃଶ୍ୟ ପ୍ରଦର୍ଶିତ ହୁଏ। ନାଟକଟି ଶେକ୍ସପିୟରଙ୍କ ଆତ୍ମାର ବିଦାୟ ଏବଂ କବରକୁ ଫେରିବା ସହିତ ଶେଷ ହୁଏ। ଏହି ନାଟକଟି ଶେକ୍ସପିୟରଙ୍କ ସୃଷ୍ଟିକୁ ମନେ ପକାଇ ଦେଇଥିଲା। ଚତୁର୍ଥ ସନ୍ଧ୍ୟାରେ ଦିଲ୍ଲୀର ଥିଏଟର ୱାଲା ହିନ୍ଦୀ ନାଟକ କୋଇ ବାତ୍ ଚାଲେ ମଞ୍ଚସ୍ଥ କରିବ।

## ୨୭ ପର୍ଯ୍ୟନ୍ତ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ

**କଟକ, ୨୩।୪/ଏନ୍‌ଏନ୍‌ଏସ୍:** ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲାର ସମସ୍ତ ସରକାରୀ ଏବଂ ବେସରକାରୀ ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ରଗୁଡିକୁ ପୁଣି ବନ୍ଦ ରଖିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ନିର୍ଦ୍ଦେଶ ଅନୁସାରେ ଚଳିତ ଏପ୍ରିଲ ମାସ ୨୪, ୨୫ ଓ ୨୭ ତାରିଖକୁ ଛୁଟି ଘୋଷଣା କରାଯାଇଛି । ତେବେ ନିର୍ଦ୍ଧାରିତ ସମୟରେ ପାଠ୍ୟକ୍ରମ ଶେଷ କରିବା ପାଇଁ ଶିକ୍ଷକ ଶିକ୍ଷୟିତ୍ରୀମାନେ ବିଦ୍ୟାଳୟରେ ଉପସ୍ଥିତ ରହି ଅନ ଲାଇନ କ୍ଲାସ କରିପାରିବେ ବୋଲି ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତାତ୍ରୟ ଭାଉସାହେବ ଶିନ୍ଦେ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହ ଜିଲ୍ଲାର ସମସ୍ତ ସରକାରୀ, ଅନୁଦାନପ୍ରାପ୍ତ ଓ ବେସରକାରୀ କଲେଜଗୁଡ଼ିକ ମଧ୍ୟ ଉକ୍ତ ସମୟ ମଧ୍ୟରେ ବନ୍ଦ ରହିବ । ତେବେ, ପୂର୍ବନିର୍ଦ୍ଧାରିତ ପରୀକ୍ଷାଗୁଡ଼ିକ ନିୟମିତ ସୂଚୀ ଅନୁଯାୟୀ ହେବ । ଅଙ୍ଗନବାଡି କେନ୍ଦ୍ର ଗୁଡିକରେ ରନ୍ଧା ଖାଦ୍ୟ ବଦଳରେ ଶୁଖିଲା ଜିନିଷ ଘରକୁ ଦେବା ନିମନ୍ତେ ଶ୍ରୀ ଶିନ୍ଦେ ନିର୍ଦ୍ଦେଶ ଦେଇଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ ପୂର୍ବରୁ ପ୍ରାତଃ ଘ୬. ୩୦ମି ଠାରୁ ସକାଳ ୯ ଘଟିକା ପର୍ଯ୍ୟନ୍ତ ବିଦ୍ୟାଳୟ ଖୋଲା ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ଓ ପରେ ୨୦ ତାରିଖରୁ ଛୁଟି ଘୋଷଣା କରାଯାଇଥିଲା । ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ବୃଦ୍ଧିକୁ ଦୃଷ୍ଟିରେ କରି ପୁନର୍ବାର ସମୀକ୍ଷା କରାଯାଇ ଉପରୋକ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଉପଯୁକ୍ତ ଗ୍ରୀଷ୍ମ ପ୍ରବାହ ସତର୍କତା ଅବଲମ୍ବନ କରି ଜନଗଣନା କାର୍ଯ୍ୟ ଜାରି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

### କଟକ ଜିଲ୍ଲାରେ ଜନଗଣନା କାର୍ଯ୍ୟ ତ୍ୱରାନ୍ୱିତ

## ଅଧିକାରୀ ଓ କର୍ମଚାରୀଙ୍କ ସୁରକ୍ଷାକୁ ଅଗ୍ରାଧିକାର ଦେବାକୁ ନିର୍ଦ୍ଦେଶ

**କଟକ, ୨୩।୪/ଏନ୍‌ଏନ୍‌ଏସ୍:** ୨୦୨୭ ଜନଗଣନାକୁ ସ୍ୱଚ୍ଛ, ସଠିକ୍ ଏବଂ ସୁଚାରୁରୂପେ ସମ୍ପାଦନ କରିବା ଲକ୍ଷ୍ୟରେ କଟକ ଜିଲ୍ଲାରେ ଗୃହ ଗଣନା କାର୍ଯ୍ୟ ଜାରି ରହିଛି । ଏହି ପର୍ଯ୍ୟାୟରେ କଟକ ଜିଲ୍ଲାରେ ବିଶେଷ ଅଗ୍ରଗତି ଦେଖିବାକୁ ମଳୁଛି, ଜିଲ୍ଲାପାଳ ତଥା ଜିଲ୍ଲା ପ୍ରମୁଖ ଜନଗଣନା ଅଧିକାରୀ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଜନଗଣନା ଅଧିକାରୀ କମଲଜିତ୍ ଦାସଙ୍କ ସହ ପରିଚାଳନା ଓ ପ୍ରଶାସନିକ ତଦାରଖରେ ଏହି କାର୍ଯ୍ୟ ସଫଳତାର ସହ ତ୍ୱରାନ୍ୱିତ ହେଉଛି । ଜିଲ୍ଲାରେ ମୋଟ ୩୮୦୭ ଜଣ ଗଣନାକାରୀ ଓ ୬୨୫ ଜଣ ସୁପରଭାଇଜରଙ୍କୁ ନିୟୋଜିତ କରାଯାଇଛି । ସେମାନେ ଘରକୁ ଘର ଯାଇ ତଥ୍ୟ ସଂଗ୍ରହ କରୁଛନ୍ତି ।



ଏପ୍ରିଲ ୨୨ ତାରିଖ ସଂଧ୍ୟା ସୁଦ୍ଧା ଜିଲ୍ଲାରେ ୪,୫୩,୯୯୫ଟି (ବିଲଡିଂ) ଗୃହ ଗଣନା କରାଯାଇଥିବାବେଳେ ୬,୩୮,୦୦୯ଟି ସେନସସ୍ ହୋମ୍ ( ପରିବାର) ଗଣନା ସଫଳତାର ସହ ସମ୍ପନ୍ନ ହୋଇଛି । ପ୍ରଥମ ପର୍ଯ୍ୟାୟରେ ଏପ୍ରିଲ ୧ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ସ୍ୱଗଣନା କରାଯାଇଥିବା ବେଳେ ୧୬ ତାରିଖରୁ ଗଣନାକାରୀମାନେ ଘରକୁ ଘର ଯାଇ ଗୃହ ଗଣନା କରୁଛନ୍ତି । ପ୍ରତ୍ୟେକ ଘର ସମ୍ମୁଖରେ ଘର ନମ୍ବର ଲେଖାଯାଉଛି ଏବଂ ପରିବାରଗୁଡିକୁ ୩୪ଟି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ପଚରାଯାଉଛି, ଯାହା ଆଧାରରେ ଲୋକଙ୍କ ସାମାଜିକ ଓ ଆର୍ଥିକ ସ୍ଥିତି ବିଷୟରେ ତଥ୍ୟ ସଂଗ୍ରହ କରଯାଉଛି । ଗଣନାକାର୍ଯ୍ୟକୁ ସୁଚାରୁ ଭାବେ ସମ୍ପାଦନ ପାଇଁ ପ୍ରତି ଗଣନାକାରୀ ଅତି କମରେ ୧୭୦ଟି ଘରରୁ ୨୦୦ରୁ ଅଧିକ ଘର ପର୍ଯ୍ୟନ୍ତ ଗଣନା କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସେହିପରି ପ୍ରତି ୬ ଜଣ ଗଣନାକାରୀଙ୍କ ପାଇଁ ଜଣେ ସୁପରଭାଇଜର ନିୟୋଜିତ ରହିଛନ୍ତି ଯେଉଁମାନେ କାର୍ଯ୍ୟର ଗୁଣମାନ ଓ ନିରୀକ୍ଷଣ ସୁନିଶ୍ଚିତ କରୁଛନ୍ତି । ଆସନ୍ତା ମେ ମାସ ୧୫ ତାରିଖ ପର୍ଯ୍ୟନ୍ତ ଏହି ଗଣନାକାର୍ଯ୍ୟ ଚାଲିବ । ସାଧାରଣ ଲୋକ ଗଣନାକାରୀଙ୍କୁ ସହଯୋଗ କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । ଜନସାଧାରଣଙ୍କ ସଠିକ୍ ତଥ୍ୟ ଦେଶର ଯୋଜନା ଓ ବିକାଶମୂଳକ କାର୍ଯ୍ୟରେ ମୂଲ୍ୟବାନ୍ ଭୂମିକା ନିର୍ବାହ କରିବ । ଜନଗଣନା କାର୍ଯ୍ୟରେ ନିୟୋଜିତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସୁରକ୍ଷାକୁ ଅଗ୍ରାଧିକାର ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏଥିନିମନ୍ତେ ତିନିଜଣ ଉପଜିଲ୍ଲାପାଳଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି ।

## ସିଆର୍‌ଆର୍‌ଆଇର ୮୧ତମ ପ୍ରତିଷ୍ଠା ଦିବସ

**କଟକ,୨୩।୪/ଏନ୍‌ଏନ୍‌ଏସ୍:** ବିଦ୍ୟାଧରପୁରସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ (ସିଆରଆରଆଇ) ର ୮୧ତମ ପ୍ରତିଷ୍ଠା ଦିବସ ଏବଂ ଧାନ ଦିବସ ଆଜି ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ନୂଆଦିଲ୍ଲୀ ସ୍ଥିତ କୃଷି ବୈଜ୍ଞାନିକ ବୋର୍ଡ଼ (ଏଏସଆରବି)ର ଅଧକ୍ଷ ପ୍ରଫେସର ସଂଜୟ କୁମାର ମୁଖ୍ୟ ଅତିଥି ଓ ସମ୍ମାନୀତ ଅତିଥି ଭାବେ ଓଡ଼ିଶା କୃଷି ଓ ପ୍ରଯୁକ୍ତି ବିଦ୍ୟା ବିଶ୍ୱବିଦ୍ୟାଳୟ (ଓୟୁଏଟି)ର କୁଳପତି ପ୍ରଫେସର ପି.କେ. ରାଉଳ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର ସାମଜିକ ବିଜ୍ଞାନ ବିଭାଗର ମୁଖ୍ୟ ଡ .ବିଶ୍ୱଜିତ ମଣ୍ଡଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅନୁଷ୍ଠାନର ନିର୍ଦ୍ଦେଶକ ଡ. ଜି.ଏ.କେ କୁମାର ସିଆରଆରଆଇର ସଫଳତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ ।



ସଂଗଠନ ସଚିବ ଡ .କୌଶିକ ଚକ୍ରବର୍ତ୍ତୀ ପ୍ରତିଷ୍ଠା ଦିବସ ବକ୍ତୃତାର ଗୁରୁତ୍ୱ ବିଷୟରେ ବୁଝାଇଥିଲେ । ଏହି ଅବସରରେ ଧାନ କିସମ "ସିଆର ଧାନ-୩୧୦" ର ବାଣିଜ୍ୟକରଣ ପାଇଁ ଆଇସିଏଆର-କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ ଏବଂ ଆରିଆ ଆଗ୍ରୋଟେକ ପ୍ରାଇଭେଟ ଲିମିଟେଡ଼ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା । ମୁଖ୍ୟ ଅତିଥି ପ୍ରତିଷ୍ଠାନ ପରିସରରେ ଏହି ଅବସରରେ ଏକ ଚାରା ରୋପଣ କରିଥିଲେ । ଏହାପରେ ଚାଷୀ ଓ ବୈଜ୍ଞାନିକମାନଙ୍କ ମଧ୍ୟରେ ଏକ ପାରସ୍ପରିକ କୃଷକ-ବୈଜ୍ଞାନିକ ଆଲୋଚନା ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଅପରାହ୍ନ ଅଧିବେଶନରେ "ମଧୁରମ" ଶୀର୍ଷକ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହାପରେ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ପାଇଁ ପୁରସ୍କାର ବଂଟନ କରାଯାଇଥିଲା । ଆୟୋଜନ ସଚିବ ଡ ଏମ ଶିବଶଙ୍କରୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ପୋତାପୋଖରୀ ପ୍ରିମିୟର୍ ଲିଗ୍ ଟ୍ରଫି ଉନ୍ମୋଚିତ



**କଟକ, ୨୩।୪/ଏନ୍‌ଏନ୍‌ଏସ୍:** ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ ପୋତାପୋଖରୀ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଂଟ - ୨୦୨୬ର ଦଶମ ସଂସ୍କରଣ ଆଜି ସନ୍ଧ୍ୟାରେ ସ୍ଥାନୀୟ ପୋତାପୋଖରୀସ୍ଥିତ ନେତାଜୀ ଖେଳ ପଡ଼ିଆରେ ଏକ ରଙ୍ଗାରଙ୍ଗ ପରିବେଶ ଭିତରେ ଅତିଥି ମାନେ ଯୋଗଦେଇ ଟ୍ରଫିକୁ ଉନ୍ମୋଚିତ କରିଛନ୍ତି । ଏଥିରେ ପୂର୍ବତନ ବିଧାୟକ ଡ଼ଃ ପ୍ରଭାତ ରଞ୍ଜନ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ସେଂଟ ଜାଭିୟର୍ସ ଗ୍ରୁପ ଅଫ ସ୍କୁଲର ନିର୍ଦ୍ଦେଶକ ଡ଼ଃ ପ୍ରଭୁ ଚରଣ ମହାନ୍ତି, କର୍ପୋରେଟର ତାପସ ରଂଜନ ସାମନ୍ତରାୟ, ପୋତାପୋଖରୀ ପୂଜା କମିଟିର ସଭାପତି ରମେଶ ଚନ୍ଦ୍ର କର, ସମ୍ପାଦକ ମନୋଜ କୁମାର ମହାରଣା, କାର୍ଯ୍ୟକାରୀ ସମ୍ପାଦକ ବାପି ରାୟ, ଶିକ୍ଷାବିତ ଡ଼ଃ ଚୌଧୁରୀ ସତ୍ୟ ଦାସ, ହିସାବ ନିରୀକ୍ଷକ ପ୍ରଦୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଟ୍ରଫିକୁ ଉନ୍ମୋଚିତ କରିଥିଲେ । ଏହି ଲିଗରେ ସ୍କାଏ ଲିଜେଣ୍ଡ, ମହାବୀର ୱାରିଅର୍ସ, ମହାକାଳୀ ୱାରିଅର୍ସ, ମହାକାଳ ୱାରିଅର୍ସ, ମା' ମଙ୍ଗଳା ୱାରିଅର୍ସ, ଶ୍ରୀରାମ ୱାରିଅର୍ସ ଆଦି ଛଅଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ପ୍ରତ୍ୟେକ ଟିମ୍ ଛଅ ଓଭର ବିଶିଷ୍ଟ ମ୍ୟାଚ୍ ଖେଳିବେ । ଏହି ଟୁର୍ଣ୍ଣାମେଂଟ ଚାରିଦିନ ଧରି ଚାଲିବ ବୋଲି କମିଟିର ବିନୋଦ ନାୟକ, ସୁମନ୍ତ ନାୟକ, ଗଗନ ସାହୁ, ରଞ୍ଜନ ସାହୁ, ଅବିନାଶ ପାତ୍ର, ଚନ୍ଦ୍ରକାନ୍ତ ଦାସ, ଜଗବନ୍ଧୁ ଦାସ, ଅକ୍ଷୟ କୁମାର ସ୍ୱାଇଁ, ଅମୀୟ ଦାସ, ଆଶିଷ କୁମାର ଦାସ, ସଚିନ ଦାସ ପ୍ରମୁଖ ଜଣାଇଛନ୍ତି ।

## ବିଜେପି ଯୁବମୋର୍ଚ୍ଚାର 'ଜନ-ଆକ୍ରୋଶ' ସମାବେଶ

### ରାହୁଲ, ଖଡ଼ଗେ, ମମତା, ଅଖିଲେଶଙ୍କର କୁଶପୁତ୍ତଳିକା ଦାହ



**କଟକ, ୨୩।୪/ଏନ୍‌ଏନ୍‌ଏସ୍:** କଟକ ନଗର ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ଏକ ବିଶାଳ ଜନ-ଆକ୍ରୋଶ ଓ ଯୁବ ବିକ୍ଷୋଭ ସମାବେଶ ଆୟୋଜିତ ହୋଇଯାଇଛି । କେନ୍ଦ୍ର ସରକାରଙ୍କ 'ନାରୀ ଶକ୍ତି ବନ୍ଦନ ଅଧିନିୟମ'କୁ କଂଗ୍ରେସ ଏବଂ ଇଣ୍ଡିମେଂଟ ଦ୍ୱାରା ପ୍ରତ୍ୟାଖ୍ୟାନ କରାଯିବାକୁ ନେଇ ସାରା ଭାରତ ବର୍ଷରେ ବିଜେପି ଯୁବମୋର୍ଚ୍ଚା ଦ୍ୱାରା ପ୍ରତିବାଦ ଓ ବିକ୍ଷୋଭ କରାଯାଉଛି । ଏହି ପରିପ୍ରେକ୍ଷୀରେ ଆଜି କଟକ ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ତରଫରୁ ଜିଲ୍ଲା ବିଜେପି ସଭାପତି ସୁକାନ୍ତ ବିଶ୍ୱାଳଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ଯୁବମୋର୍ଚ୍ଚା ସଂଯୋଜକ ଆଶୁତୋଷ ଦାସଙ୍କ ନେତୃତ୍ୱରେ କଟକ କନିକା ଛକ ଠାରୁ ଏକ ବିଶାଳ ପ୍ରତିବାଦ ଶୋଭାଯାତ୍ରା ଆରମ୍ଭ ହୋଇ ଶୈଳବାଳା ମହିଳା ମହାବିଦ୍ୟାଳୟ ସମ୍ମୁଖରେ ପହଁଚିଥିଲା । ଏହି ଶୋଭାଯାତ୍ରାରେ ରାହୁଲ ଗାନ୍ଧୀ, ମଲ୍ଲିକାର୍ଜୁନ ଖଡଗେ, ମମତା ବାନାର୍ଜୀ ଏବଂ ଅଖିଲେଶ ଯାଦବଙ୍କର ଏକ ପ୍ରତୀକାତ୍ମକ କୁଶପୁତଳିକାକୁ ଦାହ କରାଯାଇଥିଲା ।ଏହି ଜନ-ଆକ୍ରୋଶ ଓ ଯୁବ ବିକ୍ଷୋଭ ପ୍ରତିବାଦ ସଭାରେ ଯୁବମୋର୍ଚ୍ଚା ରାଜ୍ୟ ସେଲ୍ ଇନଚାର୍ଜ ସୌମ୍ୟଜିତ ମହାପାତ୍ର ଏବଂ ଅନ୍ୟତମ ରାଜ୍ୟ ସଂଯୋଜକ ସୁବ୍ରତ କୁମାର ଶତପଥୀ ଉପସ୍ଥିତ ଥିଲେ । ଆଶିଷକାନ୍ତ ମହାନ୍ତି ଶୋଭାଯାତ୍ରାକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅସୀମ ଅମିତାଭ ମହାନ୍ତି, ମନୋଜିତ ଦାସ, ସଞ୍ଜୟ ସିଂହ, ଅବିନାଶ ନାୟକ, ରଶ୍ମିପ୍ରଭା ସାହୁ, ରୋଜାଲିନ ଦାସ, ପାୟଲ ପଟ୍ଟନାୟକ, ରିତିକା ବାରିକ, ଲିଜା ସାହୁ, କାବ୍ୟ ପ୍ରସାଦ,ସୁରଜ ଦାସ, ଅବିନାଶ ନାୟକ, ଦେବଦତ ଦାସ, ସୁଶୀଲ ନାୟକ, ଚନ୍ଦନ ରାଉତ, ସୁଶାନ୍ତ ଦାସ, ଶେଖ ନସିମ, ଅଭିରାମ ଲେଙ୍କା, ବଦ୍ରିନାରାୟଣ ସାହୁ, ସ୍ମୃତିରଞ୍ଜନ ମହାନ୍ତି, ପ୍ରେମବ୍ରତ ଦଳାଇ, ଜଗମୋହନ ଜେନା, ଦୀପକ ସାହୁ ଓ ସୌମ୍ୟରଞ୍ଜନ ସ୍ୱାଇଁ, ସଂଜୀବ ସାହୁ, ବାପୁଜି କର, ଜ୍ଞାନ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ମା' ତାରିଣୀଙ୍କ ଚତୁର୍ଥ ଜନ୍ମବାର୍ଷିକୀ ଉତ୍ସବ

**ଭୁବନେଶ୍ୱର,୨୩।୪ /ଏନ୍‌ଏନ୍‌ଏସ୍:** ୟୁନିଟ୍-୩ସ୍ଥିତ ଖାରବେଳ ନଗର ଅଞ୍ଚଳରେ ଥିବା ମା' ତାରେଣୀଙ୍କର ଚତୁର୍ଥ ଜନ୍ମବାର୍ଷିକୀ ଉତ୍ସବ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମନ୍ଦିରର ପୂଜକ ସନାତନ ନାୟକ ଓ ବସନ୍ତ ରଥ ଛେନାପୋଡ଼ କାଟି ମା' ତାରେଣୀଙ୍କ ଜନ୍ମବାର୍ଷିକୀ ଶୁଭେଚ୍ଛା ଓ ଅଭିନନ୍ଦନ ବାର୍ତ୍ତା ଭକ୍ତମାନଙ୍କୁ ଜଣାଇଥିଲେ । ଟ୍ରଷ୍ଟର ସଭାପତି ବିଦ୍ୟାଧର ମିଶ୍ର, ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ମିଶ୍ର ଏବଂ କୋଷାଧକ୍ଷ ଈଶ୍ୱର ମୂର୍ତ୍ତିଙ୍କ ଆବାହକତ୍ୱରେ ଏହି ଜନ୍ମବାର୍ଷିକୀ ଉତ୍ସବ ପାଳିତ ହୋଇଛି । ଏଥିରେ ପୂର୍ଣ୍ଣଚନ୍ଦ୍ର ବରାଳ, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଭୁବନ ମୋହନ ରଥ, ଦେବାଶିଷ ଘୋଷ, ବିଶ୍ୱରଞ୍ଜନ ମହାନ୍ତି, କୃଷ୍ଣଚନ୍ଦ୍ର ମହାପାତ୍ର, ବୀରେନ୍ଦ୍ର ମିଶ୍ର, ଜ୍ଞାନଦିପ୍ତୀ ପଣ୍ଡା, ସୁଧାଂଶୁ ଶେଖର ମହାନ୍ତି, ଲଳିତ ବେହେରା, ଲକ୍ଷ୍ମଣ ରେଡ୍ଡି, ରଶ୍ମିରଞ୍ଜନ ପାତ୍ର, ଉଷାମଣି ବରାଳ, ସୁଚିସ୍ମିତା ରାଉତ, କଳ୍ପନା ମହାନ୍ତି, ସଂଘମିତ୍ରା ଦାସ, କୁମୁଦିନୀ ନାୟକ, ସ୍ୱର୍ଣ୍ଣଲତା ମହାନ୍ତି, ମମତା ବିଶ୍ୱାଳ, ଅନୁରାଧା ମିଶ୍ର, କାଜଲ ରେଡ୍ଡି, ବୀଣାପାଣି ମହାନ୍ତି ଓ ମାହେଶ୍ୱରୀ ଆଚାର୍ଯ୍ୟ ପ୍ରମୁଖ ଶତାଧିକ ଭକ୍ତ ଯୋଗ ଦେଇଥିଲେ ।

## ସ୍କୁଲ୍ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଜଳଛତ୍ର



**କଟକ, ୨୩।୪/ଏନ୍‌ଏନ୍‌ଏସ୍:** କଟକ ସଦର ୪୨ମୌଜା ଅନ୍ତର୍ଗତ କୁଲସରିଚୁଆଁସ୍ଥିତ ଆର ଏମ ସ୍କୁଲ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଜଳଛତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରତିଷ୍ଠାତା ଶ୍ରୀସନ୍ତୁଙ୍କ ମାର୍ଗଦର୍ଶନରେ ଓ ଉପାଧକ୍ଷା ସରସ୍ୱତୀ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ସ୍କୁଲର ଛାତ୍ରଛାତ୍ରୀ ପବିତ୍ର ଅକ୍ଷିତୃତୀୟାଠାରୁ ପଥଚାରୀଙ୍କୁ ଜଳ ଓ ଦହି ପଣା ବଂଟନ କରୁଛନ୍ତି । ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ମାନଙ୍କ ପୂର୍ଣ୍ଣ ସହଯୋଗ ଓ ଛାତ୍ରଛାତ୍ରୀଙ୍କ ପ୍ରଚେଷ୍ଟା ଯୋଗୁଁ ଏହି ଜଳଛତ୍ର କାର୍ଯ୍ୟକ୍ରମ ସୁଚାରୁ ରୂପେ ପରିଚାଳିତ ହୋଇପାରିଛି । ଏହି କାର୍ଯ୍ୟକ୍ରମରେ ସ୍କୁଲ ଶିକ୍ଷୟତ୍ରୀ ପ୍ରିୟତମା ସ୍ୱାଇଁ, ବର୍ଷା ମୂଳିଆ, ଅଲିଭା ଦଳାଇ, ସ୍ମୃତିପ୍ରଜ୍ଞା ମହାପାତ୍ର, ତୃପ୍ତି ନାୟକ, ପ୍ରିୟଙ୍କା ପ୍ରିୟଦର୍ଶିନୀ, ସୋନାଲି ଗୁପ୍ତା, କବିତା ନାୟକ ଓ ୟେଷିକା ନାୟକ, ସଂଯୋଜକ ଭାରତ ଭୂଷଣ ରାୟ, ଆର.ପି .ସିଂହ ଓ ଲିପୁ ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଡାକ୍ତର ବିକ୍ରମ ଦାସ ସ୍ମାରକୀ ବକ୍ତୃତା

**କଟକ, ୨୩।୪/ଏନ୍‌ଏନ୍‌ଏସ୍:** ଉପନିବେଶ ବାଦ ମାନସିକତାରୁ ଏ ଜାତିର ଶିକ୍ଷା ସଂସ୍କୃତି ଓ ସାହିତ୍ୟକୁ ମୁକ୍ତକରି ଏକ ନୂତନ ଦୃଷ୍ଟିଭଙ୍ଗୀ ଦେବାରେ ସତ୍ୟବାଦୀ ଯୁଗର ସାଧକ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା ବୋଲି ପ୍ରଫେସର ବିକ୍ରମ ଦାସ ସ୍ମାରକୀ ବକ୍ତୃତା ମାଳା ଉତ୍ସବରେ ଅତିଥିମାନେ ମତପ୍ରକାଶ କରିଛନ୍ତି । ଆଜି ସନ୍ଧ୍ୟାରେ ଉତ୍କଳ ସାହିତ୍ୟ ସମାଜର ଶତାବ୍ଦୀ ଭବନରେ ଅନୁଷ୍ଠିତ ଏ ସାରସ୍ୱତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ସାରସ୍ୱତ ସାଧକ ଅଧ୍ୟାପକ ବିଶ୍ୱରଂଜନ କହିଲେ ଯେ ପରମ୍ପରା ପ୍ରତିଭା ଓ ପୁରଦୃଷ୍ଟିର ସମନ୍ୱୟରେ ଡାକ୍ତର ବିକ୍ରମ ଦାସଙ୍କ ସାହିତ୍ୟ ସମୃଦ୍ଧ ହୋଇଥିଲା । ବିଶିଷ୍ଟ ସାହିତ୍ୟିକ ଦାଶ ବେନହୁର କହିଥିଲେ ଯେ, ସତ୍ୟବାଦୀ ବନବିଦ୍ୟାଳୟର ଶିକ୍ଷା ଦୁଇଟି



ଧାରାକୁ ଗୁରୁତ୍ୱ ଦେଇଥିଲା ତାହା ହେଉଛି ସଂସ୍କୃତ ଓ ଆଧୁନିକ ପୁରଦୃଷ୍ଟି ସନାତନ ପରମ୍ପରାକୁ ସେମାନେ ମାନ୍ୟତା ଦେଇଥିଲେ ଓ ସେ ସମୟର ଶିକ୍ଷା ଓ ସାହିତ୍ୟରେ ଜନ ଚେତନାର ପ୍ରତିଫଳନ ଘଟିଥିଲା ଓ ଜାତୀୟତା ବୋଧର ଧାରାକୁ ପଣ୍ଡିତ ଗୋପବନ୍ଧୁ ହିଁ ପ୍ରଥମେ ଓଡ଼ିଶାକୁ ଆଣିଥିଲେ ଏବଂ ଫଂଚସଖା ଏହାକୁ ବିସ୍ତାର କରିଥିଲେ । ଡାକ୍ତର ବିକ୍ରମ ଦାଶ ଥିଲେ ଏହି ଧାରାର ଯୋଗ୍ୟ ଦାୟାଦ । ଅନୁଷ୍ଠାନର ସଭାପତି ଡକ୍ଟର ଗୋବିନ୍ଦଚନ୍ଦ୍ର ଚାନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥିମାନଙ୍କୁ ମଂଚକୁ ଆମନ୍ତ୍ରଣ କରିଥିଲେ କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ଶିବାଶିଷ କର । ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ସାଧାରଣ ସମ୍ପାଦକ ରାଜୀବ କୁମାର ଷଡଙ୍ଗୀ ଓ ଧନ୍ୟବାଦ ପ୍ରଦାନ କରିଥିଲେ ସଂଗଠକ ସମ୍ପାଦକ ଶଶୀକାନ୍ତ ରାଉତ । ଉତ୍ସବରେ ବିକ୍ରମ ଦାସଙ୍କ ପୁତ୍ର ପ୍ରଫେସର ସିଦ୍ଧାର୍ଥ ଦାସ ଓ କନ୍ୟା ପ୍ରଫେସର ଶ୍ରୁତି ଦାସ ସମେତ ଅନୁଷ୍ଠାନର କୋଷାଧକ୍ଷ ଦିଲୀପ କୁମାର ଦାସ, କାର୍ଯ୍ୟନିର୍ବାହୀ ସଦସ୍ୟ ଆଦିତ୍ୟ ପ୍ରତାପ ଧଳ, ଡକ୍ଟର ବୈଜୟନ୍ତି ମାଳା ଶତପଥୀ ଓ ଗୀତାଞ୍ଜଳି ପୃଷ୍ଟି ସମେତ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

## ୯ରେ ରାଷ୍ଟ୍ରୀୟ ଲୋକ ଅଦାଲତ

**କଟକ, ୨୩।୪/ଏନ୍‌ଏନ୍‌ଏସ୍:** କଟକ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଓ ସମସ୍ତ ତାଲୁକ୍ ଆଇନ ସେବା କମିଟି ପରିସରରେ ଆସନ୍ତା ମଇ ୯ ତାରିରିଖ ଶନିବାର ପୂର୍ବାହ୍ନ ୧୦ଘଟିକା ସମୟରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସମସ୍ତ ପ୍ରକାର ପ୍ରାକ୍ ତଥା ବିଚାରଧୀନ ମକଦ୍ଦମା ଯଥା ସମାଧାନଯୋଗ୍ୟ ଟ୍ରାଫିକ୍ ଚାଲାଣ, ଦୋଷ ସ୍ୱୀକାର ବୁଝାମଣା, ମୋଟରଯାନ ଜନିତ ଦୁର୍ଘଟଣା, ଶ୍ରମ ବିବାଦ, ଜମି ଅଧିଗ୍ରହଣ, କ୍ଷତିପୂରଣ, ପାରିବାରିକ, ଚେକ୍ ବାଉନ୍ସ, ଦେୱାନୀ ଓ ଫୌଜଦାରୀ ଆଦି ମାମଲାର ଆପୋଷ ସହମତିରେ ସମାଧାନ କରାଯାଇପାରିବ । ଲୋକ ଅଦାଲତରେ ମକଦ୍ଦମା/ ବିବଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେ ନାହିଁ ଏବଂ ଲୋକ ଅଦାଲତର ରାୟ ବୈଧ, ଚୂଡାନ୍ତ ଏବଂ ଅମଳଯୋଗ୍ୟ ।

## ପାନ ଦୋକାନରେ ଅଗ୍ନିକାଣ୍ଡ

**କଟକ, ୨୩।୪/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ବାଲିସାହି ନଦୀକୂଳ ନିକଟରେ ଗୁରୁବାର ଏକ ପାନଦୋକାନରେ ଅଗ୍ନିକାଣ୍ଡ ଘଟିଛି । ଗ୍ୟାସ ସିଲିଣ୍ଡର ଫାଟିବାରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି । ଖବର ପାଇ ଅଗ୍ନିଶମ ବାହିନୀଘଟଣା ସ୍ଥଳରେ ପହଁଚି ନିଆଁକୁ ଆୟତ୍ତ କରିଥିଲେ । ଫଳରେ ଆଖପାଖରେ ଥିବା ଦୋକାନଗୁଡ଼ିକ ମଧ୍ୟ ନିଆଁ ଲାଗିବାରୁ ରକ୍ଷା ପାଇଯାଇଛି । ଏହି ଘଟଣାରେ ସୌଭାଗ୍ୟବଶତଃ କାହାର ମୃତାହତ ହୋଇନଥିବା ଅଗ୍ନିଶମ ବିଭାଗପକ୍ଷରୁ ସୂଚନା ଦିଆଯାଇଛି ।

ପଞ୍ଚମ ଜନ୍ମଦିନ ଶୁଭେଚ୍ଛା




ଶ୍ରେୟାଂଶୀ ବେହେରା

ବାଳକାଟି, ଖୋର୍ଦ୍ଧା

ଆଜି ତୋର ଜନ୍ମଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଉଜ୍ଜ୍ୱଳ ଭବିଷ୍ୟତ ସହିତ ଚଲାପଥ କୁସୁମିତ ହେଉ, ଏତିକି ପ୍ରାର୍ଥନା ।

ଶୁଭେଚ୍ଛା ସହ

ପରିବାରବର୍ଗ ଓ ବନ୍ଧୁବାନ୍ଧବ ।

## କୃତୀ ଛାତ୍ରୀଙ୍କୁ ଶୁଭେଚ୍ଛା

**ଆଠଗଡ଼,୨୩ା୪/ଏନ୍ଏନ୍ଏସ୍:** ଆଠଗଡ ସ୍ଥିତ ରାଜବାଟୀ ନଗରର ଗଦାଧର ପ୍ରଧାନ ଏବଂ ପ୍ରତିରଣୀ ରାଉତଙ୍କ କନିଷ୍ଠ ଝିଅ ଚିତ୍ରାଙ୍ଗଦା ପ୍ରଧାନ ଇଟାଲୀ ଦେଶର ଭେନିସ କ୍ୱାଣ୍ଟିଅମ ସହରରେ ୨୦ତାରିଖରୁ ୩୦ତାରିଖ ପର୍ଯ୍ୟନ୍ତ କଲିଥିବା କମ୍ପୁଟିଂ ଆଣ୍ଡ ସିମୁଲସନ କର୍ମଶାଳାରେ ଭାଗ ନେଇ ରାଜ୍ୟ ତଥା ଦେଶର ଗୌରବ ବଢାଇ ଥିବାରୁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି। ଚିତ୍ରାଙ୍ଗଦା ଏବେ ରାଉଲକେଲା ନିଟ ରେ ପଦାର୍ଥ ବିଜ୍ଞାନରେ ପିଏଚଡି କରୁଛନ୍ତି। ଆଠଗଡ ଜନ ଜାଗରଣ ମଞ୍ଚ ଏବଂ ଶିକ୍ଷକ ସମାଜ ପକ୍ଷରୁ ସଭାପତି ଚାରୁଚନ୍ଦ୍ର ବେହେରା ତାଙ୍କର ସଫଳତା କାମନା କରାଯାଇଛି।



ନିତିଦିନ NITIDIN

## ପ୍ରଥମ ପୃଷ୍ଠାରୁ

## ସରକାରଙ୍କ ଆଭିମୁଖ୍ୟ ...

ନୁହେଁ, ଜନସାଧାରଣଙ୍କ ସେବା କରିବା ପାଇଁ ଏକ ଅନନ୍ୟ ସୁଯୋଗ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ସୂଚନାଯୋଗ୍ୟ ଯେ, ଆଜି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୪୧୧୩ ଜଣ, ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗରେ ୧୫୪ ଜଣ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗରେ ୧୪୩ ଜଣ, ଇସ୍ପାତ ଓ ଖଣି ବିଭାଗରେ ୭୭ ଜଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗରେ ୭୦ ଜଣ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ୫୨ ଜଣ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ବିଭାଗରେ ୧୪ ଜଣ ନିଯୁକ୍ତି ପତ୍ର ପାଇଛନ୍ତି। ନବନିଯୁକ୍ତଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଶାସନ ଓ ପ୍ରଶାସନ ବ୍ୟବସ୍ଥାରେ ସରକାରୀ ଅଧିକାରୀ ଓ କର୍ମଚାରୀମାନେ ହେଉଛନ୍ତି, ସରକାରଙ୍କ ପ୍ରକୃତ ଚେହେରା। ଆମ ସମସ୍ତଙ୍କର ଲକ୍ଷ୍ୟ ହେଉଛି, ଅନ୍ତିମ ଶ୍ରେଣୀରେ ଥିବା ବ୍ୟକ୍ତି ପାଖରେ ସରକାରୀ ସୁବିଧା ପହଞ୍ଚାଇବା। ବର୍ତ୍ତମାନ ସାଧାରଣ ଲୋକ ଅନୁଭବ କରୁଛନ୍ତି, ଏ ସରକାର ହେଉଛି ପ୍ରକୃତରେ ଲୋକଙ୍କ ସରକାର। ଏହି ଭାବନାକୁ ଆପଣମାନେ ଆଗେଇନେଲେ, ସରକାରୀ ଚାକିରି'ର ମର୍ଯ୍ୟାଦା ରହିବ ଏବଂ ଆପଣମାନେ ଲୋକଙ୍କ ବିଶ୍ୱାସଭାଜନ ହୋଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ରାଜ୍ୟରେ ଯୁବବର୍ଗଙ୍କ ନିଯୁକ୍ତି ସମ୍ବନ୍ଧରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୨୪ ଜୁନ ମାସରୁ ଆଜି ସୁଦ୍ଧା ସରକାରୀ ଚାକିରିରେ ୪୪,୦୮୨ ଓ ବେସରକାରୀ କ୍ଷେତ୍ରରେ ୯୨,୦୦୦ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଗଲାଣି। ଶେଷରେ ମୁଖ୍ୟମନ୍ତ୍ରୀ ନବନିଯୁକ୍ତଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ଦୁର୍ନୀତି ବିରୁଦ୍ଧରେ ଶୁନ୍ୟ ସହନଶୀଳତା ନୀତି ଓ ମହିଳା ମାନଙ୍କ ପ୍ରତି ସମ୍ମାନଜନକ ବ୍ୟବହାରକୁ ନିଜ କାର୍ଯ୍ୟଶୈଳୀର ଅଭିନ୍ନ ଅଙ୍ଗ ଭାବେ ଗ୍ରହଣ କରିବାକୁ କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କେନ୍ଦ୍ର ଓ ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ୍ ଜନସେବାକୁ ସର୍ବୋଚ୍ଚ ବୃତ୍ତି ଭାବେ ଗ୍ରହଣ କରି କର୍ମକ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ଯୁବବର୍ଗଙ୍କୁ ପରାମର୍ଶ ଦେଇଥିଲେ। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ଓ ଏମ୍ଏସ୍ଏମ୍ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ ଯେ, ଆପଣମାନଙ୍କ ଏହି ନିଯୁକ୍ତି କେବଳ ଏକ ପଦବୀ ନୁହେଁ, ଏହା ଜନସେବା ପାଇଁ ଆପଣମାନଙ୍କ ଦାୟିତ୍ୱ। ଆଜିଠୁ ଆପଣମାନଙ୍କ ଦାୟିତ୍ୱବୋଧ, ଆପଣମାନଙ୍କ ପାଇଁ ନୂଆ ପରିଚୟ ସୃଷ୍ଟି କରିବ। ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ କହିଥିଲେ ଯେ, ଏହି ନିଯୁକ୍ତି ରାଜ୍ୟର ସାଢ଼େ ଚାରିକୋଟି ଜନତାଙ୍କ ସେବା କରିବାର ଦାୟିତ୍ୱ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ପ୍ରୟାସରେ ରାଜ୍ୟରେ କ୍ରମାଗତ ଭାବରେ ନିଯୁକ୍ତି ମେଳା ଆୟୋଜନ ହୋଇ ଚାଲିଛି।ଏହି ନିଯୁକ୍ତି ସରକାରଙ୍କ ଶକ୍ତି ଓ ସାମର୍ଥ୍ୟକୁ ବୃଦ୍ଧି କରୁଛି। କାର୍ଯ୍ୟକ୍ରମରେ ଏମ୍ଏସ୍ଏମ୍ଇ ବିଭାଗରେ ନିଯୁକ୍ତି ପାଇଥିବା ଦୃଷ୍ଟିବାଧିତ ସହକାରୀ ଶିଳ୍ପ ଅଧିକାରୀ ବିକାଶ ରଞ୍ଜନ ପାଢ଼ୀ, ଜଙ୍ଗଲ ବିଭାଗରେ ଏସିଏଫ୍ ଭାବେ ନିଯୁକ୍ତି ପାଇଥିବା ଅଭିଶେକ ପ୍ରଧାନ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ଟିଜିଟି ଭାବେ ନିଯୁକ୍ତି ପାଇଥିବା ଅଞ୍ଜଳୀ ମୁଣ୍ଡା ଓ ଇସ୍ପାତ ଓ ଖଣି ବିଭାଗରେ ଖଣି ଅଧିକାରୀ ଭାବେ ନିଯୁକ୍ତି ପାଇଥିବା ତପସ୍ୱିନୀ ପ୍ରିୟଦର୍ଶିନୀ ପ୍ରମୁଖ ସ୍ୱଚ୍ଛ ଓ ପାରଦର୍ଶୀ ନିଯୁକ୍ତି ପ୍ରକ୍ରିୟା ମାଧ୍ୟମରେ ରାଜ୍ୟରେ ଯୁବବର୍ଗଙ୍କୁ ସରକାରୀ ନିଯୁକ୍ତି ମିଳୁଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଡ. ଏନ୍. ତିରୁମାଲା ନାଏକ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ ଏମଏସଏମଇ ବିଭାଗର କମିଶନର ତଥା ଶାସନ ସଚିବ ରଶ୍ମିତା ପଣ୍ଡା ଧନ୍ୟବାଦ ଦେଇଥିଲେ।

## ପ୍ରଥମ ପର୍ଯ୍ୟାୟରେ ...

ଜ୍ଞାନେଶ କୁମାର ଏହାକୁ 'ଗଣତନ୍ତ୍ରର ମହୋତ୍ସବ' ବୋଲି କହିବା ସହ ସ୍ୱାଧୀନତା ପରଠାରୁ ଏହା ସବୁଠାରୁ ଅଧିକ ମତଦାନ ବୋଲି ସ୍ପଷ୍ଟ କରିଛନ୍ତି। ରିପୋର୍ଟ ଅନୁସାରେ ପଶ୍ଚିମବଙ୍ଗର ଦକ୍ଷିଣ ଦିନାଜପୁରରେ ମୋଟ୍ ୯୪.୮୫% ଭୋଟିଂ ହୋଇଥିବା ବେଳେ କୁଚବିହାରରେ ୯୪.୫୪%, ମୁର୍ଶିଦାବାଦରେ ୯୧.୩୬% ଏବଂ ବୀରଭୂମରେ ୯୩.୭୦% ଭୋଟିଂ ହୋଇଛି। ପଶ୍ଚିମବଙ୍ଗର ପ୍ରଥମ ପର୍ଯ୍ୟାୟ ଭୋଟିଂ ଶେଷ ହେବା ସହ ମୋଟ ୧,୪୭୮ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ କଏଦ ହୋଇଯାଇଛି। ଏସ୍ଆଇଆର୍ ପ୍ରକ୍ରିୟାକୁ ନେଇ ପଶ୍ଚିମବଙ୍ଗରେ ବେଶ୍ ଉତ୍ତେଜନା ରହିଥିବା ବେଳେ ଏପ୍ରକାର ବମ୍ପର ଭୋଟିଂ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି, ଏସ୍ଆଇଆର୍ ବିରୋଧରେ ରାଜ୍ୟବାସୀ ସ୍ୱତଃପ୍ରବୃତ୍ତ ଭାବେ ଭୋଟ୍ ଦେଇଛନ୍ତି। ତାଙ୍କ ଦଳ ପୁଣିଥରେ ବହୁମତ ସହ ସରକାର ଗଠନ କରିବା ନେଇ ମଧ୍ୟ ମମତା ଦୃଢ଼ୋକ୍ତି କରିଛନ୍ତି। ଅନ୍ୟପକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଆଜି ଦ୍ୱିତୀୟ ପର୍ଯ୍ୟାୟରେ ଭୋଟିଂ ହେବାକୁ ଥିବା ଅଞ୍ଚଳରେ ରାଲି ତଥା ପ୍ରଚାର କରିଛନ୍ତି। ରିପୋର୍ଟ ଅନୁସାରେ ଆସାନସୋଲ ଦକ୍ଷିଣର ବିଜେପି ପ୍ରାର୍ଥୀ ଅଗ୍ନିମିତ୍ରା ପଲ୍‌ଙ୍କ କାର୍ ଉପରକୁ ପଥର ମାଡ଼ କରାଯାଇ କାଚ ଭଙ୍ଗାଯାଇଛି। ସେହିପରି କୁମାରଗଞ୍ଜର ବିଜେପି ପ୍ରାର୍ଥୀ ଶୁଭେନ୍ଦୁ ସରକାର ଆହତ ହୋଇଥିବା ବେଳେ ତାଙ୍କ ଗାଡ଼ିକୁ ଭଙ୍ଗାରୁଜା କରାଯାଇଛି। ଏହି ଆକ୍ରମଣ ପଛରେ ଟିଏମ୍‌ସିର ହାତ ଥିବା ସେ ଅଭିଯୋଗ କରିଛନ୍ତି। ସେହିପରି ମୁର୍ଶିଦାବାଦରେ ଡୋମକଲ୍ ଅଞ୍ଚଳରେ ଲୋକଙ୍କୁ ଭୋଟ୍ ଦେବାରୁ ରୋକାଯାଇଥିବା ଅଭିଯୋଗ ହୋଇଛି। ଆମ ଜନତା ଉନ୍ନୟନ ପାର୍ଟି (ଏୟୁଜିପି) ପ୍ରତିଷ୍ଠାତା ହୁମାୟୁନ କବିରଙ୍କ ଉପସ୍ଥିତିକୁ ନେଇ ପୁଲିସ୍ ଓ ଶାସକ ଦଳର କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଛି। ସେହିପରି ଅନେକ ସ୍ଥାନରେ ଇଭିଏମ୍‌ରେ ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ମତଦାନ କିଛି ସମୟ ପାଇଁ ବାଧାପ୍ରାପ୍ତ ହୋଇଥିଲା। ଚଞ୍ଚଳ ବିଧାନସଭା ବିଜେପି ପ୍ରାର୍ଥୀ ରତନ ଦାସ ନାମକ ଜଣେ ବିଜେପି ପ୍ରାର୍ଥୀଙ୍କ ପୋଲିଂ ଏଜେଣ୍ଟ ଲକ୍ଷ୍ମଣ ପାଣ୍ଡେଙ୍କୁ ମାଲଦା ଠାରେ ଟିଏମ୍‌ସି କର୍ମୀ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଟିଏମ୍‌ସି କର୍ମୀମାନେ ତାଙ୍କ ଗାଡ଼ିକୁ ମଧ୍ୟ ଭଙ୍ଗାରୁଜା କରିଥିବା ସେ ଅଭିଯୋଗ କରିଛନ୍ତି। ସେହିପରି ଆଜି ଦିନରେ ତାମିଲନାଡୁ ପାଇଁ ମଧ୍ୟ ଭୋଟ୍ ଗ୍ରହଣ କରାଯାଇଛି। ତାମିଲନାଡୁ ସମସ୍ତ ୨୩୪ଟି ବିଧାନସଭା ଆସନ ପାଇଁ ଆଜି ଏକକ ପର୍ଯ୍ୟାୟରେ ଭୋଟିଂ ହୋଇଥିଲା। ତାମିଲନାଡୁରେ ମଧ୍ୟ ସନ୍ଧ୍ୟା ୭ଟା ସୁଦ୍ଧା ମୋଟ୍ ୮୪.୪୧% ଭୋଟିଂ ହୋଇଥିବା ରାଜ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ଉଭୟ ରାଜ୍ୟରେ ସକାଳ ୭ଟାରୁ ଭୋଟିଂ ପ୍ରକ୍ରିୟା ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିଥିଲା। ଉଭୟ ରାଜ୍ୟ ସମସ୍ତ ମତଦାନ କେନ୍ଦ୍ରରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପଶ୍ଚିମବଙ୍ଗରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ୨୯ ଏପ୍ରିଲରେ ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ କୋଲକାତା ଓ ଆଖପାଖ ୧୪୨ଟି ଆସନ ପାଇଁ ଭୋଟ୍ ଗ୍ରହଣ କରାଯିବ। ସେହିପରି ଏହି ଦୁଇ ରାଜ୍ୟର ବିଧାନସଭା ଫଳାଫଳ ଘୋଷଣା ମେ' ତାରିଖରେ ହେବ।

## ଝିଆରୀ ରଚିଥିଲା ମର୍ଡର ...

ଘଟଣାରେ ଅପହରଣ ସମୟରେ ବ୍ୟବହୃତ ହୋଇଥିବା ମାଉଜର ସମେତ ୧୫ଟି ମୋବାଇଲକୁ ପୁଲିସ ଜବତ କରିଛି। ତେବେ ମାମଲାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଥିବା ବେଳେ ଖୁବ୍ ଶୀଘ୍ର ସେମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ବ୍ରହ୍ମପୁର ସ୍ଥିତ ଦକ୍ଷିଣାଞ୍ଚଳ ପୁଲିସ ଆଇଜିଙ୍କ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ମୃତ ସୁଧୀର ପାତ୍ରଙ୍କ ଝିଆରୀ ନିବେଦିତା ପାତ୍ର, ପୁତୁରା ତୁଷାର କୁମାର ପାତ୍ର, ନିବେଦିତାଙ୍କ ପୁରୁଷ ବନ୍ଧୁ କାଳିଆ ଓରଫ କାଲୁ ଚରଣ ପ୍ରଧାନ, କାଲୁର ସହଯୋଗୀ ହିଞ୍ଜିଳିକାଟୁ ରାଳବ ଅଞ୍ଚଳର ଜିତୁନ ପଲେଇ, ବୁଗୁଡ଼ା ଥାନା ରାମଣ୍ଡା ଅଞ୍ଚଳର କମଳ ଓରଫ ନାରାୟଣ ପ୍ରଧାନ, ବୁଗୁଡ଼ା ଥାନା ବି.ବ୍ରହ୍ମପୁର ଅଞ୍ଚଳର ଟୁଲୁ ଓରଫ ଆଶିଷ ମହାପାତ୍ର, ହିଞ୍ଜିଳିକାଟୁ ଖରିଡା ଗ୍ରାମର ଶୁଭମ୍ ନାୟକ, ହିଞ୍ଜିଳିକାଟୁ ସାରୁ ଅଞ୍ଚଳର ଶୁଭମ୍ ଗୌଡ, ସୁରତ ଅଞ୍ଚଳର ଗୋଲୁ ଓରଫ୍ ଲମ୍ଭୁ ଓରଫ ସୂର୍ଯ୍ୟ ପ୍ରତାପ ସିଂ ରହିଥିବା ସୂଚନା ଦିଆଯାଇଥିଲା। ଏସପି ଶୁଭେନ୍ଦୁ କୁମାର ପାତ୍ର ସୂଚନା ଦେଇ କହିଛନ୍ତି ଯେ, ମୃତ ସୁଧୀର ପାତ୍ରଙ୍କ ଝିଆରୀ ନିବେଦିତା ପାତ୍ର ହିଁ ଏହି ଅପହରଣ ଘଟଣାର ମାଷ୍ଟରମାଇଣ୍ଡ ରହିଥିଲା। ନିବେଦିତା ନିଜର ବୟଫ୍ରେଣ୍ଡ ତଥା ଜିଲ୍ଲାର ଗାଙ୍ଗପୁର ଥାନା କାଳିଆଗୁଡା ଗ୍ରାମର ୨୮ ବର୍ଷୀୟ କାଲୁଚରଣ ପ୍ରଧାନଙ୍କ ସହ ଏହି ଅପହରଣ କରିବା ପାଇଁ ଯୋଜନା କରିଥିଲେ। ମୃତ ସୁଧୀରଙ୍କ ଭାଇ ମନୋଜ କୁମାର ପାତ୍ରଙ୍କ ଗତ କିଛି ମାସ ତଳେ ମୃତ୍ୟୁ ଘଟିଥିଲା । ଏହାକୁ ନେଇ ମୃତକଙ୍କ ପରିବାର ବର୍ଗ ସୁଧୀରଙ୍କ ପରିବାର ହିଁ ଏପରି କରିଥିବା ସନ୍ଦେହ କରୁଥିଲେ। ସେପଟେ ପାରିବାରିକ ଓ ସମ୍ପତ୍ତି ତଥା ଆର୍ଥିକ ବିବାଦକୁ ନେଇ ଏଭଳି ଅପହରଣ ପରେ ହତ୍ୟା ହୋଇଥିବା ପୁଲିସ ତଦନ୍ତରୁ ସ୍ପଷ୍ଟ ହୋଇଛି। ସୂଚନାଥାଉକି ଗତ ୧୫ ତାରିଖରେ ଅପହରଣ ଘଟଣା ଘଟିଥିବା ବେଳେ ଏନେଇ ଗୋପାଳପୁର ଥାନାରେ ଏତଲା ହୋଇଥିଲା । ପୁଲିସ୍ ମାମଲା କେସ୍ ନଂ ୨୧୩ / ୨୬ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ପ୍ରଥମିକ ତଦନ୍ତରୁ ହିଁ ପରିବାର ବର୍ଗଙ୍କ ଉପରେ ପୁଲିସର ସନ୍ଦେହ ବଢ଼ିଥିଲା।

## ସିରିଜ୍ ଦୁର୍ଘଟଣାରେ ୧୧ ...

ଫେଲ୍ ହେବାରୁ ଦୁର୍ଘଟଣା ଘଟିଛି। ଆଉ ଏକ ଟ୍ରକ୍ ଓ ଏସୟୁଭି ଧକ୍କା ହୋଇ ଜଳିଯିବା ଫଳରେ ୧୧ ଜଣଙ୍କର ମୃତ୍ୟୁ ହୋଇଛି। ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଦୁଃଖଦ ଘଟଣାରେ ଶୋକ ପ୍ରକାଶ କରିବା ସହ ପିଏମ ରିଲିଫ ପାଣ୍ଠିରୁ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତମାନଙ୍କ ପାଇଁ ୫୦ ହଜାର ଟଙ୍କା ଲେଖାଏଁ ଘୋଷଣା କରିଛନ୍ତି। ଘଟଣାରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୨ ଲକ୍ଷ ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି। ଏକ ଟ୍ରକ ବ୍ରେକ୍ ଫେଲ୍ ହେବା ପରେ ଅନ୍ୟ ଏକ ଟ୍ରକକୁ ପଛପଟୁ ଧକ୍କା ଦେଇଥିଲା। ଏହି ଦୁଇ ଟ୍ରକ ମଧ୍ୟରେ ଏକ ଏସୟୁଭି ଓଭରଟେକ କରୁଥିବା ସମୟରେ ଧକ୍କା ଦେଇଥିଲା। ଫଳରେ ପଛକୁ ପଛ ଗୋଟିଏ ପରେ ଗୋଟିଏ ଗାଡି ଧକ୍କା ହେବା ସହ ଘଟଣାସ୍ଥଳରେ ନିଆଁ ଲାଗି ଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି। ଜିଲ୍ଲାପାଳ ପଓ୍ୱନ ଗଙ୍ଗଓ୍ୱାର କହିଛନ୍ତି ଯେ, ମୃତକଙ୍କ ମଧ୍ୟରେ ୭ ଜଣ ମିର୍ଜାପୁର ଜିଲ୍ଲାରୁ, ତିନି ଜଣ ମଧ୍ୟପ୍ରଦେଶ ଓ ଜଣେ ପଡ଼ୋଶୀ ଜିଲ୍ଲା ସୋନଭଦ୍ରାର ହୋଇଥିବା ଜଣାପଡ଼ିଛି। ମୃତକଙ୍କ ମଧ୍ୟରେ ଅଛନ୍ତି ମିର୍ଜାପୁର ଜିଗନା ଅଞ୍ଚଳର ଶିବ ସିଂ(୮ ), ସୋନମ ସିଂ (୯ ), ପିୟୁଷ ସିଂ (୧୪ ), ପଙ୍କଜ ସିଂ (୪୦), ବନ୍ଦନା ସିଂ (୪୩ ), ବିଷ୍ଣୁ ସିଂ(୪୫ ) ଓ ବୀଣା ସିଂ (୪୭ । ମଧ୍ୟପ୍ରଦେଶ ସତନାର ଅଞ୍ଚଳର କାର୍ତ୍ତିକେୟ ସିଂ (୧୮), ପ୍ରିୟଙ୍କା ସିଂ (୪୨ ), ସାଗରର ବିକାଶ ଶର୍ମା (୩୨ ) ଏବଂ ସୋନଭଦ୍ରାର ଜୟ ପ୍ରକାଶ (୨୭ ବର୍ଷ)ଙ୍କ ମୃତ୍ୟୁ ଘଟିଛି।

# 'ପର୍ଯ୍ୟଟନକୁ ଅଧିକ ରଦ୍ଧିମନ୍ତ କରିବ କୋଷ୍ଟାଲ୍ ମାରାଥନ୍'




**ପୁରୀ,୨୩ା୪/ଏନ୍ଏନ୍ଏସ୍:** କୋଷ୍ଟାଲ ମାରାଥନ ଓଡ଼ିଶା ପର୍ଯ୍ୟଟନକୁ ଅଧିକ ରଦ୍ଧିମନ୍ତ କରିବ। ଏହି ମାରାଥନ ପୁରୀରେ ଆସନ୍ତା ଡିସେମ୍ବର ୧୩ ତାରିଖ ଦ୍ୱିତୀୟ ରବିବାର ଅନୁଷ୍ଠିତ ହେବାକୁ ଯାଉଛି। ମାରାଥନ୍‌ର ବିଜେତାଙ୍କୁ ଏକ କୋଟିର ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି କହିଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଓ୍ୱିଶା ପର୍ଯ୍ୟଟନ ବିଭାଗ ଏବଂ ଓଏମସି ସହଯୋଗରେ ପୁରୀ କୋଷ୍ଟାଲ ମାରାଥନ ନାମରେ ଏକ ମେଗା ବା ବୃହତ୍ ମାରାଥନ କାର୍ଯ୍ୟକ୍ରମ

### ବିଜେତାଙ୍କୁ ୧ କୋଟିର ପୁରସ୍କାର ରାଶି

ଅନୁଷ୍ଠିତ ହେବ। ସଚେତନତା ଉଦ୍ଦେଶ୍ୟରେ ପୁରୀ ବ୍ଲୁ ଫ୍ଲାଗ ବିଚ୍‌ଠାରୁ ତାଜ୍ ହୋଟେଲ ପର୍ଯ୍ୟନ୍ତ ମାରାଥନ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଯୋଗଦେଇ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ବାଲୁକା କଳାରେ ପ୍ରସ୍ତୁତ ଏହି ଲୋଗୋକୁ ଉଦ୍‌ଘାଟନ କରିଥିଲେ। ପରେ ଉପ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ଅତିଥିମାନେ ବିଚ୍‌ଠାରେ ପତାକା ଦେଖାଇ ମାରାଥନ କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ। ମାରାଥନ୍‌ରେ ଅଂଶଗ୍ରହଣକାରୀମାନେ ପହଞ୍ଚିବା ପରେ ତାଜ୍ ହୋଟେଲ ପରିସରରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ନୂତନ ଟ୍ୟାଗ ଲାଇନ୍ 'ଥିଙ୍କ ଇଣ୍ଡିଆ, ଥିଙ୍କ ଓଡିଶା'କୁ ଉନ୍ମୋଚନ କରାଯାଇଥିବା ବେଳେ ପର୍ଯ୍ୟଟନ ବିଭାଗ ଓଏମସି ଦ୍ୱାରା ହେବାକୁ ଥିବା ଏହି କୋଷ୍ଟାଲ ମାରାଥନ୍‌ରେ ଭାଗ ନେବା ପାଇଁ ବିଭିନ୍ନ କ୍ରୀଡ଼ାବିତ୍‌ମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ନିଜ ବକ୍ତବ୍ୟ ରେ ପର୍ଯ୍ୟଟନ ଆମ ଜୀବନ ରେଖା। ପୁରୀ ପାଇଁ ମହାପ୍ରଭୁଙ୍କ ଦର୍ଶନ ସହ ପର୍ଯ୍ୟଟନ ପାଇଁ ଲୋକ ମାନେ ଆସିଥାନ୍ତି। ତେଣୁ ଆମକୁ ଏପରି ଭାବରେ ପର୍ଯ୍ୟଟନର ବିକାଶ କରିବାକୁ ପଡିବ ଯାହା ଅଧିକ ପର୍ଯ୍ୟଟକଙ୍କୁ ଅଧିକ ଦିନ ପର୍ଯ୍ୟନ୍ତ ପୁରୀ ଓ ଓଡିଶାରେ ରହିବାକୁ ଉତ୍ସାହିତ କରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ପ୍ରୟାସ ସ୍ୱାଗତଯୋଗ୍ୟ ବୋଲି କହିଥିଲେ। ରାଜ୍ୟ ପର୍ଯ୍ୟଟନ ସଚିବ ବଲବନ୍ତ ସିଂ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଏସ୍‌ପି ପ୍ରତୀକ ସିଂ, ଡିଏଫ୍ଓ ଧନଜ ରାକୋସ ମଗର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବରିଷ୍ଠ କ୍ରୀଡାବିତ୍‌ମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

### ଜନଗଣନା ଅଧିକାରୀଙ୍କ ସୁରକ୍ଷା ପାଇଁ ଜାରି ହେଲା ଏସ୍ଓପି

## ବିରୋଧ କଲେ ୩ ବର୍ଷ ପର୍ଯ୍ୟନ୍ତ ଜେଲ୍

**ଭୁବନେଶ୍ୱର,୨୩ା୪/ଏନ୍ଏନ୍ଏସ୍:** ରାଜ୍ୟରେ ଚାଲିଥିବା ପ୍ରଥମ ପର୍ଯ୍ୟାୟ ଜନଗଣନା ବା ଗୃହ ତାଲିକା ଓ ହାଉସିଂ ସେନସସ୍ କାର୍ଯ୍ୟ। କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କୁ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଆକ୍ରମଣ ହେଉଥିବା ଖବର ସାମନାକୁ ଆସିଛି। ଜନଗଣନା ଅଧିକାରୀଙ୍କ ସୁରକ୍ଷାକୁ ନେଇ ରାଜ୍ୟ ସରକାର ଗମ୍ଭୀର ହୋଇଛନ୍ତି। ସଠିକ ଜନଗଣନା କାର୍ଯ୍ୟ ପାଇଁ ଜନଗଣନକାରୀଙ୍କ ସୁରକ୍ଷା ଓ ନିରାପତ୍ତା ଜରୁରୀ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ହୋଇଛି ଏସଓପି। ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅରବିନ୍ଦ ପାଢୀଙ୍କ ପକ୍ଷରୁ ଏକ ବିସ୍ତୃତ ନିର୍ଦ୍ଦେଶନାମା ଜାରୀ ହୋଇଛି। ରାଜ୍ୟର ସବୁ ଜିଲ୍ଲାପାଳ, ଏସପି, ମ୍ୟୁନିସିପାଲ୍ କମିଶନରଙ୍କୁ ଚିଠି ଲେଖି ଜନଗଣନା କାର୍ଯ୍ୟରର ନିୟୋଜିତ ଅଧିକାରୀ ଏବଂ କର୍ମଚାରୀମାନଙ୍କ ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ତେବେ ଏସ୍ଓପିରେ ଦର୍ଶାଯାଇଛି ଯେ, ଜନଗଣନା କାର୍ଯ୍ୟରେ ବାଧା ସୃଷ୍ଟି କଲେ 'ଜନଗଣନା ଆଇନ ୧୯୪୮' ଅନୁଯାୟୀ ନିଆଯିବ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ। ୩ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡର ବ୍ୟବସ୍ଥା ରହିଛି ବୋଲି କୁହାଯାଇଛି। ସମସ୍ତ ଜନଗଣନାକାରୀ ଓ ପର୍ଯ୍ୟବେକ୍ଷକ କ୍ଷେତ୍ର ପରିଦର୍ଶନ ସମୟରେ ନିଜର ଅଫିସିଆଲ ପରିଚୟ ପତ୍ର ପରିଧାନ କରିବେ। ଏହା ସହ ନିଯୁକ୍ତି ପତ୍ର ସାଙ୍ଗରେ ରଖିବା ବାଧ୍ୟତାମୂଳକ। ପ୍ରବଳ ଖରାକୁ ଦୃଷ୍ଟିରେ ରଖି ସକାଳ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଫିଲ୍ଡ କାର୍ଯ୍ୟ ବନ୍ଦ ରଖିବାକୁ ପରାମର୍ଶ ଦିଆଯାଇଛି। ଜନଗଣନାକାରୀ ଓ ପର୍ଯ୍ୟବେକ୍ଷକଙ୍କ କ୍ଷେତ୍ରରେ ଏହା ଲାଗୁ ହୋଇଛି। ଅଂଶୁଘାତରୁ ରକ୍ଷା ପାଇବା ପାଇଁ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରିବେ। ଏହା ସହ ଓଆର୍ଏସ ବ୍ୟବହାର କରିବାକୁ କୁହାଯାଇଛି । ଆବଶ୍ୟକ ପଡ଼ିଲେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହା ପ୍ରଦାନ କରାଯିବ। ଜନଗଣନାକାରୀ ଓ ପର୍ଯ୍ୟବେକ୍ଷକ ସମସ୍ତ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରିବେ। ନିଛାଟିଆ କିମ୍ବା ସମ୍ବେଦନଶୀଳ ଅଞ୍ଚଳରେ ସୁରକ୍ଷା ଦୃଷ୍ଟିରୁ ଗଣନାକାରୀମାନେ ଯୋଡ଼ି ହୋଇ କାର୍ଯ୍ୟ କରିପାରିବେ। ପର୍ଯ୍ୟବେକ୍ଷକମାନେ ପ୍ରତ୍ୟେକ ଘଣ୍ଟାରେ ଗଣନାକାରୀଙ୍କ ଠାରୁ ଜନଗଣନା କାର୍ଯ୍ୟ ଓ ସୁରକ୍ଷା ବିବରଣୀ ସଂଗ୍ରହ କରିବେ। ଯଦି କୌଣସି ସ୍ଥାନରେ ବିରୋଧ କିମ୍ବା ବିପଦର ଆଶଙ୍କା ଥାଏ, ତେବେ ଗଣନାକାରୀ ଉକ୍ତ ଘର କିମ୍ବା ଅଞ୍ଚଳରୁ ତୁରନ୍ତ ଫେରି ଆସିବେ। ପରେ ପୋଲିସ ସୁରକ୍ଷା ସହ ସେହି ସ୍ଥାନକୁ ପରିଦର୍ଶନ କରିବେ। ଯଦି ଏଭଳି କୌଣସି ଘଟଣା ଘଟେ ତୁରନ୍ତ ବରିଷ୍ଠ ଅଧିକାରୀଙ୍କୁ ତୁରନ୍ତ ସୂଚନା ଦେବେ। ଗଣନାକାରୀଙ୍କ ନାମ ଓ ଯୋଗାଯୋଗ ନମ୍ବର ସ୍ଥାନୀୟ ଥାନାକୁ ପ୍ରଦାନ କରାଯିବ। କର୍ମଚାରୀଙ୍କୁ ମଧ୍ୟ ସ୍ଥାନୀୟ ଥାନାର ନମ୍ବର ଯୋଗାଇ ଦିଆଯିବ। ଜିଲ୍ଲା ପ୍ରଶାସନ ପକ୍ଷରୁ ଏ ବାବଦରେ ପୋଲିସକୁ ଅବଗତ କରାଯିବ। ଅଧିକ ସମ୍ବେଦନଶୀଳ ଅଞ୍ଚଳରେ ଗଣନାକାରୀଙ୍କ ସହ ଜଣେ ପୋଲିସ କର୍ମଚାରୀ ନିୟୋଜିତ ହେବେ। ଦାୟିତ୍ୱରେ ଥିବା ଅଧିକାରୀ ସମସ୍ତ ବ୍ୟବସ୍ଥାର ତଦାରଖ କରିବେ। କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ସ୍ଥାନୀୟ ଗୋଷ୍ଠୀ ନେତାଙ୍କ ସହ ଆଲୋଚନା କରିବେ। ସେମାନଙ୍କ ସମର୍ଥନ ଲୋଡ଼ିବାକୁ ପରାମର୍ଶ ଦିଆଯାଇଛି।

## ନୟାଗଡ଼ରେ ଜିଲ୍ଲାସ୍ତରୀୟ କର୍ମଶାଳା




**ନୟାଗଡ଼,୨୩ା୪/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲା ପରିଷଦର 'ସୃଜନ' ସଭାଗୃହ ଠାରେ ଆଜି ଏକ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାର ଶୀର୍ଷକ ରହିଥିଲା 'ଆମେ ଜାଣିବା ଆମ ବଜେଟ୍'। ଲୋକମାନଙ୍କୁ ସରକାରୀ ବଜେଟ ଏବଂ ଏହାର ପ୍ରକ୍ରିୟା ସମ୍ପର୍କରେ ସଚେତନ କରିବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ଜିଲ୍ଲାପାଳ ମଧୁମିତା ରଥ, ଜିଲ୍ଲା ପରିଷଦ ସଭାପତି ଇଂ ଦେବାଶିଷ ପଟ୍ଟନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର ପ୍ରମୁଖ ମଞ୍ଚାସୀନ ଥିଲେ। ସଭାରେ ନୟାଗଡ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ଅଧ୍ୟାପକ ଆଶୁତୋଷ ମିଶ୍ର ବଜେଟ୍ ଉପରେ ଆଲୋଚନା କରିଥିଲେ। ଅତିଥି ମାନେ ବଜେଟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହ ସାଧାରଣ ଜନତାଙ୍କ ଅଂଶଗ୍ରହଣ ଏବଂ ବଜେଟ ପ୍ରସ୍ତୁତିରେ ସେମାନଙ୍କର ମତାମତର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ ସରକାରଙ୍କ ଆୟ ଏବଂ ବ୍ୟୟର ହିସାବ କିଭଳି ସାଧାରଣ ଲୋକଙ୍କ ବିକାଶ ପାଇଁ ଉଦ୍ଦିଷ୍ଟ, ସେ ସମ୍ପର୍କରେ ତୃଣମୂଳ ସ୍ତରରେ ସୂଚନା ପହଞ୍ଚାଇବା ଏହି କର୍ମଶାଳାର ଥିଲା ମୁଖ୍ୟ ଉଦ୍ଦେଶ୍ୟ। ବଜେଟରେ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଭିତ୍ତିଭୂମିର ବିକାଶ ପାଇଁ ରହିଥିବା ବିଭିନ୍ନ ଯୋଜନା ବିଷୟରେ ଉପସ୍ଥିତ ସରକାରୀ କର୍ମଚାରୀ, ସାମାଜିକ କର୍ମୀ ଏବଂ ସାମ୍ବାଦିକ ମାନଙ୍କୁ ଅବଗତ କରାଯାଇଥିଲା। ଜିଲ୍ଲାପରିଷଦ ସଭାପତି ଶ୍ରୀ ପଟ୍ଟନାୟକ ବିଗତ ଆର୍ଥିକ ବର୍ଷର ସରକାରୀ ଅନୁଦାନ ଅର୍ଥକୁ ବିଭିନ୍ନ ବିଭାଗ ବ୍ୟବହାର କରିନପାରିଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ ଏବଂ ଆଗାମୀ ଦିନରେ ଆଉ ଏକ ସ୍ୱତନ୍ତ୍ର ବୈଠକରେ ଏହି ଅର୍ଥକୁ ବ୍ୟବହାର କରିବାକୁ ଆଲୋଚନା କରାଯିବ ବୋଲି କହିଥିଲେ ।

## ଅସମ୍ଭାଳ..ଅସହ୍ୟ ...

ଝାରସୁଗୁଡା। ଆଜି ବି ଦିନ ୧୧.୩୦ ସୁଦ୍ଧା ୪୪.୬ ଡିଗ୍ରୀ ସହ ଝାରସୁଗୁଡ଼ା ଦେଶର ସବୁଠୁ ଉତ୍ତପ୍ତ ସହର ପାଲଟିଛି। ଅନ୍ୟପକ୍ଷରେ ତାଳଚେରରେ ବି ୪୩.୫ ଡିଗ୍ରୀ ରେକର୍ଡ କରାଯାଇଛି। ଗତ କିଛି ଦିନ ହେଲା ତାତିରେ ରେକର୍ଡ ଭାଙ୍ଗି ଚାଲିଛି ଝାରସୁଗୁଡା। ଦିନ ୧୦ଟା ପରେ ଲୋକେ ଘରୁ ବାହାରିବାକୁ ସାହସ କରୁନାହାନ୍ତି। ଗାଁଠୁ ସହର, ସବୁଠି ରାସ୍ତାଘାଟ ଦୋକାନବଜାର ଖାଁ ଖାଁ। ଏକ ପ୍ରକାର ଅଘୋଷିତ କର୍ଫ୍ୟୁ ଜାରି ହେବା ଭଳି ସ୍ଥିତି। କେବଳ ଏହି ଦୁଇ ସହର ନୁହଁ ଉପକୂଳରୁ ପଶ୍ଚିମ ଯାଏଁ ସବୁଠି ତାତିର ଥାର୍ଡ ଡିଗ୍ରୀ। କଲବଲ ହେଉଛନ୍ତି ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶାର ଲୋକେ। ହୀରାକୁଦରେ ଆଜି ତାପମାତ୍ରା ୪୩.୪ ଡିଗ୍ରୀ ରହିଥିବାବେଳେ ସମ୍ବଲପୁର ଓ ପାରଳାଖେମୁଣ୍ଡିରେ ୪୩ ଏବଂ ରାଉରକେଲା, ସୁନ୍ଦରଗଡ଼ ଓ ନୂଆପଡ଼ାରେ ୪୨.୫ ଡିଗ୍ରୀ ଲେଖାଏଁ ପାରଦ ରେକର୍ଡ ହୋଇଛି। ଭବାନୀପାଟଣା, ବୌଦ୍ଧ ଓ ନୟାଗଡ଼ ସ୍ଥିତି ବି ଅସହ୍ୟ। ଏଥିପାଇଁ ବିଭିନ୍ନ ଜିଲ୍ଲାକୁ ହିଟ୍ ୱେଭ୍ ଆଲର୍ଟ ଜାରି କହିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ସେହିପରି ଆଗାମୀ ୨୪ ଘଣ୍ଟା ପାଇଁ ଖୋର୍ଦ୍ଧା, କେନ୍ଦୁଝର, ସମ୍ବଲପୁର, ଝାରସୁଗୁଡ଼ା ଓ ବଲାଙ୍ଗୀର ଜିଲ୍ଲାକୁ ଜାରି ହୋଇଛି ହିଟ୍ ୱେଭ୍ ଆଲର୍ଟ। ଏଥିସହ ଗରମ ଗୁଳୁଗୁଳି ନେଇ ଗଞ୍ଜାମ, ଗଜପତି, ନୟାଗଡ଼, ଖୋର୍ଦ୍ଧା, ପୁରୀ, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର,ମୟୂରଭଞ୍ଜ, କେଉଁଝର ଜିଲ୍ଲାକୁ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ହୋଇଛି ୟେଲୋ ୱାର୍ଣ୍ଣିଂ। ନବରଙ୍ଗପୁର, ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, ପୁରୀ, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଜିଲ୍ଲାରେ ଅପରାହ୍ନ ସମୟରେ କାଳବୈଶାଖୀ ବର୍ଷା ସମ୍ଭାବନା ଥିବାରୁ ବିଜୁଳି ଘଡ଼ଘଡ଼ି ସହ ପବନ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବହିବାର ସମ୍ଭାବନା ରହିଛି। ଯାହାକୁ ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କତା ଜାରି କରାଯାଇଛି। ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଓଡ଼ିଶାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସହିତ କେତେକ ସ୍ଥାନରେ କାଳବୈଶାଖୀ ସମ୍ଭାବନା ରହିଛି।

## ଦୋକାନ ଆଜବେଷ୍ଟସ୍ ଭାଙ୍ଗି ଚୋରି

**ଚାରିଛକ,୨୩ା୪/ଏନ୍ଏନ୍ଏସ୍:** ଚାରିଛକ ମୁଖ୍ୟବଜାର ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତୀ ନିକଟରେ ଥିବା ସୁକାନ୍ତ ସାହୁଙ୍କ ଗ୍ରୋସରୀ ଦୋକାନଘର ଆଜବେସଷ୍ଟସ ଭାଙ୍ଗି ଲକ୍ଷାଧିକ ଟଙ୍କା ଚୋରି ହୋଇଥିବା ନେଇ ସୁକାନ୍ତ ଚାରିଛକ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ ଆଜି ସକାଳୁ ସୁକାନ୍ତ ଦୋକନଘର ଖୋଲି ଦେଖିବା ସମୟରେ ତାଙ୍କ କ୍ୟାସ୍ ଡ୍ର ଭଙ୍ଗା ହୋଇଛି। ସେଥିରେ ଥିବା ୧ଲକ୍ଷ ୧୪ହଜାର ଟଙ୍କା କେହି ଦୁର୍ବୃତ୍ତ ନେଇଯାଇଥିବା ଦେଖିବାକୁ ପାଇଥିଲେ। ଏ ନେଇ ସୁକାନ୍ତ ଚାରିଛକ ଥାନାରେ ଅଭିଯୋଗ ପରେ ପୁରୀରୁ ସାଇଣ୍ଟିଫିକ ଟିମ୍ ଆସି ତଦନ୍ତ ସାରି ଫେରିଛନ୍ତି। ଚାରିଛକ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରିରଖିଛି।

## 'ସଖୀ' ପକ୍ଷରୁ ଖାଦ୍ୟ ବଣ୍ଟନ



**ଭୁବନେଶ୍ୱର,୨୩ା୪/ଏନ୍ଏନ୍ଏସ୍:** ଅକ୍ଷୟ ତୃତୀୟା ଅବସରରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସଖୀ ଫାଉଣ୍ଡେସନ ଟ୍ରଷ୍ଟ' ପକ୍ଷରୁ ବିଭିନ୍ନ ସ୍ଥାନରେ ଅସହାୟ ମାନଙ୍କୁ ରନ୍ଧା ଖାଦ୍ୟ ପ୍ରସ୍ତୁତ କରାଯାଇ ବଣ୍ଟନ କରାଯାଇଛି। ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ଏକ ବୃଦ୍ଧାଶ୍ରମରେ ସମସ୍ତଙ୍କୁ ମଧ୍ୟାହ୍ନ ସମୟରେ ରନ୍ଧାଖାଦ୍ୟ ବଣ୍ଟନ କରାଯାଇଥିଲା। ଏଥିସହିତ ସ୍ଥାନୀୟ ରେଲୱେ ଷ୍ଟେସନ୍‌ରେ ମଧ୍ୟ କେତେକ ଅସହାୟ ଲୋକଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା। ଏଥିରେ ଅନୁଷ୍ଠାନର ପ୍ରତିଷ୍ଠାତା ଶକୁନ୍ତଳା ସ୍ୱାଇଁ, ବିଜୟଲକ୍ଷ୍ମୀ ଆଚାର୍ଯ୍ୟ, ଦିବ୍ୟସିଂହ ଆଚାର୍ଯ୍ୟ, ରାଜୀବ ସ୍ୱାଇଁ, ସଞ୍ଜିବ ସ୍ୱାଇଁ, ଦିପ୍ତୀ ଦାସ, ସଂଗୀତା ସାହୁ ଓ ମମତା ମିଶ୍ର ପ୍ରମୁଖ କର୍ମକର୍ତ୍ତା ଯୋଗଦେଇ ସହଯୋଗ କରିଥିଲେ।

## ଦିଗହରା ଜୟଦେବ ଜୟନ୍ତୀ ମହୋତ୍ସବ, ଭକ୍ତ ମର୍ମାହତ

**ଚାରିଛକ,୨୩ା୪/ଏନ୍ଏନ୍ଏସ୍:** ଭକ୍ତ ଜୟଦେବଙ୍କ ଜୟନ୍ତୀ ସଂକୀର୍ତ୍ତନ ଯାତ୍ରା ନିରାଡମ୍ବର ସହକାରେ ପାଳନ ହେଉଥିବା ବେଳେ ଭକ୍ତଙ୍କ ମନରେ ଶକ୍ତ ଆଘାତ ଦେଇଛି। ରାଜନୈତିକ ଇଚ୍ଛାଶକ୍ତି ଅଭାବ ଯୋଗୁ ବୁଦ୍ଧିଜୀବୀ ଅସନ୍ତୁଷ୍ଟ ପ୍ରକାଶ କରିଛନ୍ତି। ଓଡ଼ିଆ ଅସ୍ମିତା ପ୍ରତି ଅଣଦେଖା କରୁଛନ୍ତି ରାଜ୍ୟ ସରକାର ବୋଲି ମତପ୍ରକାଶ ପାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରତ୍ୟେହ ବଡ଼ସିଂହାର ବେଶ ସମୟେ ଚତୁର୍ଦ୍ଧାମୂର୍ତ୍ତୀ ଶ୍ରୀ ଶ୍ରୀ ଗୀତଗୋବିନ୍ଦ ପାଟ ଖଣ୍ଡୁଆ ପିନ୍ଧି ଶ୍ରୀ ଶ୍ରୀ ଗୀତଗୋବିନ୍ଦ ଶ୍ରବଣ କରନ୍ତି। ଏ ମହାନ ସ୍ମୃତିକୁ ସଦା ଜାଗ୍ରତ ରଖିବା ପାଇଁ ରାଜ୍ୟ ସରକାର ୧୯୯୨ ମସିହାଠାରୁ ରାଜ୍ୟସ୍ତରୀୟ ଜୟଦେବ ଜୟନ୍ତୀ ପାଳନ କରିଆସୁଛନ୍ତି। ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ଜୟନ୍ତୀ ପୂର୍ବରୁ ବ୍ୟାପକ ପ୍ରଚାର ପ୍ରସାର କରି ଏକ୍ରାମକ୍ଷେତ୍ର, ପ୍ରାଚୀ କ୍ଷେତ୍ର, ଶ୍ରୀକ୍ଷେତ୍ରକୁ ପରିଚାଳିତ ଉକ୍ତ ଜୟନ୍ତୀ ଉତ୍ସବ ଅକ୍ଷୟ ତୃତୀୟା ସମାବେଶ ପ୍ରାଚୀତଟ ପୀଠସ୍ଥଳୀ ସହ ଭକ୍ତଙ୍କ ଜନ୍ମସ୍ଥାନ ପ୍ରାଚୀତଟରେ ସୁବ୍ୟବସ୍ଥିତ କରନ୍ତି। ପ୍ରଚାରପତ୍ର ବାଣ୍ଟନ୍ତି, ସବୁଠି ଭବ୍ୟ ସମାବେଶ, ପ୍ରଚାର ପୁସ୍ତିକା ବାଣ୍ଟିଥାନ୍ତି। ଶ୍ରୀ ଗୀତଗୋବିନ୍ଦ ଗାୟନ ଆଲୋଚନାଚକ୍ର ତିନିଦିନ ଧରିଚାଲେ। ସଂକୀର୍ତ୍ତନ ଯାତ୍ରା ମଧ୍ୟ ପ୍ରତ୍ୟେକ ପୀଠସ୍ଥଳୀ ପରିକ୍ରମାକରି ଦେବ ପୂଜନ କରିଥାନ୍ତି । ୨୦୨୪ ମସିହାରୁ ଏ ଭବ୍ୟ ମହୋତ୍ସବରେ ଗ୍ରହଣ ଲାଗିଯାଇଛି। କାର୍ଯ୍ୟକ୍ରମ କିପରି ଲୁଚା ଛପାରେ ହେଉଛି କେହି ଜାଣିପାରୁନାହାନ୍ତି। ଏହା ଅଗଣିତ ଜଗନ୍ନାଥ ପ୍ରେମୀ ତଥା ଭକ୍ତ ଜୟଦେବଙ୍କ ବଂଶଦ ପଣ୍ଡିତ ତ୍ରିଲୋଚନ ମିଶ୍ରଙ୍କ ମର୍ମବେଦନାର କାରଣ ହୋଇଛି। ଆମ ସରକାର କ'ଣ ସତରେ ଶ୍ରୀଜଗନ୍ନାଥଙ୍କୁ ଓ ତାଙ୍କ ଭକ୍ତ ମହାକବି ଜୟଦେବଙ୍କୁ ଭୁଲିଗଲେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରାଚୀନଦୀ, ମହାନ ପ୍ରାଚୀ ସଂସ୍କୃତି, ପ୍ରାଚୀ ପୀଠସ୍ଥଳୀ ଭକ୍ତ ଜୟଦେବକୁ ଅନ୍ଧକାରରେ ରଖିବା, ଅଣଦେଖା କରିବା ଠିକ୍ ହେବନାହିଁ, ଏହା ହିଁ ଶ୍ରୀଜଗନ୍ନାଥଙ୍କ ଭକ୍ତମାନଙ୍କ ମନର କଥା ବୋଲି କୁହାଯାଇଛି।

## ଚିଲିକା ପୁସ୍ତକ ମେଳା ପ୍ରସ୍ତୁତି ବୈଠକ

**ବାଣପୁର,୨୩ା୪/ଏନ୍ଏନ୍ଏସ୍:** ଚଳିତ ଅପ୍ରେଲ ୨୪ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ବାଲୁଗାଁ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବାକୁ ଥିବା ପ୍ରଥମ ଚିଲିକା ପୁସ୍ତକ ମେଳା ଆୟୋଜନର ପ୍ରସ୍ତୁତି ବୈଠକ ସହ ସାମ୍ବାଦିକ ସମ୍ମିଳନୀ ବରିଷ୍ଠ ସାମ୍ବାଦିକ ଶରତ ପାଇକରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଭାପତିତ୍ୱ କରି ଶ୍ରୀ ପାଇକରାୟ ପୁସ୍ତକ ମେଳାର ବିଭିନ୍ନ ଦିବସର କାର୍ଯ୍ୟକ୍ରମ, ଲେଖକ ସମ୍ମିଳନୀ, ସାଂସ୍କୃତିକ କାର୍ଯ୍ୟକ୍ରମ ସମେତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଚିଲିକା ଅଂଚଳର ବହୁ ସଂଖ୍ୟକ ବୁଦ୍ଧିଜୀବୀ, ସାହିତ୍ୟିକ, ଶିକ୍ଷାର୍ଥୀ, ଅଭିଭାବକ ଓ ଜନସାଧାରଣଙ୍କୁ ଆକର୍ଷିତ କରିବା ପାଇଁ ପ୍ରାୟ ୮୦ଟି ପୁସ୍ତକ ଷ୍ଟଲ ଏହି ମେଳାରେ ଯୋଗଦେବେ। ଓଡ଼ିଶା ସରକାରଙ୍କ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ପୁସ୍ତକ ମେଳାରେ ପ୍ରତିଦିନ ସନ୍ଧ୍ୟାରେ ରାଜ୍ୟ ସରକାରଙ୍କ ମନ୍ତ୍ରୀ, ବିଧାୟକ ଓ ପ୍ରତିଷ୍ଠିତ ସାହିତ୍ୟିକମାନେ ଯୋଗଦେଇ ଚିଲିକା ବାଣପୁର ଅଞ୍ଚଳର ସାହିତ୍ୟ,ସଂସ୍କୃତି, ଐତିହ୍ୟ ଓ ସାରସ୍ୱତ ପରମ୍ପରା ସମ୍ପର୍କରେ ଆଲୋଚନା କରିବା ସହ ଲେଖକ, ସାରସ୍ୱତ ପ୍ରତିଭା, ପାଠକ ଓ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବାର କାର୍ଯ୍ୟକ୍ରମ ରହିଛି। ପାଇକା ଟ୍ରଷ୍ଟ ଦ୍ୱାରା ଆୟୋଜିତ ଏହି ପୁସ୍ତକମେଳାର ସଫଳତା ପାଇଁ ଚିଲିକା ସାହିତ୍ୟ ସମାଜର ସହଯୋଗ ସହ ଅଞ୍ଚଳର ଶିକ୍ଷିତ ଜନସାଧାରଣଙ୍କ ସମ୍ପୃକ୍ତି ପାଇଁ ଚିଲିକା ପୁସ୍ତକ ମେଳା କମିଟିର ସଦସ୍ୟ ମାନେ ନିବେଦନ କରିଛନ୍ତି କ୍ଷ ଉକ୍ତ ବୈଠକରେ ପୁସ୍ତକ ମେଳା କମିଟିର ଉପଦେଷ୍ଟା ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧି, ଉପସଭାପତି ଅଧ୍ୟାପକ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ ଓ ବାଳ ମୁକୁନ୍ଦ ଦାସ, ସାଧାରଣ ସମ୍ପାଦକ ଡକ୍ଟର କୈଳାସ ଚନ୍ଦ୍ର ମହାରଣା, କାର୍ଯ୍ୟକାରୀ କମିଟି ସଦସ୍ୟ ଡକ୍ଟର ଅକ୍ଷୟ କୁମାର ମିଶ୍ର, ଅଧ୍ୟାପକ ଅମ୍ବିକା ପ୍ରସାଦ ସାମନ୍ତରାୟ, ବିଦ୍ୟାଧର କୁଞ୍ଜାର ସିଂ, ସନ୍ତୋଷ ବଳିୟାରସିଂହ, ଭିକାରୀ ଚରଣ ପ୍ରଧାନ, ରଙ୍ଗନାଥ ସେଠି, ସୌମ୍ୟକାନ୍ତ ତ୍ରିପାଠୀ, ରମେଶ ମହାପାତ୍ର, ମୃଡ଼ାଣି ଶଙ୍କର ମିଶ୍ର, ଚିଲିକା ପ୍ରେସ କ୍ଲବ ଓ ଶାଳିଆ ପ୍ରେସ କ୍ଲବର ସଭାପତି ଓ ପ୍ରତିନିଧିମାନେ ଯୋଗଦେଇ ମତାମତ ଦେଇଥିଲେ। ସମ୍ପାଦକ ଡକ୍ଟର କୈଳାସ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ଆଜିର ଇତିହାସ

- ୧୮୧୫-ଗୋର୍ଖା ରେଜିମେଣ୍ଟ୍ ଆଜିର ଦିନରେ ୨୦୦ ବର୍ଷ ପୂରା କରିଥିଲା।
- ୧୯୭୨-ପ୍ରସିଦ୍ଧ ଭାରତୀୟ ପେଣ୍ଟର ପଦ୍ମଭୂଷଣ ଜେମିନୀ ରାୟଙ୍କର ନିଧନ ହୋଇଥିଲା।
- ୧୯୭୪-ରାଷ୍ଟ୍ରକବି ରାମଧାରୀ ସିଂହ 'ଦିନକର'ଙ୍କର ନିଧନ ହୋଇଥିଲା।
- ୧୯୭୫-ଜୈନ ଧର୍ମର ଅନୁଗାମୀମାନେ ଭଗବାନ ମହାବୀରଙ୍କ ନିର୍ବାଣର ୨୫୦୦ତମ ଜୟନ୍ତୀ ପାଳନ କରିଥିଲେ।
- ୧୯୯୮-ଭାରତ, ସାରଜା ଠାରେ ଅଷ୍ଟ୍ରେଲିଆ ବିରୁଦ୍ଧରେ କୋକା କୋଲା କପ୍ ଜିତିଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ:** ଆଜି ବ୍ୟାପାରରେ ଯୋଜନାବଦ୍ଧ ଭାବରେ କାମ କରିବେ। ଧନ ବୃଦ୍ଧିର ପ୍ରବଳ ସମ୍ଭାବନା ରହିଛି। ଉଚ୍ଚାଧିକାରୀ କାର୍ଯ୍ୟଶୈଳୀରେ ପ୍ରସନ୍ନ ହେବେ। କ୍ୟାରିୟରରେ ବଡ଼ ସଫଳତା ହାସଲ କରିବେ।

**ବୃଷ:** ପରିବାରରେ ହର୍ଷୋଲ୍ଲାସର ବାତାବରଣ ରହିବ। ଦାମ୍ପତ୍ୟ ଜୀବନରେ ସାମଞ୍ଜସ୍ୟ ରହିବ। ରୋଜଗାରର ନୂଆ ଅବସର ପାଇବେ। ବ୍ୟବସାୟୀଙ୍କୁ ଭଲ ସୁଯୋଗ ମିଳିବ। ନୂଆ ସୌଦାରେ ଲାଭର ଯୋଗ ରହିଛି।

**ମିଥୁନ:** ଆର୍ଥିକ ସ୍ତରରେ ସାହାଯ୍ୟ ପାଇବେ। ସକାରାତ୍ମକ ଚିନ୍ତାଧାରା ସଫଳତା ଦେବ। ନେଣଦେଣ ମାମଲାରେ ସାବଧାନ ରହିବେ। କାମର ଅଧିକତା ରହିବ। ଗୁରୁଙ୍କ ସହଯୋଗ ପ୍ରାପ୍ତ କରିବେ।

**କର୍କଟ:** ମିତ୍ରଙ୍କ ଠାରୁ ସହଯୋଗ ପାଇବେ। ଅଜଣା ବ୍ୟକ୍ତିଙ୍କ ଠାରୁ ଦୂରରେ ରୁହନ୍ତୁ। କାର୍ଯ୍ୟକ୍ଷମତା ସହକର୍ମୀଙ୍କୁ ପ୍ରଭାବିତ କରିବ। ଫ୍ୟାସନ୍ ଡିଜାଇନିଂର ଛାତ୍ରଛାତ୍ରୀଙ୍କୁ ସଫଳତା ମିଳିବ।

**ସିଂହ:** ଆତ୍ମବିଶ୍ୱାସ ଅଧିକତା ରହିବ। ପ୍ରମୋଶନର ଅନେକ ଅବସର ରହିଛି। ସମାଜରେ ମାନ-ସମ୍ମାନ ବୃଦ୍ଧି ହେବ। ନୂଆ କାମ ପାଇଁ ଦିନଟି ଉତ୍ତମ। ଧାର୍ମିକ ଯାତ୍ରା କରିପାରନ୍ତି।

**କନ୍ୟା:** ଘରର ପରିବେଶ ଭଲ ରହିବ। ଆର୍ଥିକ ସ୍ଥିତି ମଜଭୁତ ରହିବ। କ୍ୟାରିୟରରେ ସଫଳତା ପାଇବେ। ଧନ ଲାଭ ଯୋଗ ରହିଛି। ସମ୍ପର୍କ ମଜଭୁତ ହେବ। ଆହ୍ୱାନଗୁଡ଼ିକର ସମ୍ମୁଖୀନ ହେବେ।

**ତୁଳା:** ବ୍ୟାପାରୀମାନଙ୍କ ପାଇଁ ଦିନଟି ଉତ୍ତମ। ଅଟକିଥିବା କାମ ପୂରା ହେବ। ଛଣା ଖାଦ୍ୟ ନଖାଇଲେ ଭଲ। ଧନ ଲାଭର ଆଶା ରହିଛି। ନିବେଶ ମାମଲାର ସମାଧାନ ହେବ। ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ।

**ବିଛା:** ମାତାପିତାଙ୍କ ସହିତ ମନ୍ଦିର ଦର୍ଶନ କରିବେ। କିଛି ଖୁସି ଖବର ମିଳିପାରେ। ବ୍ୟସ୍ତତା ଅଧିକ ରହିବ। ବିଦ୍ୟାର୍ଥୀଙ୍କ ପାଇଁ ଦିନଟି ଅନୁକୂଳ। ଆର୍ଥିକ ସ୍ଥିତିରେ ସୁଧାର ହେବ। ମନ ପ୍ରସନ୍ନ ରହିବ।

**ଧନୁ:** ଜରୁରୀ କାମ କରିବାରେ ସଫଳ ରହିବେ। ଧନ ସହିତ ଜଡ଼ିତ ଚିନ୍ତା ଦୂର ହେବ। ଅଟକିଥିବା ଧନ ପ୍ରାପ୍ତି ହେବ। କାର୍ଯ୍ୟକ୍ଷମତା ବଳରେ ଆଗକୁ ବଢ଼ିବାର ଅବସର ପାଇବେ।

**ମକର:** ଖୁବ୍ ଭଲ ଖବର ମିଳିବ। ଫ୍ରିଲାନ୍ସର ଭାବରେ କାମ କରିବା ଦ୍ୱାରା ଆୟ ବୃଦ୍ଧି ହେବ। ନୂଆ ବ୍ୟାପାରର ଯାତ୍ରା ଲାଭଦାୟକ ହେବ। ପରିଶ୍ରମର ପୂରା ଫଳ ମିଳିବ। ମନ ଉତ୍ସାହରେ ଭରି ରହିବ।

**କୁମ୍ଭ:** ଘରେ ମାଙ୍ଗଳିକ ଆୟୋଜନ ହେବ। ମାନ-ସମ୍ମାନ ବଢ଼ିବ। ସୁନେଲି ଅବସର ପ୍ରାପ୍ତ ହେବ। ଲାଭର ଯୋଗ ରହିଛି। ୱାର୍କଆଉଟ୍ ଆରମ୍ଭ କରିପାରନ୍ତି। ସାଙ୍ଗସାଥିଙ୍କ ସହିତ ଟୁର୍‌ରେ ଯାଇପାରନ୍ତି।

**ମୀନ:** ଜୀବନସାଥିଙ୍କ ସହଯୋଗରେ ବଡ଼ କାମ ପୂରା କରିବେ। ଅର୍ଥ ଆୟର ନୂଆ ଜରିଆ ପ୍ରାପ୍ତ ହେବ। ନବବିବାହିତ ଦମ୍ପତିଙ୍କ ପାଇଁ ଦିନଟି ସୁଖମୟ। ଆୟର ନୂଆ ସୋର୍ସ ମିଳିବ।

## ଶ୍ରୀମଦ୍ ଭଗବଦ୍‌ଗୀତା



**ଆହାରସ୍ତ୍ୱପି ସର୍ବସ୍ୟ ତ୍ରିବିଧୋ ଭବତି ପ୍ରିୟଃ।**
**ଯଜ୍ଞସ୍ତପସ୍ତଥା ଦାନଂ ତେଷାଂ ଭେଦମିମଂ ଶୃଣୁ। (୧୭/୭)**

ଏ ଜଗତରେ ସମସ୍ତଙ୍କର ଖାଦ୍ୟ, ପ୍ରକୃତି ଅନୁଯାୟୀ ତିନି ପ୍ରକାର ହୁଏ। କେବଳ ସେତିକି ନୁହେଁ ଯଜ୍ଞ, ତପସ୍ୟା, ଦାନ ମଧ ତିନି ପ୍ରକାର ହୁଏ। ଏମାନଙ୍କ ଭିତରେ ଯେଉଁ ପ୍ରକାର ପ୍ରଭେଦ ରହିଛି ସେ ବିଷୟରେ କହୁଛି ଶୁଣ। କହିବାର ଉଦ୍ଦେଶ୍ୟ ଯେ ସବୁ ମଣିଷ ଏକାଭଳି ଖାଦ୍ୟ ଖାଆନ୍ତି ନାହିଁ। ଇଂରାଜୀରେ ଗୋଟିଏ ପ୍ରବାଦ ଅଛି - ଜଣକର ଖାଦ୍ୟ ଅନ୍ୟ ଜଣଙ୍କ ପାଇଁ ବିଷତୁଲ୍ୟ। ସେହିପରି ମଧ ଜଣକର ଈଶ୍ୱର ଉପାସନା ଓ ଦାନ କରିବା ସମାନ ନୁହେଁ। ଏଠାରେ ଭଗବାନ ଅର୍ଜୁନଙ୍କୁ ବିସ୍ତାରିତ ଭାବରେ ଏସବୁ ପ୍ରଭେଦତା ବିଷୟରେ ଅନ୍ୟ ଶ୍ଳୋକରେ ବୁଝାଇବେ।

# ଜାତୀୟ ପଞ୍ଚାୟତିରାଜ ଦିବସ




ଆଜି ପୂରା ଦେଶରେ ପାଳନ କରାଯାଉଛି ପଞ୍ଚାୟତିରାଜ ଦିବସ। ଏହି ଦିବସକୁ ପାଳନ କରିବାର କାରଣ ୭୩ତମ ସମ୍ବିଧାନ ସଂଶୋଧନ ଅଧିନିୟମ, ୧୯୯୨ ଯାହାକୁ ଏପ୍ରିଲ୍ ୨୪, ୧୯୯୩ରେ ଲାଗୁ କରାଯାଇଥିଲା। ଏହା ଲାଗୁ ହେବା ମାତ୍ରେ ଦେଶରେ ତ୍ରିସ୍ତରୀୟ ପଞ୍ଚାୟତି ରାଜ ଯଥା- ଗ୍ରାମସ୍ତରୀୟ ପଞ୍ଚାୟତ, ପ୍ରଖଣ୍ଡସ୍ତରୀୟ ପଞ୍ଚାୟତ (ବ୍ଲକ୍) ଓ ଜିଲ୍ଲାସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାର ଆରମ୍ଭ ହୋଇଥିଲା। ଭାରତ ଏକ ବିସ୍ତୃତ ଦେଶ ଏହାକୁ ବିଶ୍ୱର ସବୁଠାରୁ ବଡ଼ ଲୋକତନ୍ତ୍ର ବୋଲି କୁହାଯାଏ। କେତେକ ପ୍ରଦେଶର ଜନସଂଖ୍ୟା ଓ କ୍ଷେତ୍ରଫଳ ଅଧିକ ହୋଇଥିବା କାରଣରୁ ପ୍ରଦେଶର ସବୁଠାରୁ ଉଚ୍ଚସ୍ଥାନରେ ରହୁଥିବା ବ୍ୟକ୍ତି ଗ୍ରାମୀଣ କ୍ଷେତ୍ରର ଲୋକମାନଙ୍କ ସମସ୍ୟାଗୁଡ଼ିକ ସହିତ ଅବଗତ ହୋଇପାରୁ ନଥିଲେ। ସେଥିପାଇଁ ଦେଶରେ ଲୋକତନ୍ତ୍ରର ମୂଳକୁ ଗଛର ଚେରପରି ବ୍ୟାପିବାକୁ ଦିଆଯିବା ଉଚିତ ବୋଲି ସ୍ଥିର କରାଗଲା। ଏହି କାର୍ଯ୍ୟକୁ କରିବା ପାଇଁ ବଳବନ୍ତ ରାୟ ମେହେତାଙ୍କ ଅଧକ୍ଷତାରେ ୧୯୫୭ରେ ଏକ ସମିତି ଗଠନ କରାଯାଇଥିଲା। ସମିତି ନିଜ ସୁପାରିସ୍‌ରେ ଜନତାନ୍ତ୍ରିକ ବିକେନ୍ଦ୍ରୀକରଣର ସୁପାରିସ୍ କଲା ଯାହାକୁ ପଞ୍ଚାୟତିରାଜ ବୋଲି କୁହାଗଲା। ରାଜସ୍ଥାନ ଦେଶର ପ୍ରଥମ ରାଜ୍ୟ ଥିଲା ଯେଉଁଠାରେ ପଞ୍ଚାୟତିରାଜ ବ୍ୟବସ୍ଥା ଲାଗୁ କରାଯାଇଥିଲା। ୨ ଅକ୍ଟୋବର, ୧୯୫୯ରେ ଏହି ଯୋଜନାର ଶୁଭାରମ୍ଭ କରିଥିଲେ ପ୍ରଧାନମନ୍ତ୍ରୀ ଜବାହାରଲାଲ୍ ନେହେରୁ। ଏହାପରେ ଏହି ଯୋଜନାକୁ ୧୯୫୯ରେ ଆନ୍ଧ୍ରପ୍ରଦେଶରେ ଲାଗୁ କରାଗଲା। ଦେଶରେ ଏହି ବ୍ୟବସ୍ଥାକୁ ବୁଝିବା ପାଇଁ ୨୭ ମେ', ୨୦୦୪ରେ ପଞ୍ଚାୟତିରାଜ ମନ୍ତ୍ରଣାଳୟକୁ ଏକ ଅଲଗା ମନ୍ତ୍ରଣାଳୟର ମାନ୍ୟତା ଦିଆଯାଇଥିଲା। ଏଥିପାଇଁ ପ୍ରତିବର୍ଷ ଆଜିର ଦିନରେ ଜାତୀୟ ସ୍ତରରେ ପଞ୍ଚାୟତିରାଜ ଦିବସର ପାଳନ କରାଯାଏ। ୨୦୧୦ରୁ ଏହି ଦିବସ ପାଳନ କରାଯାଉଛି।

# କୋଟି କୋଟି ଭାରତୀୟଙ୍କ ପ୍ରେରଣା: ସଚିନ୍



କ୍ରିକେଟ୍‌ର ଭଗବାନ କୁହାଯାଉ କିମ୍ବା ମାଷ୍ଟର୍ ବ୍ଲାଷ୍ଟର୍, ସଚିନ୍ ତେନ୍ଦୁଲକରଙ୍କ ଗଣତି ହୁଏ ଦୁନିଆର ମହାନତମ କ୍ରିକେଟ୍ ଖେଳାଳି ଭାବରେ। ୧୯୭୩ର ଆଜିର ଦିନରେ ମୁମ୍ବାଇ ଠାରେ ଜନ୍ମଗ୍ରହଣ କରିଥିଲେ କ୍ରିକେଟ୍ ଇତିହାସର ମହାନ ଖେଳାଳି ସଚିନ୍ ତେନ୍ଦୁଲକର। ପିଲାଦିନରୁ ଉଭୟେ ଟେନିସ୍ ଓ କ୍ରିକେଟ୍ ଖେଳରେ ରୁଚି ରଖୁଥିବା ସଚିନ୍ ପରବର୍ତ୍ତୀ ସମୟରେ କ୍ରିକେଟ୍ ଖେଳକୁ ନେଇ ଆଗକୁ ବଢ଼ିଥିଲେ ଓ ପୂରା ଦୁନିଆରେ କ୍ରିକେଟ୍‌ର ଭଗବାନ ଭାବରେ ପରିଚୟ ପାଇଥିଲେ। ସଚିନ୍‌ଙ୍କ ଭାଇ ଅଜିତ ତାଙ୍କ ଭିତରେ ଏହି ପ୍ରତିଭାକୁ ପରଖିବା ପରେ ଭାଇକୁ ଆଗକୁ ବଢ଼େଇବା ପାଇଁ ଅଜିତ ନିଜ କ୍ୟାରିୟରକୁ ତ୍ୟାଗ କରିଥିବା କଥା କହନ୍ତି ସଚିନ୍। ତେବେ ପ୍ରଥମ ପ୍ରୟାସରେ ସଚିନ୍ ବିଫଳ ହୋଇଥିଲେ ମଧ ଦ୍ୱିତୀୟ ଥର କୋଚ୍ ରମାକାନ୍ତ ଆଚରେକରଙ୍କୁ ବିଶେଷ ଭାବରେ ସେ ପ୍ରଭାବିତ କରିପାରିଥିଲେ। ମାତ୍ର ୧୫ ବର୍ଷ ବୟସରେ ଅନ୍ତଃରାଷ୍ଟ୍ରୀୟ କ୍ରିକେଟରେ ଡେବ୍ୟୁ କରିଥିବା ସଚିନ୍ ତେନ୍ଦୁଲକର ୧୯୯୦ରେ ଇଂଲଣ୍ଡ ବିରୁଦ୍ଧରେ ପ୍ରଥମ ଶତକ ହାସଲ କରିଥିଲେ। ଏହି ଇନିଂସ୍ ତାଙ୍କ କ୍ୟାରିୟରର ଟର୍ଣ୍ଣିଂ ପଏଣ୍ଟ ସାବ୍ୟସ୍ତ ହୋଇଥିଲା। କିନ୍ତୁ ଏକଦିବସୀୟ ମ୍ୟାଚ୍‌ରେ ଶତକ ଲଗାଇବା ପାଇଁ ତାଙ୍କୁ ଦୀର୍ଘ ଦିନ ଅପେକ୍ଷା କରିବାକୁ ପଡ଼ିଥିଲା। ଶେଷରେ ୧୯୯୪ରେ ଅଷ୍ଟ୍ରେଲିଆ ବିରୁଦ୍ଧରେ ସଚିନ୍ ୧୧୦ ରନ୍‌ର ଏକ ପାରି ଖେଳିଥିଲେ। ଏହାପରେ ସଚିନ୍‌ଙ୍କ ଶତକ କରିବାର ସିଲ୍‌ସିଲା ଆରମ୍ଭ ହୋଇଥିଲା ଓ ନବେ ଦଶକରେ ସଚିନ୍ ଷ୍ଟାର୍‌ରୁ ସୁପରଷ୍ଟାର ହେବାର ମାନ୍ୟତା ପାଇଥିଲେ। ୧୯୯୨ରେ ହୋଇଥିବା ବିଶ୍ୱକପ୍‌ରେ ସଚିନ୍ ଟୁର୍ଣ୍ଣାମେଣ୍ଟର ଥିଲେ ସବୁଠାରୁ ଯୁବ ଖେଳାଳି। ତେବେ ୧୯୯୬ରେ ଦଳର ଅଧିନାୟକ ପଦରେ ରହି ସେ ଏକ ଆହ୍ୱାନମୂଳକ ଦାୟିତ୍ୱ ଗ୍ରହଣ କରିଥିଲେ ମଧ ଏହି ଭୂମିକାରେ ସେତେଟା ସଫଳ ହୋଇପାରି ନଥିଲେ। କିନ୍ତୁ ବର୍ଷ ୨୦୦୦ ଥିଲା ସଚିନ୍‌ଙ୍କ କ୍ୟାରିୟରର ସୁବର୍ଣ୍ଣ ସମୟ। ୨୦୦୫ରେ ସେ ଟେଷ୍ଟ କ୍ରିକେଟ୍‌ରେ ସବୁଠାରୁ ଅଧିକ ଶତକ କରି ବିଶ୍ୱ ରେକର୍ଡ କରିଥିଲେ। ବ୍ରାଏନ୍ ଲାରାଙ୍କ ୩୪ଟି ଶତକର ରେକର୍ଡ ଭାଙ୍ଗିଥିଲେ ସଚିନ୍। ଏହାପରେ ୨୦୦୮ରେ ଏକ ଦିବସୀୟ ମ୍ୟାଚ୍‌ରେ ସୁନିଲ୍ ଗାଭାସ୍କରଙ୍କ ରେକର୍ଡ ଭାଙ୍ଗିଥିଲେ। ବିଶ୍ୱ କ୍ରିକେଟ୍‌ରେ ଶହେଟି ଶତକ କରିଥିବା ସେ ହେଉଛନ୍ତି ଏକମାତ୍ର ବ୍ୟାଟ୍ସମ୍ୟାନ୍। ନିଜର ଅନ୍ତଃରାଷ୍ଟ୍ରୀୟ କ୍ରିକେଟ୍ କ୍ୟାରିୟରରେ ୩୪,୦୦୦ରୁ ଅଧିକ ରନ୍, ଶହେଟି ଶତକ ଓ ୧୬୪ ଅର୍ଦ୍ଧଶତକର ଇନିଂସ୍ ଖେଳିଛନ୍ତି ସଚିନ୍। ସଚିନ୍ ତେନ୍ଦୁଲକରଙ୍କ ନାମ କେବଳ ଦେଶରେ ନୁହେଁ ପୂରା ବିଶ୍ୱର ଅନେକ ଯୁବକଙ୍କୁ କ୍ରିକେଟ୍ ଖେଳିବାକୁ ପ୍ରେରଣା ଯୋଗଉଛି ଏଥିରେ ସନ୍ଦେହ ନାହିଁ।



# ମୌର୍ଯ୍ୟ ସାମ୍ରାଜ୍ୟ ଉତ୍ଥାନ

ଭାରତୀୟ ଇତିହାସରେ ରହିଛି ଅନେକ ଶକ୍ତିଶାଳୀ ସାମ୍ରାଜ୍ୟର ଉଦୟ ଓ ଅସ୍ତର କାହାଣୀ। ଏହି ସାମ୍ରାଜ୍ୟଗୁଡ଼ିକର ଉଦୟ କଥା ଯଦି କୁହାଯାଏ ତେବେ ପ୍ରଥମେ ମୌର୍ଯ୍ୟ ସାମ୍ରାଜ୍ୟର ନାମ ଆସେ। ଖ୍ରୀ.ପୂ ୩୨୧ରେ ସ୍ଥାପିତ ହୋଇଥିବା ମୌର୍ଯ୍ୟ ସାମ୍ରାଜ୍ୟକୁ ଦେଶର ଏକୀକୃତ ଓ ପ୍ରଥମ ପ୍ରମୁଖ ସାମ୍ରାଜ୍ୟ ବୋଲି କୁହାଯାଏ। ଏହି ବଡ଼ ଶକ୍ତିର ମୂଳଦୁଆ ପକାଇଥିଲେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ, ଗୁରୁ ଚାଣକ୍ୟଙ୍କ ସହାୟତାରେ। ନନ୍ଦ ବଂଶକୁ ହରାଇ ଏକୀକୃତ ଭାରତର ଆରମ୍ଭ କରିଥିଲେ ଚାଣକ୍ୟ। ଚାଣକ୍ୟଙ୍କ 'ଅର୍ଥଶାସ୍ତ୍ର' ଶାସନ, କୂଟନୀତି ଓ ରାଜକାର୍ଯ୍ୟକୁ ସୁଧାରିଥିଲା। ତେବେ ମୌର୍ଯ୍ୟ ସାମ୍ରାଜ୍ୟ ଶିଖର ସ୍ଥାନରେ ପହଞ୍ଚିଥିଲା ଅଶୋକଙ୍କ ଶାସନକାଳ ସମୟରେ।



**ନନ୍ଦ ବଂଶର ପତନ-** ଶକ୍ତିଶାଳୀ ନନ୍ଦ ବଂଶର ମୂଳୋତ୍ପାଟନ ହେବା ସହିତ ମୌର୍ଯ୍ୟ ସାମ୍ରାଜ୍ୟର ଆରମ୍ଭ ହୋଇଥିଲା। ନନ୍ଦ ବଂଶର ଅନ୍ତିମ ରାଜା ଥିଲେ ଧନାନନ୍ଦ ଯାହାଙ୍କୁ ଚାଣକ୍ୟଙ୍କ ସହାୟତାରେ ପରାସ୍ତ କରିଥିଲେ ଚନ୍ଦ୍ରଗୁପ୍ତ। ଏହା କେବଳ ଏକ ବିଜୟ ନଥିଲା ଏକ ନୂଆ ସାମ୍ରାଜ୍ୟ ସ୍ଥାପନର ଆରମ୍ଭ ମାତ୍ର ଥିଲା। ଏହା ସହିତ ଦେଶର ବଡ଼ ଓ ପ୍ରଥମ ରାଜନୈତିକ ଏକୀକରଣ ପାଇଁ ଏକ ମଞ୍ଚ ପ୍ରସ୍ତୁତ ହୋଇଥିଲା। ଏହା ଥିଲା ପ୍ରଥମ ଅଖିଳ ଭାରତୀୟ ସାମ୍ରାଜ୍ୟ। ସେ ବିଶାଳ କ୍ଷେତ୍ରକୁ ଏକ କେନ୍ଦ୍ରୀକୃତ ପ୍ରଶାସନ ସହିତ ଏକା ସହିତ ଆଣିଥିଲେ। ଉତ୍ତର-ପଶ୍ଚିମରୁ (ଆଜିର ଆଫଗାନିସ୍ତାନ)ଆରମ୍ଭ କରି ପୂର୍ବର ବଙ୍ଗ ପର୍ଯ୍ୟନ୍ତ ଓ ଦକ୍ଷିଣରେ ଡେକ୍କାନର କିଛି ଭାଗ ପର୍ଯ୍ୟନ୍ତ ବ୍ୟାପି ରହିଥିବା ସାମ୍ରାଜ୍ୟ ଏକ ସଂଯୁକ୍ତ ଭାରତର ମୂଳଦୁଆ ପକାଇଥିଲା।

**ଚାଣକ୍ୟଙ୍କ ରଣନୀତି-**ଚନ୍ଦ୍ରଗୁପ୍ତଙ୍କ ସଫଳତା ପଛରେ ରହିଥିଲା ଚାଣକ୍ୟଙ୍କ ତୀକ୍ଷ୍ଣ ବୁଦ୍ଧି। ରାଜନୈତିକ, ଆର୍ଥିକ କୃତି, ଅର୍ଥଶାସ୍ତ୍ର, ଶାସନ, କୂଟନୀତି ଓ ରାଜକାର୍ଯ୍ୟରେ ତାଙ୍କର ଥିଲା ଗଭୀର ଜ୍ଞାନ। ସେ ଏକାଧିକ କେନ୍ଦ୍ରୀକୃତ ପ୍ରଶାସନ ପ୍ରସ୍ତୁତ କରିଥିଲେ। ବଡ଼ ବଡ଼ ଅଧିକାରୀ, ମନ୍ତ୍ରୀ ଓ ଗୁପ୍ତଚରଙ୍କ ସମର୍ଥନ ପ୍ରାପ୍ତ କରିଥିଲେ ଚାଣକ୍ୟ। ତାଙ୍କ ପାଇଁ ମୌର୍ଯ୍ୟ କାଳରେ କଳା ଓ ଅର୍ଥବ୍ୟବସ୍ଥା କ୍ଷେତ୍ରରେ ଖୁବ୍ ଅଧିକ ପ୍ରଗତି ଦେଖିବାକୁ ମିଳିଥିଲା। ସାଞ୍ଚି ସ୍ତୁପ ଓ ଅନେକଗୁଡ଼ିଏ ଗୁମ୍ଫାସ୍ମାରକ ମୌର୍ଯ୍ୟକାଳୀନ ଶିଳ୍ପ କୌଶଳର ପରିଶ୍ରମ ଓ କଳାକୁ ଦର୍ଶାଇଥାଏ। ସେ ସମୟରେ ଉତ୍ତରାପଥ ପରି ପ୍ରମୁଖ ରାସ୍ତାଗୁଡ଼ିକ ଜରିଆରେ ବାଣିଜ୍ୟ ବ୍ୟାପାର ଖୁବ୍ ବୃଦ୍ଧି ପାଇଥିଲା, ପଦ-ଚିହ୍ନିତ ରୁପା ମୁଦ୍ରାର ବ୍ୟବହାର ଅର୍ଥବ୍ୟବସ୍ଥାକୁ ଆହୁରି ଉତ୍କୃଷ୍ଟ କରିପାରିଥିଲା।

# ମସ୍ତିଷ୍କକୁ ଦିଅନ୍ତୁ ନୂଆ ଜୀବନ



ଆଜିର ଦ୍ରୁତ ଜୀବନଶୈଳୀ ମଧ୍ୟରେ ଆମ ମସ୍ତିଷ୍କ ସବୁବେଳେ ଫୋନ୍, ଟିଭି, କମ୍ପ୍ୟୁଟର ଓ ଆଖପାଖର ଶବ୍ଦ ଦ୍ୱାରା ଭରିହୋଇ ରହୁଛି। କିନ୍ତୁ ବୈଜ୍ଞାନିକମାନେ ଏକ ସରଳ ଓ ଅନୋଖା ଉପାୟର ଅନ୍ୱେଷଣ କରିଛନ୍ତି ଯାହା ଆମ ମସ୍ତିଷ୍କକୁ ଦେଇପାରିବ ନୂଆ ଜୀବନ। ଏଥିପାଇଁ ବନ୍ଦ କରିବାକୁ ପଡ଼ିବ ଡିଭାଇସ୍। ପୂରା ଦୁଇ ଘଣ୍ଟା ଡିଭାଇସ୍ ବନ୍ଦ କରନ୍ତୁ ଓ ସମ୍ପୂର୍ଣ୍ଣ ଭାବରେ ଶାନ୍ତିରେ ବସନ୍ତୁ। ନ୍ୟୁରୋସାଇଣ୍ଟିଷ୍ଟମାନେ କହୁଛନ୍ତି ଯେ ସମ୍ପୂର୍ଣ୍ଣ ଭାବରେ ଶାନ୍ତି ମସ୍ତିଷ୍କର କୋଷିକାଗୁଡ଼ିକୁ ରିଜେନେରେଟ୍ କରିଥାଏ। ଏହି ପ୍ରକ୍ରିୟା ମସ୍ତିଷ୍କକୁ ଏତେ ମଜଭୁତ କରିଥାଏ ଯେ ସ୍ମରଣ ଶକ୍ତି ଖୁବ୍ ଭଲ ହୁଏ। ଦୈନନ୍ଦିନର ଭାବନାଗୁଡ଼ିକ ସନ୍ତୁଳିତ ହୋଇ ରହନ୍ତି। ଆଜିର ଆଧୁନିକ ସମୟରେ ଆମ ଜୀବନରେ ସବୁବେଳେ ଡିଜିଟାଲ୍ ଅଧ୍ୟାୟ ଓ ଶବ୍ଦ ପ୍ରଦୂଷଣ ରହୁଛି। ଏଥିପାଇଁ ନର୍ଭସ୍ ସିଷ୍ଟମ୍ କ୍ଲାନ୍ତ ହୋଇଯାଉଛି କାରଣ ମସ୍ତିଷ୍କ ଲଗାତର ବାର୍ତ୍ତାଗୁଡ଼ିକୁ ପ୍ରୋସେସ୍ କରୁଥାଏ। ତେଣୁ ଡିଭାଇସ୍ ବନ୍ଦ କଲେ ଆମକୁ ଶାନ୍ତି ମିଳେ। ଶାନ୍ତି କାରଣରୁ ଶରୀରର ଉର୍ଜା ମସ୍ତିଷ୍କ ଭିତରେ ହିପୋକ୍ୟାମ୍ପସ୍ ନାମକ ଭାଗ ଆଡ଼କୁ ଚାଲିଯାଏ। ଏହା ହେଉଛି ସେହି ସ୍ଥାନ ଯେଉଁଠାରେ ନୂଆ ବ୍ରେନ୍ ସେଲ୍‌ର ଗଠନ ହୁଏ। ଶାନ୍ତିରେ ରହିଲେ ନୂଆ କୋଷିକାଗୁଡ଼ିକୁ ପୋଷଣ ମିଳେ ଯେପରି ସେଗୁଡ଼ିକ ଜୀବିତ ରହିବେ ଓ ପୁରୁଣା ନର୍ଭ ନେଟ୍‌ୱର୍କ ସହିତ ଯୋଡ଼ି ହୋଇଯିବେ। ନିକଟରେ ହୋଇଥିବା ଅନ୍ୟ ଏକ ଅଧ୍ୟୟନ କହୁଛି ଯେ ଶବ୍ଦ ପ୍ରଦୂଷଣ ଦ୍ୱାରା ଏହି ନୂଆ ସେଲ୍ସ ମରିଯାଆନ୍ତି କିନ୍ତୁ ଶାନ୍ତିରେ ବସିଲେ ଏଗୁଡ଼ିକ ସୁରକ୍ଷିତ ରୁହନ୍ତି। ଏଗୁଡ଼ିକ ମସ୍ତିଷ୍କର ଅଂଶବିଶେଷ ହୋଇଯାଆନ୍ତି ଯେଉଁ ପ୍ରକ୍ରିୟାକୁ କୁହାଯାଏ ନ୍ୟୁରୋଜେନେସିସ୍। ଦୀର୍ଘ ଦିନ ପର୍ଯ୍ୟନ୍ତ ସ୍ମରଣ ଶକ୍ତିକୁ ଏହା ମଜଭୁତ କରି ରଖେ ଓ ପ୍ରତିଦିନର ଭାବନାଗୁଡ଼ିକୁ ଏହା ନିୟନ୍ତ୍ରିତ ରଖିଥାଏ। ସଙ୍ଗୀତ ଆଦି ଶୁଣିଲେ ବା ଶବ୍ଦ ଯୋଗୁ ମସ୍ତିଷ୍କରେ ଅସ୍ଥାୟୀ ଉତ୍ତେଜନା ସୃଷ୍ଟି ହୁଏ କିନ୍ତୁ ଅସଲ ଲାଭ ମିଳେ ଶାନ୍ତିରୁ ଯାହା ନୂଆ ବ୍ରେନ୍ ସେଲ୍ସକୁ ଜୀବିତ ରଖେ।

# 'ସ୍ୱାହା': ସମର୍ପଣ ଭାବନାର ପ୍ରତୀକ

ଭାରତୀୟ ପରମ୍ପରାରେ ହୋମ ଓ ଯଜ୍ଞର ରହିଛି ବିଶେଷ ମହତ୍ତ୍ୱ। ପୂଜାପାଠ କରିବା ସମୟରେ ଯେତେବେଳେ ଅଗ୍ନିଙ୍କୁ ଆହୁତି ଦିଆଯାଏ ସେ ସମୟରେ 'ସ୍ୱାହା' ଶବ୍ଦର ଉଚ୍ଚାରଣ କରାଯାଏ। କିନ୍ତୁ ଏହି ଶବ୍ଦର ଅସଲ ଅର୍ଥ କ'ଣ ଓ କାହିଁକି ଏହି ଶବ୍ଦର ଉଚ୍ଚାରଣ କରାଯାଏ ତାହା ଜାଣିଛନ୍ତି କି? ନିକଟରେ ସୋସିଆଲ୍ ମିଡିଆରେ ଜଣେ ମହିଳା 'ସ୍ୱାହା' ଶବ୍ଦର ସହଜ, ସରଳ ଓ ଗଭୀର ଅର୍ଥ ବର୍ଣ୍ଣନା କରିଥିବାର ଦେଖିବାକୁ ମିଳିଥିଲେ। ତାଙ୍କ କହିବା ଅନୁସାରେ ସ୍ୱାହା ହେଉଛନ୍ତି ଅଗ୍ନିଦେବଙ୍କ ପତ୍ନୀ ଓ ଆହୁତିର ଦେବୀଙ୍କ ନାମ। ଦେବୀ ସ୍ୱାହା ସମର୍ପିତ ହୋଇଥିବା ସାମଗ୍ରୀ ଓ ଭୋଜନ ନେଇ ସେହି ଭଗବାନଙ୍କ ନିକଟକୁ ଯାଇଥାନ୍ତି ଯେଉଁମାନଙ୍କର ପୂଜା କରାଯାଉଥାଏ। ସେଥିପାଇଁ ହୋମ କରିବା ସମୟରେ ବାରମ୍ବାର 'ସ୍ୱାହା' ଶବ୍ଦର ଉଚ୍ଚାରଣ କରାଯାଏ। 'ସ୍ୱାହା' କେବଳ ଏକ ଶବ୍ଦ ନୁହେଁ, ସମର୍ପଣ ଭାବନାର ପ୍ରତୀକ। ଯେତେବେଳେ ଯଜ୍ଞର ବସ୍ତୁ ଯଥା-ଘିଅ, କାଠ, ହୋମ ସାମଗ୍ରୀ ଅଗ୍ନିଙ୍କୁ ସମର୍ପିତ କରାଯାଏ ବ୍ରାହ୍ମଣ ସେ ସମୟରେ ସ୍ୱାହା ଶବ୍ଦର ଉଚ୍ଚାରଣ କରନ୍ତି। ଏହି ଆହୁତିକୁ ପୂରା ଶ୍ରଦ୍ଧା ଓ ନିଷ୍ଠାର ସହିତ ଈଶ୍ୱରଙ୍କୁ ସମର୍ପଣ କରାଯାଏ। ଏହା ଏକ ପ୍ରକାରର ନିଜର ଅହଂକାର, ଇଚ୍ଛା ଓ ନକାରାତ୍ମକତାକୁ ଅଗ୍ନିରେ ଅର୍ପଣ କରିବାର ସଂକେତ ଦେଇଥାଏ। ତେଣୁ 'ସ୍ୱାହା' କହିବା ସମୟରେ ମନରେ ଶ୍ରଦ୍ଧା ଭାବ ଓ ସକାରାତ୍ମକ ଚିନ୍ତାଧାରା ରହିବା ବହୁତ ଜରୁରୀ। କେବଳ ଶବ୍ଦ ନକହି ଏହା ପଛରେ ଥିବା ଭାବନା ଦ୍ୱାରା ହିଁ ପୂଜାର ବାସ୍ତବିକ ଫଳ ମିଳିଥାଏ। ମନରେ ଯଦି ଶ୍ରଦ୍ଧାଭାବ ଥିବ ତେବେ ହୋମର ଆଧ୍ୟାତ୍ମିକ ପ୍ରଭାବ ଆହୁରି ଗଭୀର ହୋଇଯାଏ।



# ମନୋଜଙ୍କ ଆଗାମୀ କମେଡି ଫିଲ୍ମ



ତିନି ଦଶକରୁ ଅଧିକ ସମୟ ହେଲାଣି ଅଭିନୟ ଦୁନିଆରେ ସକ୍ରିୟ ହୋଇ ରହିଛନ୍ତି ଅଭିନେତା ମନୋଜ ବାଜପେୟୀ। ୧୯୯୩ରେ ଟିଭି ଶୋ' 'ଶିକସ୍ତ' ଜରିଆରେ ନିଜର ଅଭିନୟ କ୍ୟାରିୟର୍ ଆରମ୍ଭ କରି ଲଗାତର ସେ ଦର୍ଶକମାନଙ୍କର ମନୋରଞ୍ଜନ କରୁଛନ୍ତି। ଟିଭି ହେଉ ଅବା ରୁପେଲି ପରଦା କିମ୍ବା ଓଟିଟି ପ୍ରତି ସ୍ଥାନରେ ରହିଛି ତାଙ୍କର ଅଭିନୟର ପ୍ରଭାବ। ଏହି କାରଣରୁ ମନୋଜଙ୍କ ପ୍ରଶଂସକଙ୍କର ରହିଛି ଏକ ବିଶାଳ ସଂଖ୍ୟା ଯେଉଁମାନେ ଅପେକ୍ଷା କରି ରହିଛନ୍ତି ତାଙ୍କର ଆଗାମୀ ପ୍ରୋଜେକ୍ଟ ପାଇଁ। ତେବେ ଦର୍ଶକମାନେ ଶେଷ ଥର ପାଇଁ ମନୋଜଙ୍କୁ ଦେଖିଥିଲେ ପ୍ରାଇମ୍ ଭିଡିଓର ଶୋ' 'ଦ ଫ୍ୟାମିଲି ମ୍ୟାନ୍-୩'ରେ। ଏବେ ତାଙ୍କ ହାତରେ ରହିଛି କିଛି ବଡ଼ ବଡ଼ ପ୍ରୋଜେକ୍ଟ। ଏହି ସୂଚୀରେ ରହିଛି ନିର୍ଦ୍ଦେଶକ ପ୍ରିୟଦର୍ଶନଙ୍କ ଏକ ବଡ଼ କମେଡି ଫିଲ୍ମର ସିକ୍ୱେଲ୍। ୨୩ ଏପ୍ରିଲ୍, ୧୯୬୯ରେ ବିହାରର ପଶ୍ଚିମ ଚମ୍ପାରଣ ଜିଲ୍ଲାର ବେଲୱା ଗ୍ରାମରେ ତାଙ୍କର ଜନ୍ମ। ଏକ ଛୋଟ ଗ୍ରାମରୁ ବାହାରି ସେ ବଲିଉଡ୍ ଦୁନିଆରେ ଏକ ନୂଆ ପରିଚୟ ହାସଲ କରିବାରେ ସଫଳ ହୋଇଛନ୍ତି। ତେବେ ଆସନ୍ତୁ ତାଙ୍କର ଆଗାମୀ ଫିଲ୍ମଗୁଡ଼ିକ ଉପରେ ନଜର ପକାଇବା। ଏ ବର୍ଷ ନେଟ୍‌ଫ୍ଲିକ୍ସରେ 'ଘୁସ୍‌ଖୋର୍ ପଣ୍ଡିତ' ରିଲିଜ ହେବ ଯେଉଁଥିରେ ଜଣେ ପୁଲିସ୍ ଅଫିସର୍ ଭୂମିକାରେ ନଜର ଆସିବେ ମନୋଜ। ତେବେ ଏହାର ଶୀର୍ଷକକୁ ନେଇ ବିବାଦ ହେବା ପରେ ନୂଆ ଶୀର୍ଷକ ଓ ରିଲିଜ ତାରିଖ ନିର୍ମାତାମାନେ ଘୋଷଣା କରିନାହାନ୍ତି। ଏହାର ନିର୍ଦ୍ଦେଶନା ଭାର ରହିଛି ନୀରଜ ପାଣ୍ଡେଙ୍କ ଉପରେ। ରାମ ଗୋପାଲ୍ ବର୍ମାଙ୍କ ନିର୍ଦ୍ଦେଶନାରେ 'ପୁଲିସ୍ ଷ୍ଟେସନ୍ ଭୂତ'ରେ କାମ କରୁଛନ୍ତି ମନୋଜ। ଏହା ଏକ ହରର୍-କମେଡି ଯେଉଁଥିରେ ତାଙ୍କ ସହିତ ଅଛନ୍ତି ଜେନେଲିଆ ଦେଶମୁଖ। ଫିଲ୍ମ 'ଭାଗମ୍ ଭାଗ୍'ର ସିକ୍ୱେଲର ନିର୍ମାଣ ହେଉଛି ଯେଉଁଥିରେ ଅକ୍ଷୟ କୁମାର ଓ ପରେଶ ରାୱଲ ତାଙ୍କ ସହିତ ନଜର ଆସିବେ। ଏହି ଫିଲ୍ମର ନିର୍ଦ୍ଦେଶକ ହେଉଛନ୍ତି ରାଜ୍ ସାଣ୍ଡିଲ୍ୟ ଓ ଏଥର ଗୋବିନ୍ଦା ଏହି ଫିଲ୍ମରେ ନଜର ଆସିବେ ନାହିଁ।

ଆଜିର ମ୍ୟାଚ୍

ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବନାମ ଗୁଜରାଟ ଟାଇଟନ୍ସ

ସମୟ: ସନ୍ଧ୍ୟା ୭.୩୦, ସ୍ଥାନ: ବେଙ୍ଗାଲୁରୁ

ନିତିଦିନ NITIDIN

## ମିଚେଲ୍ ଷ୍ଟାର୍କଙ୍କୁ ମିଳିଲା ଆଇପିଏଲ୍ ମଞ୍ଜୁରୀ



**ନୂଆଦିଲ୍ଲୀ,୨୩।୪/ଏଜେନ୍ସି:** ଅଷ୍ଟ୍ରେଲୀୟ ଫାଷ୍ଟ ବୋଲର୍ ମିଚେଲ୍ ଷ୍ଟାର୍କଙ୍କୁ ଆଇପିଏଲ୍ ଖେଳିବା ପାଇଁ କ୍ରିକେଟ୍ ଅଷ୍ଟ୍ରେଲିଆ ମଞ୍ଜୁରୀ ପ୍ରଦାନ କରିଛି। ଷ୍ଟାର୍କ ଶୁକ୍ରବାର ସକାଳେ ଆସ ଦିଲ୍ଲୀ କ୍ୟାପିଟାଲ୍ସରେ ଯୋଗଦେବେ। ମେ' ୧ ତାରିଖରେ ହେବାକୁ ଥିବା ରାଜସ୍ଥାନ ବିପକ୍ଷ ମ୍ୟାଚ୍‌ରେ ସେ ଖେଳିବା ଆଶା କରାଯାଉଛି। ୩୬ ବର୍ଷୀୟ ଷ୍ଟାର୍କ ଆଘାତ କାରଣରୁ ଟୁର୍ଣ୍ଣାମେଣ୍ଟର ପ୍ରାରମ୍ଭିକ ମ୍ୟାଚ୍ ଖେଳିପାରି ନଥିଲେ। ଆଶେସ୍ ସିରିଜ୍ ପରେ ତାଙ୍କ କାନ୍ଧ ଓ କହୁଣୀରେ ଯନ୍ତ୍ରଣା ଅନୁଭବ କରୁଥିଲେ। ଷ୍ଟାର୍କଙ୍କ ସାମିଲ ପରେ ଦିଲ୍ଲୀ କ୍ୟାପିଟାଲ୍ସ ବୋଲିଂ ଲାଇନ୍-ଅପ୍ ଆହୁରି ଶକ୍ତିଶାଳୀ ହେବ। ଦିଲ୍ଲୀ ନିଜର ଗତ ୪ଟି ମ୍ୟାଚ୍‌ରୁ ୩ଟି ହାରିସାରିଛି। ଟିମ୍ ଏବେ ୬ ମ୍ୟାଚ୍‌ରୁ ୬ ପଏଣ୍ଟ ନେଇ ପଏଣ୍ଟ ଟେବଲ୍‌ର ପଞ୍ଚମ ସ୍ଥାନରେ ରହିଛି।

## ସିଏସ୍‌କେରେ ଆକାଶ ମେଘୱାଲ୍



**ଚେନ୍ନାଇ,୨୩।୪/ଏଜେନ୍ସି:** ଚେନ୍ନାଇ ସୁପର୍ କିଙ୍ଗ୍‌ସ (ସିଏସ୍‌କେ) ଆହତ ଆୟୁଷ ମହାତ୍ରେଙ୍କ ସ୍ଥାନରେ ପେସର୍ ଆକାଶ ମେଘୱାଲ୍‌ଙ୍କୁ ଟିମ୍‌ରେ ସାମିଲ କରିଛି। ଉତ୍ତରାଖଣ୍ଡର ୩୨ ବର୍ଷୀୟ ଫାଷ୍ଟ ବୋଲର୍‌ଙ୍କୁ ଚେନ୍ନାଇ ୩୦ ଲକ୍ଷ ଟଙ୍କାରେ ସ୍ୱାକ୍ଷର କରିଛି। ତାଙ୍କୁ ଆୟୁଷ ମହାତ୍ରେଙ୍କ ବଦଳ ଖେଳାଳି ଭାବେ ଚୟନ କରାଯାଇଛି। ଆୟୁଷ ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷ ମ୍ୟାଚ୍‌ରେ ହାମ୍‌ଷ୍ଟ୍ରିଙ୍ଗ୍ ଇନ୍‌ଜୁରୀ ପରେ ପୂରା ସିଜନ୍‌ରୁ ବାଦ୍ ପଡ଼ିଥିଲେ। ଆକାଶ ମେଘୱାଲ୍ ଆଇପିଏଲ୍‌ରେ ବର୍ତ୍ତମାନ ସୁଦ୍ଧା ଖେଳିଥିବା ୧୭ ମ୍ୟାଚ୍‌ରେ ୨୩ ୱିକେଟ୍ ନେଇଛନ୍ତି। ସେ ୨୦୨୩-୨୪ରେ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ୨୦୨୫ରେ ରାଜସ୍ଥାନ ରୟାଲ୍ସ ପକ୍ଷରୁ ଖେଳିଥିଲେ। ୨୦୨୩ ଆଇପିଏଲ୍‌ର ଏଲିମିନେଟର୍‌ରେ ସେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସ ବିପକ୍ଷରେ ୫ ରନ୍ ଦେଇ ୫ ୱିକେଟ୍ ହାସଲ କରିଥିଲେ।

## ନାନ୍ଦ୍ରେ ବର୍ଗର୍‌ଙ୍କୁ ଜୋରିମାନା



**ଲକ୍ଷ୍ନୌ,୨୩।୪/ଏଜେନ୍ସି:** ଚଳିତ ଆଇପିଏଲ୍‌ର ୩୨ତମ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ଫାଷ୍ଟ ବୋଲର୍ ନାନ୍ଦ୍ରେ ବର୍ଗର୍ ଆଇପିଏଲ୍ ଆଚାର ସଂହିତା ଉଲ୍ଲଂଘନରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଇକାନା ଷ୍ଟାଡିୟମ୍‌ରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସ ବିପକ୍ଷ ମ୍ୟାଚ୍‌ରେ ତାଙ୍କ ବ୍ୟବହାର ପାଇଁ ମ୍ୟାଚ୍ ରେଫରି ତାଙ୍କୁ ମ୍ୟାଚ୍ ଫି'ର ୧୦% ଜୋରିମାନା କରିବା ସହିତ ତାଙ୍କ ରେକର୍ଡରେ ଗୋଟିଏ ଡିମେରିଟ୍ ପଏଣ୍ଟ ଯୋଡ଼ାଯାଇଛି। ଅବଶ୍ୟ କେଉଁ ଖେଳାଳିଙ୍କ ବିରୋଧରେ ଦୁର୍ବ୍ୟବହାର କରାଯାଇଛି, ବିସିସିଆଇ ତାହା ଉଲ୍ଲେଖ କରିନାହିଁ। କୁହାଯାଉଛି ମିଚେଲ୍ ମାର୍ଶଙ୍କୁ ଆଉଟ୍ କରିବା ପରେ ସେ କିଛି କହିଛନ୍ତି କିମ୍ବା ଇଙ୍ଗିତ କରିଥିଲେ, ଯାହା ଫିଲ୍ଡ ଅମ୍ପାୟାର୍ ଅପରାଧ ଭାବେ ନେଇଛନ୍ତି। ସାଉଥ୍ ଆଫ୍ରିକା ବୋଲର୍ ବର୍ଗର୍ ଆଇପିଏଲ୍ ଆଚାର ସଂହିତାର ଲେଭଲ୍-୧ ଅପରାଧରେ ଦୋଷୀ ହୋଇଛନ୍ତି। ତାଙ୍କ ବିରୋଧରେ ଆର୍ଟିକଲ୍ ୨.୫ ଅଧୀନରେ କାର୍ଯ୍ୟାନୁଷ୍ଠାନ ହୋଇଛି।

### ମୁମ୍ବାଇ ଇଣ୍ଡିଆନ୍ସର ସବୁଠୁ ବଡ଼ ପରାଜୟ

# ୧୦୩ ରନ୍‌ରେ ଜିତିଲା ଚେନ୍ନାଇ

**ମୁମ୍ବାଇ,୨୩।୪/ଏଜେନ୍ସି:** ପାଞ୍ଚ ଥରର ଚାମ୍ପିଅନ୍ ମୁମ୍ବାଇ ଇଣ୍ଡିଆନ୍ସର ଚଳିତ ଆଇପିଏଲ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରହିଛି। ଗୁରୁବାର ଟିମ୍ ଆଇପିଏଲ୍‌ର ସବୁଠୁ ବଡ଼ ପରାଜୟର ସମ୍ମୁଖୀନ ହୋଇଛି। ଚେନ୍ନାଇ ସୁପର୍ କିଙ୍ଗ୍‌ସ ଗୁରୁବାର ୧୦୩ ରନ୍‌ରେ ହରାଇଛି। ଏହା ମଧ୍ୟ ଚେନ୍ନାଇର ସବୁଠୁ ବଡ଼ ବିଜୟ। ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଟସ୍ ଜିତି ମୁମ୍ବାଇ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଚେନ୍ନାଇ ସଞ୍ଜୁ ସାମ୍‌ସନ୍‌ଙ୍କ ଅପରାଜିତ ଶତକ ବଳରେ ୬ ୱିକେଟ୍‌ରେ ୨୦୭ ରନ୍ କରିଥିଲା। ଜବାବରେ ମୁମ୍ବାଇ ୧୯ ଓଭର୍‌ରେ ସମସ୍ତ ୱିକେଟ୍ ହରାଇ ମାତ୍ର ୧୦୪ ରନ୍ କରିବାକୁ ସମର୍ଥ ହୋଇଥିଲା।

୨୦୮ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ମୁମ୍ବାଇ ତୃତୀୟ ଓଭର୍ ବେଳକୁ ୧୧ ରନ୍‌ରେ ୩ ୱିକେଟ୍ ହରାଇଥିଲା। ଦାନିସ୍ ମାଲେୱାର୍ ଓ ନମନ ଧୀର ଖାତା ଖୋଲିପାରି ନଥିବା ବେଳେ କ୍ୱିଣ୍ଟନ୍ ଡି କକ୍ ୭ ରନ୍ କରିଥିଲେ। ଏହାପରେ ସୂର୍ଯ୍ୟକୁମାର ଯାଦବ ଓ ତିଳକ ବର୍ମା ଇନିଂସ୍ ସମ୍ଭାଳି ୭୩ ରନ୍‌ର ପାର୍ଟନରଶିପ୍ କରିଥିଲେ। ତିଳକ ବର୍ମାଙ୍କୁ ଆଉଟ୍ କରି ଅକିଲ୍ ହୁସେନ୍ ଏହି ପାର୍ଟନରଶିପ୍‌ରେ ବ୍ରେକ୍ ଲଗାଇଥିଲେ। ତିଳକ ୨୯ ବଲ୍‌ରେ ସର୍ବାଧିକ ୩୭ ରନ୍ କରିଥିଲେ। ଏହାପରେ ନୁର ଅହମଦ କ୍ୟାପ୍‌ଟେନ୍ ହାର୍ଦ୍ଦିକ ପାଣ୍ଡ୍ୟା (୧) ଏବଂ ଶେରଫେନ୍ ରଦରଫୋର୍ଡ (୦)ଙ୍କୁ ଲଗାତାର ବଲ୍‌ରେ ଆଉଟ୍ କରି ମ୍ୟାଚ୍ ଚେନ୍ନାଇର କବ୍‌ଜାକୁ ନେଇଆସିଥିଲେ। ସୂର୍ଯ୍ୟକୁମାର ଯାଦବ ୩୦ ବଲ୍‌ରେ ୩୬ ରନ୍ କରିଥିବା ବେଳେ ଅକିଲ୍ ହୁସେନ୍ ତାଙ୍କୁ ପ୍ୟାଭିଲିୟନ୍ ଫେରାଇଥିଲେ। ଆଉ ମାତ୍ର ୧୭ ରନ୍ ମଧ୍ୟରେ ତିନିଟି ୱିକେଟ୍‌ର ପତନ ଘଟିବା ସହିତ ମୁମ୍ବାଇ ୧୦୪ ରନ୍‌ରେ ସୀମିତ ହୋଇଯାଇଥିଲା। ଚେନ୍ନାଇ ପକ୍ଷରୁ ଅକିଲ୍ ହୁସେନ୍ ସର୍ବାଧିକ ୪ଟି ୱିକେଟ୍ ନେଇଥିବା ବେଳେ ନୁର୍ ଅହମଦ୍‌ଙ୍କୁ ଦୁଇଟି ସଫଳତା ମିଳିଥିଲା।



ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଚେନ୍ନାଇ ସୁପର୍ କିଙ୍ଗ୍‌ସ ୬ ୱିକେଟ୍ ହରାଇ ୨୦୭ ରନ୍ କରିଥିଲା। କ୍ୟାପ୍‌ଟେନ୍ ଋତୁରାଜ ଗାଏକ୍‌ୱାଡ୍ ୨୨ ରନ୍ କରି ପ୍ରଥମେ ଆଲ୍ଲାହ ଗଜନଫର୍‌ଙ୍କ ଶିକାର ହୋଇଥିଲେ। ତେବେ ଓପ୍ନର୍ ସଞ୍ଜୁ ସାମ୍‌ସନ୍ ଇନିଂସ୍ ସମ୍ଭାଳି ସାଥୀ ଖେଳାଳିଙ୍କ ସହ ଛୋଟ ଛୋଟ ପାର୍ଟନରଶିପ୍ କରି ଟିମ୍‌ର ସ୍କୋର୍ ୨୦୭ ରନ୍‌ରେ ପହଞ୍ଚାଇଥିଲେ। ସଞ୍ଜୁ ୫୪ ବଲ୍‌ରେ ୧୦ ଚୌକା ଏବଂ ୬ ଛକା ସହାୟତାରେ ଅପରାଜିତ ୧୦୧ ରନ୍‌ର ଇନିଂସ୍ ଖେଳିଥିଲେ। ଏହା ଚଳିତ ଆଇପିଏଲ୍‌ରେ ତାଙ୍କର ଦ୍ୱିତୀୟ ଏବଂ ଓଭର୍‌ଅଲ୍ ପଞ୍ଚମ ଶତକ। ଅନ୍ୟମାନଙ୍କ ମଧ୍ୟରେ ଡେୱାଲ୍ଡ ବ୍ରେଭିସ୍ ୨୧, କାର୍ତ୍ତିକ ଶର୍ମା ୧୮, ଜେମି ଓଭରଟନ୍ ୧୫ ଏବଂ ସର୍ଫରାଜ୍ ଖାନ୍ ୧୪ ରନ୍ ଯୋଗଦାନ ଦେଇଥିଲେ। ମୁମ୍ବାଇ ପକ୍ଷରୁ ଆଲ୍ଲାହ ଗଜନଫର୍ ଓ ଅଶ୍ୱିନୀ କୁମାର ୨-୨ ୱିକେଟ୍ ନେଇଥିବା ବେଳେ ଜସ୍‌ପ୍ରୀତ୍ ବୁମ୍‌ରା ଓ ମିଚେଲ୍ ସାଣ୍ଟନର୍‌ଙ୍କୁ ୧-୧ ସଫଳତା ମିଳିଥିଲା।

**ସଞ୍ଜୁ ସାମ୍‌ସନ୍‌ଙ୍କ ଶତକ, ଅକିଲ୍ ହୁସେନ୍‌ଙ୍କୁ ୪ ୱିକେଟ୍**

## ଆଇରିଶ୍ ଓପନ୍ କ୍ୱାର୍ଟର୍‌ରେ ସୁବ୍ରତ



**ଭୁବନେଶ୍ୱର,୨୩।୪/ଏନ୍‌ଏନ୍‌ଏସ୍:** ଓଡ଼ିଶାର ଷ୍ଟାର୍ କ୍ୟୁ ସ୍ପୋର୍ଟ୍ସ ଖେଳାଳି ସୁବ୍ରତ ଦାସ ଆୟର୍ଲାଣ୍ଡର କାର୍ଲୋରେ ଚାଲିଥିବା ଚଳିତ ଆଇରିସ୍ ଓପନ୍ ଚ୍ୟାଲେଞ୍ଜ ସ୍ନୁକର ଟୁର୍ଣ୍ଣାମେଣ୍ଟର କ୍ୱାର୍ଟରଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ସେ ଫ୍ରାନ୍ସର ଅଖିଳେଶ ମୋହନଙ୍କୁ ୪-୧ ଫ୍ରେମ୍‌ରେ ହରାଇଛନ୍ତି। କ୍ୱାର୍ଟରଫାଇନାଲ୍‌ରେ ସେ ୱେଲ୍ସର ପିଟର ଷ୍ଟାନ୍‌ୟେର୍‌ଙ୍କୁ ଭେଟିବେ। ତେବେ ଆଇବିଏସ୍‌ଏଫ୍ ବିଶ୍ୱ ମ୍ୟାଚ୍‌ପ୍ଲେ ବିଲିୟାର୍ଡସ୍ (୧୦୦ ଅପ୍ ଫର୍ମାଟ୍)ର ନିର୍ଣ୍ଣାୟକ ମ୍ୟାଚ୍‌ରେ ସେ ଇଂଲଣ୍ଡର ରିଆନ୍ ମିଅର୍ସଙ୍କ ଠାରୁ ୩-୨ ହାରି ନକ୍‌ଆଉଟ୍ ଖେଳିବାରୁ ବଞ୍ଚିତ ହୋଇଥିଲେ। ଏହି ମ୍ୟାଚ୍‌ରେ ସୁବ୍ରତ ୮୯ ଓ ୫୦ ବ୍ରେକ୍ସ କରିଥିଲେ।

## ପୋମୋନାରେ ଖେଳାଯିବ ୨୦୨୮ ଅଲିମ୍ପିକ୍‌ର କ୍ରିକେଟ୍ ମ୍ୟାଚ୍



**ନୂଆଦିଲ୍ଲୀ,୨୩।୪/ଏଜେନ୍ସି:** ୨୦୨୮ରେ ହେବାକୁ ଥିବା ଲସ୍ ଆଞ୍ଜେଲ୍ସ ଅଲିମ୍ପିକ୍ ପାଇଁ କ୍ରିକେଟ୍ ଷ୍ଟାଡିୟମ୍ ନିର୍ମାଣ କାର୍ଯ୍ୟ ଆଧିକାରିକ ଭାବେ ଆରମ୍ଭ ହୋଇଛି। କାଲିଫର୍ନିଆର ପୋମୋନାରେ ଏଥିପାଇଁ ବୁଧବାର ଭୂମି ପୂଜନ କରାଯାଇଛି। ଏହା ସହିତ ୧୨୮ ବର୍ଷ ପରେ ଅଲିମ୍ପିକ୍‌ରେ କ୍ରିକେଟ୍‌ର ପ୍ରତ୍ୟାବର୍ତ୍ତନ ଦିଗରେ ଏକ ବଡ଼ ପଦକ୍ଷେପ ନିଆଯାଇଛି। ସମସ୍ତ ମ୍ୟାଚ୍ ଲସ୍ ଆଞ୍ଜେଲ୍ସ ଠାରୁ ପ୍ରାୟ ୫୦ କିଲୋମିଟର ଦୂର ପୋମୋନାର ଫେୟାର୍‌ଗ୍ରାଉଣ୍ଡ୍‌ସ ପଡ଼ିଆରେ ଖେଳାଯିବ। ଅଲିମ୍ପିକ୍‌ରେ କ୍ରିକେଟ୍ ମ୍ୟାଚ୍ ଜୁଲାଇ ୧୨ରୁ ଜୁଲାଇ ୨୯ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ।

ବର୍ଷ ୧୯୦୦ରେ ପ୍ୟାରିସ୍ ଅଲିମ୍ପିକ୍‌ରେ ପ୍ରଥମ ଥର ପାଇଁ କ୍ରିକେଟ୍‌କୁ ସାମିଲ କରାଯାଇଥିଲା। ଏହାପରେ ଅଲିମ୍ପିକ୍ସରେ କ୍ରିକେଟ୍ ସାମିଲ ହୋଇନାହିଁ। ପ୍ୟାରିସ୍ ଅଲିମ୍ପିକ୍ସର କ୍ରିକେଟ୍ ଇଭେଣ୍ଟରେ କେବଳ ଦୁଇଟି ଟିମ୍ ଇଂଲଣ୍ଡ ଓ ଫ୍ରାନ୍ସ ଭାଗ ନେଇଥିଲେ। ଏଥିରେ ଇଂଲଣ୍ଡ ସ୍ୱର୍ଣ୍ଣ ଏବଂ ଫ୍ରାନ୍ସ ରୌପ୍ୟ ପଦକ ଜିତିଥିଲେ। ଲସ୍ ଆଞ୍ଜେଲ୍ସ ଅଲିମ୍ପିକ୍ସରେ କ୍ରିକେଟ୍ ଏକ ଆଧୁନିକ ଫର୍ମାଟ୍‌ରେ ପ୍ରତ୍ୟାବର୍ତ୍ତନ କରିବ। ଏଥିରେ ପୁରୁଷ ଏବଂ ମହିଳା କାଟାଗୋରୀ ପାଇଁ ଅଲଗା ଅଲଗା ଟି-୨୦ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯିବ। ପ୍ରତ୍ୟେକ ଟୁର୍ଣ୍ଣାମେଣ୍ଟରେ ୬ ଟିମ୍ ଭାଗନେବେ। ପ୍ରତ୍ୟେକ ଟିମ୍‌କୁ ୧୫ ଜଣିଆ ସ୍କ୍ୱାଡ୍‌ର ଅନୁମତି ମିଳିବ। ବିଜେତା ଟିମ୍‌ଙ୍କୁ ସ୍ୱର୍ଣ୍ଣ, ରୌପ୍ୟ ଏବଂ ବ୍ରୋଞ୍ଜ୍ ପଦକ ଦିଆଯିବ।

### ୩ୟ ମହିଳା ଟି-୨୦: ୯ ୱିକେଟ୍‌ରେ ହାରିଲା ଭାରତ

## ସାଉଥ୍ ଆଫ୍ରିକାର ୩-୦ରେ ସିରିଜ୍ କବ୍‌ଜା

**ଜୋହାନ୍ସବର୍ଗ,୨୩।୪/ଏଜେନ୍ସି:** ସାଉଥ୍ ଆଫ୍ରିକା ମହିଳା ଟିମ୍ ଭାରତ ବିପକ୍ଷ ପାଞ୍ଚ ମ୍ୟାଚ୍‌ର ଟି-୨୦ ସିରିଜ୍ କବ୍‌ଜା କରିଛି। ତୃତୀୟ ମ୍ୟାଚ୍‌ରେ ଭାରତକୁ ୯ ୱିକେଟ୍‌ରେ ହରାଇ ସାଉଥ୍ ଆଫ୍ରିକା ସିରିଜ୍‌ରେ ୩-୦ର ଅଜେୟ ଅଗ୍ରଣୀ ଲାଭ କରିଛି। ଟିମ୍ ଟି-୨୦ ଅନ୍ତର୍ଜାତୀୟରେ ନିଜର ସବୁଠୁ ବଡ଼ ଲକ୍ଷ୍ୟର (୧୯୩ ରନ୍) ପିଛା କରିଛି। କ୍ୟାପ୍‌ଟେନ୍ ଲୌରା ୱୋଲ୍‌ଭାର୍ଟ ୪୭ ବଲ୍‌ରେ କ୍ୟାରିୟର୍‌ର ଦ୍ରୁତତମ ଶତକ ହାସଲ କରିଥିଲେ। ସାଉଥ୍ ଆଫ୍ରିକା ବିଜୟରେ ଲୌରା ୱୋଲ୍‌ଭାର୍ଟ ଓ ସୁନେ ଲୁସ୍‌ଙ୍କ ୧୮୩ ରନ୍‌ର ପାର୍ଟନରଶିପ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ୱୋଲ୍‌ଭାର୍ଟ ୧୧୫ ରନ୍ କରିଥିବା ବେଳେ ସୁନେ ଲୁସ୍ ୪୨ ବଲ୍‌ରେ ୬୪ ରନ୍‌ର ଯୋଗଦାନ ଦେଇଥିଲେ। ଟିମ୍ ୧୯୩ ରନ୍‌ର ଲକ୍ଷ୍ୟକୁ ମାତ୍ର ୧ ୱିକେଟ୍ ହରାଇ ୧୬.୩ ଓଭର୍‌ରେ ହାସଲ କରିଥିଲା।



ଟସ୍ ହାରି ପ୍ରଥମେ ବ୍ୟାଟିଂ ପାଇଥିବା ଭାରତ ନିଜର ସବୁଠୁ ବଡ଼ ସ୍କୋର୍ ୧୯୨/୪ କରିଥିଲା। ଶେଫାଳୀ ବର୍ମା ଭଲ ଆରମ୍ଭ ଦେଇଥିବା ବେଳେ ସ୍ମୃତି ମନ୍ଧାନା (୩୭) ଓ ଜେମିମା ରୋଡ୍ରିଗ୍ସ (୦) ଶୀଘ୍ର ଆଉଟ୍ ହୋଇଥିଲେ।

ଏହାପରେ କ୍ୟାପ୍‌ଟେନ୍ ହରମନପ୍ରୀତ୍ କୌର ଇନିଂସ୍ ସମ୍ଭାଳିଥିଲେ। ହରମନ୍‌ପ୍ରୀତ୍ ସାଉଥ୍ ଆଫ୍ରିକା ବିପକ୍ଷରେ ନିଜର ପ୍ରଥମ ଟି-୨୦ ଅର୍ଦ୍ଧଶତକ କରିଥିଲେ। ସେ ୩୮ ବଲ୍‌ରେ ୬୬ ରନ୍‌ର ଅପରାଜିତ ଇନିଂସ୍ ଖେଳିଥିଲେ। ଅନ୍ତିମ ଓଭର୍‌ରେ ସେ ତୁମି ସେଖୁଖୁନେଙ୍କ ବଲ୍‌ରେ ଦୁଇଟି ଛକା ମାରିଥିଲେ। ସେ ରିଚା ଘୋଷ (୧୮*)ଙ୍କ ସହ ୨୬ ବଲ୍‌ରେ ୫୧ ରନ୍‌ର ପାର୍ଟନରଶିପ୍ କରିଥିଲେ, ଯାହା ଫଳରେ ଭାରତର ସ୍କୋର୍ ୧୯୦ ରନ୍ ପାର୍ କରିଥିଲା।

**ଅରୁନ୍ଧତି ରେଡ୍ଡୀ ଆହତ**

ମ୍ୟାଚ୍ ଅବସରରେ ଅରୁନ୍ଧତି ରେଡ୍ଡୀ ଆହତ ହୋଇ ପଡ଼ିଆରୁ ଚାଲିଯାଇଥିଲେ। ତାଙ୍କୁ ସାଇଡ୍ ଷ୍ଟ୍ରେନ୍ ହୋଇଛି। ଦଶମ ଓଭର୍‌ରେ ଦୁଇଟି ବଲ୍ ପକାଇବା ପରେ ତାଙ୍କୁ ମେଡିକାଲ୍ ସହାୟତା ନେବାକୁ ପଡ଼ିଥିଲା। ସେ ଓଭର୍ ପୂରା କରିଥିଲେ ମଧ୍ୟ ପରେ ଫିଲ୍ଡିଂ ପାଇଁ ଆସିନଥିଲେ। ତାଙ୍କ ସ୍ଥାନରେ ଉମା ଛେତ୍ରୀ ଏବଂ ପରେ ଅନୁଷ୍କା ଶର୍ମା ଫିଲ୍ଡିଂ କରିଥିଲେ। ଏହା ପୂର୍ବରୁ ଅମନଜୋତ୍ କୌର ବ୍ୟାକ୍ ଇନ୍‌ଜୁରୀ କାରଣରୁ ବାହାର ହୋଇଥିଲେ।

### ଦେଶ ବିଦେଶ

**ପୁଣି ସ୍ପଷ୍ଟୀକରଣ ଦେଲେ କେନ୍ଦ୍ର ସରକାର**

## ବଢ଼ିବନି ପେଟ୍ରୋଲ୍, ଡିଜେଲ୍ ଦାମ୍

**ନୂଆଦିଲ୍ଲୀ,୨୩।୪/ଏଜେନ୍ସି:** ବିଭିନ୍ନ ରାଜ୍ୟରେ ଆରମ୍ଭ ହୋଇଯାଇଥିବା ବିଧାନସଭା ନିର୍ବାଚନ ଶେଷ ହେବା ପରେ ପରେ ଦେଶରେ ପେଟ୍ରୋଲ୍ ଓ ଡିଜେଲ୍ ଦରରେ ବୃଦ୍ଧି ହେବ, ଏଭଳି କିଛି ସମ୍ବାଦକୁ ନେଇ ଦେଶବାସୀ ଆଶଙ୍କାରେ ଅଛନ୍ତି। ତେବେ ଏହି ଆଶଙ୍କାକୁ ଦୂର କରିବା ପାଇଁ ଭାରତ ସରକାର ବାରମ୍ବାର ବିଭିନ୍ନ ପ୍ରସଙ୍ଗକ୍ରମେ ସ୍ପଷ୍ଟୀକରଣ ଦେବା ଜାରି ରଖିଛନ୍ତି। ଏହାରି ମଧ୍ୟରେ ଗୁରୁବାର କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରାଳୟ ପୁଣିଥରେ ସ୍ପଷ୍ଟ କରିଛି ଯେ, ତେଲ ଦରବୃଦ୍ଧି ସଂକ୍ରାନ୍ତ କୌଣସି ଯୋଜନା ସରକାରଙ୍କ ପାଖରେ ନାହିଁ। ବିଭିନ୍ନ ରାଜ୍ୟରେ ଚାଲିଥିବା ବିଧାନସଭା ନିର୍ବାଚନ ପରେ ପେଟ୍ରୋଲ ଏବଂ ଡିଜେଲ ଦର ୨୫ ଟଙ୍କା ବଢ଼ିବା ନେଇ ଚାଲିଥିବା ଚର୍ଚ୍ଚାକୁ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ଭାବେ ଖଣ୍ଡନ କରିଛନ୍ତି। ଏହି ଖବରକୁ ସରକାର 'ଫେକ୍ ନ୍ୟୁଜ୍' ବୋଲି କହିଛନ୍ତି।



କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ସୋସିଆଲ ମିଡିଆ ପ୍ଲାଟଫର୍ମ (ଏକ୍ସ)ରେ ଏକ ପୋଷ୍ଟ କରି କହିଛି ଯେ, ଖୁଚୁରା ଜାଳେଣି ଦର ବୃଦ୍ଧି କରିବା ପାଇଁ ସରକାରଙ୍କ ପାଖରେ କୌଣସି ପ୍ରସ୍ତାବ ନାହିଁ। ଏଭଳି ଗୁଜବ ସମ୍ପୂର୍ଣ୍ଣ ଭାବେ ଭ୍ରମାତ୍ମକ ଏବଂ ନାଗରିକଙ୍କ ମଧ୍ୟରେ ଭୟ ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ। ପ୍ରକାଶ, କୋଟାକ୍ ଇନଷ୍ଟିଚ୍ୟୁସନାଲ୍ ଇକ୍ୱିଟିଜ୍ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ପଶ୍ଚିମବଙ୍ଗ, ତାମିଲନାଡୁ, ଆସାମ ଏବଂ କେରଳ ନିର୍ବାଚନ ଶେଷ ହେବା ପରେ ପେଟ୍ରୋଲ ଓ ଡିଜେଲ ଦର ୨୫ ରୁ ୨୮ ଟଙ୍କା ବୃଦ୍ଧି ପାଇପାରେ ବୋଲି ଆକଳନ କରାଯାଇଥିଲା। ତେବେ ଏହି ଦାବିକୁ ମନ୍ତ୍ରାଳୟ ଖଣ୍ଡନ କରିଛି। ନାଗରିକମାନଙ୍କ ମନରେ ଭୟ ସୃଷ୍ଟି କରିବା ଲକ୍ଷ୍ୟ ରଖି ଏଭଳି ଖବର ପ୍ରକାଶ କରାଯାଉଛି ଯାହାକି ସମ୍ପୂର୍ଣ୍ଣ ରୂପେ ବିଭ୍ରାନ୍ତିକର ବୋଲି ମନ୍ତ୍ରାଳୟ ଜଣାଇଛି।

ମନ୍ତ୍ରାଳୟ ଏହା ମଧ୍ୟ ସ୍ପଷ୍ଟ କରିଛି ଯେ ଭାରତ ହେଉଛି ବିଶ୍ୱର ଏକମାତ୍ର ଦେଶ ଯେଉଁଠାରେ ଗତ ଚାରି ବର୍ଷ ମଧ୍ୟରେ ତେଲ ଦରରେ କୌଣସି ବୃଦ୍ଧି ଘଟିନାହିଁ। ଚଳିତ ବର୍ଷ ଫେବୃଆରି ୨୮ରେ ଇରାନ ଉପରେ ଆମେରିକା ଓ ଇସ୍ରାଏଲ ମିଳିତ ଆକ୍ରମଣ କରିବା ପରଠାରୁ ଅନ୍ତର୍ଜାତୀୟ ବଜାରରେ ତେଲ ଯୋଗାଣ ପ୍ରଭାବିତ ହୋଇଛି। ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥ ହର୍ମୁଜ ପ୍ରଣାଳୀ ଦେଇ ଜାହାଜ ଚଳାଚଳ ସ୍ୱାଭାବିକ ହୋଇପାରୁନାହିଁ। ତାହାର ପ୍ରଭାବରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ବ୍ୟାରେଲ୍ ପିଛା ଦାମ୍ ୧୨୦ ଡଲାର ପାଖାପାଖି ବୃଦ୍ଧି ପାଇଥିଲା। ଗ୍ରାହକମାନଙ୍କୁ ତେଲ ଦରବୃଦ୍ଧିରୁ ସୁରକ୍ଷା ଦେବା ସହ ତୈଳ କମ୍ପାନିଗୁଡ଼ିକର ସ୍ୱାର୍ଥ ରକ୍ଷା କରିବା ପାଇଁ କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ୍‌ର ଉତ୍ପାଦ ଶୁଳ୍କରେ ୧୦ ଟଙ୍କା ହ୍ରାସ କରିଥିଲେ। ବିଶେଷଜ୍ଞଙ୍କ ମତରେ, ଆନ୍ତର୍ଜାତୀୟ ବଜାରରେ ଦର ବୃଦ୍ଧି ସତ୍ତ୍ୱେ ଭାରତରେ ଦର ବଢ଼ାଯାଉ ନଥିବାରୁ ସରକାରୀ ତୈଳ କମ୍ପାନୀଗୁଡ଼ିକ ମାସକୁ ପ୍ରାୟ ୨୭,୦୦୦ କୋଟି ଟଙ୍କାର କ୍ଷତି ସହୁଛନ୍ତି, ଯାହାର ପ୍ରଭାବ ସେମାନଙ୍କ ତ୍ରୈମାସିକ ଲାଭ ଉପରେ ପଡ଼ିପାରେ।

## ଚୀନ୍ ସହ ଭାରତକୁ ମଧ୍ୟ 'ନର୍କର ଦ୍ୱାର' କହିଲେ ଟ୍ରମ୍ପ୍



**ୱାଶିଂଟନ୍, ୨୩।୪/ଏଜେନ୍ସି:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜଣେ ଦକ୍ଷିଣପନ୍ଥୀ ଲେଖକ ତଥା ରେଡିଓ ହୋଷ୍ଟ ମାଇକେଲ୍ ସାଭେଜଙ୍କ ଏକ ଚିଠି ଓ ଭିଡିଓକୁ ସୋସିଆଲ ମିଡିଆରେ ପୁନଃ-ପୋଷ୍ଟ କରିଛନ୍ତି। ଏହି ପୋଷ୍ଟରେ ଭାରତ ଏବଂ ଚୀନ୍‌କୁ 'ହେଲ୍ ହୋଲ୍' ବା 'ନର୍କର ଦ୍ୱାର' ବୋଲି କୁହାଯାଇଛି। ଟ୍ରମ୍ପଙ୍କ ଏପ୍ରକାର ପୋଷ୍ଟକୁ ନେଇ ଭାରତରେ ତୀବ୍ର ବିରୋଧ ହେବା ପରେ ଅବଶ୍ୟ ଟ୍ରମ୍ପ୍ ନିଜ ସ୍ୱର ପରିବର୍ତ୍ତନ କରିଛନ୍ତି। ଟ୍ରମ୍ପଙ୍କ କହିବାନୁସାରେ ସେ ଭାରତ ଭଳି ଏକ ମହାନ୍ ଦେଶ ଓ ଏଠାକାର ଲୋକମାନଙ୍କୁ ଅପମାନିତ କରିବା ଉଦ୍ଦେଶ୍ୟରେ ଏପରି କିଛି ପୋଷ୍ଟ କରିନାହାନ୍ତି। ବରଂ ସେ କେବଳ ଏହା ଦେଖାଇବା ଚାହୁଁଛନ୍ତି ଯେ, ଭାରତ ଏବଂ ଚୀନ୍‌ର ନାଗରିକମାନେ ଏଠାକୁ ଆସି କିପରି ସହଜରେ ନାଗରିକତା ହାସଲ କରିନେଉଛନ୍ତି। ଟ୍ରମ୍ପ୍ ଏପ୍ରକାର ଏକ ବିବାଦୀୟ ପୋଷ୍ଟକୁ ସେୟାର କରିବା ସହ ଲେଖିଥିଲେ ଯେ, ଭାରତୀୟ ପ୍ରବାସୀମାନେ ଗର୍ଭାବସ୍ଥାର ଶେଷ ସମୟରେ ଆମେରିକା ଆସି ସେଠାରେ ସନ୍ତାନ ଜନ୍ମ କରୁଛନ୍ତି, ଯାହାଫଳରେ ସେହି ଶିଶୁକୁ ସହଜରେ ଆମେରିକା ନାଗରିକତା ମିଳିଯାଉଛି। ଏହାପରେ ସେହି ନାଗରିକତା ଆଧାରରେ ଭାରତ କିମ୍ବା ଚୀନ୍ ଭଳି ନର୍କ ସଦୃଶ ଦେଶରୁ ସେମାନେ ନିଜର ସମ୍ପୂର୍ଣ୍ଣ ପରିବାରକୁ ଆମେରିକାକୁ ଡକାଇ ନେଉଛନ୍ତି। ଆମେରିକାର ପୂର୍ବ ସରକାରମାନଙ୍କ ଦ୍ୱାରା ପରିଚାଳିତ ହୋଇଆସିଥିବା 'ବାର୍ଥ ରାଇଟ୍ ସିଟିଜେନସିପ୍' ବା ଜନ୍ମ ଆଧାରରେ ନାଗରିକତା ଦେବା ନିୟମକୁ ଟ୍ରମ୍ପ୍ କଡ଼ା ସମାଲୋଚନା କରିବା ପୂର୍ବକ ଏପରି ଲେଖିଛନ୍ତି। ଅନ୍ୟପକ୍ଷେ ସାଭେଜଙ୍କ ମତରେ ଆମେରିକାରେ ବିଦେଶୀ ନାଗରିକଙ୍କ ସନ୍ତାନକୁ ଏଠିକାର ସ୍ଥାୟୀ ବାସିନ୍ଦାର ମାନ୍ୟତା ଦିଆଯିବା ନିଷ୍ପତ୍ତି କୋର୍ଟଙ୍କ ଦ୍ୱାରା ନୁହେଁ ବରଂ ଜନସାଧାରଣଙ୍କ ଭୋଟ୍ ଦ୍ୱାରା ହେବା ଉଚିତ୍। ପ୍ରକାଶ, ଟ୍ରମ୍ପ ତାଙ୍କର ଦ୍ୱିତୀୟ କାର୍ଯ୍ୟକାଳ ଆରମ୍ଭରୁ ହିଁ 'ବାର୍ଥରାଇଟ୍ ସିଟିଜେନସିପ୍' ବନ୍ଦ କରିବାକୁ ଚେଷ୍ଟା କରୁଛନ୍ତି ଏବଂ ଏହି ମାମଲା ଏବେ ଆମେରିକାର ସୁପ୍ରିମକୋର୍ଟରେ ବିଚାରଧୀନ ଅଛି।

**'ଟାଇମ୍ ୧୦୦' ସମ୍ମିଳନୀରେ ନୀତା ଅମ୍ବାନୀ**

## ବର୍ତ୍ତମାନର ସମୟ ଭାରତର



**ନ୍ୟୁୟର୍କ, ୨୩।୪/ଏଜେନ୍ସି:** ରିଲାଏନ୍ସ ଫାଉଣ୍ଡେସନର ଅଧ୍ୟକ୍ଷା ନୀତା ଅମ୍ବାନୀ ନ୍ୟୁୟର୍କରେ ଅନୁଷ୍ଠିତ 'ଟାଇମ୍ ୧୦୦' ସମ୍ମିଳନୀରେ ଯୋଗ ଦେଇଛନ୍ତି। ଏହି ଅବସରରେ ସେ ନିଜ ଭାଷଣରେ କହିଛନ୍ତି, 'ବର୍ତ୍ତମାନ ଭାରତର ସମୟ ଆସିଛି। ସାମ୍ପ୍ରତିକ ସମୟରେ ବିଶ୍ୱକୁ 'ହାର୍ଡ ପାୱାର' ଅପେକ୍ଷା 'ସଫ୍ଟ ପାୱାର'ର ଅଧିକ ଆବଶ୍ୟକତା ଅଛି, ଯାହାର ନେତୃତ୍ୱ ଭାରତ ନେଉଛି। ଭାରତ ପାଖରେ କଳା, ସଂସ୍କୃତି, ଯୋଗ, ସଙ୍ଗୀତ ଏବଂ ଆଧ୍ୟାତ୍ମିକତାର ଅମୂଲ୍ୟ ସମ୍ପଦ ରହିଛି, ଯାହା ବିଶ୍ୱକୁ ଶାନ୍ତି ଏବଂ ଏକତା ପ୍ରଦାନ କରିପାରିବ।' ସେ ସ୍ପଷ୍ଟ କରିଥିଲେ ଯେ ଭାରତ ଆଜି କେବଳ ଅର୍ଥନୈତିକ ଭାବେ ଶକ୍ତିଶାଳୀ ନୁହେଁ, ବରଂ ନିଜର ବିଭିନ୍ନତା, କଳା ଏବଂ ନବସୃଜନ ମାଧ୍ୟମରେ ବିଶ୍ୱକୁ ପ୍ରଭାବିତ କରୁଛି। ତାଙ୍କ ମତରେ, ଭାରତର ଏହି 'ସଫ୍ଟ ପାୱାର' ହିଁ ଆଗାମୀ ଦିନରେ ବିଶ୍ୱର ସମସ୍ୟା ସମାଧାନର ମାଧ୍ୟମ ହେବ। ସମ୍ମିଳନୀରେ ନୀତା ଅମ୍ବାନୀଙ୍କ ଅଭିଭାଷଣ ମୁଖ୍ୟତଃ ଭାରତର ସାଂସ୍କୃତିକ ପ୍ରଭାବ ଏବଂ ଭବିଷ୍ୟତର ନେତୃତ୍ୱ ଉପରେ ଆଧାରିତ ଥିଲା।

ନୀତା ଜୋର ଦେଇ କହିଛନ୍ତି, ଏହା ହେଉଛି ଭାରତର ଦଶକ। ବିଶ୍ୱର ସବୁଠାରୁ ବଡ଼ ଗଣତନ୍ତ୍ର ଭାବରେ ଭାରତ କେବଳ ଅର୍ଥନୈତିକ କ୍ଷେତ୍ରରେ ନୁହେଁ, ବରଂ ନବସୃଜନ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ମଧ୍ୟ ଅଗ୍ରଗତି କରୁଛି। ରିଲାଏନ୍ସର 'ଗ୍ରୋଥ୍ ଇଜ୍ ଲାଇଫ୍' ଦର୍ଶନକୁ ସେ ଭାରତର ବିକାଶ ସହ ଯୋଡ଼ିଛନ୍ତି। ନୀତା ନିଜ ଅଭିଭାଷଣରେ ରିଲାଏନ୍ସ ଫାଉଣ୍ଡେସନ ଜରିଆରେ କରାଯାଉଥିବା ଶିକ୍ଷା ଓ ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ। ସେ କହିଥିଲେ ଯେ ଯେତେବେଳେ ଜଣେ ମହିଳା ସଶକ୍ତ ହୁଏ, ସେତେବେଳେ ସମ୍ପୂର୍ଣ୍ଣ ସମାଜର ପ୍ରଗତି ହୁଏ। ଏହି ଅବସରରେ ସେ ଧୀରୁଭାଇ ଅମ୍ବାନୀ ଇଣ୍ଟରନ୍ୟାସନାଲ ସ୍କୁଲର ସ୍ଥାପନା ପଛରେ ଥିବା ନିଜର ଦୂରଦୃଷ୍ଟି ବିଷୟରେ ମଧ୍ୟ କହିଛନ୍ତି। ଗ୍ରାମାଞ୍ଚଳରେ ଶିକ୍ଷା ଓ ଝିଅମାନଙ୍କୁ କ୍ରୀଡ଼ା କ୍ଷେତ୍ରରେ ଆଗକୁ ଆଣିବା ପାଇଁ ରିଲାଏନ୍ସ ଫାଉଣ୍ଡେସନର ଭୂମିକା ବିଷୟରେ ମଧ୍ୟ ଆଲୋଚନା କରିଥିଲେ।

**ଭାରତର 'ସଫ୍ଟ ପାୱାର' ହିଁ ଭବିଷ୍ୟତରେ ବିଶ୍ୱ ସମସ୍ୟାର ସମାଧାନର ମାଧ୍ୟମ ସାଜିବ**

ନୀତା ଅମ୍ବାନୀ ଏହି ବିଶ୍ୱସ୍ତରୀୟ ମଞ୍ଚରେ ଭାରତୀୟ ହସ୍ତକଳାର ଶକ୍ତି ପ୍ରଦର୍ଶନ କରିଥିଲେ। ସେ ପଶ୍ଚିମବଙ୍ଗର ଫୁଲିଆର ପଦ୍ମଶ୍ରୀ ବିରେନ କୁମାର ବସାକଙ୍କ ଦ୍ୱାରା ବୁଣାଯାଇଥିବା ଏକ ସ୍ୱତନ୍ତ୍ର 'ମୀନାକାରୀ ଜାମଦାନୀ' ଶାଢ଼ୀ ପିନ୍ଧିଥିଲେ। ଏହି ଗୋଟିଏ ଶାଢ଼ୀ ପ୍ରସ୍ତୁତ କରିବାକୁ କାରିଗରମାନଙ୍କୁ ପ୍ରାୟ ୨ ବର୍ଷ (୨୪ ମାସ) ସମୟ ଲାଗିଥିଲା। ଏଥିରେ ଭାରତୀୟ ସଂସ୍କୃତିର ପ୍ରତୀକ ସ୍ୱରୂପ ମାଛ (ସମୃଦ୍ଧିର ପ୍ରତୀକ) ଏବଂ ବିଭିନ୍ନ ପାରମ୍ପରିକ ଚିତ୍ରକଳା ସ୍ଥାନ ପାଇଥିଲା।

ମାଗାଜିନର ସିଇଓ ଜେସିକା ସିବ୍‌ଲିଙ୍କ ସହ 'ଲିଡରସିପ୍ ଲେନ୍ସ' ଆଲୋଚନାରେ ଯୋଗ ଦେଇ ଭବିଷ୍ୟତର ନେତୃତ୍ୱ କିପରି ହେବା ଉଚିତ, ସେସମ୍ପର୍କରେ ନୀତା ଅମ୍ବାନୀ ନିଜ ମତାମତ ରଖିଥିଲେ। ତାଙ୍କ ମତରେ ନେତୃତ୍ୱର ଅର୍ଥ କେବଳ ଆଦେଶ ଦେବା ନୁହେଁ, ବରଂ ସହାନୁଭୂତି ଓ ଦୟା ସହ ସମାଜରେ ପରିବର୍ତ୍ତନ ଆଣିବା ଭଳି ଗୁରୁଦାୟିତ୍ୱ ବହନ କରିବାର ସାମର୍ଥ୍ୟତାକୁ ମଧ୍ୟ ବୁଝାଇଥାଏ। ତେବେ ନୀତା ଅମ୍ବାନୀଙ୍କ ଏହି ସାକ୍ଷାତକାର କେବଳ ବ୍ୟବସାୟିକ ଦୃଷ୍ଟିକୋଣ ସମ୍ବନ୍ଧିତ ନଥିଲା, ବରଂ ଭାରତୀୟ ସଂସ୍କୃତି ଓ ମାନବିକତାକୁ ବିଶ୍ୱ ଦରବାରରେ ଏକ ନୂଆ ପରିଚୟ ଦେବାରେ ମଧ୍ୟ ବଡ଼ ଭୂମିକା ନିର୍ବାହ କରିଛି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra